# ଧରିତ୍ରୀ

DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, March 2/2023 Page 16 ₹ 7.00

୪୯ଶ ଭାଗ ୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 98 ମୂଲ୍ୟ ₹୭/-




KP
GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP
GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨/୨୦୨୩ | Bhubaneswar, Thursday, March 2/2023 | ପୃଷ୍ଠା-୧



**ଜାଡେଜାଙ୍କ ରେକର୍ଡ**

ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଦ୍ୱିତୀୟ ଭାରତୀୟ ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୫,୦୦୦ ରନ କରିବା ସହ ୫୦୦ ଉଇକେଟ ପୂରଣ କରିଛନ୍ତି।

୧୧

୧୨

**ଦୀପିକାଙ୍କ ସହ ଏକାଠି ନଜର ଆସିବେ କ୍ୟାଟ୍ରିନା**

ଦୀପିକା ପାଦୁକୋନ୍ ଏବଂ କ୍ୟାଟ୍ରିନା କୈଫ୍ ଯଶରାଜ୍ ଫିଲ୍ମ ସ୍ପାଏ ୟୁନିଭର୍ସରେ ଏକାଠି ନଜର ଆସିବେ ବୋଲି ଚଳଚ୍ଚିତ୍ର ଲେଖକ ଶ୍ରୀଧର ରାଘବନ୍ କହିଛନ୍ତି।



# ଘର ପାଖରେ ବାଘ, ଲୋକେ ଆତଙ୍କିତ



ଗାଁ ପାଖ ବିଲରେ ବାଘ। (ବୃତ୍ତ ଚିହ୍ନିତ)




ସୁନ୍ଦରଗଡ଼/ ବଡ଼ଗାଁ/ କୁତ୍ରା, ୧।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଟିମନା ଗାଁରେ ବାଘ ଆତଙ୍କ ସୃଷ୍ଟି ହୋଇଛି। ବୁଧବାର ସକାଳେ ଲୋକମାନେ ନିଜ ଘରଠାରୁ ୨୦୦ରୁ ୩୦୦ ମିଟର ଦୂରରେ ଏକ କଲରାପତରିଆ ବାଘ ଦେଖିବାକୁ ପାଇ ଆତଙ୍କିତ ହୋଇପଡ଼ିଛନ୍ତି। ବାଘଟି ଗାଁ ଚାରିପଟେ ବିଲରେ ଘୂରିବୁଲୁଛି। ଏହାର ଭିଡିଓ ମଧ୍ୟ ଏବେ ଭାଇରାଲ ହେବାରେ ଲାଗିଛି। ଗ୍ରାମବାସୀ ରୁଣ୍ଡ ହୋଇ ଶବ୍ଦ କରି ବାଘକୁ ଘଉଡ଼ାଇବାକୁ ଚେଷ୍ଟା କରିଛନ୍ତି। ଖବରପାଇ ବଡ଼ଗାଁ ପୋଲିସ, ଡିଏଫ୍‌ଓ ପ୍ରଦୀପ ମିରାସେ, ବଡ଼ଗାଁ ସହକାରୀ ରେଞ୍ଜର ଉମାଶଙ୍କର ନାୟକ ଓ ବନ କର୍ମଚାରୀମାନେ ପହଞ୍ଚି ବାଘର ଗତିବିଧି ଉପରେ ନଜର ରଖିଛନ୍ତି। ପାହାଡ଼ ପାଦଦେଶରେ ଟିମନା ଗାଁ ☞ପୃଷ୍ଠା-୨

# ୫୦ ଟଙ୍କା ବଢ଼ିଲା ଏଲ୍‌ପିଜି

## ହାଣ୍ଡିଶାଳକୁ ପୁଣି ଟାର୍ଗେଟ

- **କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ପିଛା ୩୫୦ ଟଙ୍କା ବୃଦ୍ଧି**
- **ଲୋକେ ପଚାରୁଛନ୍ତି ହୋଲି କେମିତି ପାଳିବୁ: ଖାର୍ଗେ**

ନୂଆଦିଲ୍ଲୀ, ୧।୩

ସରକାରୀ ଗ୍ୟାସ୍ ଯୋଗାଣକାରୀମାନେ ବୁଧବାର ଦେଶର ୩୧୩.୭୦ ନିୟୁତ ଗ୍ରାହକଙ୍କ ପାଇଁ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ୫୦ ଟଙ୍କା ବଢ଼ାଇଛନ୍ତି। ଉତ୍ତର-ପୂର୍ବାଞ୍ଚଳର ନାଗାଲାଣ୍ଡ, ତ୍ରିପୁରା ଓ ମେଘାଳୟ ବିଧାନସଭା ନିର୍ବାଚନ ଶେଷ ହେବା ମାତ୍ରେ ଲିକ୍ୱିଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି)ରେ ଏହି ଦରବୃଦ୍ଧି ଘଟିଛି। ଫଳରେ ଦିଲ୍ଲୀରେ ଘରୋଇ ସିଲିଣ୍ଡର ପିଛା ୧୧୦୩ ଟଙ୍କା ହୋଇଛି। ଭୁବନେଶ୍ୱରରେ ବର୍ଦ୍ଧିତ ଦର ୧୧୨୯ ରହିଛି। ସେହିପରି ବ୍ୟବସାୟିକ ଉଦ୍ଦେଶ୍ୟରେ କିଣାଯାଉଥିବା କମର୍ସିଆଲ ଏଲ୍‌ପିଜି ମୂଲ୍ୟ ମଧ୍ୟ ୩୫୦.୫ ଟଙ୍କା ବଢ଼ିଛି। ଉଚ୍ଚ ମୁଦ୍ରାସ୍ଫୀତି ଯୋଗୁ ଦେଶବାସୀଙ୍କ ପକେଟରୁ ଟଙ୍କା ଉଭାନ ହେବାରେ ଲାଗିଥିବାବେଳେ ଗ୍ୟାସ୍ ଦର ବଢ଼ାଇବା ସିଧାସଳଖ ହାଣ୍ଡିଶାଳକୁ ଟାର୍ଗେଟ୍ ବୋଲି କୁହାଯାଉଛି।




ଫୁଏଲ୍ ରିଟେଲର୍ସ ପ୍ରତିମାସ ଆରମ୍ଭରେ ଏଲ୍‌ପିଜି ସିଲିଣ୍ଡର ଦାମ୍‌କୁ ନେଇ ସମୀକ୍ଷା କରିବା ପରେ ଆବଶ୍ୟକତା ଅନୁସାରେ ମୂଲ୍ୟ ନିର୍ଦ୍ଧାରଣ କରିଥାଆନ୍ତି। ୨୦୨୨ ଜୁଲାଇ ୬ରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଇଣ୍ଡିଆନ୍ କର୍ପୋରେଶନ୍ (ଆଇଓସି), ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କର୍ପୋରେଶନ୍ ଏବଂ ଭାରତ ପେଟ୍ରୋଲିୟମ୍ କର୍ପୋରେଶନ୍ ପକ୍ଷରୁ ସମୀକ୍ଷା ପରେ ଏଲ୍‌ପିଜି ମୂଲ୍ୟ ବୃଦ୍ଧି କରାଯାଇଥିଲା। ଏହାର ୮ ମାସ ନ ପୂରୁଣୁ ପୁଣି ଏଲ୍‌ପିଜି ଦର ବଢ଼ାଯାଇଛି। ଭାରତର ରନ୍ଧନ ଗ୍ୟାସ୍ ବଜାରକୁ ମୁଖ୍ୟତଃ ଏହି ୩ ସରକାରୀ ଶକ୍ତି ଉଦ୍ୟୋଗ ଏଲ୍‌ପିଜି ଯୋଗାଇଥାନ୍ତି। ☞ପୃଷ୍ଠା-୨

## ବିଧାନସଭାରେ ପ୍ରତିବାଦ କଲା କଂଗ୍ରେସ

ଭୁବନେଶ୍ୱର, ୧।୩(ବ୍ୟୁରୋ)

ଯୁବମୋର୍ଚ୍ଚା କର୍ମୀଙ୍କୁ ପୋଲିସ୍‌ର ମାଡ଼ ଘଟଣା ନେଇ ବିଧାନସଭାରେ ବୁଧବାର ଭାଜପା ସଦସ୍ୟମାନେ ରୁଲିଂ ଦାବି କରିଥିଲେ। ଏହି ସମୟରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରସଙ୍ଗ ଉଠାଇ କେନ୍ଦ୍ର ଉପରେ ବର୍ଷିଥିଲେ। ସେ କହିଥିଲେ ଯେ, ଘରୋଇ ଗ୍ୟାସ୍ ଦର ୫୦ ଟଙ୍କା ବଢ଼ାଇଲେ। ବର୍ଷକ ଭିତରେ କେନ୍ଦ୍ର ସରକାର ୭୫ ଟଙ୍କା ବଢ଼ାଇ ସାରିଲେଣି। ଏବେ ଗ୍ୟାସ୍ ଦର ଆସିକି ୧୧୩୦ ଟଙ୍କାରେ ପହଞ୍ଚିଲାଣି। ଉପା ସରକାର ସମୟରେ ଗ୍ୟାସ୍ ଦର ୪୫୦ ଟଙ୍କା ଥିଲାବେଳେ ଭାଜପା ମହିଳା କର୍ମୀମାନେ ଗ୍ୟାସ୍ ମୁଣ୍ଡାରେ ରାସ୍ତାରେ ଡେଉଁଥିଲେ। କେନ୍ଦ୍ରରେ ଭାଜପା ସରକାରକୁ ଆସିବା ପରେ ଉଜ୍ୱଳା ଗ୍ୟାସ୍ ମାଗଣା ଦେଉଛନ୍ତି କହି ବାହୁସ୍ଫୋଟ ମାରିଲେ। ପ୍ରଥମରୁ ଥରେ ମାଗଣା ଦେଇ ଦେଲା ପରେ ଟଙ୍କା ନେବା ଆରମ୍ଭ କରିଦେଲେ। ତୁରନ୍ତ ବାଚସ୍ପତି ଏହା ଉପରେ ରୁଲିଂ ଦେବାକୁ ତାରା ଦାବି କରିଛନ୍ତି।

**ଆଜିର ସମ୍ପାଦକୀୟ**

ଅଧାଜ୍ଞାନକୁ ସାବଧାନ

# ଖୁବ୍‌ଶୀଘ୍ର ୪୦ ହଜାର ଶିକ୍ଷକ ନିଯୁକ୍ତ ହେବେ

ଭୁବନେଶ୍ୱର, ୧।୩(ବ୍ୟୁରୋ)

ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ସରକାରୀ ସ୍କୁଲରେ ୪୦ ହଜାର ଶିକ୍ଷକ ପଦବୀ ପୂରଣ କରାଯିବ। ପ୍ରାଥମିକ ସ୍କୁଲ ପାଇଁ ୨୦ ହଜାର ଓ ହାଇସ୍କୁଲ ପାଇଁ ମଧ୍ୟ ୨୦ ହଜାର ଶିକ୍ଷକଙ୍କୁ ନିଯୁକ୍ତି ମିଳିବ। ଏନେଇ ବିଜ୍ଞାପନ ବାହାରି ସାରିଛି। ମୋଟ ୪୦ ହଜାର ଶିକ୍ଷକ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ନେଇଛନ୍ତି ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । କମ୍ପ୍ୟୁଟର ବେସ୍ ଟେଷ୍ଟ ମାଧ୍ୟମରେ ଏହି ପରୀକ୍ଷା ହେବ। ସମସ୍ତଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ଭାଗ ନେବାକୁ ସୁଯୋଗ ମିଳିବ। ଏନେଇ ବିଧାନସଭାରେ ଜଣେ ସଦସ୍ୟଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ଦିଆଯାଇଛି ବୋଲି ସେ କହିଛନ୍ତି। ହାଇସ୍କୁଲଗୁଡ଼ିକରେ ଶିକ୍ଷକ ଅଭାବ ପରିଲକ୍ଷିତ ହେଉଥିବାରୁ ପୂର୍ଣ୍ଣ ଅନୁଦାନ ଏବଂ ବ୍ଲକ ଗ୍ରାଣ୍ଟ ପ୍ରାପ୍ତ ହାଇସ୍କୁଲଗୁଡ଼ିକରେ ଶିକ୍ଷକ ନିଯୁକ୍ତି କରାଯିବା ପାଇଁ ସରକାର ☞ପୃଷ୍ଠା-୨



## ଦମ୍ପତିଙ୍କୁ ଗଳାକାଟି ହତ୍ୟା

ସୋର, ୧।୩(ଡି.ଏନ୍.ଏ.)-ବାଲେଶ୍ୱର ଜିଲା ସୋର ବ୍ଲକ ସବିରା ପଞ୍ଚାୟତ ମୁନିସାବିର ଗ୍ରାମର ରଘୁ ନାଥ ବେହେରା ଓ ତାଙ୍କ ସ୍ତ୍ରୀଙ୍କୁ ବୁଧବାର ରାତି ପ୍ରାୟ ୮ଟା ବେଳେ ଗଳାକାଟି ହତ୍ୟା କରାଯାଇଛି। ସେମାନେ ଘରଠାରୁ ୨ କି.ମି. ଦୂରରେ କରିଥିବା କୁକୁଡ଼ା ଫାର୍ମକୁ ଶୋଇବାକୁ ଯାଇଥିବା ବେଳେ କେହି ଦୁର୍ବୃତ୍ତ ଉଭୟଙ୍କ ଗଳା କାଟି ଫିଙ୍ଗି ଦେଇଥିଲେ। ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଘଟ ଘଟେଇ କହୁଛି କଥା,**
**ଗୋଟାଏ ଗଣ୍ଡିକି ଚାରିଟା ମଥା।**

କିଛି ବ୍ୟକ୍ତି ଏପରି କଥା କହିଥାନ୍ତି ଯେ ଶୁଣିବା ଲୋକ ତଟସ୍ଥ ହୋଇଯାଏ। ଆଚମ୍ବିତ କଥା ଶୁଣି କାନକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଗୋଟିଏ ଶରୀରରେ ଚାରିଟି ମୁଣ୍ଡ ରହିବା ଭଳି ନିହାତି ଅସମ୍ଭବ କଥା କହୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଳପ ଦିନକୁ ବହୁତ କଥା**
**ଝୁରି ମରିବାକୁ କଲା ବିଧାତା।**

ବିଧାତା ଭଲ ଲୋକଙ୍କୁ ବେଶି ଦିନ ରଖନ୍ତି ନାହିଁ ବୋଲି ଲୋକେ କହନ୍ତି। ଅଳ୍ପ ସମୟ ଭିତରେ ବ୍ୟକ୍ତି ଏତେ ଭଲ କାମ କରିଥାଏ ଯେ ସେ ମୃତ୍ୟୁବରଣ କଲେ ତା' କଥା ସୁମରିବାକୁ ସମସ୍ତେ ବାଧ୍ୟ ହୁଅନ୍ତି। ତାଙ୍କ ଗୁଣଗ୍ରାମ ଏତେ ମୁଗ୍ଧକର ହୋଇଥାଏ ଯେ ସେ ମରିଗଲା ପରେ ବି ପିତାମାତା, ଜ୍ଞାତି କୁଟୁମ୍ବ ପରିଜନ ଆଖିରୁ ଲୁହ ଗଡ଼ାଇବା ସହ ବାହୁନିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମୁଖ୍ୟ ଶାସନ ସଚିବ ଦାୟିତ୍ୱ ନେଲେ ପ୍ରଦୀପ ଜେନା

ଭୁବନେଶ୍ୱର,୧।୩(ବ୍ୟୁରୋ)

ବରିଷ୍ଠ ଆଇଏଏସ୍ ଅଫିସର ପ୍ରଦୀପ କୁମାର ଜେନା ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ବିଭିନ୍ନ ବିଭାଗର ଅତିରିକ୍ତ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ବରିଷ୍ଠ ଅଧିକାରୀ, କର୍ମଚାରୀ ପ୍ରମୁଖ ଲୋକସେବା ଭବନରେ ତାଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି।

ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବୁଧବାର ନୂଆ ଉନ୍ନୟନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ନିକୁଞ୍ଜ ଧଳ ମଧ୍ୟ ଏସ୍‌ଆର୍‌ସି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

ପୂର୍ବରୁ ପ୍ରଦୀପ ଜେନା ଉନ୍ନୟନ କମିଶନର ଓ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ଭାବେ କାର୍ଯ୍ୟ କରୁଥିଲେ। ପ୍ରଦୀପ ୧୯୮୯ ବ୍ୟାଚ୍‌ର ଆଇଏଏସ୍ ଅଫିସର।


ମୁଖ୍ୟ ଶାସନ ସଚିବ ଭାବେ ପ୍ରଦୀପ କୁମାର ଜେନା ଦାୟିତ୍ୱ ଗ୍ରହଣ କରୁଛନ୍ତି।

ପ୍ରଶାସନିକ ଦକ୍ଷତା ପାଇଁ ସେ ବେଶ୍ ପରିଚିତ। ୧୯୬୪ ଜାନୁୟାରୀ ୧ରେ ଢେଙ୍କାନାଳରେ ଜନ୍ମଗ୍ରହଣ କରିଥିବା ପ୍ରଦୀପ ଧର୍ମଗଡ଼ର

### କାର୍ଯ୍ୟରେ ଯୋଗଦେଲେ ଉନ୍ନୟନ କମିଶନର

ଉପଜିଲାପାଳ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ଏଥିସହିତ ସେ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ, ଜଳସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ, ଶକ୍ତି ଓ ଆଇଟି ବିଭାଗର ସଚିବ ଭାବେ କାର୍ଯ୍ୟ କରି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ମହାବାତ୍ୟା ସମୟରେ କଟକ ଜିଲାପାଳ ଥିବାବେଳେ ସେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ପ୍ରଦୀପ ମଙ୍ଗଳବାର ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ । ତାଙ୍କ ସହ ବିଦାୟୀ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ନୂଆ ଉନ୍ନୟନ କମିଶନର ଅନୁ ଗର୍ଗ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ନିର୍ବାଚନୀ ବର୍ଷରେ ରାଜ୍ୟ ସରକାର ପ୍ରଦୀପଙ୍କୁ ଏହି ଗୁରୁଦାୟିତ୍ୱ ଦେଇଛନ୍ତି ।

## ହାତୀ ଆକ୍ରମଣରେ ମହିଳା ମୃତ

କୁତ୍ରା/ବଡ଼ଗାଁ, ୧।୩(ଡି.ଏନ୍.ଏ.)-ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା ପଞ୍ଚାୟତ କୁଲସର ଛୁଆଲିଘାଟି ଜଙ୍ଗଲରେ ବୁଧବାର ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସୌଭାଗ୍ୟବଶତଃ ସାଙ୍ଗରେ ଯାଇଥିବା ଜଣେ ଯୁବକ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ ରାଜଗାଙ୍ଗପୁର ବ୍ଲକ ତେତେରକେଲା ଗ୍ରାମର କମଳି କୁଜୁର(୩୫)। କମଳି ନିଜର ସମ୍ପର୍କୀୟ ଭାଇ କୁହାଯାଉଥିବା କୁତ୍ରା ବ୍ଲକ ଝାରବେଡ଼ା ଗ୍ରାମର ମନୋଜ ତିଗା(୩୭)ଙ୍କ ସହିତ ବାଇକ୍‌ରେ ଛୁଆଲିଘାଟି ଜଙ୍ଗଲକୁ ବୁଲିବା ପାଇଁ ଯାଇଥିଲେ। ସେଠାରେ ବୁଲୁଥିବା ସମୟରେ ହଠାତ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ମନୋଜ ବାଇକ୍ ଛାଡ଼ି ଦୌଡ଼ି ପଳାଇଯାଇଥିଲେ। କମଳି ଯାଇ ନ ପାରିବାରୁ ହାତୀ ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ କମଳିଙ୍କ ମୃତ୍ୟୁ ଘଟିଥିଲା। ମନୋଜ ବଡ଼ଗାଁ ଥାନାକୁ ଯାଇ ପୋଲିସକୁ ଖବର ଦେବା ସହ ଗାଁ ଲୋକଙ୍କୁ ଜଣାଇଥିଲେ। ଖବରପାଇ ବଡ଼ଗାଁ ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ଓ କୁତ୍ରା ଥାନା ଅଧିକାରୀ ମନୋରଞ୍ଜନ ବିଶି, ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କମଳିଙ୍କ ମୃତଦେହ ଜବତ କରିଥିଲେ। ଜଙ୍ଗଲରେ ହାତୀଟି ଘୂରିବୁଲି ରଡ଼ି ଛାଡୁଥିବା ଶୁଣିବାକୁ ମିଳୁଛି।

# ଓଇଆର୍‌ସି ଅଧ୍ୟକ୍ଷ ଭାବେ ଶପଥ ନେଲେ ସୁରେଶ ମହାପାତ୍ର

ଭୁବନେଶ୍ୱର,୧।୩(ବ୍ୟୁରୋ)

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଅଧ୍ୟକ୍ଷ ଭାବେ ସୁରେଶ ଚନ୍ଦ୍ର ମହାପାତ୍ର ବୁଧବାର ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ନବନିଯୁକ୍ତ ଅଧ୍ୟକ୍ଷଙ୍କୁ ରାଜଭବନଠାରେ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଶପଥ ପାଠ ଉତ୍ସବର ପ୍ରାରମ୍ଭରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ କିଶୋର ଧଳ ରାଜ୍ୟପାଳଙ୍କ ନିଯୁକ୍ତିପତ୍ର ପାଠ କରିଥିଲେ । ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର,



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓଇଆର୍‌ସି ଅଧ୍ୟକ୍ଷ ସୁରେଶ ମହାପାତ୍ରଙ୍କୁ ଶପଥପାଠ କରାଉଛନ୍ତି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚଡ୍ଢା ଓ ଆୟୋଗ ସଦସ୍ୟଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଏହି ଉତ୍ସବରେ ଯୋଗଦେଇଥିଲେ ।

# ରୁଲିଂ ଦାବିରେ ଗୃହ ଚଳାଇଦେଲେନି ବିରୋଧୀ

## ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ଗୃହ ମୁଲତବୀ

ଭୁବନେଶ୍ୱର,୧।୩(ବ୍ୟୁରୋ)

ବିଧାନସଭା ଦ୍ୱିତୀୟାର୍ଦ୍ଧରେ ବୁଧବାର ଗୃହକାର୍ଯ୍ୟ ଚାଲିପାରି ନାହିଁ। ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ଉପରେ ପୋଲିସର ଆକ୍ରମଣ ଏବଂ ସେମାନଙ୍କୁ ଗିରଫ ନେଇ ବିରୋଧୀ ରୁଲିଂ ଦାବି କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ଭିତରେ ଗୃହକାର୍ଯ୍ୟ ମାତ୍ର ୨୪ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ତା' ଭିତରେ ଗୃହକୁ ବାଚସ୍ପତି ୩୫ ମିନିଟ୍ ମୁଲତବୀ ରଖିଥିଲେ। ୪ଟା ୫୯ରେ ବିରୋଧୀଙ୍କ ହଟ୍ଟଗୋଳ ଭିତରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବଜେଟ ଆଲୋଚନା ଉପରେ ତାଙ୍କ ମନ୍ତବ୍ୟ ରଖିବା ପରେ ଗୃହକାର୍ଯ୍ୟ ଆସନ୍ତା ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି।

ବିଧାନସଭା ବଜେଟ ଆଲୋଚନା ପୂର୍ବରୁ ବାଚସ୍ପତି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝିଙ୍କୁ କହିବାକୁ କହିଥିଲେ। ମୋହନ କହିଥିଲେ, ନବ ଦାସ ହତ୍ୟାକାଣ୍ଡ ପରିପ୍ରେକ୍ଷୀରେ ରାଲି ହେବ ବୋଲି ଭାଜପା ୧୦ ଦିନ ପୂର୍ବରୁ ସୂଚନା ଦେଇଥିଲା। ଏନେଇ ସମସ୍ତଙ୍କୁ ଅବଗତ ମଧ୍ୟ କରାଯାଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ମଙ୍ଗଳବାର ଯୁବମୋର୍ଚ୍ଚା ଆନ୍ଦୋଳନ କଲା ବେଳେ ଯେଉଁମାନେ ଧଳା, କଳା ପୋଷାକ ଧାରୀ ଆକ୍ରମଣକଲେ ସେସବୁ କ୍ୟାମେରାରେ କଏଦ ହୋଇଛି। ରାଜ୍ୟ ସରକାରଙ୍କ ଗୋଇନ୍ଦା ବିଭାଗ କ'ଣ ଜାଣିନି କିଏ ଅଣ୍ଡା, ଟେକା ପଥର ଫୋପାଡ଼ିଲେ। ଯୁବମୋର୍ଚ୍ଚା ସଭାପତିଙ୍କଠାରୁ ଆରମ୍ଭକରି ଯେଉଁମାନଙ୍କ ହାତରେ କିଛି ନ ଥିଲା ସେମାନଙ୍କୁ ଗିରଫ କରାଯାଇଛି। କ୍ୟାପିଟାଲ ଥାନାରେ ଚିକିତ୍ସା କରାଗଲାନି। ଯୁବମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ଏତଲା ରଖାଗଲାନି। ଭାଜପା ଏତଲା କାହିଁକି ପଞ୍ଜୀକୃତ କରାଯାଉନି। ଏହା ଉପରେ ତୁରନ୍ତ ରୁଲିଂ ଦେବାକୁ ମୋହନ ବାଚସ୍ପତିଙ୍କ ନିକଟରେ ଦାବି ରଖିଥିଲେ। ହେଲେ ବାଚସ୍ପତି ବଜେଟ ଆଲୋଚନାର ବୁଧବାର ଶେଷ ଦିନ, ତେଣୁ ଗୃହକାର୍ଯ୍ୟରେ ସହଯୋଗ କରିବାକୁ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ହେଲେ ବିରୋଧୀ ଦଳର ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ପୋଲିସ ଏବଂ ରାଜ୍ୟ ସରକାର ବିରୋଧରେ ସ୍ଲୋଗାନ ଦେବା ସହ ସାଙ୍ଗରେ ନେଇଥିବା ସରକାର ବିରୋଧୀ ବ୍ୟାନର ଧରି ପ୍ରତିବାଦ କରିଥିଲେ। ବାରମ୍ବାର ଅନୁରୋଧ କରିବା ସହ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କହିବାକୁ ଚାହିଁବାରୁ ତାଙ୍କୁ ସୁଯୋଗ ଦେଇଥିଲେ। ଏହି ସମୟରେ ଗ୍ୟାସ୍ ଦରବୃଦ୍ଧି କଥା ଉଠାଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଏହାପରେ ଶଶିଭୂଷଣ ବେହେରାଙ୍କୁ କହିବାକୁ ବାଚସ୍ପତି କହିଥିଲେ। ଶଶିଭୂଷଣ କହିବା ସହ ବିରୋଧୀ ସେମିତି ହୋହଲ୍ଲା କରିଥିଲେ। ଏହାପରେ ଗୃହ ଶୃଙ୍ଖଳା ପାଇଁ ଯୋଗାଣ ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା, କଂଗ୍ରେସ ବିଧାୟକ ଦଳ ନେତା, ଅରୁଣ କୁମାର ସାହୁ, ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ପ୍ରମିଳା ମଲ୍ଲିକଙ୍କୁ ଆଲୋଚନା କରିବା ଲାଗି ଡାକିଥିଲେ। କିପରି ଆଲୋଚନା ମାଧ୍ୟମରେ ଗୃହ କାର୍ଯ୍ୟ ସୁରୁଖୁରୁରେ ଚାଲିବ ସେନେଇ ୪ଟା ୧୬ରୁ ୪ଟା ୩୧ ପର୍ଯ୍ୟନ୍ତ ୧୫ ମିନିଟ୍ ଲାଗି ଗୃହ ମୁଲତବି ହୋଇଥିଲା। ଏହାପରେ ଉପ ବାଚସ୍ପତି ଆସି ଗୃହ କାର୍ଯ୍ୟ ପୁଣିଥରେ ୪ଟା ୩୧ରୁ ୪ଟା ୪୧ ପର୍ଯ୍ୟନ୍ତ ବନ୍ଦ କରିଥିଲେ। ପୁଣିଥରେ ଗୃହ କାର୍ଯ୍ୟ ୪ଟା ୪୧ରୁ ୫୧ ପର୍ଯ୍ୟନ୍ତ ମୁଲତବି ରହିଥିଲା। ଏହାପରେ ଆଲୋଚନା ବିଫଳ ହୋଇଥିଲା। ପୁଣି ବିରୋଧୀ ସଦସ୍ୟ ଗୃହ ମଧ୍ୟ ଭାଗକୁ ଆସି ସମାନ ଦାବିରେ ପ୍ରତିବାଦ କରିଥିଲେ। ଏହି ସମୟରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ନିଜ ଆସନରେ ଠିଆହୋଇ ଏହା ନିୟମ ବିରୋଧୀ ବୋଲି କହିଥିଲେ। ସେ କହିଥିଲେ, ଗୃହରେ ବିରୋଧୀ ହୋହଲ୍ଲା ହେବାବେଳେ ବାଚସ୍ପତି କିପରି ଅନ୍ୟ ଜଣଙ୍କୁ କହିବାକୁ କହୁଛନ୍ତି। ଏହା ନିୟମ ବିରୋଧୀ। ବାଚସ୍ପତି ପୁଣିଥରେ ବିରୋଧୀ ସଦସ୍ୟଙ୍କୁ ନିଜ ସ୍ଥାନରେ ବସିବାକୁ କହିବା ସହ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଉତ୍ତର ଦେବାକୁ କହିଥିଲେ। ମନ୍ତ୍ରୀ ପୂଜାରୀ ତାଙ୍କ ଉତ୍ତରରେ

### ପୋଲିସ-ଭାଜପା କର୍ମୀ ମୁହାଁମୁହିଁ ପ୍ରସଙ୍ଗ

- ୩୫ ମିନିଟ୍‌ର ଆଲୋଚନା ବି ଫେଲ୍ ହେଲା
- ଦ୍ୱିତୀୟାର୍ଦ୍ଧରେ ମୋଟ ୨୪ ମିନିଟ୍ ସାରିଲା ଗୃହ
- ସର୍ବାଙ୍ଗୀନ ବିକାଶ ପାଇଁ ଏହି ବଜେଟ କରାଯାଇଛି: ଅର୍ଥମନ୍ତ୍ରୀ

କହିଥିଲେ, ଗତ ୨୪ ତାରିଖରେ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପିତ କରିଥିଲେ। ୨୬ ତାରିଖରୁ ଏହା ଉପରେ ଆରମ୍ଭ ହୋଇଥିବା ଆଲୋଚନା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ଭାଗନେଇଥିବା ବିରୋଧୀ ଏବଂ ଶାସକ ଦଳର ସଦସ୍ୟମାନେ କେତେକ ଗଠନମୂଳକ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟରେ ସର୍ବାଙ୍ଗୀନ ବିକାଶ ଲାଗି ସମ୍ବଳର ସୁବିନିଯୋଗ ନିମନ୍ତେ ଏହି ବଜେଟରେ ଅର୍ଥ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ବାଚସ୍ପତି ଗୃହକୁ ୪ଟା ୫୯ ମିନିଟ୍ ସମୟରେ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ମୁଲତବି ଘୋଷଣା କରିଥିଲେ। ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ଏପ୍ରିଲ ୬ ଯାଏ ଚାଲିବ।

## ଭିଜିଲାନ୍ସ ଜାଲରେ ଏଏସ୍‌ଆଇ, ହୋମଗାର୍ଡ


ଏଏସ୍‌ଆଇ ରତିକାନ୍ତ ଦାସ ଓ ହୋମଗାର୍ଡ଼ ଶଶିକାନ୍ତ ମହାପାତ୍ର।

ବାଲେଶ୍ୱର ଅଫିସ/ବାହାନଗା, ୧।୩(ଡି.ଏନ୍.ଏ.)

ଜବତ ଗାଡ଼ି ଛାଡ଼ିବା ପାଇଁ ୨୦ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଏଏସ୍‌ଆଇ ରତିକାନ୍ତ ଦାସ ଓ ହୋମଗାର୍ଡ଼ ଶଶିକାନ୍ତ ମହାପାତ୍ର। କିଛି ଦିନ ତଳେ ଏକ ପଥର ବୋଝେଇ ଗାଡ଼ି ଧରିବା ସହିତ ଗାଡ଼ି ଡ୍ରାଇଭରଙ୍କୁ ଖନ୍ତାପଡ଼ା ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଗାଡ଼ି ମାଲିକ ହେଉଛନ୍ତି ରେମୁଣା ବ୍ଲକ ମେଣ୍ଡରା ଅଞ୍ଚଳର ଗୌରାଙ୍ଗ ମହାରଣା। ସେ ଗାଡ଼ି ନେବା ପାଇଁ କୋର୍ଟ ଅର୍ଡର ଆଣିଥିଲେ ମଧ୍ୟ ଥାନା ଏଏସ୍‌ଆଇ ରତିକାନ୍ତ ଦାସ ଗାଡ଼ି ଛାଡ଼ିବା ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ହେଲେ ଗାଡ଼ି ମାଲିକ ଭିଜିଲାନ୍ସ ଦ୍ୱାରସ୍ଥ ହୋଇଥିଲେ। ଯୋଜନା ଅନୁଯାୟୀ ଗାଡ଼ି ମାଲିକ ଏଏସ୍‌ଆଇ ରତିକାନ୍ତଙ୍କୁ ୨୦ହଜାର ଟଙ୍କା ଦେଉଥିବା ବେଳେ ସେ ହୋମଗାର୍ଡ଼ ଶଶିକାନ୍ତଙ୍କୁ ଦେବା ପାଇଁ କହିଥିଲେ। ଭିଜିଲାନ୍ସ ଖନ୍ତାପଡ଼ା ଥାନାରେ ପହଞ୍ଚି ଚଢାଉ କରିବା ପରେ ଟଙ୍କା ସହିତ ଏଏସ୍‌ଆଇ ରତିକାନ୍ତ ଦାସ ଓ ହୋମଗାର୍ଡ଼ ଶଶିକାନ୍ତ ମହାପାତ୍ରଙ୍କୁ ହେପାଜତକୁ ନେଇଛନ୍ତି। ଏନେଇ ଭିଜିଲାନ୍ସ ଥାନାରେ ମାମଲା (ନଂ. ୪/୨୩) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମୁଖଭାବରେ ମଙ୍ଗଳ ଥିବାରୁ ଆପଣଙ୍କ କଠୋର କଥା ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। କର୍ମକ୍ଷେତ୍ରରେ ଅନ୍ୟକୁ ସରଳ ଭାବେ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ବନ୍ଧୁମାନଙ୍କ ସହାୟତା ଫଳରେ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ। ଆଜି ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ ହେବ।

**ବୃଷ** ଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ ପରିହାସଯୁକ୍ତ କଥା ବନ୍ଧୁମାନଙ୍କ ପ୍ରୀତିଭାଜନ କରାଇବ। ସାଧାରଣ କଥାରେ ଯୁକ୍ତିତର୍କ ହେତୁ ସହକର୍ମୀଙ୍କ ସହ ବିବାଦ ଉପୁଜିପାରେ। କିଛି କରି ନ ପାରିଲେ ମଧ୍ୟ ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଅର୍ଥ ସମ୍ପର୍କିତ ବୁଝାମଣାରେ ତ୍ରୁଟି ରହିଯିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ।

**ମିଥୁନ** କର୍ମସ୍ଥାନରେ ଗୁରୁ ଓ ଶୁକ୍ର ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସୁବିଧା ସୁଯୋଗ ପାଇ କାମ ହାସଲ କରିବେ। ସାମାଜିକସ୍ତରରେ ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଲୋଚନା କ୍ଷେତ୍ରରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି। ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ।

**କର୍କଟ** ଚତୁର୍ଥରେ କେତୁଜନିତ ଦୀର୍ଘଦିନରୁ ରହିଆସିଥିବା ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ସ୍ଥଗିତ କାମକୁ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ସିଂହ** ଷଷ୍ଠଭାବରେ ଏକାଧିକ ଗ୍ରହ ରହିଥିବାରୁ ଖର୍ଚ୍ଚଭାର ବୃଦ୍ଧି ପାଇବା ସାଙ୍ଗକୁ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହି ନ ପାରେ। ବନ୍ଧୁଙ୍କ ସହ ବହୁତ ଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ପଡ଼ୋଶୀଙ୍କ ଦୁଃଖଦ ପରିସ୍ଥିତିକୁ ନେଇ ମାନସିକ ବ୍ୟଥା ଅନୁଭବ କରିବେ। ପରିବାରର ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**କନ୍ୟା** ରାଶ୍ୟାଧିପ ଷଷ୍ଠସ୍ଥାନରେ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ବୃହସ୍ପତିଙ୍କ ଶୁଭତ୍ୱ କାରଣରୁ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରି ଉପକୃତ ହେବେ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହେବ।

**ତୁଳା** ଭାଗ୍ୟସ୍ଥାନରେ ଚନ୍ଦ୍ରଙ୍କ ସୁପ୍ରଭାବଜନିତ ଆଶା ପୂରଣ ହେବାରୁ ମନ ଖୁସି ରହିବ। ନୂତନ ଯୋଜନାରମ୍ଭ କ୍ଷେତ୍ରରେ ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟକଲେ ବିଶେଷ ଭାବେ ଉପକୃତ ହେବେ। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଉତ୍ତେଜିତ ରହିପାରନ୍ତି। ଦୈନନ୍ଦିନ ଜୀବନଯାତ୍ରାରେ ନୀତିଗତ କାମରୁ ପ୍ରଶଂସିତ ହେବେ।

**ବିଛା** ରାଶ୍ୟାଧିପ ମଙ୍ଗଳଙ୍କ ପ୍ରଭାବରୁ ଦୈହିକ ସୁସ୍ଥତା ରହିଲେ ମଧ୍ୟ ମାନସିକ ଅସ୍ଥିରତା ପ୍ରାୟତଃ ଲାଗି ରହିବ। ପରିବାର ଲାଗି ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁମାନଙ୍କ ସାହାଯ୍ୟ ଫଳରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛିମାତ୍ରାରେ ବଢ଼ିଚାଲିବ। ବୁଝାମଣାରେ ତ୍ରୁଟି ରହିଯିବା କାରଣରୁ ସମ୍ପର୍କୀୟଙ୍କ ସହଯୋଗ ପାଇବେନି।

**ଧନୁ** କେତୁଙ୍କ କୁପ୍ରଭାବ ହେତୁ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଯେଉଁ ଜିନିଷଟି ପାଇବାକୁ ଅପେକ୍ଷା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ। ଯେ କୌଣସି କ୍ଷେତ୍ର ହେଉନା କାହିଁକି, ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**ମକର** ପରିବାର ସ୍ଥାନରେ ରାହୁଙ୍କ କୁପ୍ରଭାବରେ ପାରସ୍ପରିକ ବୁଝାମଣାରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରିବାକୁ ବାଧ୍ୟ ହୋଇପାରନ୍ତି ଏବଂ ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**କୁମ୍ଭ** ସହକର୍ମୀଙ୍କ ସହାୟତାରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ବହୁଦିନରୁ ଲାଗିରହିଥିବା ଶାରୀରିକ ପୀଡ଼ାରେ କଷ୍ଟ ପାଇପାରନ୍ତି। ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ବନ୍ଧୁଦ୍ୱାରକୁ ଯାତ୍ରା କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କାର୍ଯ୍ୟରେ ସମ୍ବର୍ଦ୍ଧିତ ହେବା ସହ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**ମୀନ** ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। ସତ୍‌ସଙ୍ଗ, ପୁରାଣ ପଠନ, ଆଲୋଚନା ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ମନ ବଳିବ। କର୍ମଦକ୍ଷତା ହେତୁ ପ୍ରଶାସନିକ ସ୍ତରରେ ଓ ରାଜନୀତିରେ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

ଆଜି ଫାଲ୍‌ଗୁନ ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ ଗୁରୁବାର, ଶ୍ରୀମନ୍ଦିରରେ ଫଗୁଦଶମୀ, ଶ୍ରୀଜୀଉଙ୍କର ଚାଚେରୀ ବେଶ ଓ ଦୋଳଯାତ୍ରା ଆରମ୍ଭ, ମାର୍ଚ୍ଚ ୨ ତାରିଖ, ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ, ରାଶି ନକ୍ଷତ୍ର- ଦିବା ଘ.୧୨।୪୩ମି ଗତେ, ପୁନର୍ବସୁ/ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ, ଗୃହପ୍ରବେଶ, ବିଦ୍ୟାରମ୍ଭ, ଦେବତା ପ୍ରତିଷ୍ଠା ପାଇଁ ଶୁଭଦିନ। ସକାଳ ଘ.୦୬।୦୯ମି. ଗତେ ଘ.୦୭।୪୨ମି. ମଧ୍ୟେ, ଘ.୧୦।୪୯ମି. ଗତେ ଘ.୦୧।୦୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୦୨ମି. ଗତେ ଘ.୦୨।୫୩ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ୫୦ ଟଙ୍କା ବଢ଼ିଲା ...

ଆଇଓସି ପକ୍ଷରୁ ସ୍ଥିର କରାଯାଇଥିବା ମୂଲ୍ୟକୁ ବେଞ୍ଚମାର୍କ ଭାବେ ଗ୍ରହଣ କରାଯାଇଥାଏ। ଆଇଓସି ତଥ୍ୟାନୁସାରେ ସଦ୍ୟ ମୂଲ୍ୟ ସମୀକ୍ଷା ପରେ ୧୪.୨ କେ.ଜି. ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ଦିଲ୍ଲୀରେ ୧୧୦୩, ମୁମ୍ବାଇରେ ୧୧୦୨.୫୦, ଚେନ୍ନାଇରେ ୧୧୧୮.୫୦, ଓ କୋଲକାତାରେ ୧୧୨୯ ଟଙ୍କାରେ ପହଞ୍ଚିଛି। ଘରୋଇ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ସ୍ଥାନୀୟ ଟିକସ ଯୋଗୁ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ରହିଥାଏ। ଗତବର୍ଷ ଜୁଲାଇ ୬ ପରଠୁ କମର୍ସିଆଲ୍ ଗ୍ୟାସ୍ ମଧ୍ୟ ପ୍ରଥମ ଥର ପାଇଁ ବଢ଼ିଛି। ଦିଲ୍ଲୀରେ ୧୯ କେ.ଜି.ର କମର୍ସିଆଲ୍ ଏଲ୍‌ପିଜି ମୂଲ୍ୟ ୩୫୦ ଟଙ୍କା ବୃଦ୍ଧି ପରେ ବର୍ତ୍ତମାନ ଦିଲ୍ଲୀରେ ୨୧୧୯ ଟଙ୍କା ହୋଇଛି। କମର୍ସିଆଲ୍ ସିଲିଣ୍ଡରଗୁଡ଼ିକୁ ହୋଟେଲ, ରେଷ୍ଟୁରାଣ୍ଟ ଓ ଶିଳ୍ପାଞ୍ଚଳରେ ବ୍ୟବହାର କରାଯାଇଥାଏ।

ହୋଲି ପୂର୍ବରୁ ଏହି ଦରବୃଦ୍ଧିକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ମୋଦି ସରକାରଙ୍କ ଅମଳରେ ଉଚ୍ଚ ମୁଦ୍ରାସ୍ଫୀତି ମାଡ଼ରେ ଘାଇଲା ହୋଇଯାଇଥିବା ସାଧାରଣ ଲୋକଙ୍କୁ ଏହା ଆହୁରି ପ୍ରଭାବିତ କରିବ। ହୋଲିରେ ଲୋକେ କିପରି ବ୍ୟଞ୍ଜନ ପ୍ରସ୍ତୁତ କରିବେ। ଏହି ଲୁଟ୍ କେତେଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଜନତା ପ୍ରଶ୍ନ କରୁଥିବା ଖାର୍ଗେ କହିଛନ୍ତି। ଏଲ୍‌ପିଜି ମୂଲ୍ୟ ବୃଦ୍ଧି ପ୍ରତିବାଦରେ ମଧ୍ୟପ୍ରଦେଶ ବିଧାନସଭାରେ ବିରୋଧୀ କଂଗ୍ରେସ କକ୍ଷତ୍ୟାଗ କରି ବିକ୍ଷୋଭ କରିଛି।

ପ୍ରକାଶ ଯେ, ୨୦୨୨ ମେ'ରେ କେନ୍ଦ୍ର ସରକାର ୧୪.୨ କେ.ଜି. ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡରରେ ୨୦୦ ଟଙ୍କା ସବ୍‌ସିଡି ଦେବାକୁ ଘୋଷଣା କରିଥିଲେ। ୨୦୨୨-୨୩ ଆର୍ଥିକବର୍ଷରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୧୨ ଥର ରିଫିଲ୍ ପର୍ଯ୍ୟନ୍ତ ୯୦ ନିୟୁତ ହିତାଧିକାରୀ ଉପକୃତ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ। ସେହିପରି ଚଳିତ ଆର୍ଥିକବର୍ଷର ପ୍ରଥମାର୍ଦ୍ଧରେ ଏଲ୍‌ପିଜି ସବ୍‌ସିଡି ବାବଦକୁ ହିତାଧିକାରୀମାନଙ୍କୁ ୭,୫୦୦ କୋଟି ଟଙ୍କା ଦିଆଯାଇଛି।

### ଖୁବ୍‌ଶୀଘ୍ର ୪୦ ହଜାର...

କି ବ୍ୟବସ୍ଥା କରିଛନ୍ତି । କେଉଁ ହାଇସ୍କୁଲ ଗୁଡ଼ିକରେ ଯୁକ୍ତ ୨ ଖୋଲାଯିବା ଯୋଜନା ଅଛି । ବୁଧବାର ବିଜେଡି ସଦସ୍ୟ ଲତିକା ପ୍ରଧାନ ତାରକା ପ୍ରଶ୍ନ ନଂ. ୧୫୩ ଜରିଆରେ ବିଧାନସଭାରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ପଚାରିଥିଲେ।

ଏହାର ଉତ୍ତରରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଥିଲେ, ଶିକ୍ଷକ ଅଭାବକୁ ଦୃଷ୍ଟିରେ ରଖି ୨୦୨୧-୨୨ରେ ମୋଟ ୧୪,୦୦୪ ଶିକ୍ଷକ ପଦବୀ ପୂରଣ କରାଯାଇଛି। ଏଥିସହ ୭୫୪୦ ଖାଲିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନକୁ ଦାୟିତ୍ୱ ଦିଆଯାଇଛି। ଏହାଛଡ଼ା ୬୦୨୫ ଗୋଟି ଏଲ୍‌ଟିଆର୍ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲରେ ଖାଲିଥିବା ବିଭିନ୍ନ ବର୍ଗର ୨୦୬୪ ଗୋଟି ପଦବୀ ପୂରଣ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ସେଗୁଡ଼ିକ ଖୁବ୍ ଶୀଘ୍ର ପୂରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ୨୦୨୨-୨୩ରେ ୧୦୬ଟି ହାଇସ୍କୁଲକୁ ଉନ୍ନୀତ କରାଯାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେଥିମଧ୍ୟରୁ ଗଞ୍ଜାମ ଜିଲାର ୯ ଗୋଟି ସ୍କୁଲ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

### ପ୍ରାଥମିକ ସ୍କୁଲରେ କନିଷ୍ଠ ନିଯୁକ୍ତିକୁ ବିରୋଧ

ପ୍ରାଥମିକ ସ୍କୁଲରେ ୨୦ହଜାର କନିଷ୍ଠ ଶିକ୍ଷକ(ଯୋଜନାଭିତ୍ତିକ) ଭାବେ ନିଯୁକ୍ତି ଦେବା ନିଷ୍ପତ୍ତିକୁ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ସମ୍ପୂର୍ଣ୍ଣ ବିରୋଧ କରିଛି। ସଂଘ ମହାସଚିବ ଆଦିତ୍ୟ ନାରାୟଣ ସ୍ୱାଇଁ କହିଛନ୍ତି, ଓଡ଼ିଶାରୁ ଚୁକ୍ତିଭିତ୍ତିକ ଉଚ୍ଛେଦ ଘୋଷଣା ହେବା ପରେ କନିଷ୍ଠ ଶିକ୍ଷକମାନେ ନିୟମିତ ହେବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ପରେ ମୁଖ୍ୟ ଶାସନ ସଚିବ ସଂଘକୁ କହିଥିଲେ, ବର୍ତ୍ତମାନ କାର୍ଯ୍ୟରତ କନିଷ୍ଠ ଶିକ୍ଷକଙ୍କ ଚୁକ୍ତିଭିତ୍ତିକ ଉଚ୍ଛେଦ କରାଯାଇ ନାହିଁ। ଚୁକ୍ତିଭିତ୍ତିକରେ ଥିବା ଶିକ୍ଷକ ନିୟମିତ ହେବା ପରେ ପ୍ରାଥମିକ ବିଦ୍ୟାଳୟରେ ନିୟମିତ ନିଯୁକ୍ତି ଦିଆଯିବ। କିନ୍ତୁ ଚୁକ୍ତିଭିତ୍ତିକ ଶିକ୍ଷକ ନିୟମିତ ହୋଇ ନ ଥିବାବେଳେ ଏବେ ପୁଣିଥରେ ସରକାର ଚୁକ୍ତିଭିତ୍ତିକ ନାଁ ଉଠାଇ ଯୋଜନାଭିତ୍ତିକ ଭଳି ଏକ ନୂଆ ନାଁ ଦେଇ ନିଯୁକ୍ତି ଦେବେ ବୋଲି କହିଛନ୍ତି, ଯାହାକୁ ସଂଘ ବିରୋଧ କରୁଛି। ପ୍ରାଥମିକ ଶିକ୍ଷାରେ ଶିକ୍ଷକ ନିଯୁକ୍ତିକୁ ସଂଘ ସ୍ୱାଗତ କରୁଛି। ହେଲେ ଏହି ଯୋଜନାଭିତ୍ତିକ ନିଯୁକ୍ତି ପାଇଁ ନୂତନ ଭାବେ ଉଚ୍ଚଶିକ୍ଷିତ ତାଲିମପ୍ରାପ୍ତ ଯୁବପିଢ଼ି ପୁଣି ପ୍ରଶାସନିକ କଳରେ ପେଷିହେବେ। ତେଣୁ ବର୍ତ୍ତମାନ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ସହ ବର୍ତ୍ତମାନର ନିଯୁକ୍ତି ବିଜ୍ଞପ୍ତିକୁ ନିୟମିତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ସଂଘ ଅନୁରୋଧ କରିଛି। ଉଚ୍ଚ ବିଦ୍ୟାଳୟର ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ଭାବେ ନିଯୁକ୍ତି କରିବାକୁ ଆଉ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି, ହେଲେ ପ୍ରାଥମିକ ଶିକ୍ଷା ଏବଂ ଶିକ୍ଷକଙ୍କ ପ୍ରତି ସରକାରଙ୍କ ଆନ୍ତରିକତାର ଅଭାବ ରହିଛି ବୋଲି ସ୍ପଷ୍ଟ ଜଣାପଡୁଥିବା ସଂଘ ମହାସଚିବ ସ୍ୱାଇଁ କହିଛନ୍ତି।

### ଘର ପାଖରେ ବାଘ, ...

ଥିବାବେଳେ ଉକ୍ତ କଲରାପତରିଆ ବାଘ ଏକ ବୁଦାମୂଳେ ଲୁଚି ରହିଥିବା ଜଣାପଡ଼ିଛି। ବନକର୍ମଚାରୀ ଓ ଟ୍ରାଙ୍କୁଲାଇଜ୍ ଟିମ୍ ବାଘକୁ ଧରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ବୁଦା ନିକଟବର୍ତ୍ତୀ ଅଞ୍ଚଳରେ ଏକ ଛେଳିକୁ ବାନ୍ଧି ରଖାଯାଇଛି। ଛେଳିକୁ ଖାଇବା ଉଦ୍ଦେଶ୍ୟରେ ବାଘ ବୁଦାରୁ ବାହାରିଲେ ସହଜରେ ଟ୍ରାଙ୍କୁଲାଇଜ୍ କରାଯାଇପାରିବ ବୋଲି ବନ ବିଭାଗ କର୍ମଚାରୀ କହିଛନ୍ତି। ମାତ୍ର ରାତି ପର୍ଯ୍ୟନ୍ତ ବାଘକୁ ଧରାଯାଇନାହିଁ। ସବ୍‌ଡେଗା ଅଞ୍ଚଳର ଜଙ୍ଗଲରୁ ଏହି ବାଘ ଆସିଥାଇପାରେ ବୋଲି କୁହାଯାଉଛି।




# ୧୦ ଟଙ୍କାରୁ ଅଧିକ ହେବନି ସଂଗ୍ରହାଳୟ ପ୍ରବେଶ ଶୁଳ୍କ

**ଭୁବନେଶ୍ୱର,୧।୩ (ବ୍ୟୁରୋ)**

ଓଡ଼ିଶା କଳାର ଭୂମି। ଆମର କଳା, ସଂସ୍କୃତି ସାରା ବିଶ୍ୱରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆମର ଏହି ମହାନ ଐତିହ୍ୟର ସଂରକ୍ଷଣ ଓ ପ୍ରଚାର ପ୍ରସାର ଦିଗରେ ସଂଗ୍ରହାଳୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଜନସାଧାରଣ, ବିଶେଷ କରି ଯୁବ ସମାଜ, ଛାତ୍ର ସମାଜ ତଥା ପର୍ଯ୍ୟଟକମାନେ ଯେପରି ଆମ କଳା ଓ ସଂସ୍କୃତି ସହିତ ଭଲ ଭାବରେ ପରିଚିତ ହୋଇପାରିବେ, ସେ ଦୃଷ୍ଟିରୁ ରାଜ୍ୟର କୌଣସି ସଂଗ୍ରହାଳୟର ପ୍ରବେଶ ଦେୟ ୧୦ ଟଙ୍କାରୁ ଅଧିକ ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଛାତ୍ରୀଛାତ୍ର, କାରିଗର ଓ ବୁଣାକାରଙ୍କ ପାଇଁ ସଂଗ୍ରହାଳୟରେ ପ୍ରବେଶ ନିମନ୍ତେ କୌଣସି ଦେୟ ଆଦାୟ କରାଯିବ ନାହିଁ। ରାଜ୍ୟରେ ଥିବା ସଂଗ୍ରହାଳୟଗୁଡ଼ିକ ଯେପରି ଅଧିକ ଲୋକପ୍ରିୟ ହେବ ଓ ପର୍ଯ୍ୟଟକମାନେ

### ଛାତ୍ରୀଛାତ୍ର, କାରିଗର ଓ ବୁଣାକାରଙ୍କ ପାଇଁ ସମ୍ପୂର୍ଣ୍ଣ ଦେୟମୁକ୍ତ

ସେଗୁଡ଼ିକ ପରିଦର୍ଶନର ସୁଯୋଗ ପାଇପାରିବେ, ସେ ଦିଗରେ ପଦକ୍ଷେପ ନେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ପୂର୍ବରୁ ରାଜ୍ୟ ସଂଗ୍ରହାଳୟରେ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ୧୦ଟଙ୍କା, ୧୫ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ୨୦ଟଙ୍କା ଓ ଛାତ୍ରୀଛାତ୍ରଙ୍କ ପାଇଁ ମୁକ୍ତ ଥିଲା। ସେହିପରି କଳାଭୂମିରେ ଟିକେଟ ମୂଲ୍ୟ ୫୦ଟଙ୍କା ଥିବାବେଳେ ଛାତ୍ରୀଛାତ୍ରଙ୍କ ପାଇଁ ୨୦ଟଙ୍କା ଓ ୧୨ବର୍ଷରୁ କମ୍ ପିଲାଙ୍କ ପାଇଁ ଦେୟମୁକ୍ତ ଥିଲା। ଅନ୍ୟପକ୍ଷରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ୨୦ଟଙ୍କା ଓ କଳିଙ୍ଗ ରେଳ ମ୍ୟୁଜିୟମରେ ୨୦ଟଙ୍କାରୁ ଆରମ୍ଭ କରି ବିଭିନ୍ନ ବର୍ଗରେ ୨୦୦ଟଙ୍କା ପର୍ଯ୍ୟନ୍ତ ପ୍ରବେଶ ଶୁଳ୍କ ରହିଛି। କିନ୍ତୁ ଅନୁସୂଚିତ ଜାତି ଓ ଜନଜାତି ସଂଗ୍ରହାଳୟକୁ ନିଃଶୁଳ୍କ ପ୍ରବେଶ ବ୍ୟବସ୍ଥା ଥିଲା।

# ଭିସୁଟ୍ ପୁରାତନ ଛାତ୍ରୀଙ୍କ ମୃତଦେହ ମିଳିଲା

## ହତ୍ୟା ମାମଲା ରୁଜୁ, ପୁରୁଷ ବନ୍ଧୁ ସହ ୨ ଅଟକ

**ସମ୍ବଲପୁର,୧।୩(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଥାନା ପିସି ବ୍ରିଜ୍ ଉପରୁ ଡେଇଁ ନିଖୋଜ ଥିବା ଭିସୁଟ୍ ଆଇଟି ବିଭାଗ ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁଙ୍କ ମୃତଦେହ ଅଗ୍ନିଶମ ବିଭାଗ ବୁଧବାର ସକାଳେ ପାୱାର ଚ୍ୟାନେଲରୁ ଜବତ କରିଛି। ପ୍ରିୟଦର୍ଶିନୀଙ୍କ ମା' ଲବଙ୍ଗ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ମୃତ ଶରୀର ବେକରେ ଦାଗ ରହିଛି, ସୁନାଚେନ୍ ମଧ୍ୟ ନାହିଁ। ତା'ର ମନୋବଳ ଦୃଢ଼ ରହିଥିଲା। ସେ କେବେ ଆତ୍ମହତ୍ୟା କରିପାରିବ ନାହିଁ। ପ୍ରଥମେ ସନ୍ଧ୍ୟା ୬ଟାରେ ଫୋନ୍‌ରେ କଥା ହୋଇଥିଲି। ସେ ଭୁବନେଶ୍ୱର ଯାଉଛି ବୋଲି କହିଥିଲା। ପରେ ରାତି ସାଢେ ୯ଟାରେ ଫୋନ୍ କରିଥିଲି। ସେ ଫୋନ୍ ଉଠାଇଥିଲେ ମଧ୍ୟ କଥା ହୋଇପାରି ନ ଥିଲା। ତଣ୍ଟିକୁ କେହି ଚିପିଧରିଥିବା ଭଳି କେବଳ ଶବ୍ଦ ଶୁଭିଥିଲା। ଏସବୁ କାରଣରୁ ଝିଅକୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହେଉଛି। ଏହି ଘଟଣାରେ କେତେଜଣଙ୍କର ସମ୍ପୃକ୍ତି ରହିଥିବା ସେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାରକରି ବୁର୍ଲା ପୋଲିସ ଆଇପିସି ଦଫା ୩୦୨, ୨୦୧, ୩୪ରେ



ଚିନ୍ମୟୀ ପ୍ରିୟଦର୍ଶିନୀ

ମାମଲା (ନଂ.୯୬/୨୨) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାରେ ପୁରୁଷବନ୍ଧୁ ପ୍ରତିମାନ ଦେ ଓ ଅନ୍ୟ ଜଣେ ସହଯୋଗୀଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଥାନା ଅଧିକାରୀ ସୁଶାନ୍ତ ଦାସ କହିଛନ୍ତି। ସେ ଆହୁରି କହିଛନ୍ତି, ମୋବାଇଲ ଫୋନ୍ ରେକର୍ଡ ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ଅଟକ ପ୍ରତିମାନ ପୁରୁଷ ବନ୍ଧୁ ଅଟନ୍ତି। ହତ୍ୟା ମାମଲା ରୁଜୁ ହୋଇଛି, ହେଲେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଅଟକ ପ୍ରତିମାନ ଗୃହ ବିଭାଗ ଯୁଗ୍ମ ସଚିବ ପ୍ରଣବ କୁମାର ଦେଙ୍କ ପୁଅ ବୋଲି ବୟାନ ଦେଇଥିବା ଥାନା ଅଧିକାରୀ କହିଛନ୍ତି। ମଙ୍ଗଳବାର ଭିସୁଟ୍‌ର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଚିନ୍ମୟୀ ଡିଗ୍ରୀ ପାଇଥିଲେ। ଅପରାହ୍ନରେ ସେ ସ୍ଥାନୀୟ ଅଞ୍ଚଳର ଜଣେ ସାଙ୍ଗଙ୍କ ଘରକୁ ଯାଇଥିଲେ। ସେଠାରେ ସେ କିଛି ସାମଗ୍ରୀ ଛାଡ଼ି ଚାଲିଆସିଥିଲେ। ଅପରାହ୍ନ ୩ଟାରୁ ସାଙ୍ଗ ଘରୁ ବାହାରି ଆଉ ଫେରି ନ ଥିଲେ। ରାତି ପ୍ରାୟ ୧୦ଟାରେ ସେ ପାୱାର ଚ୍ୟାନେଲକୁ ଡେଇଁ ପଡ଼ିଥିବା ନେଇ ଖବର ପ୍ରଚାରିତ ହୋଇଥିଲା। ହେଲେ ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚିନ୍ମୟୀ କୁଆଡ଼େ ଯାଇଥିଲେ, କାହା ସାଙ୍ଗରେ ଥିଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଚିନ୍ମୟୀଙ୍କ ଭଉଣୀ ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ଆମେ ପ୍ରତିମାନଙ୍କୁ ପୂର୍ବରୁ ଜାଣିଥିଲୁ। ଭୁବନେଶ୍ୱରରେ ଚିନ୍ମୟୀ ସହିତ ତାଙ୍କୁ ଏକାଠି ଦେଖିଥିଲି ବୋଲି ସେ କହିଥିଲେ।

# ନିକଟତର ଦେଖାଗଲେ ଶୁକ୍ର-ବୃହସ୍ପତି

**ଗ୍ରହ ମିଳନ**

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ବୁଧବାର ସନ୍ଧ୍ୟାରେ ୨ ଉଜ୍ଜ୍ୱଳ ଗ୍ରହ ଶୁକ୍ର ଓ ବୃହସ୍ପତି ଖୁବ୍ ନିକଟତର ଦେଖାଯାଇଥିଲେ। ଗତମାସ ଶେଷ ସପ୍ତାହରେ ସବୁଦିନ ସନ୍ଧ୍ୟାରେ ପ୍ରାୟ ଏକଘଣ୍ଟା ଧରି ଏହି ୨ ଗ୍ରହ ପଶ୍ଚିମ ଆକାଶରେ ଦୃଶ୍ୟମାନ ହେଉଥିଲେ, ଯାହାକୁ ଖାଲି ଆଖିରେ ମଧ୍ୟ ଦେଖିହେଉଥିଲା। ତେବେ ବୁଧବାର




ଏହି ଦୁଇ ଗ୍ରହ ଅତି ନିକଟତର ହୋଇଥିଲେ। ଏହା ଏକ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ। ଓଡ଼ିଶା ସମେତ ଭାରତର ସବୁ ଅଞ୍ଚଳରେ ଯେଉଁଠି ଆକାଶ ମେଘମୁକ୍ତ ରହିଥିଲା ସେଠାରେ ଏହି ଗ୍ରହ ମିଳନ ଦେଖାଯାଇଛି। ଏହି ବିରଳ ଦୃଶ୍ୟ ଦେଖିବା ପାଇଁ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ୬ଟା ୧୫ରୁ ୭ଟା ୩୦ ପର୍ଯ୍ୟନ୍ତ ଟେଲିସ୍କୋପ୍‌ରେ ଦେଖିବା ପାଇଁ ବ୍ୟବସ୍ଥା ହୋଇଥିଲା। ସ୍କୁଲ ପିଲାଙ୍କଠାରୁ ବଡ଼ ପର୍ଯ୍ୟନ୍ତ ପ୍ରାୟ ୨୦୦ ଲୋକ ଏହି ଦୃଶ୍ୟ ଦେଖିଥିଲେ। ଏଥିସହିତ ଅନ୍ୟ ଟେଲିସ୍କୋପ୍‌ରେ ଚନ୍ଦ୍ରକୁ ମଧ୍ୟ ଦେଖିବାର ସୁଯୋଗ ଦିଆଯାଇଥିଲା। ଗୁରୁବାର ଏହି ଗ୍ରହ ଦୁଇଟି ଆହୁରି ଅଧିକ ନିକଟତର ହୋଇଯିବେ ଓ ସନ୍ଧ୍ୟା ୬ଟା ୧୫ରୁ ୭ଟା ୧୫ ପର୍ଯ୍ୟନ୍ତ ପ୍ଲାନେଟାରିୟମରେ ଏହାକୁ ଦେଖିବାର ମଧ୍ୟ ବ୍ୟବସ୍ଥା କରାଯାଇଛି। ତେବେ ଶୁକ୍ରବାରଠାରୁ ଗ୍ରହଦ୍ୱୟ ଧୀରେ ଧୀରେ ଦୂରେଇଯିବେ ବୋଲି ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।










ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୨ ମାର୍ଚ୍ଚ, ୨୦୨୩

ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍‌ଭବ ହେବ। କିନ୍ତୁ ଅତିରଂଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ। ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ। ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ। **-ଶ୍ରୀଅରବିନ୍ଦ**





# ଅଧା ଜ୍ଞାନକୁ ସାବଧାନ

ଦେବଦତ୍ତ ପଟ୍ଟନାୟକ

ଅଭିମନ୍ୟୁ ଥିଲେ ଅର୍ଜୁନ ଏବଂ ସୁଭଦ୍ରା(କୃଷ୍ଣଙ୍କ ଭଉଣୀ)ଙ୍କ ପୁତ୍ର। ଯଦିଓ ପ୍ରତ୍ୟେକ ପାଣ୍ଡବ ଦ୍ରୌପଦୀଙ୍କ ଗର୍ଭରୁ ଗୋଟିଏ ଲେଖା ସନ୍ତାନ ଲାଭ କରିଥିଲେ, ତଥାପି ସେମାନେ ପ୍ରତ୍ୟେକ ଅନ୍ୟ ସ୍ତ୍ରୀଙ୍କଠାରୁ ଗୋଟିଏ କରି ସନ୍ତାନର ଜନକ ହୋଇପାରିଥିଲେ। ତେବେ ସବୁ ସନ୍ତାନଙ୍କ ମଧ୍ୟରେ ଅଭିମନ୍ୟୁଙ୍କ କାହାଣୀ ମହାଭାରତର ସବୁଠୁ ଚର୍ଚ୍ଚିତ ଓ ପୀଡ଼ାଦାୟକ। ଅଭିମନ୍ୟୁଙ୍କ ପିତା ଅର୍ଜୁନ ଧନୁର୍ବିଦ୍ୟା ଏବଂ ଯୁଦ୍ଧ ସମ୍ପର୍କରେ କୃଷ୍ଣଙ୍କ ସହ ପ୍ରାୟତଃ ଆଲୋଚନା କରନ୍ତି। ସୁଭଦ୍ରାଙ୍କ ଗର୍ଭରେ ଅଭିମନ୍ୟୁ ଥିବାବେଳେ ସେ ଅର୍ଜୁନଙ୍କ ପାଖରେ ବସି ଏହା ଶୁଣନ୍ତି। ଗର୍ଭସ୍ଥ ଅଭିମନ୍ୟୁ ପିତାଙ୍କ କଥା ଶୁଣି ଧନୁର୍ବିଦ୍ୟା ଉପରେ ସବୁ ଜାଣିପାରିଥିଲେ। ଫଳରେ ଜନ୍ମ ହେଲାବେଳକୁ ସେ ଜଣେ ଯୋଦ୍ଧା ହୋଇଯାଇଥିଲେ। ତେବେ ଯୁଦ୍ଧରେ ଚକ୍ରବ୍ୟୂହକୁ କିଭଳି ଭାଙ୍ଗିହେବ ସେ ବିଷୟରେ ଅର୍ଜୁନ କହୁଥିବା ସମୟରେ କୃଷ୍ଣ ବାଧା ଦେଇ ତାଙ୍କୁ ସୁଭଦ୍ରାଙ୍କ ପାଖ ଛାଡ଼ିବାକୁ କହିଥିଲେ। ଫଳରେ ଅଭିମନ୍ୟୁ ଚକ୍ରବ୍ୟୂହରେ ପ୍ରବେଶ କରିବା କୌଶଳ ଜାଣିପାରିଥିଲେ, କିନ୍ତୁ ତାକୁ ଭାଙ୍ଗି ବାହାରକୁ ବାହାରିବା ବାଟ ଜାଣିପାରି ନ ଥିଲେ। ସେଥିପାଇଁ ୧୬ ବର୍ଷ ପରେ ଏହି ଘଟଣା ଅଭିମନ୍ୟୁଙ୍କ ମୃତ୍ୟୁର କାରଣ ପାଲଟିଥିଲା। ଅଭିମନ୍ୟୁ ମାତୃଗର୍ଭରେ ଥାଇ ଚକ୍ରବ୍ୟୂହ ସମ୍ପର୍କରେ ଶିକ୍ଷା କରୁଥିବା ସମୟରେ ଶ୍ରୀକୃଷ୍ଣ କାହିଁକି ସେଥିରେ ବାଧା ଦେଇଥିଲେ ତାହାର କାରଣକୁ ନେଇ ଭାରତର ବିଭିନ୍ନ ଅଞ୍ଚଳରେ ଅନେକ କିମ୍ବଦନ୍ତୀ ବା ଲୋକକଥା ସାମ୍ନାକୁ ଆସେ।

ଗୋଟିଏ କାହାଣୀ କହେ, ଅଭିମନ୍ୟୁ ବାସ୍ତବରେ ଜଣେ ରାକ୍ଷସ। ସେ ଯଦି କୁରୁକ୍ଷେତ୍ର ଯୁଦ୍ଧରୁ ବଞ୍ଚିଯାଇଥାଆନ୍ତେ ତେବେ ତାଙ୍କର ରାକ୍ଷସ ପ୍ରବୃତ୍ତି ପ୍ରକାଶ ପାଇଥାନ୍ତା। କୃଷ୍ଣ ଏହା ଜାଣିଥିଲେ। ଏଣୁ ଏହି କାର୍ଯ୍ୟ ମାଧ୍ୟମରେ ସେ ନିଜେ ଯୁଦ୍ଧରେ ଅଭିମନ୍ୟୁଙ୍କ ମୃତ୍ୟୁ ନିଶ୍ଚିତ କରିଥିଲେ। ଅନ୍ୟ ଏକ କାହାଣୀ ଅନୁଯାୟୀ, ଅଭିମନ୍ୟୁ ଥିଲେ ଚନ୍ଦ୍ରଙ୍କ ପୁତ୍ର। ସେ ମରଣଶୀଳ ଭାବେ ମର୍ତ୍ତ୍ୟରେ ରହିବାକୁ ଅଭିଶାପ ପାଇଥିଲେ। ଏଣୁ ଚନ୍ଦ୍ର ତାଙ୍କ ପୁତ୍ରକୁ ପାଖରେ ପାଇପାରୁ ନ ଥିଲେ। ଏଥିପାଇଁ ସେ ୧୬ ବର୍ଷ ବୟସରେ ତାଙ୍କ ପୁତ୍ରକୁ ମାରିବା ଲାଗି ଉପାୟ କରିବାକୁ କୃଷ୍ଣଙ୍କୁ ଅନୁରୋଧ କରିଥିଲେ। ଏହା କରିବାକୁ କୃଷ୍ଣଙ୍କ ପାଖରେ ଏକମାତ୍ର ଉପାୟ ଥିଲା ଅଭିମନ୍ୟୁଙ୍କୁ ଚକ୍ରବ୍ୟୂହ ରହସ୍ୟ ଶିକ୍ଷା କରାଇ ନ ଦେବା। ତୃତୀୟ କାହାଣୀ ଅତ୍ୟନ୍ତ କପଟସୂଚକ ତଥା ଭୟାବହ। ଅର୍ଜୁନ ତାଙ୍କ ପୁତ୍ର ଅଭିମନ୍ୟୁଙ୍କୁ କେତେ ଭଲ ପାଉଥିଲେ ତାହା କୃଷ୍ଣ ଜାଣିଥିଲେ। କେବଳ ଅଭିମନ୍ୟୁଙ୍କ ମୃତ୍ୟୁ ତାଙ୍କ ଗୁରୁଙ୍କ ହାତରେ ହେଲେ ହିଁ ତାହା ବ୍ୟକ୍ତିଗତ ଭାବେ ଯୁଦ୍ଧକୁ ଗମ୍ଭୀରତାର ସହ ନେବା ଓ ଭୟଙ୍କର ଲଢ଼େଇ କରିବା ପାଇଁ ଅର୍ଜୁନଙ୍କୁ ଉସୁକାଇବ ବୋଲି କୃଷ୍ଣ ନିଶ୍ଚିତ ଥିଲେ।



ପାଣ୍ଡବମାନେ ଜୁଆଖେଳରେ ସେମାନଙ୍କ ରାଜ୍ୟ ହରାଇ ୧୩ ବର୍ଷ ନିର୍ବାସନରେ ଯିବାବେଳକୁ ଅଭିମନ୍ୟୁଙ୍କୁ ମାତ୍ର ୨ ବର୍ଷ ହୋଇଥିଲା। ପାଣ୍ଡବମାନେ ଅଜ୍ଞାତବାସରୁ ଫେରିବା ସମୟରେ ଅଭିମନ୍ୟୁଙ୍କ ବୟସ ଥିଲା ୧୫। ପାଣ୍ଡବ ସେମାନଙ୍କ ରାଜ୍ୟ ଫେରାଇବା ଲାଗି କୌରବଙ୍କୁ କହିବାରୁ ସେମାନେ ମନା କରିଦେଲେ। ଏହାଯୋଗୁ କୌରବଙ୍କ ବିରୋଧରେ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହେବାକୁ ପାଣ୍ଡବଙ୍କୁ ୧ ବର୍ଷ ଲାଗିଯାଇଥିଲା। ଏଣୁ ଯୁଦ୍ଧ ଆରମ୍ଭ ହେବାବେଳକୁ ଅଭିମନ୍ୟୁଙ୍କୁ ହୋଇଥିଲା ୧୬ ବର୍ଷ। ଦ୍ୱାରକା ଥିଲା ଅଭିମନ୍ୟୁଙ୍କ ମାମୁଘର। ସେଠାରେ ମାମୁ କୃଷ୍ଣ ଓ ବଳରାମଙ୍କ ସହିତ ତାଙ୍କ ପିଲାଦିନ କଟିଥିଲା। ଦ୍ୱାରକାରେ ରହିବା ସମୟରେ ସେ ବଳରାମଙ୍କ କନ୍ୟା ବତ୍ସଳା(କେତେକ ପୁରାଣରେ ନାମ ଶଶିରେଖା)ଙ୍କ ପ୍ରେମରେ ପଡ଼ିଯାଇଥିଲେ। କିନ୍ତୁ ବଳରାମ ତାଙ୍କ କନ୍ୟାର ବିବାହ ଜଣେ ଜୁଆଡ଼ିଙ୍କ ପୁତ୍ର ସହ ନ କରି ଜଣେ ଧନୀ ବ୍ୟକ୍ତି ସହିତ କରିବାକୁ ଚାହୁଁଥିଲେ। ଏଣୁ ସେ ଦୁର୍ଯ୍ୟୋଧନଙ୍କ ପୁତ୍ର ଲକ୍ଷ୍ମଣଙ୍କୁ ତାଙ୍କ ଝିଅକୁ ବିବାହ କରିବା ଲାଗି ଆମନ୍ତ୍ରଣ କଲେ। ଏଥିରେ ଅଭିମନ୍ୟୁ ଭାଙ୍ଗିପଡ଼ିଲେ ଓ ସାହାଯ୍ୟ କରିବାକୁ ମାମୁ କୃଷ୍ଣଙ୍କୁ ଅନୁରୋଧ କଲେ। କୃଷ୍ଣ ଏଥିରେ ହସ୍ତକ୍ଷେପ କରିପାରିବେ ନାହିଁ କହି ଭୀମଙ୍କ ପୁତ୍ର ଘଟୋତ୍କଚ(ହିଡ଼ିମ୍ବାଙ୍କ ଗର୍ଭରୁ ଜନ୍ମ)ଙ୍କ ସାହାଯ୍ୟ ନେବା ଲାଗି ଅର୍ଜୁନଙ୍କୁ ପରାମର୍ଶ ଦେଇଥିଲେ। ଘଟୋତ୍କଚ୍ ରାଜିହୋଇ ଅଭିମନ୍ୟୁ ଓ ବତ୍ସଳାଙ୍କୁ ଦ୍ୱାରକା ବାହାରକୁ ନେଇ ଜଙ୍ଗଲରେ ଉଭୟଙ୍କ ବିବାହ କରାଇଥିଲେ। ପରେ ଘଟୋତ୍କଚ୍ ଅଲୌକିକ ମାୟାବଳରେ ବତ୍ସଳା ରୂପ ନେଇ ବିବାହ ଉତ୍ସବରେ ଉପସ୍ଥିତ ହେଲେ। ବଳରାମ କନ୍ୟାଦାନ କରିବା ସମୟରେ ଘଟୋତ୍କଚ୍ ଲକ୍ଷ୍ମଣଙ୍କ ହାତକୁ ଜୋର୍‌ରେ ଚାପିଦେବାରୁ ସେ ମୂର୍ଚ୍ଛା ହାଇଗଲେ। ଦୁର୍ଯ୍ୟୋଧନ ଯେତେବେଳେ ଜାଣିଲେ ଯେ ବତ୍ସଳା ହେଉଛି ଘଟୋତ୍କଚ୍, ସେତେବେଳେ ସେ ରାଗିଗଲେ। ଦୁର୍ଯ୍ୟୋଧନଙ୍କ ବଦଳରେ ସୁଭଦ୍ରା ଯେଭଳି ଅର୍ଜୁନଙ୍କୁ ବିବାହ କରିଥିଲେ ଠିକ୍ ସେହିଭଳି ବତ୍ସଳା ଦୁର୍ଯ୍ୟୋଧନଙ୍କ ପୁତ୍ରକୁ ବାହା ନ ହୋଇ ଅର୍ଜୁନଙ୍କ ପୁତ୍ରଙ୍କୁ ବିବାହ କରିଥିଲେ। ଦ୍ୱିତୀୟଥର ଠକାମିର ଶିକାର ହେବା ଦ୍ୱାରା ପୁନର୍ବାର ପାଣ୍ଡବମାନଙ୍କ ପ୍ରତି ଦୁର୍ଯ୍ୟୋଧନଙ୍କ ଘୃଣା ବଢ଼ିଯାଇଥିଲା।

ପାଣ୍ଡବମାନେ ଅଜ୍ଞାତବାସରୁ ବାହାରିବା ପରେ ଅର୍ଜୁନ ତାଙ୍କ ପୁଅ ଅଭିମନ୍ୟୁଙ୍କୁ ମତ୍ସ୍ୟର ରାଜା ବିରାଟଙ୍କ କନ୍ୟା ଉତ୍ତରା ସହ ଦ୍ୱିତୀୟ ପତ୍ନୀ ରୂପେ ବିବାହ କରାଇଥିଲେ। ମାତ୍ର ବିରାଟ ତାଙ୍କ କନ୍ୟାଙ୍କୁ ଅର୍ଜୁନଙ୍କ ସହ ବିବାହ ଦେବାକୁ ଚାହୁଁଥିଲେ। କିନ୍ତୁ ଉତ୍ତରା ତାଙ୍କ ପୁତ୍ରବଧୂ ହେବା ଲାଗି ଅଧିକ ଯୋଗ୍ୟ ବୋଲି ଅର୍ଜୁନ ଅନୁଭବ କରିଥିଲେ। ଠିକ୍ ଏହି ସମୟରେ କୁରୁକ୍ଷେତ୍ରରେ ଯୁଦ୍ଧ ଘୋଷଣା ହେଲା। ସେତେବେଳକୁ ଅଭିମନ୍ୟୁଙ୍କ ଦୁଇ ସ୍ତ୍ରୀ ଥିଲେ। ସେ ଯେତେବେଳେ ଯୁଦ୍ଧକ୍ଷେତ୍ରକୁ ଗଲେ ସେତେବେଳେ ତାଙ୍କ ଦ୍ୱିତୀୟ ସ୍ତ୍ରୀ ଉତ୍ତରାଙ୍କ ଗର୍ଭରେ ପରିକ୍ଷିତ ଥିଲେ। ପାଣ୍ଡବଙ୍କ ଉତ୍ତରାଧିକାରୀ ଭାବେ ସେ ହିଁ କେବଳ ଯୁଦ୍ଧରୁ ବଞ୍ଚିଯାଇଥିଲେ। ମହାଭାରତ ଯୁଦ୍ଧର ତ୍ରୟୋଦଶ ଦିବସରେ ଚକ୍ରବ୍ୟୂହ ରଚନା କରି ଦ୍ରୋଣ ପାଣ୍ଡବ ସେନାଙ୍କ ଉପରେ ଭୟଙ୍କର ଆକ୍ରମଣ କଲେ। ଏହି ଚକ୍ରବ୍ୟୂହକୁ ଭେଦ କରିବାରେ ଏକମାତ୍ର ବୀର ଥିଲେ ଅର୍ଜୁନ। କିନ୍ତୁ କୃଷ୍ଣ ରଥାରୂଢ଼ ଯୋଦ୍ଧାମାନଙ୍କୁ ନିପାତ କରିବା ଲାଗି ଅର୍ଜୁନଙ୍କୁ ଯୁଦ୍ଧକ୍ଷେତ୍ରର ବହୁଦୂରକୁ ନେଇଗଲେ। ଏହି ସମୟରେ ପାଣ୍ଡବ ସେନା ଚକ୍ରବ୍ୟୂହରେ ଫସିଗଲେ। ଯୁଧିଷ୍ଠିର ନିରାଶ ହୋଇଗଲେ। ସେ କହିଲେ କେହି କ'ଣ ଏହି ଚକ୍ରବ୍ୟୂହକୁ ଭାଙ୍ଗିପାରିବ ନାହିଁ? ଏହା ଶୁଣି ଅଭିମନ୍ୟୁ କହିଲେ, ସେ ଏହାକୁ ଭାଙ୍ଗିବାର କୌଶଳ ଜାଣିଛନ୍ତି, ଯେଉଁଥିରେ ପାଣ୍ଡବ ସେନା ରକ୍ଷାପାଇଯିବେ। କିନ୍ତୁ କେହି ଜଣେ ମୋତେ ସେହି ବ୍ୟୂହରୁ ବାହାର କରି ରକ୍ଷା କରିବା ଲାଗି ଆସିବାକୁ ପଡ଼ିବ, କାରଣ ମୁଁ ସେଥିରୁ ବାହାରିବାର ବାଟ ଜାଣିନାହିଁ। ପାଣ୍ଡବ ସେନା ରକ୍ଷା ପାଇବା ପରେ ଯୁଧିଷ୍ଠିର ତାଙ୍କୁ ରକ୍ଷା କରିବା ଲାଗି ଯିବେ ବୋଲି ପ୍ରତିଶ୍ରୁତି ଦେଲେ। କିନ୍ତୁ ଦୁର୍ଭାଗ୍ୟବଶତଃ, ସେ ତାହା କରିବାକୁ ଅକ୍ଷମ ହୋଇଥିଲେ। କାରଣ ଦୁର୍ଯ୍ୟୋଧନଙ୍କ ଭିଣୋଇ ଜୟଦ୍ରଥ ତାଙ୍କ ବାଟ ଓଗାଳିଥିଲେ।

ଚକ୍ରବ୍ୟୂହରେ ପଡ଼ି ଅଭିମନ୍ୟୁ ସିଂହ ଭଳି ଯୁଦ୍ଧ କରିଥିଲେ। ସେ ଦୁର୍ଯ୍ୟୋଧନଙ୍କ ପୁତ୍ର ଲକ୍ଷ୍ମଣଙ୍କୁ ବଧ କରିଥିଲେ। କିନ୍ତୁ ପରେ ଯୁଦ୍ଧର ସବୁ ନୀତିନିୟମ ବିରୋଧରେ ଯାଇ ଅନେକ କୌରବ ବୀର ତାଙ୍କ ଉପରେ ବାରମ୍ବାର ଆକ୍ରମଣ କରିଥିଲେ। ଅଭିମନ୍ୟୁଙ୍କ ଧନୁ ଓ ରଥକୁ କର୍ଣ୍ଣ ଭାଙ୍ଗିଦେଇଥିଲେ। ହେଟାମାନେ ଯେଉଁଭଳି ଏକ ଆହତ ସିଂହକୁ ଘେରିଯାଇ ଆକ୍ରମଣ କରନ୍ତି ସେହିଭଳି ଅନ୍ୟ ରଥୀମାନେ ଅଭିମନ୍ୟୁଙ୍କୁ ଘେରିଯାଇ ଆକ୍ରମଣ କରିଥିଲେ। ଚକ୍ରବ୍ୟୂହ ବାହାରେ ରହି ପାଣ୍ଡବମାନେ କେବଳ ତାଙ୍କ କାନ୍ଦ ଶୁଣୁଥିଲେ। ଶେଷରେ ଦୁଃଶାସନ ପୁତ୍ରର ଶେଷ ଆକ୍ରମଣରେ ଅଭିମନ୍ୟୁଙ୍କ ମୃତ୍ୟୁ ହୋଇଥିଲେ ବି ବୀରତ୍ୱର ସହ ଲଢ଼ି ତାଙ୍କୁ ମଧ୍ୟ ମାରିଦେଇଥିଲେ ଅଭିମନ୍ୟୁ। ବହୁ ସମୟରେ ଗୁରୁମାନେ କୁହନ୍ତି 'ଅଧା ଜ୍ଞାନକୁ ସାବଧାନ', ଯାହାର ଏକ ବଡ଼ ଉଦାହରଣ ରଖିଯାଇଛନ୍ତି ଅଭିମନ୍ୟୁ।

-devduttofficial@gmail.com

## ଏଇ ଭାରତରେ

ଧର୍ମୀୟ ପରମ୍ପରାରେ ଅନ୍ଧବିଶ୍ୱାସର ପ୍ରଭାବ କାଳକାଳକୁ ରହି ଆସିଛି, ଯାହାର ଏକ ଦୃଷ୍ଟାନ୍ତ ହେଉଛି ଝାଡ଼ଖଣ୍ଡର ଦୁର୍ଗାପୁର ଗାଁ। କସମାର ବ୍ଲକ ଅନ୍ତର୍ଗତ ଏହି ଗାଁରେ ହୋଲି ପର୍ବକୁ ନେଇ ଏକ ଅନ୍ଧବିଶ୍ୱାସ ଏଯାବତ ବଳବତ୍ତର ରହିଥିବା ଦେଖାଯାଏ, ଯେଉଁଥିପାଇଁ ଆଜକୁ ୧୦୦ ବର୍ଷ ହେଲା ଏହି ପର୍ବ ପାଳନ କରାଯାଉନାହିଁ। ଏହି ଘଟଣା ପଛରେ ବି ଏକ କାହାଣୀ ରହିଛି। ୧୦୦ ବର୍ଷ ପୂର୍ବେ ଜଣେ ରାଜାଙ୍କ ଝିଅର ମୃତ୍ୟୁ ହୋଲି ଦିନ ହୋଇଥିଲା। ଏହା ସତ୍ତ୍ୱେ ଦୁର୍ଗାପୁରରେ ହୋଲି ପାଳନ କରାଯାଇଥିଲା। ହୋଲି ପରେ ସେହି ଗାଁରେ ମହାମାରୀ ବ୍ୟାପିବା ଯୋଗୁ ବହୁ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏହା ଦେଖି ରାଜା ସେବେଠାରୁ ସେହି ଗାଁରେ ହୋଲି ପାଳନ ହେବ ନାହିଁ ବୋଲି ଆଦେଶ ଦେଇଥିଲେ। ସେବେଠାରୁ ଦୁର୍ଗାପୁରର ଲୋକେ ସେହି ଆଦେଶ ପାଳନ କରି ଆସୁଛନ୍ତି। ଏହା ବ୍ୟତୀତ ସେଠାରେ ଲୋକଙ୍କର ଏବେ ବି ବିଶ୍ୱାସ ରହିଛି ଯେ, ଯଦି କୌଣସି ବ୍ୟକ୍ତି ଅନ୍ୟ ଜଣଙ୍କୁ ରଙ୍ଗ ଲଗାଇବେ ତେବେ ଗାଁରେ ମହାମାରୀ ପୁଣି ବ୍ୟାପିଯିବ। ଏହି ଭୟ ସେଠାକାର ଲୋକଙ୍କୁ ହୋଲି ପାଳନରୁ ବଞ୍ଚିତ କରିଆସିଛି।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

୨ ମାର୍ଚ୍ଚ ୧୯୯୮

- ପୂର୍ବତନ ରାଷ୍ଟ୍ରପତି ଜେନେରାଲ ଏର୍ଶାଦଙ୍କୁ ଜେଲରେ ଅଟକ ରଖାଯିବା ଘଟଣାକୁ ବାଂଲାଦେଶର ସୁପ୍ରିମ୍ କୋର୍ଟ ବେଆଇନ ବୋଲି ଘୋଷଣା କରିଛନ୍ତି।
- ମରଣୋତ୍ତର ଭାବେ ଫିଲ୍ମ ହସ୍ତୀ ସତ୍ୟଜିତ୍ ରାୟ, ସ୍ୱାଧୀନତା ସଂଗ୍ରାମୀ ଅରୁଣ ଆସଫ ଅଲ୍ଲୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଗୁଲଜାରିଲାଲ ନନ୍ଦାଙ୍କ ସମେତ କ୍ଷେପଣାସ୍ତ୍ର ପ୍ରଯୁକ୍ତିର ଜନକ ଡଃ. ଏ.ପି.ଜେ. ଅବଦୁଲ କଲାମ ଏବଂ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ଏମ୍.ଏସ୍. ସୁବବୁଲକ୍ଷ୍ମୀଙ୍କୁ ଭାରତରତ୍ନ ପ୍ରଦାନ।
- ପ୍ରବୀଣ ମାର୍କ୍ସବାଦ ଦାର୍ଶନିକ, ରିଭୋଲ୍ୟୁସନାରୀ ସୋସାଲିଷ୍ଟ ପାର୍ଟିର ବରିଷ୍ଠ ନେତା, ଶିକ୍ଷାବିତ୍ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ୬୧ ବର୍ଷ ବୟସରେ ପରଲୋକ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | 3 | 9 | | |
| 4 | | | | 1 | 9 | 6 | | 3 |
| | | | | | | | | |
| | 7 | | | 4 | 5 | 3 | | 9 |
| | | | | | | | 8 | |
| | | | | | 7 | 4 | | |
| 9 | | 8 | | | | 7 | | 6 |
| | | 3 | | 9 | 2 | 1 | | |
| 5 | | 1 | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 9 | 1 | 3 | 5 | 8 | 2 | 4 |
| 3 | 1 | 4 | 2 | 8 | 9 | 6 | 7 | 5 |
| 2 | 5 | 8 | 4 | 7 | 6 | 1 | 9 | 3 |
| 4 | 2 | 7 | 6 | 9 | 1 | 5 | 3 | 8 |
| 1 | 9 | 6 | 3 | 5 | 8 | 2 | 4 | 7 |
| 8 | 3 | 5 | 7 | 4 | 2 | 9 | 6 | 1 |
| 9 | 4 | 2 | 5 | 1 | 7 | 3 | 8 | 6 |
| 5 | 8 | 3 | 9 | 6 | 4 | 7 | 1 | 2 |
| 6 | 7 | 1 | 8 | 2 | 3 | 4 | 5 | 9 |

ଗତକାଲିର ଉତ୍ତର



# ଭଞ୍ଜ ସାହିତ୍ୟରେ ନାରୀ

ବାଦଲ ଭୂୟାଁ

କବିତାକୁ କଳାମଞ୍ଜୁଳ ଓ ରସାଳତମ ସଙ୍ଗୀତ ବାହାନାରେ ଅଧିଷ୍ଠିତ କରାଇବା ପାଇଁ ବହୁ ଶତାବ୍ଦୀ କାଳ ଓଡ଼ିଆ ଜାତି ସାଧନା କରିଥିଲା। କିନ୍ତୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ହିଁ ଏହି ସାଧନାର ମୁଣ୍ଡି ମାରିଥିଲା। ଯେଉଁ ଅଳଙ୍କାର ବିଭବ ଓ ରସବିଭବ ନେଇ ସଂସ୍କୃତ ଭାଷା ବିଶ୍ୱବନ୍ଦ୍ୟା, ସେ ସବୁକୁ ନିଜ କାବ୍ୟ କବିତାରେ ପ୍ରବର୍ତ୍ତନ କରି ଓଡ଼ିଆ ଭାଷାର ସ୍ଥିତି ଦୃଢ଼ କରିଥିଲେ କବି ସମ୍ରାଟ। ତେବେ ସେତେବେଳର ସମାଜରେ ନାରୀର ଦୟନୀୟ ସ୍ଥିତିକୁ ପରିବର୍ତ୍ତନ କରିବାର ଚିନ୍ତା ନେଇ ସେ ଯେଉଁ କାବ୍ୟ କବିତାମାନ ରଚନା କରିଯାଇଥିଲେ ତା'ର ପ୍ରଭାବ ଆଜିର ସମାଜରେ ଦେଖିବାକୁ ମିଳୁଛି। ଓଡ଼ିଆ ଜାତି ଯେଉଁ ଜଣକୁ କବିଭାବେ ହୃଦୟର ସହିତ ଗ୍ରହଣ କରିଛି ସେ ହେଉଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ। ଗତାନୁଗତିକ ସାହିତ୍ୟରୁ ବ୍ୟତିକ୍ରମ ଥିଲା ଭଞ୍ଜ ସାହିତ୍ୟ। ସମାଜକୁ ସୁସ୍ଥ ସୁନ୍ଦର କରିବାରେ ସହାୟକ ହେଉଥିବା ପୁରାଣ ବର୍ଣ୍ଣିତ ବିଚାରଧାରାକୁ ଗ୍ରହଣ କରିବା ସହ ଏହାର ପରିପନ୍ଥୀ ବିଚାରଧାରାକୁ ପ୍ରତ୍ୟାଖ୍ୟାନ କରିଥିଲେ ସେ। ସେଥିମଧ୍ୟରୁ ମୁଖ୍ୟ ଥିଲା ନାରୀମାନଙ୍କ ସମ୍ପର୍କରେ ପୁରାଣ ଆଦିରେ ରହିଥିବା ଚିନ୍ତାଧାରା। ମାନବ ସମାଜର ଅର୍ଦ୍ଧେକ ନାରୀ ଶକ୍ତି ହୋଇଥିଲେ ମଧ୍ୟ ବିଭିନ୍ନ ଧର୍ମରେ, ଧର୍ମଗ୍ରନ୍ଥରେ ସେମାନଙ୍କୁ ସର୍ବଦା ନ୍ୟୂନଭାବେ ଦର୍ଶାଯାଇଛି। ଏହାକୁ ଉପେନ୍ଦ୍ର ଭଞ୍ଜ ସହଜରେ ଗ୍ରହଣ କରିପାରି ନ ଥିଲେ।

ଭାଗବତରେ ନାରୀମାନଙ୍କୁ ଶୂଦ୍ରମାନଙ୍କ ସହ ତୁଳନା କରାଯାଇ ବେଦ, ଶାସ୍ତ୍ର ଶୁଣିବା, ପଢ଼ିବା, ଆଲୋଚନା କରିବା ନିମନ୍ତେ ଅଯୋଗ୍ୟ ବୋଲି କୁହାଯାଇଛି। କୋରାନ୍ ଓ ବାଇବେଲ୍‌ରେ ମଧ୍ୟ ନାରୀମାନଙ୍କ ଉପରେ ପୁରୁଷଙ୍କ ଆଧିପତ୍ୟକୁ ସ୍ୱୀକୃତି ଦିଆଯାଇଛି। ତ୍ରିପିଟକରେ କୁହାଯାଇଛି, "ଯେଉଁ ପର୍ଯ୍ୟନ୍ତ ସ୍ତ୍ରୀମାନଙ୍କ ପ୍ରତି ପୁରୁଷମାନଙ୍କର ଅଣୁମାତ୍ର କାମନା ରହିବ ସେ ପର୍ଯ୍ୟନ୍ତ ପୁରୁଷ ମଧ୍ୟ ଦୁଗ୍ଧ ପିଉଥିବା ବାଛୁରୀ ଯେପରି ଗାଈ ସହିତ ରହିଥାଏ, ସେହିଭଳି ସ୍ତ୍ରୀ ସହିତ ବାନ୍ଧି ହୋଇ ରହିଥିବ।" ଧର୍ମଗ୍ରନ୍ଥଗୁଡ଼ିକରେ ନାରୀ ନିର୍ଯ୍ୟାତନା କେବଳ ଲେଖନୀରେ ସୀମିତ ନ ଥିଲା ବରଂ ତାହା ପ୍ରକୃତରେ ହେଉଥିଲା। ରାମାୟଣ, ମହାଭାରତ ଆଦି ଗ୍ରନ୍ଥରେ ନାରୀ ନିର୍ଯ୍ୟାତନାର ନିଚ୍ଛକ ଉଦାହରଣ ଦେଖିବାକୁ ମିଳିଥାଏ। ରାମାୟଣରେ ସୀତା, ମହାଭାରତରେ ଦ୍ରୌପଦୀ ଯେଉଁଭଳି ଭାବେ ସର୍ବସମ୍ମୁଖରେ ନିର୍ଯ୍ୟାତିତା ହୋଇଛନ୍ତି ତାହା ଏବେ ମଧ୍ୟ ସଚେତନ ବ୍ୟକ୍ତିର ଲୋମ ଟାଙ୍କୁରାଇ ଦିଏ। କବି ସମ୍ରାଟ ଭଞ୍ଜଙ୍କ ହୃଦୟ ଏହି ଅତ୍ୟାଚାରରେ ବ୍ୟଥିତ ହୋଇଛି। ସେ ନାରୀ ପୁରୁଷଙ୍କ ଜୀବନ ଓ ଆତ୍ମା ଭିତରେ କୌଣସି ପାର୍ଥକ୍ୟ ଦେଖିନାହାନ୍ତି। ତେଣୁ ତାଙ୍କ ମତରେ ଅତ୍ୟାଚାର ତ ଦୂରର କଥା ପୁରୁଷ ନାରୀ ଉପରେ ଆଧିପତ୍ୟ ବିସ୍ତାର କରିବା ଉଚିତ ନୁହେଁ। ନାରୀ ପୁରୁଷ ଦୁଇରେ, ଘେନି ଏକ ଜୀବନ କେବଳ ତନୁ ଭିନ୍ନ, ଯୋଗେ ଏକତ୍ୱ ହୋଇରେ। (ଲା.ବ.-୪୭/୧୮)

ହିନ୍ଦୁ ପୁରାଣଗୁଡ଼ିକରେ ନାରୀର ପାତିବ୍ରତ୍ୟ ଓ ସତୀତ୍ୱ ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଏଥି ନିମନ୍ତେ ବହୁବିଧ ଉପାସବ୍ରତ, କଠୋର ନୀତିନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୃନ୍ଦାବତୀ, ସୀତା, ସାବିତ୍ରୀ, ସତୀ ଅନସୂୟା ଭଳି ଚରିତ୍ରର ସତୀତ୍ୱ ଓ ପତିଭକ୍ତିର ବର୍ଣ୍ଣନା କରାଯାଇ ନାରୀମାନଙ୍କ ସେହିଭଳି ହେବାପାଇଁ ପ୍ରେରିତ କରାଯାଇଛି। ଶିବପୁରାଣ, ଲକ୍ଷ୍ମୀପୁରାଣ ଆଦିରେ ନାରୀମାନଙ୍କୁ ଦାସୀଭାବେ ବର୍ଣ୍ଣନା କରାଯାଇଛି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରାଣ ବର୍ଣ୍ଣିତ ଏହି



ମତବାଦକୁ ଗ୍ରହଣ କରିପାରିନାହାନ୍ତି। କେବଳ ସେତିକି ନୁହେଁ, ପୁତ୍ର ସନ୍ତାନକୁ ଉତ୍କୃଷ୍ଟ ବୋଲି ମାନିନାହାନ୍ତି ସେ। ତାଙ୍କ ମତରେ ପୁତ୍ର, କନ୍ୟା ଉଭୟେ ଈଶ୍ୱରଙ୍କ ଅବଦାନ। ତେଣୁ ସେମାନଙ୍କ ଭିତରେ ଶ୍ରେଷ୍ଠ ଓ ନିକୃଷ୍ଟର ପାତରଅନ୍ତର ବିଚାର ଈଶ୍ୱରଙ୍କ ଇଚ୍ଛା ନୁହେଁ। ରାଜା, ମହାରାଜା ଓ ମୋଗଲ ସମ୍ରାଟମାନଙ୍କ ଅମଳରେ ନାରୀମାନଙ୍କୁ ପଣ୍ୟଦ୍ରବ୍ୟ ଭଳି ବ୍ୟବହାର କରାଯାଉଥିଲା। କବି ଉପେନ୍ଦ୍ର ଏହା ବିରୋଧ କରିପାରିଥିଲେ। ଏକ ସୁସ୍ଥ ସୁନ୍ଦର ସମାଜ ପାଇଁ ସେ ନାରୀମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେବାକଥା ଚିନ୍ତା କରିଥିଲେ।

ଉପେନ୍ଦ୍ର ଭଞ୍ଜଙ୍କ କବିତାରେ ନାରୀର ସର୍ବଦା ମୁଖ୍ୟ ସ୍ଥାନ ରହିଛି। ତାଙ୍କର ଶହ ଶହ କାବ୍ୟରେ ନାରୀର ସ୍ଥାନ ବନ୍ଦନୀୟା ହୋଇ ରହିଛି। ନିଜସ୍ୱ ରୀତିରେ ସେ ନାରୀକୁ ଉପଯୁକ୍ତ ମର୍ଯ୍ୟାଦା ଦେବାକଥା ଚିନ୍ତା କରିଥିଲେ। ତେଣୁ ସେ ସ୍ତ୍ରୀକୁ ସମସ୍ତ ମୂଲ୍ୟବାନ୍ ରତ୍ନଠାରୁ ଭିନ୍ନ, ଅନନ୍ୟ ଓ ଅମୂଲ୍ୟ ଭାବେ ବର୍ଣ୍ଣନା କରିଛନ୍ତି। କବି ଉପେନ୍ଦ୍ର ଜାଣିଥିଲେ ସୌନ୍ଦର୍ଯ୍ୟ ଦ୍ୱାରା ନାରୀକୁ ପୁରୁଷଠାରୁ ଭିନ୍ନ ଓ ଅନନ୍ୟ କରାଯାଇପାରିବ। ତେଣୁ ତାଙ୍କର କାବ୍ୟ କବିତାରେ ସେ ନାରୀର ସୌନ୍ଦର୍ଯ୍ୟକୁ ଅତ୍ୟନ୍ତ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି। 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ଲାବଣ୍ୟବତୀ', 'ପ୍ରେମ ସୁଧାନିଧି' ଆଦି କାବ୍ୟଗ୍ରନ୍ଥରେ ସେ ନାରୀର ପ୍ରତିଟି ଅଙ୍ଗକୁ ଶବ୍ଦ ଚାତୁରୀରେ ବହୁ ଉପମା ଦେଇ ଉତ୍କର୍ଷ ପ୍ରମାଣ କରିଛନ୍ତି। କିଏ କୁରଙ୍ଗ କି ଅବା ତୁରଙ୍ଗ। ଏଣି ତେଣିକି କରାଇ ସୁରଙ୍ଗ। କିଏ ନବ ବିକଚ ପଦ୍ମଦଳ। ପଡ଼ି କାଳନ୍ଦୀ ଜଳେ ଢଳଢଳ। କିଏ ସୁଧା ସିନ୍ଧୁର ଅବତରି। ହୁଏ ତରଳ ଗରଳ ଲହରୀ। କି ଏ ଗଙ୍ଗା କଲ୍ଲୋଳେ ବାତ ଯୋଗେ। ନୀଳ ଉତ୍ପଳ ଚଳେ ଢଳେ ଦୁଇ ଦିଗେ। (ର.ଲେ. ୫-୫-୮) କେବଳ ସୌନ୍ଦର୍ଯ୍ୟରେ ନାରୀକୁ ଶ୍ରେଷ୍ଠତା ପ୍ରଦାନ କରି ଚୁପ୍ ହୋଇ ବସି ଯାଇ ନ ଥିଲେ କବି ଉପେନ୍ଦ୍ର। ଏବେଠାରୁ ତିନିଶହ ବର୍ଷ ତଳେ ମଧ୍ୟ ସେ ନାରୀ ଶିକ୍ଷାର ମହତ୍ତ୍ୱ ବିଷୟରେ ଚିନ୍ତା କରିପାରିଥିଲେ। ସେ ଜାଣିଥିଲେ ଯେ ଶିକ୍ଷିତା ନ ହେଲେ ନାରୀ ପୁରୁଷର ସମକକ୍ଷ ହୋଇପାରିବ ନାହିଁ। ତେଣୁ ନିଜର କାବ୍ୟ ନାୟିକାମାନଙ୍କୁ ସେ ବିଭିନ୍ନ ବିଦ୍ୟାରେ ପାରଦର୍ଶୀ ବିଦ୍ୟା ସହିତ ସଙ୍ଗୀତ ଶାସ୍ତ୍ର, ନୃତ୍ୟଶାସ୍ତ୍ର, ଚିତ୍ରକଳା, ତନ୍ତ୍ର ବିଦ୍ୟା, ଜ୍ୟୋତିଷ ବିଦ୍ୟାରେ ମଧ୍ୟ ପାରଙ୍ଗମ କରାଇଛନ୍ତି ସେମାନଙ୍କୁ। କେବଳ କାବ୍ୟ ନାୟିକା ନୁହେଁ ସଖୀ ଓ ଦାସୀମାନଙ୍କୁ ମଧ୍ୟ ସେ ଶିକ୍ଷିତା କରାଇ ନାରୀମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରିଛନ୍ତି। ପୁଣି ପୋଥିଗତ ବିଦ୍ୟାରେ ସନ୍ତୁଷ୍ଟ ହୋଇନାହାନ୍ତି କବି ଉପେନ୍ଦ୍ର। ବୁଦ୍ଧିବଳରେ ନାରୀ ପୁରୁଷର ସମକକ୍ଷ ହୋଇପାରିବ ଭାବି ସେ ନିଜ ରଚନାରେ ନାରୀ ଚରିତ୍ରମାନଙ୍କୁ ବିଦୂଷୀ, ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନା ଭାବରେ ଚିତ୍ରଣ କରିଛନ୍ତି। ନାରୀକୁ ପୁରୁଷର ସହକର୍ମୀ ଭାବେ ସମଭୂମିରେ ଅବସ୍ଥାପନ କରାଇଛନ୍ତି।

ନାରୀମାନଙ୍କ ସମ୍ବନ୍ଧରେ ନିଜର ମନ୍ତବ୍ୟ ଦେଇ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି, "ନାରୀରୁ ଅଧିକ ହୋଇନାହିଁ ତିନିପୁରୀ, ପରମ ପଦାର୍ଥ ଏକା ବୋଲି ସେ ନାରୀ।" ଉପେନ୍ଦ୍ର ଭଞ୍ଜଙ୍କ କଳ୍ପନାର ନାରୀ ଆଜି ସେହି ସ୍ତରରେ ପହଞ୍ଚିପାରିଛି। ଆମେ ଏବେ ନାରୀମାନଙ୍କୁ ଶିକ୍ଷା, କର୍ମକ୍ଷେତ୍ର, କଳା, ସାହିତ୍ୟ, ବିଜ୍ଞାନ, ରାଜନୀତି, କ୍ରୀଡ଼ା ଆଦି କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନରେ ଦେଖିବାକୁ ପାଉଛୁ। ଏବେ ନାରୀମାନଙ୍କ ଅଧିକାର ସମ୍ପର୍କରେ ଦାବି କରାଯାଉଛି। ମହିଳା ସଶକ୍ତୀକରଣ କଥା କୁହାଯାଉଛି। କିନ୍ତୁ ତାହା ବହୁ ବର୍ଷ ପୂର୍ବେ ଦୂରଦୃଷ୍ଟିସମ୍ପନ୍ନ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ଦେଖିବାକୁ ମିଳିଥାଏ।

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୭ ଏକ୍ସଟେନ୍‌ସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ମୋ- ୭୪୮୮୯୯୮୫୩୨**

# ଅବସର ସମୟ



ଅଲେଖ ଚନ୍ଦ୍ର ମିଶ୍ର

"What is this life if full of care, we have no time to stand and stare. W.H. Davies (Leisure)." ପ୍ରଖ୍ୟାତ ଇଂରାଜୀ କବି ଉଇଲିୟମ ହେନେରି ଡେଭିସ୍‌ଙ୍କ ଭାଷାରେ ଯେଉଁ ଜୀବନରେ ଦଣ୍ଡେ ଠିଆ ହେବା ଏବଂ କିଛି ଦେଖିବା ପାଇଁ ଫୁରସତ ନାହିଁ ସେଭଳି ଜୀବନରେ କି ଲାଭ ? ଏଥିରୁ ବ୍ୟସ୍ତବହୁଳ ଜୀବନରେ ଉଦ୍‌ବୃତ୍ତ ସମୟ, ଅବସର ବା ଫୁରସତର ତାତ୍ପର୍ଯ୍ୟ ସହଜରେ ଅନୁମେୟ। ସମୟ ଯେତିକି ମୂଲ୍ୟବାନ୍ ଅବସର ସେତିକି ଅପରିହାର୍ଯ୍ୟ। ଅବସର ବିନା ସମୟ ଅସମ୍ପୂର୍ଣ୍ଣ ଏବଂ ଜୀବନ ଅର୍ଥହୀନ। ସେଥିପାଇଁ ତ ରାତି ଓ ଦିନର ସୃଷ୍ଟି। କର୍ମକ୍ଷେତ୍ରରେ ବି ଏହାର ଆବଶ୍ୟକତା ସମ୍ୟକ୍ ଉପଲବ୍ଧ। ତେଣୁ ଶିକ୍ଷାୟତନ, ଶିଳ୍ପାୟନ, ବ୍ୟବସାୟିକ ସଂସ୍ଥା, ସରକାରୀ ଦପ୍ତର, ଘରୋଇ ସଂସ୍ଥାନ, ସାମାଜିକ ଅନୁଷ୍ଠାନ ଏ ପ୍ରତ୍ୟେକ କ୍ଷେତ୍ରରେ ସପ୍ତାହାନ୍ତ ଅବକାଶ ପାଇଁ ବ୍ୟବସ୍ଥା କରାଯାଇଅଛି। ଏପରି କି କାରାଗାରର ଶୃଙ୍ଖଳା ଭିତରେ ବି ଅନ୍ତେବାସୀଙ୍କର ଅବସର ବିନୋଦନ ପାଇଁ କେତେକ ବନ୍ଦୋବସ୍ତ କରାଯାଇଥାଏ। କର୍ମଜୀବୀଙ୍କ ପାଇଁ ମଧ୍ୟାହ୍ନ ବିରତି ଏହାର ଅନ୍ୟ ଏକ ଦୃଷ୍ଟାନ୍ତ। ଅବସରର ଅନ୍ୟତମ ଉଦ୍ଦେଶ୍ୟ ହେଲା ଏହା କ୍ଳାନ୍ତି ଓ ଅବସାଦ ଦୂର କରେ ଏବଂ କାର୍ଯ୍ୟରେ ଦକ୍ଷତା ବୃଦ୍ଧି ପାଇଁ ସହାୟକ ହୁଏ। ତେଣୁ ଧରାବନ୍ଧା ଜଞ୍ଜାଳରୁ ଟିକିଏ ତ୍ରାହି ପାଇଁ ଛୁଟିଦିନକୁ ସମସ୍ତେ ଚାତକ ପରି ଚାହିଁ ରହିଥାନ୍ତି ଏବଂ ସେ ଦିନ ଆସିଗଲେ ବିଭିନ୍ନ ଉପାୟରେ ମନୋରଞ୍ଜନ ଲାଗି ଲାଗିପଡ଼ନ୍ତି। ବଣଭୋଜି, ବନ୍ଧୁ ଦର୍ଶନ, ସିନେମା ଥିଏଟର, ରିୟଲିଟି ଶୋ', ପ୍ରବଚନ, ପାର୍କ ଭ୍ରମଣ, ଦର୍ଶନୀୟ ସ୍ଥାନ ଭ୍ରମଣ, ଅବସର ବିନୋଦନ କେନ୍ଦ୍ର, ବାର୍, ହୋଟେଲ, ରେସ୍ତୋରାଁ, କ୍ଲବ, ପାର୍ଟି, ଭୋଜିଭାତ, ଜିମ୍, ସ୍ପୋର୍ଟ୍ସ କ୍ଲବ, ସାଇବର ହବ୍, ସଙ୍ଗୀତ, ନାଇଟ୍ କ୍ଲବ(ରାଗା ଡବ୍ ଫେଷ୍ଟ ଇତ୍ୟାଦି) ଏବଂ ସାଂସ୍କୃତିକ କେନ୍ଦ୍ର ଏ ପ୍ରତ୍ୟେକ ମନୋରଞ୍ଜନ ପାଇଁ ଖୋରାକ ଯୋଗାଇଥାଏ। ଖେଳ କସରତ ମଧ୍ୟ ଏ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପାରମ୍ପରିକ ପଶାପାଲି, ଲୁଡୁ, ପୁଚି, କବାଡ଼ିଠାରୁ ଆଧୁନିକ ଖେଳ ଯାଏ ମଣିଷକୁ ଭରପୂର ଆନନ୍ଦ ଦେଇଥାଏ। ବୈଦ୍ୟୁତିକ ସରଂଜାମ ଯଥା ଟିଭି, ଭିଡିଓ, ମୋବାଇଲ, କମ୍ପ୍ୟୁଟର ଇତ୍ୟାଦି ବି ଆମୋଦପ୍ରମୋଦର ଅନ୍ୟ ଏକ ଉତ୍ସ। କିନ୍ତୁ ଅବସର ବିନୋଦନ ପାଇଁ ପୁସ୍ତକ ହିଁ ସର୍ବଶ୍ରେଷ୍ଠ ଉପାଦାନ। ବହି ମଣିଷର ଚିରସହଚର। ଯେତେ ବେଳେ ଅନ୍ୟମାନେ ତା'ଠାରୁ ଦୂରେଇଯାଆନ୍ତି ବହି ହିଁ ତା' ପାଖେ ପାଖେ ରହିଥାଏ ଏବଂ ତା'ର ସଦୁପଯୋଗ ମଣିଷର ସମସ୍ତ ଅବସାଦ ଦୂର କରିଦିଏ। ସୂଚନାଯୋଗ୍ୟ, ସଂପ୍ରତି ଦିଲ୍ଲୀରେ ଏକ ଅଭିନବ ସଂସ୍ଥା ପ୍ରତିଷ୍ଠିତ ହୋଇଛି, ଯାହାର ନାମ ବିୱାଇଓବି (BYOB) ଅର୍ଥାତ୍ 'ବ୍ରିଙ୍ଗ୍ ଇଓର୍ ଓନ୍ ବୁକ୍' କ୍ଲବ। ଏଠାରେ ପ୍ରତ୍ୟେକେ ନିଜ ନିଜର ବହି ଆଣି ପଢ଼ନ୍ତି ଏବଂ ଅନ୍ୟମାନଙ୍କ ସହିତ ବହି ଅଦଳବଦଳ କରନ୍ତି। ତାରି ମାଧ୍ୟମରେ ପରସ୍ପର ସହିତ ଭାବ ଆଦାନପ୍ରଦାନ କରନ୍ତି। ମାତ୍ର ଗଭୀର ପରିତାପର ବିଷୟ, ସମୟ ଭଳି ଏକ ଦୁର୍ଲଭ ସମ୍ପଦର ମୂଲ୍ୟ ବୁଝି ନ ପାରି ଅନେକେ ତା'ର ଅପଚୟ କରନ୍ତି ଏବଂ ଟିକିଏ ଫୁରସତ୍ ମିଳିଲେ ପରଚର୍ଚ୍ଚା, ପରଛିଦ୍ର, ପରର ଦୁର୍ବଳତା, କୁତ୍ସାରଟନା, ପରଶ୍ରୀକାତରତା ଇତ୍ୟାଦି ନକାରାତ୍ମକ ଚିନ୍ତାଧାରାରେ ମଗ୍ନ ହୋଇଯା'ନ୍ତି। ବିଶେଷକରି ଗାଁ ଗହଳିର ଗୃହିଣୀମାନେ ବୃଥା ଗପସପରେ ଯେତିକି ସମୟ ନଷ୍ଟ କରନ୍ତି ତା'ର ହିସାବ ନାହିଁ। ସେ ଗାଧୁଆତୁଠରେ ହେଉ, ଦାଣ୍ଡଦୁଆରେ ହେଉ, ସମ୍ମିଳିତ ଉପାସନା ସ୍ଥଳୀ ହେଉ କିମ୍ବା ସାହିପଡ଼ିଶାଙ୍କ ସହିତ ହେଉ ସେମାନେ ଗପରେ ଏମିତି ମଜ୍ଜିଯାଆନ୍ତି ଯେ ସମୟ କେମିତି କଟିଯାଏ ଜଣାପଡ଼େନା। ଅଳସୁଆମାନଙ୍କ ପାଇଁ ତ ସମୟ ଏକ ବୋଝ ସଦୃଶ। କିଛି କାମଦାମ ନ ଥିବାରୁ ତାଙ୍କ ମନରେ ନାନା ପ୍ରକାରର ଅସାର ଓ ଅବାସ୍ତବ କଳ୍ପନା ରୂପ ନିଏ, ଯାହା ବେଳେବେଳେ ଧ୍ୱଂସାତ୍ମକ ସାବ୍ୟସ୍ତ ହୁଏ। ତେଣୁ କୁହାଯାଏ "ଖାଲି ମସ୍ତିଷ୍କ ସୈତାନ୍‌ର ଘର(କର୍ମଶାଳା)।" ଅବସର ସମୟର ସଦୁପଯୋଗ ପାଇଁ ଆମର ପୁରାଣ ଶାସ୍ତ୍ରରେ ଅନେକ ଉପଦେଶ ଦିଆଯାଇଅଛି। ତନ୍ମଧ୍ୟରୁ ନିମ୍ନୋକ୍ତ ଆପ୍ତବାଣୀଟି ପ୍ରଣିଧାନଯୋଗ୍ୟ। "କାବ୍ୟଶାସ୍ତ୍ର ବିନୋଦେନ କାଳୋ ଗଚ୍ଛତି ଧୀମତାଂ, ବ୍ୟସନେନ ଚ ମୂର୍ଖାଣାଂ ନିଦ୍ରୟା କଳହେନ ବା।" ଅର୍ଥାତ୍ ଗୁଣୀଜନମାନଙ୍କର ସମୟ କାବ୍ୟଶାସ୍ତ୍ର ଆଲୋଚନାରେ କଟିଯାଏ। କିନ୍ତୁ ମୂର୍ଖମାନଙ୍କର ସମୟ ବିଳାସବ୍ୟସନ (ଅଳସୁଆମି), ନିଦ୍ରା କିମ୍ବା କଳହ ମାଧ୍ୟମରେ କଟେ।

**ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର, ୟୁନିଟ୍-୪, ଭୁବନେଶ୍ୱର, ମୋ:- ୯୪୩୮୬୭୩୮୯୮**

## ପାଠକ ଶ୍ରେଷ୍ଠ ବିଚାରକ

### ଆଇନଶୃଙ୍ଖଳାକୁ ନେଇ ବାକ୍‌ଯୁଦ୍ଧ

ମହାଶୟ,

ରାଜ୍ୟବାସୀଙ୍କ ଅଳସୁଆମି ଯୋଗୁ ରାଜ୍ୟର ଶାସକବର୍ଗ ସୁପ୍ତ। ଫଳରେ ସମାଜର ସାଧାରଣ ବର୍ଗର ଲୋକମାନେ ଭୀତତ୍ରସ୍ତ। ସରକାରରେ ଥିବା କ୍ୟାବିନେଟ୍ ମନ୍ତ୍ରୀ ଓ ଗୁରୁତ୍ୱପୂର୍ଣ୍ଣ ବିଭାଗ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୂର୍ବତନ ମନ୍ତ୍ରୀ ନବକିଶୋର ଦାସ ନିଜ ସୁରକ୍ଷାକର୍ମୀଙ୍କ ହାତରେ ଗୁଳିବିଦ୍ଧ ହୋଇ ମୃତ୍ୟୁବରଣ କରିବା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ରାଜ୍ୟ ଇତିହାସରେ ଏଭଳି ଘଟଣା ପ୍ରଥମ ଥର ପାଇଁ ଘଟିଛି। ଏଡି ଘଟଣାକୁ ଲକ୍ଷ୍ୟ କଲେ ଏବେ ଜନ ପ୍ରତିନିଧିଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଉକ୍ତ ଘଟଣାର ତଦନ୍ତ କ'ଣ ଚାଲିଛି ଏବଂ ଏହାର ମୋଡ଼ କୁଆଡ଼କୁ ଯିବ ତାହା ବୁଝିବା ସମଗ୍ର ରାଜ୍ୟବାସୀଙ୍କ ପାଇଁ ଏକ ଜଟିଳ ପ୍ରଶ୍ନ ସୃଷ୍ଟି କରିଛି। ବିରୋଧୀ ଓ ଶାସକଙ୍କ ମଧ୍ୟରେ ଏହି ଘଟଣାକୁ ନେଇ ବାକ୍ୟ ଯୁଦ୍ଧ ଚାଲିଛି। ତେବେ ଏଭଳି ଘଟଣାରୁ ମନେହେଉଛି ଯେ, ଶାନ୍ତିପ୍ରିୟ ଓଡ଼ିଶାରେ ଆଇନଶୃଙ୍ଖଳା ବିଗିଡ଼ିବାରେ ଲାଗିଛି।

**-ଦେବତିକ୍ତ ମିଶ୍ର, ବରିଷ୍ଠ ନାଗରିକ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ରୂପର ମୋହେ ମୁଗ୍ଧ କବି
ମୁରୁଛି ନାହିଁ ପାରେ
ଅବାକ୍ ହୋଇ ରହିଲା ଚାହିଁ
ପଥର ସେହି ଧାରେ।

-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ମାମଲା, ଅଭିଯୁକ୍ତ ଅଟକ

**ନିଶ୍ଚିନ୍ତକୋଇଲି,୧।୩(ସ୍ୱ.ପ୍ର.):** ସାଲେପୁର ଥାନା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଘଟିଥିବା ନାବାଳିକା ବଳାତ୍କାର ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଏଥିସହ ନାବାଳିକାଙ୍କ ଡାକ୍ତରୀ ମାଇନା କରାଯାଇଛି। ପୋଲିସ ଏହି ଘଟଣାରେ ପୁଙ୍ଖାନୁପୁଙ୍ଖ ତଦନ୍ତ ଜାରି ରଖିଛି। ସୋମବାର ସକାଳେ ଜଣେ ୧୨ ବର୍ଷିୟା ନାବାଳିକା ଫୁଲ ତୋଳିବାକୁ ଯାଇଥିଲେ। ନାବାଳିକା ଜଣକ ଫୁଲ ତୋଳିଆଣି ତାଙ୍କ ଘରେ ଛାତ ଉପରେ ଥିବା ଠାକୁର ଘରେ ରଖୁଥିଲେ। ଏହି ସମୟରେ ଯୋଜନାବଦ୍ଧ ଭାବେ ସେହି ଘରକୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ପ୍ରବେଶ କରି ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ଚିତ୍କାର ଶୁଣି ପରିବାର ଲୋକ ଯାଇ ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୬୪/୨୩ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଅକ୍ଷୟ କୁମାର ସ୍ୱାଇଁଙ୍କୁ ଥାନାରେ ଅଟକ ରଖାଯାଇଥିବା ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ କହିଛନ୍ତି।

### ୫ ବଖରା ଜଳିଗଲା

**ରାଜକନିକା,୧।୩(ଡି.ଏନ୍.ଏ.):** ରାଜକନିକା ପଞ୍ଚାୟତ ସମିତି ଅଧୀନ ସିହୋପଡ଼ା ଗ୍ରାମ ପଞ୍ଚାୟତର ଆଗପଡ଼ା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୫ ବଖରା ଜଳି ଯାଇଛି। ଏଥିରେ ସେହି ପରବାର ସର୍ବସ୍ୱାନ୍ତ ହୋଇଛନ୍ତି। ସୂଚନା ମୁତାବକ ରାତ୍ରି ପ୍ରାୟ ୧ଘଟିକା ସମୟରେ ବିଶ୍ୱମ୍ବର ମଲ୍ଲିକଙ୍କ ପରିବାର ଲୋକମାନେ ଶୋଇଥିବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ନିଆଁକୁ ଆୟତ୍ତ କରିବା ପୂର୍ବରୁ ୫ବଖରା ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ପରିବାର ଲୋକମାନେ ପିନ୍ଧାଲୁଗା ବ୍ୟତୀତ ଅନ୍ୟକିଛି ବଞ୍ଚାଇ ପାରିନାହାନ୍ତି। ଅଗ୍ନିକାଣ୍ଡର ଭୟାବହତା ଏତେ ମାତ୍ରାରେ ଥିଲା ଯେ, ଗ୍ରାମବାସୀ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ରାଜକନିକା ଅଗ୍ନିଶମ ବିଭାଗ ଠିକ୍ ସମୟରେ ପହଞ୍ଚି ଥିଲେ ମଧ ଘର ପାଖକୁ ଦମକଳ ଗାଡ଼ି ଯିବା ସମ୍ଭବପର ହୋଇ ନ ଥିଲା। ସେଠାରୁ ଫେରି ଭାମଣ୍ଡା ରାସ୍ତା ଦେଇ ବିଲ ବାଟେ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ଏହି ଅଗ୍ନିକାଣ୍ଡରେ ଏକ ବାଇକ୍, ଟିଭି, ୩୦ବସ୍ତା ଧାନ, ନବବଧୂର ସୁନା, ରୁପା ଅଳଙ୍କାର ସହ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ବୁଧବାର କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ବିଡିଓ ରବିନାରାୟଣ ଆଚାର୍ଯ୍ୟ, ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ, ଉପାଧକ୍ଷା ତନ୍ମୟ ରଞ୍ଜନ ଦାସ ଘଟଣାସ୍ଥଳ ପରିଦର୍ଶନ କରି ଅଗ୍ନି ବିପନ୍ନଙ୍କୁ ଭେଟି ସମବେଦନା ଜଣାଇବା ସହ ପଲିଥିନ ପ୍ରଦାନ କରିଛନ୍ତି।

# ସୌର ଶୀତଳ କକ୍ଷ ଘୋଷଣାରେ ସୀମିତ

**ପରିବା ଫସଲର ଅଭାବୀ ବିକ୍ରି, ପଞ୍ଚାୟତ ଆୟ ବୃଦ୍ଧି ପରିକଳ୍ପନା ଶୀତଳ ଭଣ୍ଡାରରେ**

**ରସୁଲପୁର,୧।୩(ଡି.ଏନ.ଏ.)**



୨୦୨୨ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଇଁ ପଞ୍ଚାୟତରେ, ଦୈନିକ ପରିବାହାଟ ନିକଟରେ ଓ ପରିବା ପରିବହନ କେନ୍ଦ୍ର ଆଦି ସ୍ଥାନରେ ସୌରଚାଳିତ ଶୀତଳ କକ୍ଷ ସ୍ଥାପନ ପାଇଁ ଘୋଷଣା କରାଯାଇଥିଲା। ହେଲେ ସରକାରଙ୍କ ଏତାଦୃଶ୍ୟ ନିଷ୍ପତ୍ତିକୁ ନେଇ ଏଯାଏ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ପାରିନାହିଁ। ଉକ୍ତ ଯୋଜନା କେବଳ ଘୋଷଣାନାମାରେ ସୀମିତ ହୋଇ ରହିଯାଇଛି। ଫଳରେ ପରିବା ଫସଲର ଅଭାବୀ ବିକ୍ରି ଓ ପଞ୍ଚାୟତ ଆୟବୃଦ୍ଧି କରିବାକୁ ଥିବା ପରିକଳ୍ପନା ଲକ୍ଷ୍ୟ ବିଫଳ ହୋଇଛି। ଚାଷୀଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ସୌରଚାଳିତ ଶୀତଳ କକ୍ଷ ଯୋଜନା ଏବେ ଶୀତଭଣ୍ଡାରରେ ରହିଯାଇଛି।

ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ଶୀତଳ କକ୍ଷ ନିର୍ମାଣ ସକାଶେ ଜାତୀୟ ଉଦ୍ୟାନ କୃଷି ମିଶନ ଓ ପୋଷ୍ଟ ହାର୍ଭେଷ୍ଟ ମ୍ୟାନେଜମେଣ୍ଟ ଇନ ହର୍ଟିକଲଚର ଯୋଜନା ଅର୍ଥରୁ ବ୍ୟୟବରାଦ ପାଇଁ ବ୍ୟବସ୍ଥା ରହିଛି। ପ୍ରଥମ ପର୍ଯ୍ୟାୟରେ ୧୦୦୦ଟି ପଞ୍ଚାୟତରେ ସୌରଚାଳିତ କୁଲ୍ ଚାମ୍ବର ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ। ଏହି ଚାମ୍ବର ନିର୍ମାଣ ପାଇଁ ୧୫ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜାତୀୟ ଉଦ୍ୟାନ କୃଷି ମିଶନରୁ ପ୍ରକଳ୍ପ ପାଇଁ ବ୍ୟୟ ଅଟକଳ ହୋଇଥିବା ଅନୁଦାନର ୫୦ ଶତକଡ଼ା ଓ ଅନ୍ୟ ଜିଲାଗୁଡ଼ିକ କ୍ଷେତ୍ରରେ ୩୫ ଶତକଡା ଅନୁଦାନ ଯୋଗାଇ ଦିଆଯିବ। ବଳକା ଅର୍ଥକୁ ପଞ୍ଚାୟତର ବିକାଶ ପାଇଁ ଉଦ୍ଦିଷ୍ଟ ଅର୍ଥରେ ସୌରଚାଳିତ ଶୀତଳ ଭଣ୍ଡାର କ୍ଷେତ୍ରରେ ବିନିଯୋଗ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଶୀତଳ କକ୍ଷ ନିର୍ମାଣ ପାଇଁ ବିଡିଓମାନେ ଜମି ଚିହ୍ନଟ କରିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପରିବା ଫସଲ ଅଭାବୀ ବିକ୍ରି ସମୟରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ଶାଗମାଛ ଦରରେ ବିକ୍ରି ନ କରି ଶୀତଳ ଭଣ୍ଡାରରେ ସାଇତି ରଖିବେ। ସେ ବାବଦକୁ ସ୍ୱଳ୍ପ ଅର୍ଥ ମାହାସୁଲ ପ୍ରଦାନ କରିବେ। ଉକ୍ତ ଅର୍ଥ ଅଦାୟ ଫଳରେ ପଞ୍ଚାୟତର ରାଜସ୍ୱ ବୃଦ୍ଧି ଘଟିବ। ଏହାକୁ ଲକ୍ଷ୍ୟ ରଖି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚକଓ୍ୱାରି ପରିବା ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ବିଶେଷକରି ଫୁଲକୋବି, ବନ୍ଧାକୋବି, ଟମାଟୋ ଆଦି ପରିବା ଚାଷୀଙ୍କୁ ବିଭାଗ ପକ୍ଷରୁ ମଞ୍ଜି ଓ ଫସଲ ରକ୍ଷଣାବେକ୍ଷଣ କ୍ଷେତ୍ରରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ମାତ୍ର ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟ ବିକ୍ରିବଟା ସମୟରେ ଉଚିତ୍ ମୂଲ୍ୟ ମିଳିପାରୁନାହିଁ। ଶୀତଳ ଭଣ୍ଡାର ନ ଥିବାରୁ ଏସବୁ ଅସୁବିଧା ହେଉଛି। ରସୁଲପୁର ବ୍ଲକଟି ଏକ କୃଷି ପ୍ରଧାନ ଅଞ୍ଚଳ। ବାରବାଟୀଠାରେ ବସୁଥିବା ଦୈନିକ ପରିବା ହାଟର ସଜ ପରିବା ରାଜ୍ୟ ଓ ରାଜ୍ୟ ବାହାରେ ପରିଚିତ। ଚଳିତ କୃଷି ବର୍ଷ ଓ ରବି ଋତୁରେ ଏହି ବ୍ଲକର ୧୦୦ହେକ୍ଟର ଜମିରେ ପରିବା ଚାଷ ପାଇଁ ୫୦୦ ଚାଷୀଙ୍କୁ ପ୍ରୋତ୍ସାହନ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ ଉତ୍ପାଦିତ କୃଷିଜାତ ଦ୍ରବ୍ୟ କଲିକତାରୁ ହାଇଦ୍ରାବାଦକୁ ସଂଯୋଗ କରୁଥିବା ୧୬ନମ୍ବର ଜାତୀୟ ରାଜପଥରେ ବାରବାଟୀ ପରିବାହାଟଠାରୁ ବିଭିନ୍ନ ସ୍ଥାନକୁ ପରିବହନ ହେଉଛି। ଏହି ହାଟ ନିକଟରେ ଶୀତଳ ଭଣ୍ଡାର ସୁବିଧା ନ ଥିବାରୁ ଚାଷୀମାନେ ଟମାଟୋ, କୋବି, ଝୁଡ଼ୁଙ୍ଗ, ବିମ୍ବ, କଲରା ଆଦି ଉତ୍ପାଦିତ ପରିବାକୁ କମ୍ ଦାମରେ ବିକ୍ରି କରି ବିପୁଳ କ୍ଷତି ସହୁଛନ୍ତି। ତେଣୁ ବ୍ଲକର ବିଭିନ୍ନ ପଞ୍ଚାୟତରେ ସୌରଚାଳିତ ଶୀତଳ କକ୍ଷ ନିର୍ମାଣ ଦିଗରେ ତ୍ୱରିତ ପଦକ୍ଷେପ ନିଆଯାଇପାରିଲେ ଚାଷୀ ଓ ପଞ୍ଚାୟତର ବିକାଶ ଦିଗରେ ସହାୟକ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ରସୁଲପୁର ବ୍ଲକ ଉଦ୍ୟାନ କୃଷି ବିଭାଗ ଅଧିକାରୀ ଜୟଦେବ ସିଙ୍ଗ୍‌ଙ୍କୁ ପଚାରିବାରୁ ସେ କହିଛନ୍ତି, ସୌର ଚାଳିତ ଶୀତଳଭଣ୍ଡାର ସ୍ଥାପନକୁ ନେଇ ତାଙ୍କୁ କୌଣସି ସୂଚନା ମିଳିନାହିଁ। ଜିଲା ଉଦ୍ୟାନ କୃଷି କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ଜିଲାପାଳଙ୍କ ସହ ଆଲୋଚନା ଜାରି ରହିଛି। ମାତ୍ର ତୃଣମୂଳସ୍ତରରେ କ'ଣ ପଦକ୍ଷେପ ନିଆଯିବ ସେ ନେଇ କୌଣସି ନିର୍ଦ୍ଦେଶ ଆସିନାହିଁ।

## ଗୋପୀନାଥଙ୍କ ବାର୍ଷିକ ଉତ୍ସବ

**ଛତିଆ,୧।୩(ଡି.ଏନ.ଏ.)**

ଯାଜପୁର ଜିଲା ଛତିଆ ନିକଟସ୍ଥ ଗୋଠମୁହଁ ଗ୍ରାମରେ ଛେନାଗୁଡ଼ ଖିଆ ପ୍ରଭୁ ଗୋପୀନାଥଙ୍କ ବାର୍ଷିକୋତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବହୁସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରଭୁଙ୍କ କୃପା ଲାଭ କରିଥିଲେ। କଟକ ଜିଲା ମାହାଙ୍ଗାର କଇଥା, ହରିପୁର, ନାଲବେଗୀ, ବଉଳା, ଗୌଡ଼ପାଟଣା, ସାତୋରୀ, ମଠସାହି, ପାଙ୍କିଲି ସାହି, ଗୋଠମୁହଁ, ସମସରପୁର ପଞ୍ଚାୟତ, ଟାଙ୍ଗୀ ବ୍ଲକର ଗୋବିନ୍ଦପୁର, ଅଡମ୍ବୁର ଏବଂ ଯାଜପୁର ଜିଲାର ଛତିଆ, ପଦ୍ମନାଭପୁର, ନେଳିଆ, ବିଦ୍ୟାଧରପୁର, ଇଛାନଗରପାଟଣା, ସପନପୁର ଏକଡାଳିଆ, ଚମ୍ପାପୁର ଆଦି ଗ୍ରାମର ଶତାଧିକ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଓଡ଼ିଶାର ପ୍ରତିଷ୍ଠିତ କଳାକାର ଶିବନନ୍ଦା ଏବଂ ସହଯୋଗୀ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ ଉପସ୍ଥିତ ଭକ୍ତଙ୍କୁ ବିଭୋର କରିଥିଲା। ଅନୁଷ୍ଠାନ ପକ୍ଷରୁ ଏକାଧିକ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ସଭାପତି ଭଗବାନ ପାଲ, ସମ୍ପାଦକ ଗୋପାଳ ସାହୁଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲା ଶିଶୁ ମଙ୍ଗଳ କମିଟି କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ



ଦାୟିତ୍ୱ ଗ୍ରହଣ କରିଥିବା ଯାଜପୁର ଜିଲା ଶିଶୁମଙ୍ଗଳ କମିଟିର କର୍ମକର୍ତ୍ତା।

**ଯାଜପୁର ଟାଉନ,୧।୩(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ନୂତନ ଭାବେ ଯାଜପୁର ଜିଲା ଶିଶୁମଙ୍ଗଳ କମିଟି ଗଠନ କରାଯାଇଛି। ୨୮।୦୨।୨୦୨୩ରେ ବିଭାଗୀୟ ପତ୍ରସଂଖ୍ୟା ୩୯୦୦ ମାଧ୍ୟମରେ ଯାଜପୁର ଜିଲା ନିମନ୍ତେ ନୂତନ ଶିଶୁ ମଙ୍ଗଳ ସମିତି ଗଠନ କରାଯାଇ ସୁଶ୍ରୀ ରେକ୍ସୋନା ଜେନା ଅଧକ୍ଷା ହୋଇଥିବାବେଳେ ଏହି ସମିତିର ସଦସ୍ୟଭାବେ ଶିକ୍ଷାବିତ୍ ଜୟନ୍ତ ଗୋସ୍ୱାମୀ, ତୃପ୍ତି ଜେନା(ମଲ୍ଲିକ), ରମେଶ ଚନ୍ଦ୍ର ସେଠୀ ଓ ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇଛନ୍ତି। ନୂତନ କମିଟି କର୍ମକର୍ତ୍ତା ବୁଧବାର ପୂର୍ବାହ୍ନରେ ବିଧିବଦ୍ଧଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ନୂତନ କମିଟି ପକ୍ଷରୁ ଜିଲା ପ୍ରଶାସନ, ସ୍ଥାନୀୟ ନେତୃମଣ୍ଡଳୀ, ବରିଷ୍ଠ ନାଗରିକ, ଜିଲାରେ କାର୍ଯ୍ୟରତ ବିଭିନ୍ନ ଶିଶୁ କଲ୍ୟାଣ ଅନୁଷ୍ଠାନ ଓ ବିଶେଷକରି ଉତ୍କଳ ବାଳାଶ୍ରମର ଯାଜପୁର ଟାଉନ ଶାଖାର ତତ୍ତ୍ୱାବଧାରିକା, କର୍ମଚାରୀ ଏବଂ ଅନ୍ତେବାସୀମାନଙ୍କୁ ବିଶେଷ କୃତଜ୍ଞତା ଜ୍ଞାପନ କରାଯାଇଛି। ନୂତନ କମିଟି କର୍ମକର୍ତ୍ତା ଦାୟିତ୍ୱ ନେବାପରେ ସ୍ଥାନୀୟ ବାଳାଶ୍ରମ ପରିସରକୁ ଯାଇ ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଛନ୍ତି।

## ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବିରେ ଭାଜପାର ଗଣଧାରଣା

**ପଟ୍ଟାମୁଣ୍ଡାଇ,୧।୩ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ ସରକାର ସବ୍‌ଡିଭିଜନ ହସ୍ପିଟାଲ ମାନ୍ୟତା ପ୍ରଦାନ କରିଥିଲେ ମଧ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ଓ ଅନ୍ୟ ପଦବୀଗୁଡିକରେ ନିଯୁକ୍ତି ଦିଆଯାଇନାହିଁ ବୋଲି ଅଭିଯୋଗ ହୋଇଛି। ଏହାକୁ ନେଇ ବୁଧବାର ପଟ୍ଟାମୁଣ୍ଡାଇ ଭାଜପା ପକ୍ଷରୁ ଗଣଧାରଣା ଦିଆଯାଇଛି। ଭାଜପା ପୂର୍ବତନ ବିଧାୟକ ଅଲେଖ କୁମାର ଜେନାଙ୍କ ନେତୃତ୍ୱରେ କର୍ମୀମାନେ ଶୋଭାଯାତ୍ରାରେ ବଜାର ପରିକ୍ରମା କରିବା ପରେ ସ୍ଥାନୀୟ ଶ୍ରୀରାମ ମନ୍ଦିର ସମ୍ମୁଖ ଯଜ୍ଞ ପଡିଆରେ ଧାରଣା ଦେଇଥିଲେ। ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ତଥା ଭୁବନେଶ୍ୱର ଜିଲା ପ୍ରଭାରୀ ଅଧାପକ ଭୁବନ ମୋହନ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଆବଶ୍ୟକ ଡାକ୍ତର ନିଯୁକ୍ତି ନ ଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ରୂପରଙ୍ଗ ବଦଳାଇ ସବ୍‌ଡିଭିଜନ ହସ୍ପିଟାଲ ମାନ୍ୟତା ଦିଆଯାଇଛି। ରାଜ୍ୟ ସରକାର ସାଧାରଣଜନତାଙ୍କୁ ଭୂଆଁ ବୁଲାଇବା ସହ ଅର୍ଥ ଉପଯୁକ୍ତ ବିନିଯୋଗ ନ କରି ଠିକାଦାରଙ୍କୁ ପୋଷୁଛନ୍ତି। ଆଗାମୀଦିନରେ ସାଧାରଣ ଜନତା ଏହାର ଉପଯୁକ୍ତ ନ୍ୟାୟ କରିବେ ବୋଲି ସେ କହିଥିଲେ। ସରକାର ସବ୍‌ଡିଭିଜନ ହସ୍ପିଟାଲରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସହ ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାକୁ ଦାବି କରିଥିଲେ।

## ରାଜନୀତି ବିଭାଗ ପକ୍ଷରୁ ଆଲୋଚନାଚକ୍ର




ଆଲୋଚନା ଚକ୍ରରେ ଯୋଗଦେଇଥିବା ଅତିଥି।

**ରସୁଲପୁର,୧।୩(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଞ୍ଚଳର ପ୍ରମୁଖ ଡିଗ୍ରୀ କଲେଜ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ(ମୁଗୁପାଳ କଲେଜ) ରାଜନୀତି ବିଭାଗ ପକ୍ଷରୁ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି ପରିବର୍ତ୍ତିତ ବିଶ୍ୱର ନେତୃତ୍ୱ ପରିକଳ୍ପନା ଓ ଏହାର ଝଲକ ଶିର୍ଷକ ଆଲୋଚନାଚକ୍ରରେ ଜାତୀୟସ୍ତରର ରାଜନୀତିଠାରୁ ଆରମ୍ଭ କରି ବିଶ୍ୱର ସାମ୍ପ୍ରତିକ ରାଜନୈତିକ ସ୍ଥିତି ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଥିଲେ। ରାଜନୀତି ଦ୍ୱାରା ସାରା ବିଶ୍ୱକୁ ନିୟନ୍ତ୍ରଣ କରାଯାଉଛି। ବିଭିନ୍ନ ଦେଶର ବୈଦେଶିକ ନୀତି ରାଜନେତାଙ୍କ ଦ୍ୱାରା ସ୍ଥିର କରାଯାଉଛି। ପରିବର୍ତ୍ତୀ ବିଶ୍ୱର ନେତୃତ୍ୱ ନେବାକୁ ହେଲେ ପ୍ରତ୍ୟେକ ନେତୃତ୍ୱକୁ ଦୀପଶୀଖା ଟିଏ ହେବାକୁ ପଡ଼ିବ। ନେତାମାନେ ଉତ୍ସର୍ଗିକୃତ ମନୋଭାଗ ନେଇ ଦୀପ ଭଳି ଜଳି ସମାଜକୁ ଆଲୋକିତ କରିପାରିଲେ ବିଶ୍ୱ ପାଇଁ ବାସ୍ତବ ଓ ନିଚ୍ଛକ ନେତୃତ୍ୱ ପରିକଳ୍ପନା କରାଯାଇ ପାରିବ ବୋଲି ମତ ପ୍ରକାଶ ପାଇଛି। ଉକ୍ତ ଆଲୋଚନାଚକ୍ରରେ କଲେଜ ଅଧ୍ୟକ୍ଷ ସୁକାନ୍ତ ପାଣି ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବରେ ଅନୁଗୁଳ ସରକାରୀ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଚିନ୍ମୟ କୁମାର ପ୍ରଧାନ ଯୋଗଦେଇ ସ୍ଥିରୀକୃତ ବିଷୟବସ୍ତୁ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ମୁଖ୍ୟ ବିଶ୍ୱଜିତ୍ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସାଂଗଠନିକ ସମ୍ପାଦିକା କାଦମ୍ବିନୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପିକା କାନ୍ତିବାଳା ପଣ୍ଡା, ଅଧାପକ ଡ. ବିଧୁଭୂଷଣ ପଣ୍ଡା, ଶିର୍ଦ୍ଧାର୍ଥ ଶଙ୍କର ରଥ, ଅଭିଲିପ୍ସା ଜେନା, ସନ୍ଦୀପ ମାଝି, ଅରୁଣ ଲାକ୍ରା, ସସ୍ମିତା ନନ୍ଦ ପ୍ରମୁଖ ବିଷୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀ ତବସୁନ ପରୱିନ୍ ଓ ଇତିଶ୍ରୀ ପାଢ଼ୀ ତାଙ୍କ ବକ୍ତବ୍ୟରେ ସ୍ୱଚ୍ଛ ଓ ମୂଲ୍ୟବୋଧ ଭିତ୍ତିକ ରାଜନେତାଙ୍କ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧାପକ ସୁରେଶ ଦାସ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟ ପକ୍ଷରୁ ଶତାଧିକ ବିଦ୍ୟାର୍ଥୀ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ବିଭାଗ ପକ୍ଷରୁ ମୁଖ୍ୟବକ୍ତା ପ୍ରଫେସର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଚମ୍ପାପୁର ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ ବିଜୟ ଉତ୍ସବ

**ବଡ଼ଚଣା,୧।୩(ଡି.ଏନ୍.ଏ.)**



ବିଜୟ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଭାଜପା କର୍ମକର୍ତ୍ତା।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୨୦୨୨ରେ ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଚମ୍ପାପୁର ଗାଁର ନିର୍ବାଚିତ ପ୍ରତିନିଧିମାନଙ୍କ ପକ୍ଷରୁ ପ୍ରଥମ ବାର୍ଷିକ ବିଜୟ ଉତ୍ସବ ସାବୋ ବଟେଶ୍ୱର ମନ୍ଦିରରେ ପାଳିତ ହୋଇଯାଇଛି। ବିକାଶ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଭାଜପା ସମ୍ପାଦକ ଅମର ନାୟକ, ମୁଖ୍ୟବକ୍ତା ଜିଲା ଭାଜପା ସମ୍ପାଦିକା ଦେବଯାନୀ ପ୍ରଧାନ, ସରପଞ୍ଚ ସୁଲୋଚନା ପ୍ରଧାନ, ସମିତି ସଭ୍ୟ ସତ୍ୟବ୍ରତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଯାତ୍ରାକୁ ଓଡ଼ିଶାରେ ପ୍ରତିପାଦନ କରିବା ପାଇଁ ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ୱାର୍ଡର ନିର୍ବାଚତି ପ୍ରତିନିଧି, ସାମାଜିକ କର୍ମୀ ସ୍ମୃତିରଞ୍ଜନ ପ୍ରଧାନ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଲକ୍ଷ୍ମୀଧର ସାହୁ, ପ୍ରଶାନ୍ତ ବେହେରା, ମାନସ ସ୍ୱାଇଁ, ସନ୍ତୋଷ ବେହେରା, ପ୍ରସନ୍ନ ଦାସ, ପୀତାମ୍ବର ବେହେରା, ସୁଶାନ୍ତ ସାହୁ, ତ୍ରିଲୋଚନ ବେହେରା, କ୍ଷୀରୋଦ ସାମଲ, ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ପଞ୍ଚାୟତର ଜନସାଧାରଣଙ୍କୁ ସ୍ୱାଗତ କରିଥିଲେ। ନାଏବ ସରପଞ୍ଚ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଦ୍ୱିତୀୟ ରେଳ ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ

**କଳିଙ୍ଗନଗର,୧।୩(ଡି.ଏନ୍.ଏ.)**

**ଆନ୍ଦୋଳନ ପାଇଁ ସଜବାଜ**

ପୂର୍ବତଟ ରେଳପଥର ଲେଭଲ୍ କ୍ରସିଂ ବ୍ୟାସନଗର ସହରକୁ ଦୁଇ ଭାଗ କରିଥିବାବେଳେ ଏହା ସହରର ଜୀବନରେଖା ସଦୃଶ ହୋଇଛି। ହେଲେ ଏଠାରେ ଦ୍ୱିତୀୟ ରେଳ ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ ହୋଇଛି। ଏଠାରେ ଥିବା ରେଳଷ୍ଟେଶନ ସର୍ବାଧିକ ଟିକସ ପୈଠ କରୁଥିଲେ ମଧ୍ୟ ପ୍ରତାରଣାର ଶିକାର ହୋଇଛନ୍ତି ସ୍ଥାନୀୟ ଅଞ୍ଚଳ ଜନସାଧାରଣ। ଦୀର୍ଘଦିନ ଧରି ସହରରେ ଯାତାୟାତ ସୁବିଧା ନିମନ୍ତେ ଦ୍ୱିତୀୟ ରେଳ ଓଭରବ୍ରିଜ ନିମନ୍ତେ ଦାବି କରାଯାଇଥିଲା। ସହରବାସୀଙ୍କ ସ୍ୱାର୍ଥ ପାଇଁ ୧ ବର୍ଷ ୪ ମାସ ତଳେ ଦ୍ୱିତୀୟ ଓଭରବ୍ରିଜ କରାଯିବା ନିମନ୍ତେ ଘୋଷଣା ହୋଇଥିଲା। ହେଲେ ଏଯାଏ ଜମି ଅଧିଗ୍ରହଣ ହୋଇ ପାରିନାହିଁ। ସେହିପରି ଏଠାରେ ରେଳ ଡିଭିଜନ କଥା ନ କହିବା ଭଲ। ନିକଟରେ ରେଳମନ୍ତ୍ରୀ ଏଠାକୁ ଆସିଥିବାବେଳେ ତାଙ୍କୁ ମଧ ଏନେଇ ଦାବିପତ୍ର ଦିଆଯାଇଥିଲା। ସେ ଏହାକୁ ପ୍ରାଥମିକତା ଦେବେ ବୋଲି କହି ଭୁଲିଗଲା ପରି ମନେହେଉଛି। ଏହାରି ଭିତରେ ଅର୍ଦ୍ଧାଧିକ ପାସେଞ୍ଜର ଟ୍ରେନ ବନ୍ଦ ଆଳରେ କିଛିକୁ ପୁନଃ ଚଳାଚଳ କରି ଏକ୍ସପ୍ରେସ ଭଡ଼ା ଆଦାୟ କରାଯାଉଛି। ସହର ମଧ୍ୟରେ ଦୁଇଟି ଲେଭଲ କ୍ରସିଂ ରହିଥିଲେ ମଧ୍ୟ ଅନେକ ସମୟରେ ଏହି ଦୁଇଟି ଲେବଲ କ୍ରସିଂ ଯୋଗୁ ଲୋକ ସର୍ବାଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟ୍ରେନ ଆସୁଥିବାକୁ ଆଳ କରି ଡାକବଙ୍ଗଳା ସଲଗ୍ନ ଲେବଲକ୍ରସିଂକୁ ଘଣ୍ଟାଘଣ୍ଟା ଧରି ପକାଇ ଦିଆଯିବା ଫଳରେ ଯାତାୟାତ ପ୍ରଭାବିତ ହେଉଛି। ଏହାରି ମଧ୍ୟରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଆମ୍ବୁଲାନ୍ସ ମଧ୍ୟ ରେଳବାଇ ପକ୍ଷପାତିତାର ଶିକାର ହେବାକୁ ବାଧ୍ୟ ହେଉଛି। ଯାହା ସହରରେ ଜନ ଅସନ୍ତୋଷ ବୃଦ୍ଧି କରୁଛି। ଗତ ରବିବାର ପୂର୍ବାହ୍ନରେ ସାଇ ମନ୍ଦିର ନିକଟରେ ଥିବା ଲେଭଲକ୍ରସିଂ ଟ୍ରେନ ଯାଉଥିବା ଯୋଗୁ ପଡ଼ିଥିଲା। ହେଲେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଗେଟ୍ ଉଠାଇଲାବେଳେ ଗୋଟିଏ ପାର୍ଶ୍ୱ ଗେଟ ଉଠିଥିବାବେଳେ ଅନ୍ୟପାର୍ଶ୍ୱଟି ଉଠି ନ ଥିଲା। ଫଳରେ ୨୫ରୁ୪୦ ମିନିଟ ଧରି ଲେଭଲ କ୍ରସିଂ ପାରହେବାକୁ ଯାତ୍ରୀମାନେ ଖରାରେ ସିଝିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ରେଳବାଇ ଅଧିକାରୀ ପହଞ୍ଚି ଏହାକୁ ମରାମତି କରାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏନେଇ ବ୍ୟାସନଗର ନାଗରିକ କମିଟି ଏବଂ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ରେଲଓ୍ୱେ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ବାଉଁଶ ଶିଳ୍ପ ସାମଗ୍ରୀ ବିବିଧକରଣ ସମ୍ପର୍କିତ ତାଲିମ ଉଦ୍‌ଯାପିତ

**ଯାଜପୁର ଟାଉନ,୧।୩(ଡି.ଏନ.ଏ.)**

ରାଜ୍ୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରତିଷ୍ଠାନ(ଏସ୍‌ସିଏସ୍‌ଟିଆର୍‌ଟିଆଇ) ତରଫରୁ ଓମ୍ୟାଡ୍‌ସି ସହାୟତାରେ ଦାନଗଦି ବ୍ଲକ ଅନ୍ତର୍ଗତ ନଡ଼ିଆଭଙ୍ଗାଠାରେ ୧୦ଦିନିଆ ତାଲିମ୍ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶକ୍ତିମୟୀ କାରିଗର ଉତ୍ପାଦକ ସଂଗଠନ ଆନୁକୂଲ୍ୟରେ ଆଦିବାସୀ ମହିଳା କାରିଗରମାନଙ୍କ ପାଇଁ ବାଉଁଶ ଶୀଳ୍ପ ସାମଗ୍ରୀର ବିବିଧକରଣ ଉପରେ ଚାଲିଥିବା ଏହି ଶିବିର ଫେବୃୟାରୀ ୨୦ରୁ ଆରମ୍ଭ ହୋଇଥିଲା। ଶିବିରରେ ସମୁଦାୟ ୫୦ଜଣ ଆଦିବାସୀ କାରିଗର ଅଂଶଗ୍ରହଣ କରିଥିଲେ। ଶିବିରର ସମାପନ ଅଧିବେଶନରେ ନଡ଼ିଆଭଙ୍ଗା ସରପଞ୍ଚ ରଶ୍ମିତା ସାହୁ, ବ୍ଲକ ଓଏଲ୍‌ଏମ୍ ପ୍ରୋଗ୍ରାମ ମ୍ୟାନେଜର ରବୀନ୍ଦ୍ର ଜେନା, ବ୍ଲକ ମଙ୍ଗଳ ଅଧିକାରୀ ମଙ୍ଗୁଳି ଚରଣ ପ୍ରଧାନ ଓ ନଡ଼ିଆଭଙ୍ଗା ସମିତିସଭ୍ୟା ବାଲେମା ତିୟୁ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟ ପ୍ରଶିକ୍ଷକ ଦେବାଶିଷ ରଏ କାରିଗରଙ୍କୁ ତାଲିମ୍ ଶିବିରରୁ ଶିଖିଥିବା କୌଶଳକୁ ବାରମ୍ବାର ଅଭ୍ୟାସ କରିବାକୁ କହିଥିଲେ। ସହ ପ୍ରଶିକ୍ଷକ ଲତା ବେହେରା କାରିଗରଙ୍କ ବେଶ୍ ଆଗ୍ରହ ଅଛି ଓ ସେମାନେ ଯଦି ଆଗ୍ରହର ସହିତ ସାମଗ୍ରୀ ତିଆରି କରିବେ ବଜାରରେ ବିକ୍ରି କରି ବେଶ୍ ଲାଭବାନ୍ ହୋଇପାରିବେ ବୋଲି ପ୍ରକାଶ କରିଥିଲେ।




ତାଲିମ ଶିବିରରେ ଯୋଗଦେଇଥିବା ଅଧିକାରୀ ଓ ମହିଳାମାନେ।

ବ୍ଲକ ମଙ୍ଗଳ ଅଧିକାରୀ କାରିଗରଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, କାରିଗରମାନେ ୧୦ଦିନ ଭିତରେ ସୁନ୍ଦର ବାଉଁଶ ଶିଳ୍ପ ସାମଗ୍ରୀ ତିଆରି କରି ପାରିଛନ୍ତି। ଅଭ୍ୟାସ କଲେ ଆହୁରି ଉନ୍ନତ ମାନର ସାମଗ୍ରୀ ତିଆରି କରି ପାରିବେ। ପ୍ରୋଗ୍ରାମ ମ୍ୟାନେଜର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାରେ କାରିଗରମାନେ ଅନ୍ତର୍ଭୁକ୍ତ ହୋଇ ବାଉଁଶ ଶିଳ୍ପର ଉନ୍ନତି କରି ପାରିବେ ବୋଲି ଆଶା କରିଥିଲେ। ନଡ଼ିଆଭଙ୍ଗା ସରପଞ୍ଚ ସାହୁ କାରିଗର ତିଆରି କରିଥିବା ବାଉଁଶ ଶୀଳ୍ପ ସାମଗ୍ରୀକୁ ଦେଖି ଖୁସିବ୍ୟକ୍ତ କରିଥିଲେ। ସେ କାରିଗରଙ୍କୁ ଆବଶ୍ୟକ ଥିବା ଟୁଲ୍ସ ପାଇଁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସଂଗଠନର ସଭାନେତ୍ରୀ ସୁପ୍ରଭା ତିରିଆ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଚିନ୍ତାମଣି ମହାପାତ୍ର ଅଧିବେଶନକୁ ସଞ୍ଚାଳନା କରିଥିଲେ। ଜିଲା ସଂଯୋଜିକା ଲକ୍ଷ୍ମୀପ୍ରିୟା ଜେନା ସଞ୍ଚାଳନା କରିବାରେ ସହାୟତା କରିଥିଲେ। ଟିକି ବେହେରା ଶିବିର ଆୟୋଜନରେ ସହଯୋଗ କରିଥିଲେ। ସଂଗଠନର କୋଷାଧ୍ୟକ୍ଷା ଶାନ୍ତିଲତା ନାୟକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବିରେ ଭାଜପାର ଗଣଧାରଣା

ପଟ୍ଟାମୁଣ୍ଡାଇ,୧।୩ (ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ ସରକାର ସବ୍‌ଡିଭିଜନ ହସ୍ପିଟାଲର ମାନ୍ୟତା ପ୍ରଦାନ କରିଥିଲେ ମଧ ଦୀର୍ଘବର୍ଷ ହେବ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ଓ ଅନ୍ୟ ପଦବୀଗୁଡିକରେ ନିଯୁକ୍ତି ଦିଆଯାଇନାହିଁ ବୋଲି ଅଭିଯୋଗ ହୋଇଛି। ଏହାକୁ ନେଇ ବୁଧବାର ପଟ୍ଟାମୁଣ୍ଡାଇ ଭାଜପା ପକ୍ଷରୁ ଗଣଧାରଣା ଦିଆଯାଇଛି। ଭାଜପା ପକ୍ଷରୁ ପୂର୍ବତନ ବିଧାୟକ ଅଲେଖ କୁମାର ଜେନାଙ୍କ ନେତୃତ୍ୱରେ କର୍ମୀମାନେ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ପରେ ସ୍ଥାନୀୟ ଶ୍ରୀରାମ ମନ୍ଦିର ସମ୍ମୁଖ ଯଜ୍ଞ ପଡିଆରେ ଧାରଣା ଦେଇଥିଲେ। ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ଗରିବ ଲୋକମାନଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ରାଜ୍ୟ ସରକାର ଲାଗୁ ନ କରିବା ଘଟଣାକୁ କଡା ସମାଲୋଚନା କରିଥିଲେ। ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ତଥା ଭୁବନେଶ୍ୱର ଜିଲା ପ୍ରଭାରୀ ଅଧ୍ୟାପକ ଭୁବନ ମୋହନ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଆବଶ୍ୟକ ଡାକ୍ତର ନିଯୁକ୍ତି ନ ଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ରୂପରଙ୍ଗ ବଦଳାଇ ସବ୍‌ଡିଭିଜନ ହସ୍ପିଟାଲ ମାନ୍ୟତା ଦିଆଯାଇଛି। ଅପରପକ୍ଷେ ଗୋଟିଏ ଡାକ୍ତରଖାନାରେ ଡାକ୍ତର ନ ଥିବା ବେଳେ କଷଣଅଣ୍ଟାଠାରେ ୧୭ କୋଟି ବ୍ୟୟରେ ଅନ୍ୟ ଏକ କ୍ରିଟିକାଲ କେଆର ହସ୍ପିଟାଲ ନିର୍ମାଣ କରିବା କୌଣସି ମୂଲ୍ୟ ନାହିଁ। ରାଜ୍ୟ ସରକାର ସାଧାରଣଜନତାଙ୍କୁ ଭୂଆଁ ବୁଲାଇବା ସହ ଅର୍ଥ ଉପଯୁକ୍ତ ବିନିଯୋଗ ନ କରି ଠିକାଦାରଙ୍କୁ ପୋଷୁଛନ୍ତି। ଆଗାମୀଦିନରେ ସାଧାରଣ ଜନତା ଏହାର ଉପଯୁକ୍ତ ନ୍ୟାୟ କରିବେ। ସରକାର ଠିକ୍ ଆକଳନ ନ କରି ପଟ୍ଟାମୁଣ୍ଡାଇବାସୀଙ୍କୁ ମରଣ ମୁହଁକୁ ଠେଲି ଦେଉଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ସରକାର ସବ୍‌ଡିଭିଜନ ହସ୍ପିଟାଲରେ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସହ ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାକୁ ଦାବି କରିଥିଲେ। ସଭା ପରେ ଭାଜପା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସବ୍‌ଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରାକାର ପରିଡାଙ୍କୁ ପ୍ରଦାନ କରାଯାଇଥିଲା।

### ଅଭିରାମ ପରମହଂସଙ୍କ ବ୍ରହ୍ମ ସନାତନ ଯଜ୍ଞ

ଡେରାବିଶ,୧।୩(ସ୍ୱ.ପ୍ର.) : ଡେରାବିଶ ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତ ପାଣିଓଲାସ୍ଥିତ ଠାକୁର ଶ୍ରୀଅଭିରାମ ପରମହଂସ ଦେବଙ୍କ ଶାନ୍ତି ଆନନ୍ଦାଶ୍ରମରେ ମଙ୍ଗଳବାର ରାତିରୁ ବ୍ରହ୍ମ ସନାତନ ଯଜ୍ଞର ଶୁଭାରମ୍ଭ ହୋଇଛି । ଆଞ୍ଚଳିକ ଭକ୍ତ ସମିତି ଦ୍ୱାରା ଆୟୋଜିତ ଏହି ଯଜ୍ଞ ଆସନ୍ତା ୩ ତାରିଖରେ ଶେଷ ହେବ । ୪ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଧର୍ମାନୁଷ୍ଠାନରେ ପୁରୀ ଜିଲା କରମଳାସ୍ଥିତ ଶାନ୍ତି ଆନନ୍ଦାଶ୍ରମର ବହୁ ବରିଷ୍ଠ ସନ୍ନ୍ୟାସୀମାନେ ଯୋଗଦେବେ। ଏଥିସହିତ ଡେରାବିଶ ବ୍ଲକ ସମେତ ଜିଲାର ବିଭିନ୍ନ ପ୍ରାନ୍ତରରୁ ଭକ୍ତଙ୍କ ସମାବେଶ ଅନୁଷ୍ଠିତ ହେବା ସହ ଦୁଇଦିନ ବ୍ୟାପୀ ଅଷ୍ଟ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେବ ବୋଲି ସମିତିର କର୍ମକର୍ତ୍ତା ସୂଚନା ଦେଇଛନ୍ତି ।

# ୫ କୋଟି ଟଙ୍କାର କାମରେ ଦୁର୍ନୀତିର ଗନ୍ଧ

ଜଗତ୍‌ସିଂହପୁର ଅଫିସ, ୧।୩

ଜଗତ୍‌ସିଂହପୁର ସଦର ମହକୁମାସ୍ଥିତ ବଙ୍ଗଳା ଛକ ନିକଟରେ ଜଳ ସମ୍ପଦ ବିଭାଗର ୧୦ ନଂ. ଡିଷ୍ଟ୍ରିବ୍ୟୁଟାରୀରେ ଏକ ବକ୍ସ କଲଭର୍ଟ କରାଯାଇଛି। ଏହି କଲଭର୍ଟଠାରୁ ବସ୍‌ଷ୍ଟାଣ୍ଡ ଆଗ ଏଲ୍‌ଆଇସି କାର୍ଯ୍ୟାଳୟ ପର୍ଯ୍ୟନ୍ତ କେନାଲ ଉପରେ ୫ କୋଟି ଟଙ୍କା ବିନିମୟରେ ବକ୍ସ କଲଭର୍ଟରେ ସମ୍ପ୍ରସାରଣ କାମ ଆରମ୍ଭ ହୋଇଛି। କିନ୍ତୁ ଏଥିରେ ବହୁ ଟଙ୍କା ଦୁର୍ନୀତିର ଗନ୍ଧ ବାରି ହେବା ସହ ବହୁ ସରକାରୀ ଅର୍ଥ ବରବାଦ ହେଉଥିବା ଗୁରୁତର ଅଭିଯୋଗ ହେଉଛି। ବଡ କଥା ନଗର ଉନ୍ନୟନ ବିଭାଗ ଜଗତ୍‌ସିଂହପୁର ପୌର ପରିଷଦକୁ ଏହି କଲଭର୍ଟ ନିର୍ମାଣ ପାଇଁ ୫ କୋଟି ଟଙ୍କା ଦେଇଥିଲା। ପରିଷଦ ଏହି ରାଶି ଜଗତ୍‌ସିଂହପୁର ଜଳ ସମ୍ପଦ ବିଭାଗକୁ ହସ୍ତାନ୍ତର କରିଥିଲା। ଜଗତ୍‌ସିଂହପୁର ସୁପରିଟେଣ୍ଡିଂ ଇଞ୍ଜିନିୟରଙ୍କ ତତ୍ତ୍ୱାବଧାନରେ କଲଭର୍ଟ ନିର୍ମାଣ ଚାଲିଛି। ହେଲେ କାମ ସଂକ୍ରାନ୍ତୀୟ କୌଣସି ସୂଚନା ପରିଷଦକୁ ଦିଆଯାଇନାହିଁ। ବରଂ ପରିଷଦ ପକ୍ଷରୁ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ପାମ ଗଛ ପିଣ୍ଡି ଭାଙ୍ଗି ଦିଆଯାଉଛି। ପାମ ଗଛଗୁଡିକ ମୂଳ ଛିଡି ଯାଉଥିବାରୁ ଏଗୁଡିକ ମରିଯିବାର ଆଶଙ୍କା ପ୍ରକାଶ ପାଇଛି। କେବଳ ଏତିକି ନୁହେଁ, ଜାତୀୟ ରାଜପଥ, ବିଏସ୍‌ଏନ୍‌ଏଲ୍, ବିଦ୍ୟୁତ୍ ବିଭାଗ ସହ ସମନ୍ୱୟ ରକ୍ଷା କରାଯାଇ ନ ଥିବାରୁ ସମସ୍ତ ବିଭାଗ କ୍ଷତିରେ ପଡିଛନ୍ତି। ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ଫୁଟ ଦୂରରେ ଏଭଳି କାମ ଚାଲିଥିବା ବେଳେ ଜିଲାପାଳ ନୀରବ ରହିବା ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



ବକ୍ସ କଲଭର୍ଟ ନିର୍ମାଣ ସମୟରେ ପାମ ଗଛର ମୂଳକୁ ଖୋଳି ଦିଆଯାଇଛି।




କାମ ପାଇଁ ଲଗାଯାଇଥିବା ଫଳକରେ ସମସ୍ତ ତଥ୍ୟ ନାହିଁ।

ବଙ୍ଗଳା ଛକ ପୁରୁଣା ବକ୍ସ କଲଭର୍ଟ ପାର୍ଶ୍ୱ ନୂଆ କଲଭର୍ଟ ନିର୍ମାଣ ସଂକ୍ରାନ୍ତୀୟ ଲୋକଙ୍କ ଅବଗତି ନିମନ୍ତେ ଏକ ବୋର୍ଡ ମରାଯାଇଛି। ଯେଉଁଥିରେ ଉଲ୍ଲେଖ ଅଛି ଜଳସମ୍ପଦ ବିଭାଗ ୧୦ନଂ. ଡିଷ୍ଟ୍ରିବ୍ୟୁଟାରୀର ଦେଉଳୀଗ୍ରାମେଶ୍ୱରଠାରୁ ରଶ୍ମି ହଲ୍ ମଧ୍ୟସ୍ଥ ପୋଷ୍ଟ ଅଫିସ ସ୍କୋୟାରରୁ ଏଲ୍‌ଆଇସି ଅଫିସ ପର୍ଯ୍ୟନ୍ତ ବକ୍ସ କଲଭର୍ଟ ନିର୍ମାଣ ପାଇଁ ବିରିଡ଼ି ବ୍ଲକ ଅଢ଼ଙ୍ଗଗଡ଼ ବାରାହାପୁର ଗାଁର ଶ୍ରାବଣୀ ଦଳାଇଙ୍କୁ ଠିକା କାମ ଦିଆଯାଇଛି। ରାଜିନାମାରେ ପ୍ରକଳ୍ପ ପରିମାଣ ୩,୬୦,୬୮,୫୩୯ ଟଙ୍କା ଥିବାବେଳେ ୨୦।୧।୨୩ରୁ କାମ ଆରମ୍ଭ ହୋଇ ୧୯।୧୨।୨୩ ମଧ୍ୟରେ ସରିବା କଥା ସ୍ପଷ୍ଟ କରାଯାଇଛି। କିନ୍ତୁ ଅନ୍ୟ ସୂଚନା ଯଥା କାମର ଦୈର୍ଘ୍ୟ, ପ୍ରସ୍ଥ, ମୋଟେଇ, ବ୍ୟବହାର ହେବାକୁ ଥିବା ସାମଗ୍ରୀର ଭାଗମାପ ଆଦି ସମ୍ପର୍କରେ କୌଣସି ସୂଚନା ନାହିଁ। ବିଶେଷକରି କେଉଁ ଗ୍ରେଡ୍‌ର କଂକ୍ରିଟ, ଷ୍ଟିଲ (ରଡ୍), ଗୋଡି ଓ ସିମେଣ୍ଟ (ବ୍ରାଣ୍ଡ ଅନୁସାରେ) ବ୍ୟବହାର ହେବ ତା' ଉପରେ ସୂଚନା ନାହିଁ। କେବଳ ଏତିକି ନୁହେଁ ସିମେଣ୍ଟ, ବାଲି, ଗୋଡି ଓ ରଡ ଆଦି କେତେ ପରିମାଣର ବ୍ୟବହାର ହେବ ତା' ଉପରେ କିଛି ଉଲ୍ଲେଖ ନାହିଁ। କାନ୍ଥ ଓ ଛାତର ଲମ୍ବ, ପ୍ରସ୍ଥ, ମୋଟେଇ ସାଙ୍ଗକୁ ତଳ ବେଡ୍‌ର କଂକ୍ରିଟ ଭାଗମାପ, ରଡ ବାଇଣ୍ଡିଂ ଗ୍ୟାପ (ଦୂରତା) ଆଦି ଉପରେ ପୂର୍ଣ୍ଣ ସୂଚନା ସ୍ପଷ୍ଟ କରାଯାଇନାହିଁ। କେହି ଏ ସମ୍ପର୍କରେ ସୁପରିଟେଣ୍ଡିଂ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟକୁ ଯାଇ ବୁଝିବାକୁ ଚେଷ୍ଟା କଲେ ମଧ ତଥ୍ୟ ଲୁଚାଯାଉଛି। ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଏହା ପାର୍ଶ୍ୱରେ ଅର୍ଥାତ ବଙ୍ଗଳା ଛକରୁ ରଶ୍ମି ଟକିଜ୍ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ପାର୍ଶ୍ୱରେ ୫୨ଟି ପାମ ଗଛ ଲଗାଯିବା ସହ ପ୍ରତି ଗଛ ଚାରିପଟେ ପିଣ୍ଡି କରାଯାଇଥିଲା। ଏବେ ପିଣ୍ଡି ଭଙ୍ଗା ଯାଇଥିବାରୁ ଏହା

- ଫଳକରେ ନାହିଁ କାମ ସଂକ୍ରାନ୍ତୀୟ ତଥ୍ୟ
- ବିଭାଗୀୟ ଅନୁମତି ନାହିଁ
- ୧୫ ଦିନ ହେଲାଣି ଶତାଧିକ ଇଣ୍ଟରନେଟ୍, ଟେଲିଫୋନ ସେବା ବିଚ୍ଛିନ୍ନ
- ଜାତୀୟ ରାଜପଥ ପ୍ରତି ବିପଦ
- ପୌର ପରିଷଦ ଟଙ୍କା ଦେଇ କାମ ବିଷୟରେ ଜାଣିପାରୁନି
- ପାମ ଗଛ ଓ ପିଣ୍ଡି ପ୍ରଭାବିତ

ମରିଯିବାର ଆଶଙ୍କା ପ୍ରକାଶ ପାଇଛି। ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହଙ୍କୁ ପଚାରିବାରେ ଆମେ ଟଙ୍କା ଦେଲୁ। କିନ୍ତୁ କାମ କିପରି ହେବ କି ହେଉଛି ତା' ଉପରେ ଆମକୁ କୌଣସି ସୂଚନା ଦିଆଯାଇନାହିଁ। ବରଂ ପରିଷଦ ପ୍ରଭୂତ କ୍ଷତି ସହୁଛି ବୋଲି କହିଥିଲେ। ବିଏସ୍‌ଏନ୍‌ଏଲ୍ ଏସ୍‌ଡିଓ ପ୍ରଣବ କୁମାର ମଲ୍ଲିକଙ୍କୁ ପଚାରିବାରେ ମନଇଛା କାମ କରି ୨ଟି କେବୁଲ ଛିଡାଇ ଦିଆଯାଇଛି। ଯେଉଁଥିପାଇଁ ୧୫ ଦିନ ହେବ ଶତାଧିକ ସରକାରୀ, ବେସରକାରୀ ସଂସ୍ଥା ଓ ବ୍ୟକ୍ତି ବିଶେଷ ଟେଲିଫୋନ ଓ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ହୋଇଛନ୍ତି। ମେଶିନ୍ ଖୋଳାଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଜାତୀୟ ରାଜପଥ ଜଗତ୍‌ସିଂହପୁର ସବ୍‌ଡିଭିଜନ ନିର୍ବାହୀ ଯନ୍ତ୍ରୀ କମଳ କୁମାର ସ୍ୱାଇଁଙ୍କୁ ପଚାରିବାରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯେହେତୁ ରାଜପଥର ଏହା ଏକମାତ୍ର ନିର୍ଭରଯୋଗ୍ୟ ରାସ୍ତା ତେଣୁ ଭାରିଯାନଠାରୁ ସମସ୍ତ ପ୍ରକାର ଗାଡିମଟର ଯାତାୟାତ କରୁଛି। ହେଲେ ଜଳସମ୍ପଦ ବିଭାଗ କାମ ଆରମ୍ଭ ପୂର୍ବରୁ ବିଭାଗକୁ ଅବଗତ କରିନାହିଁ। ଏବେ ରାଜପଥ ପାର୍ଶ୍ୱ ମନଇଚ୍ଛା ଖୋଳା ଯାଉଥିବାରୁ ବିପଦର ଯଥେଷ୍ଟ ସମ୍ଭାବନା ଅଛି। ରାଜପଥ ପଥର ମଧ କଲଭର୍ଟ ଚଟାଣରେ ବ୍ୟବହାର ହେଉଥିବା ଶୁଣାଯାଉଛି। ତା' ଉପରେ ଅନୁଧ୍ୟାନ ହେବା ସହ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଟାଟା ପାୱାର ଜଗତ୍‌ସିଂହପୁର ଡିଭିଜନ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ମହାନ୍ତି କହିଛନ୍ତି, ବିଦ୍ୟୁତ୍ କେବୁଲ ପ୍ରତି ବିପଦ ଥିବାରୁ କାମ ବନ୍ଦ କରାଯାଇଛି। ଗୁରୁବାର ଉଭୟ ଜଳସମ୍ପଦ ଓ ଟାଟା ପାୱାର ସହ ଯୁଗ୍ମ ସର୍ଭେ ପରେ କଲଭର୍ଟ କାମ ହେବ। ଏ ସମ୍ପର୍କରେ ଜଳ ସମ୍ପଦ ସୁପରିଟେଣ୍ଡିଂ ଇଞ୍ଜିନିୟର ପ୍ରତାପ ଶତପଥୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇ ନ ଥିଲା।

## ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ଅଧ୍ୟକ୍ଷ ଅଜିତଙ୍କୁ ଆକ୍ରମଣ

ପାରାଦୀପ,୧।୩(ସ୍ୱ.ପ୍ର.)

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ମଧୁବନ ଜଗନ୍ନାଥ ମନ୍ଦିର ପାଖ ବଙ୍ଗାଳିପଡ଼ା ପାଖରେ ମଙ୍ଗଳବାର ରାତିରେ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟର ଅଧ୍ୟକ୍ଷ ଅଜିତ ଦାସଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା । ୪ରୁ ୫ ଜଣ ପିସ୍ତଲ, ଭୁଜାଲି, ଲୁହାରଡ଼ ଆଦି ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିବା ପରେ ରାସ୍ତା କଡରେ ପକାଇ ପଳାଇ ଥିଲେ । ପରେ ତାଙ୍କ ପୁଅ ଗଙ୍ଗା ଦାସ ଆସି ତାଙ୍କୁ ଉଦ୍ଧାର କରି ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ମେଡ଼ିକାଲ ପଠାଯାଇଥିଲା । ସେଠାରେ ସେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଗଙ୍ଗା ବୁଧବାର ଥାନାରେ ଅଭିଯୋଗ କରିବା ପରେ ନଂ. ୯୬/୨୩ରେ ମାମଲା ରୁଜୁ ହୋଇଛି । କିନ୍ତୁ କାହାରିଙ୍କୁ ଗିରଫ କରାଯାଇନାହିଁ। ଏପରି ମରଣାନ୍ତକ ଆକ୍ରମଣ ହେବାର ଭୟ ଥିବା ଦର୍ଶାଇ ଅଜିତ ୨୦୨୨ ଡିସେମ୍ବରରୁ ଏ ପର୍ଯ୍ୟନ୍ତ ୩ ଥର ଥାନାରେ ଲିଖିତ ଭାବେ ଜଣାଇଥିଲେ। ଏହି ଆକ୍ରମଣ ଘଟଣା ପରେ ତାଙ୍କ ପୁଅ ଗଙ୍ଗା ଯେଉଁ ଅଭିଯୋଗ କରିଛନ୍ତି ସେଥିରେ ସେ ଭାଜପା ନେତା ସମ୍ପଦ ସ୍ୱାଇଁ, ପ୍ରକାଶ ତ୍ରିପାଠୀ, ବଙ୍ଗାଳିପଡ଼ା ବସ୍ତିର ଗୌରାଙ୍ଗ ମଣ୍ଡଳ,



ନିତାଇ ମଣ୍ଡଳ, ଭାଗବତ ମଣ୍ଡଳ, ପ୍ରଦୀପ ସିଂହ, ସୀତାରାମ ହାଜିରାଙ୍କ ନାମ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୧ ଡିସେମ୍ବର ୨୫ରେ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ନୂଆବଜାର ପୁରୁଣା ପାର୍କଠାରେ ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଥିଲା । ସେତେବେଳେ ଏହାକୁ ଏମ୍‌ପି ଅପରାଜିତା ଷଡଙ୍ଗୀ ଲୋକାର୍ପଣ କରିବା ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ପାରାଦୀପର ଭାଜପା ନେତା ସମ୍ପଦ ଓ ତାଙ୍କ ସମର୍ଥକମାନେ ଏହି କାର୍ଯ୍ୟକ୍ରମଠାରୁ ଦୂରେଇ ରହିଥିଲେ । ସେବେଠାରୁ ବିବାଦ ଘନୀଭୂତ ହେବା ସହ ଜିଲା ଉପସଭାପତି ଥିବା ଅଜିତ ଓ ଅନ୍ୟ କେତେଜଣ କର୍ମୀଙ୍କୁ ଦଳ ବହିଷ୍କାର କରିଥିଲା । ୨୦୨୨ରେ ବାଜପେୟୀଙ୍କ

- ଜୀବନ ପ୍ରତି ବିପଦ ବୋଲି ୩ ଥର ଥାନାରେ ଅଭିଯୋଗ ହୋଇଥିଲା
- ଭାଜପା ନେତାଙ୍କ ନାମରେ ଅଭିଯୋଗ

ଜୟନ୍ତୀ ସମାନ୍ତରାଳ ଭାବେ ପାଳନ କରାଯାଇଥିଲା । ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ଓ ଅଟଳ ମେମୋରିଆଲ ଟ୍ରଷ୍ଟ ନାମରେ ଜୟନ୍ତୀ ପାଳନ କରାଗଲା । ଏହା ପରଠାରୁ ଅଜିତଙ୍କ ନାମରେ ତାଙ୍କ ବସ୍ତିର ଲୋକମାନେ ଘରଭଙ୍ଗା ଅଭିଯୋଗ ଆଣିଥିଲେ। ଏହି ଘଟଣା ବିରୋଧରେ ୪ରୁ ୫ ଅଭିଯୋଗ ଥାନାରେ ହୋଇଛି। ପୁଣି ଅଜିତଙ୍କ ପରିବାରକୁ ଏକ ଘରିକିଆ କରାଯାଇଥିଲା। ଫେବୃୟାରୀ ୨୫ରେ ଚାକିରି ଦେବା ନାମରେ ଅର୍ଥ ଆଦାୟ ଅଭିଯୋଗ ଥାନାରେ ହୋଇଥିଲା । ଏପରି ଆରୋପ ପ୍ରତ୍ୟାରୋପ ଘଟଣାକୁ ନେଇ ସୋମବାର ଅଜିତ ଖବରଦାତା ସମ୍ମିଳନୀ କରି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଆକ୍ରମଣ ଓ ଅଭିଯୋଗ ସମ୍ପର୍କରେ ଆଇଆଇସି ସବ୍ୟସାଚୀ ରାଉତଙ୍କୁ ପଚାରିବାରେ ଏ ପର୍ଯ୍ୟନ୍ତ କାହାରିଙ୍କୁ ଗିରଫ କରାଯାଇନାହିଁ। କେବଳ ନିତାଇ ମଣ୍ଡଳ ସମ୍ପୃକ୍ତ ଥିବା ତଦନ୍ତ ସମୟରେ ଜଣାପଡିଛି। ଆଗକୁ ଅନ୍ୟ ଦିଗ ପ୍ରତି ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ମାମଲା, ଅଭିଯୁକ୍ତ ଅଟକ

ନିଶ୍ଚିନ୍ତକୋଇଲି,୧।୩(ସ୍ୱ.ପ୍ର.)

ସାଲେପୁର ଥାନା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଘଟିଥିବା ନାବାଳିକା ବଳାତ୍କାର ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଏଥିସହ ନାବାଳିକାଙ୍କ ଡାକ୍ତରୀ ମାଇନା କରାଯାଇଛି । ପୋଲିସ ଏହି ଘଟଣାରେ ପୁଙ୍ଖାନୁପୁଙ୍ଖ ତଦନ୍ତ ଜାରି ରଖିଛି। ସୋମବାର ସକାଳେ ଜଣେ ୧୨ ବର୍ଷିୟା ନାବାଳିକା ଫୁଲ ତୋଳିବାକୁ ଯାଇଥିଲେ। ନାବାଳିକା ଜଣକ ଫୁଲ ତୋଳିଆଣି ତାଙ୍କ ଘରେ ଛାତ ଉପରେ ଥିବା ଠାକୁର ଘରେ ରଖୁଥିଲେ। ଏହି ସମୟରେ ଯୋଜନାବଦ୍ଧ ଭାବେ ସେହି ଘରକୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ପ୍ରବେଶ କରି ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ଚିତ୍କାର ଶୁଣି ପରିବାର ଲୋକ ଯାଇ ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୬୪/୨୩ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଅକ୍ଷୟ କୁମାର ସ୍ୱାଇଁଙ୍କୁ ଥାନାରେ ଅଟକ ରଖାଯାଇଥିବା ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ କହିଛନ୍ତି।

## ଧ୍ୟାନକୁଦ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ପଞ୍ଚସଖା ମେଳା



ଧ୍ୟାନକୁଦ ପୀଠରେ ଯଜ୍ଞ ଚାଲିଛି।

ବିରିଡି,୧।୩ (ଡି.ଏନ.ଏ.)

ବିରିଡି ବ୍ଲକ ହାଜିପୁରସ୍ଥିତ ଦକ୍ଷିଣ ପାର୍ଶ୍ୱରେ ଥିବା ଦେବୀ ନଦୀକୂଳରେ ମାଳିକା ବର୍ଣ୍ଣିତ ପଞ୍ଚଶଖାଙ୍କ ଧ୍ୟାନ ପୀଠ ଧ୍ୟାନକୁଦ ଅବସ୍ଥିତ। ଏଠାରେ ଗୁରୁବାରଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଓ ପଞ୍ଚଶଖା ମେଳା ଅନୁଷ୍ଠିତ ହୋଇ ବୁଧବାର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ଏହି ୭ଦିନ ବ୍ୟାପୀ ଯଜ୍ଞରେ ଅଙ୍କୁରରୋପଣ, ଜଳାଧିବାସ, କଳସ ଯାତ୍ରା, ଘଟ ସ୍ଥାପନ, ମଣ୍ଡଳ ପୂଜା, ସୂର୍ଯ୍ୟପୂଜା, ଅଗ୍ନି ସ୍ଥାପନ, ସଂସ୍କାର, ପୀଠ ଦେବାତା ଓ ପଞ୍ଚ ଦେବାତା ଆହୁତି, ଗୋପୂଜା ସହ ବିଭିନ୍ନ ଦେବଦେବୀଙ୍କ ଆହୁତି ପ୍ରଦାନ କରାଯାଇଛି। ଏଥିସହ ପ୍ରତ୍ୟେହ ଭଜନ ସମାରୋହ ଏବଂ ଧ୍ୟାନକୁଦ ପୀଠର ପୀଠାଧିସ ବାବା ଅରକ୍ଷିତ ଦାସଙ୍କ ଦ୍ୱାରା ମହାପୁରୁଷ ପଞ୍ଚଶଖା ଧର୍ମ ଦର୍ଶନ, ସାହିତ୍ୟ ଓ ମାଳିକା ଆଦିର ବିଚାର କରାଯାଇଥିଲା। ଶେଷରେ ଗୋପାଳ ଭାଇମାନଙ୍କ ଦ୍ୱାରା ଲଡଡି ପରିବେଷଣ କରାଯାଇଥିଲା। ଏହାକୁ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଗହଳି ହୋଇଥିଲା। ଧ୍ୟାନକୁଦ ମନ୍ଦିର ପରିଚାଳନା କମିଟି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ବାଲିକୁଦା,୧।୩(ସ୍ୱ.ପ୍ର.)

ବାଲିକୁଦା ଥାନା ଅନ୍ତର୍ଗତ ୫୫ନଂ. ଜାତୀୟ ରାଜପଥ ତହସିଲ ଛକ ନିକଟରେ ବୁଧବାର ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ସ୍ଥାନୀୟ ବାଲିସାହି ଗାଁର ଟୁକୁନା ଦାସ (୪୫)। ଟୁକୁନା ପେସାରେ ଜଣେ ଡ୍ରାଇଭର। ତାଙ୍କର ନିଜସ୍ୱ ଗୋଟିଏ ମାଲବାହୀ ଅଟୋ(ନଂ. ଓଡି ୨୧ ଡି ୮୨୦୧) ରହିଥିଲା। ଉକ୍ତ ଅଟୋକୁ ସେ ନିଜେ ଡ୍ରାଇଭିଂ କରି ଯାହା ରୋଜଗାର କରନ୍ତି ସେଥିରେ ପରିବାର ପ୍ରତିପୋଷଣ କରନ୍ତି। ପୂର୍ବାହ୍ନ ୧୧ ଟାରେ ସେ ଅଟୋ ନେଇ ଭଡ଼ା ସାରି ଘରକୁ ଫେରୁଥିଲେ। ତହସିଲ ଛକ ନିକଟରେ ରାସ୍ତା କଡ଼କୁ ହଠାତ୍ ଅଟୋଟି ଓଲଟି ପଡିଥିଲା। ସେ ଅଟୋରୁ ଗଳିପଡ଼ିବା ଫଳରେ ଡାଲା ମାଡ଼ରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ସ୍ଥାନୀୟ ଲୋକେ ଅଟୋକୁ ଟେକି ତାଙ୍କୁ ବାହାର କରି ସଙ୍ଗେ ସଙ୍ଗେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏ ନେଇ



ଥାନାରେ ନଂ. ୯୮/୨୩ରେ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହକୁ ଜବତ କରି ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଟୁକୁନାଙ୍କ ପରିବାର କହିଲେ, ସ୍ତ୍ରୀ ପ୍ରଭାତୀ ଓ ୧୪ ବର୍ଷର ଝିଅ ରହିଛନ୍ତି। ପ୍ରଭାତୀ ବାଲିକୁଦା ପଞ୍ଚାୟତ ୩ ନଂ. ୱାର୍ଡ ସଭ୍ୟା ଅଛନ୍ତି। ଟୁକୁନାଙ୍କ ମୃତ୍ୟୁ ଖବର ପାଇଁ ଜିଲା ପରିଷଦ ସଭ୍ୟ ଜଟାଧାରୀ ଦାସ, ସରପଞ୍ଚ ରାଜକିଶୋର ସାହୁ, ବିଜେଡି ନେତ୍ରୀ ଶୁଚିସ୍ମିତା ମହାନ୍ତି, ଶୁଭେନ୍ଦ୍ର ଦାସ, ଶ୍ରୀକାନ୍ତ ଦାସ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ମାସକ ମଧ୍ୟରେ ଧାର୍ଯ୍ୟଲକ୍ଷ୍ୟ ପୂରଣ ନେଇ ସନ୍ଦେହ

ନାଉଗାଁ,୧।୩ (ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକରେ ଚାଷୀଙ୍କଠାରୁ ଧାନ ସଂଗ୍ରହ ପାଇଁ ୭ଟି ମଣ୍ଡି ଖୋଲାଯାଇଛି। ସେଥିମଧ୍ୟରୁ ୬ଟି ସୋସାଇଟି ରହିଥିବା ବେଳେ ପ୍ରଥମ ଥର ନନ୍ଦମଣୀ ସ୍ୱୟଂ ସହାୟିକା ଦଳକୁ ଧାନ ସଂଗ୍ରହ ପାଇଁ ଦାୟିତ୍ୱ ଦିଆଯାଇଛି। ଜାନୁୟାରୀ ପ୍ରଥମ ସପ୍ତାହରେ ୭ଟି ଯାକ ମଣ୍ଡି ଖୋଲା ଯାଇଥିବାବେଳେ ମାର୍ଚ୍ଚ ୩୧ ସୁଦ୍ଧା ଚାଷୀଙ୍କଠାରୁ ସମସ୍ତ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ଧାନ ସଂଗ୍ରହ ପାଇଁ ସରକାରଙ୍କ ପାଖରେ ମାସେ ସମୟ ରହିଛି। ଅଦ୍ୟାବଧି ଉକ୍ତ ୭ଟି ମଣ୍ଡିରୁ ମାତ୍ର ୫୧.୭୨ ପ୍ରତିଶତ ଧାନ ସଂଗ୍ରହ କରାଯାଇଛି। ଜାନୁୟାରୀରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ୨୩୧୪ ଜଣ ଚାଷୀ ୭୮, ୯୭୨.୩୫ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଛନ୍ତି। ଅନେକ ଧାନ ମଣ୍ଡିରେ ପଡ଼ି ରହିଥିବା ବେଳେ ତାହାକୁ ଚାଷୀମାନେ ଜଗି ବସିଛନ୍ତି। ମିଲରମାନେ ଆବଶ୍ୟକ ସଂଖ୍ୟକ ଗାଡି ଆଣି ପାରୁ ନ ଥିବରୁ ଧାନ ଯିବାରେ ସମସ୍ୟା ସୃଷ୍ଟି ହୋଇଛି।



ନାଉଗାଁର ଏକ ମଣ୍ଡିରେ ଧାନ ବସ୍ତା ପଡି ରହିଛି।

ବ୍ଲକରେ ଥିବା ଚାଷୀଙ୍କ ପାଖରେ ୧,୩୬,୯୯୦ କୁଇଣ୍ଟାଲ ଧାନ ଥିବା ବେଳେ ସେଥିରୁ ବିଭିନ୍ନ ସୋସାଇଟି ମାଧ୍ୟମରେ ୯୦.୫୦୦ କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଅବଶିଷ୍ଟ ୪୬,୪୯୦ କୁଇଣ୍ଟାଲ ଧାନ କେବେ ଯିବ ତାହା ଅନିଶ୍ଚିତତା ମଧ୍ୟରେ ରହିଛି। ଫଳରେ ଧାନ ବିକ୍ରି କରିପାରି ନ ଥିବା ଚାଷୀ ଚିନ୍ତାରେ ପଡିଛନ୍ତି। ଋଣ ସମେତ ଧାର, ଉଦ୍ଧାର କରି ଚାଷୀ ବହୁ କଷ୍ଟରେ ଧାନ ଚାଷ କରିଥିଲେ। ଧାନ ବିକ୍ରି ହେଲେ ଋଣ ଶୁଝିବା ପାଇଁ ବସିଥିବା ବେଳେ ତାହା ସମ୍ଭବ ହୋଇପାରୁନାହିଁ।

ସୂଚନାଯୋଗ୍ୟ, ବ୍ଲକର ଗଜରାଜପୁର ମଣ୍ଡିରେ ୯୭୮ ଜଣ ଚାଷୀ ନାମ ପଞ୍ଜୀକୃତ ହୋଇଥିବା ବେଳେ ୩୧ ହଜାର କୁଇଣ୍ଟାଲ ଧାନ ଦେବାକୁ ଟୋକନ ଆବଶ୍ୟକ ଥିବା ବେଳେ ସରକାରଙ୍କ ପକ୍ଷରୁ ୧୯ ହଜାର ୫ଶହ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଟୋକନ ପ୍ରଦାନ କରାଯାଇଛି। ସେହିପରି ଅଲଣା ମଣ୍ଡିରେ ୫୭୪ ଜଣ ଚାଷୀ ପଞ୍ଜୀକୃତ କରିଥିବା ବେଳେ ୨୨,୩୮୩ କୁଇଣ୍ଟାଲ ଧାନ ଦେବାକୁ ଆବଶ୍ୟକ ଥିବାବେଳେ ୧୪ହଜାର କୁଇଣ୍ଟାଲ ଧାନ, ଶିଖର ମଣ୍ଡିରେ ୫୩୬ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୧୬ ହଜାର ୮ ଶହ କୁଇଣ୍ଟାଲ ଆବଶ୍ୟକ ଥିବାବେଳେ ୧୨ ହଜାର କୁଇଣ୍ଟାଲ, ତିରୁଣା ମଣ୍ଡିରେ ୮୮୨ ଚାଷୀ ପଞ୍ଜୀକୃତ ହୋଇଥିବାବେଳେ ୨୨ ହଜାର ୫ଶହ କୁଇଣ୍ଟାଲ ଧାନ ଆବଶ୍ୟକ ଥିବାବେଳେ ୧୪ ହଜାର ୫ଶହ କୁଇଣ୍ଟାଲ, ନାଉଗାଁ ମଣ୍ଡିରେ ୬୬୨ ଜଣ ଚାଷୀ ନାମ ପଞ୍ଜୀକୃତ କରିଥିବା ବେଳେ ୨୧ ହଜାର ୮ଶହ କୁଇଣ୍ଟାଲ ଧାନ ଆବଶ୍ୟକ ଥିବା ବେଳେ ୧୫ ହଜାର ୫ ଶହ କୁଇଣ୍ଟାଲ ଧାନ, ଡେରିକି ମଣ୍ଡିରେ ୮୪୩ ଜଣ ଚାଷୀ ପଞ୍ଜୀକୃତ କରିଥିବା ବେଳେ ୨୧ ହଜାର ୯ ଶହ ୭ କୁଇଣ୍ଟାଲ ଧାନ ଟୋକନ ଆବଶ୍ୟକ ଥିବା ବେଳେ ସରକାରଙ୍କ ପକ୍ଷରୁ ୧୫ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଟୋକନ ପ୍ରଦାନ କରାଯାଇଛି। ସେହିପରି ନନ୍ଦମଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ମଣ୍ଡିରେ ୯୯ ଜଣ ଚାଷୀ ନାମ ପଞ୍ଜୀକୃତ କରିଥିବା ବେଳେ ୬ ଶହ କୁଇଣ୍ଟାଲ ଧାନ ପ୍ରଦାନର ଆବଶ୍ୟକତା ରହିଥିବା ଜଣାଯାଇଛି। ସରକାର ପ୍ରତି ସୋସାଇଟିକୁ ଦେଇଥିବା ଲକ୍ଷ୍ୟ ଧାର୍ଯ୍ୟ ପରେ ବଳକା ଧାନ କେବେ ଯିବ ସେ ବିଷୟରେ ଜିଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ରଙ୍କୁ ପଚାରିବାରେ ସରକାରଙ୍କ ପକ୍ଷରୁ ଯେଉଁ ଟାର୍ଗେଟ ଆସୁଛି ସେହି ଅନୁସାରେ ପ୍ରତି ସୋସାଇଟିକୁ ଟାର୍ଗେଟ ବଣ୍ଟନ କରାଯାଉଥିବା ସେ କହିଛନ୍ତି।

- ୭ ମଣ୍ଡିରୁ ମାତ୍ର ୫୧.୭୨ ପ୍ରତିଶତ ଧାନ ଉଠିଛି
- ନାଉଗାଁ ବ୍ଲକ ଅଞ୍ଚଳର ଚାଷୀ ଧାନ ଜଗି ମଣ୍ଡିରେ ପଡ଼ିଛନ୍ତି

## ଆଜି କ'ଣ କେଉଁଠି

**ଛତ୍ରପୁର**
- ଜିଲ୍ଲାସ୍ତରୀୟ ଏମ୍‌ଏସ୍‌ଏମ୍‌ଇ ପ୍ରଦର୍ଶନୀ ଖବରଦାତା ସମ୍ମିଳନୀ। ସ୍ଥାନ – ଜିଲ୍ଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷ, ସମୟ – ପୂର୍ବାହ୍ନ ସାଢ଼େ ୧୧ଟା

**ସୋରଡ଼ା**
- ମହିଳା ଗୋଷ୍ଠୀଙ୍କୁ ସାଇକେଲ ବଣ୍ଟନ, ସ୍ଥାନ- ବିଜୁ ବଜାର ପ୍ରାଙ୍ଗଣ। ସମୟ-ପୂର୍ବାହ୍ନ ୧୦ଟା।

**ବୁଗୁଡା**
- ୪୮ ପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ ଆରମ୍ଭ। ସ୍ଥାନ-ଭାମଶିଆଳି, ସମୟ-ସକାଳ ୬ଟା ୫୫ମିନିଟ

**ଭଞ୍ଜନଗର**
- ଟାଟା ପାୱାର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା, ସ୍ଥାନ- ଭଞ୍ଜନଗର, ସମୟ-ପୂର୍ବାହ୍ନ ୧୦ ଟା।

## ସଂକ୍ଷେପରେ

### ଭତ୍ତା ପାଇଁ ବ୍ଲକ୍ ଯାଇ ହିତାଧିକାରୀ ନୟାନ୍ତ

ଖଜୁରିପଡ଼ା,୧।୩-ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟଠାରୁ ବ୍ଲକ କାର୍ଯ୍ୟାଳୟ ଯାଏ ହିତାଧିକାରୀଟିଏ ଭତ୍ତା ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲା। ଭତ୍ତା ପାଇଁ ହିତାଧିକାରୀଙ୍କୁ ବ୍ଲକ କାର୍ଯ୍ୟାଳୟ ବିଳମ୍ବ କରୁଛି, ଯଦ୍ୱାରା ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ପାଇବା ପାଇଁ ହିତାଧିକାରୀ ବାରମ୍ବାର ବ୍ଲକ କାର୍ଯ୍ୟାଳୟରେ ଭତ୍ତା ବିଭାଗରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ପଚାରି ପଚାରି ବୁଝି ଘରକୁ ହତାଶ ହୋଇ ଫେରୁଛନ୍ତି। ଗାଁ ଗଣ୍ଡାରୁ ଲୋକମାନେ ଗାଡ଼ି ଭଡ଼ା ସାରି ଭୋକ ଉପବାସରେ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ି ହଇରାଣ ହେଉଛନ୍ତି। ଏହି ଘଟଣା ଘଟିଛି ଖଜୁରିପଡ଼ା ବ୍ଲକରେ। ତେଣୁ ଜିଲ୍ଲା ପ୍ରଶାସନ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ଏବଂ ଠିକ୍ ସମୟରେ ହିତାଧିକାରୀ ଭତ୍ତା ପ୍ରଦାନ କରାଯାଉ ବୋଲି ହିତାଧିକାରୀ ଅନୁରୋଧ କରିଛନ୍ତି।

### ପାଟଖଣ୍ଡା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ବାଲିଗୁଡା,୧।୩(ଡି.ଏନ.ଏ.)-ବାଲିଗୁଡା ସ୍ଥିତ ପାଟଖଣ୍ଡା ପବ୍ଲିକ ସ୍କୁଲର ୨୫ ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଏମ୍.ଏସ. ମଧୁମିତା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ରୋହିତ ବର୍ମା, ବାଲିଗୁଡା ଥାନା ଅଧିକାରୀ ବାବା ଶଙ୍କର ସରାଫ, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀ, ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ସେକ ସାଦିକ, ଉପ ସଭାପତି ଡ.ବିଚିତ୍ରାନନ୍ଦ ଆଚାର୍ଯ୍ୟ, ବିଦ୍ୟାଳୟ ଅଧକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସାଦିକ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିପ୍ରଭା ଦାସ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ଓ ଶିକ୍ଷକ ଦୀପକ କୁମାର ମୁଖୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।

### ବୁଗୁଡାରେ ୨୫୫ ପରୀକ୍ଷାର୍ଥୀ

ବୁଗୁଡ଼ା,୧।୩(ଡି.ଏନ.ଏ.)-ବୁଧବାର +୨ ବିଜ୍ଞାନ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ବୁଗୁଡ଼ା ଅଞ୍ଚଳର ୩ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୫୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ଜଣାପଡ଼ିଛି। ବୁଗୁଡ଼ା ପିପୁଲ୍ସ କଲେଜ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ୍ ମନୋଜ କୁମାର ଦାସଙ୍କ ତତ୍ତ୍ୱାବଧାନରେ ୧୬୩ ଜଣ, ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ୍ ବି.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ୪୮ ଜଣ ଓ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ୍ ଅନୁପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୪୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। କପିକୁ ରୋକିବା ପାଇଁ ପରୀକ୍ଷାର୍ଥୀଙ୍କୁ କଡାକଡି ଭାବେ ଯାଞ୍ଚ କରାଯାଇଥିବା ବେଳେ ଉକ୍ତ ୩ଟି କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପ୍ରଥମ ଦିନର ପରୀକ୍ଷା ସମ୍ପନ୍ନ ହୋଇଥିବା ଜଣାପଡ଼ିଛି।

### ଆସିକାରେ ୨୮୩ ପରୀକ୍ଷାର୍ଥୀ

ଆସିକା,୧।୩ (ଡି.ଏନ.ଏ.)-ଆସିକା ଓ ଆଖପାଖ କଲେଜରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଶୃଙ୍ଖଳାର ସହ ସରିଥିଲା ବେଳେ ବିଭିନ୍ନ କଲେଜର ସମସ୍ତ ପରୀକ୍ଷାର୍ଥୀ ପରୀକ୍ଷାରେ ଯୋଗ ଦେଇଥିଲେ। ଆସିକା ବିଜ୍ଞାନ କଲେଜ ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ୧୮୩ ପରୀକ୍ଷାର୍ଥୀ, ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ଗଣେଶ୍ୱର ମାଝିଙ୍କ ତତ୍ତ୍ୱାବଧାନରେ ୭୦ ପରୀକ୍ଷାର୍ଥୀ, କେନ୍ଦୁପଦରସ୍ଥିତ ଏନ୍‌ବିସି କଲେଜର ଅଧକ୍ଷ ଡ. ସୁରେନ୍ଦ୍ରନାଥ ସାବତଙ୍କ ତତ୍ତ୍ୱାବଧାନରେ ୩୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି।

# ୭ ଦିନରେ ୬, ୨୩, ୬୩୨ କଇଁଛଙ୍କ ଅଣ୍ଡାଦାନ

## ଋଷିକୁଲ୍ୟା ମୁହାଣ ସମୁଦ୍ର ବେଳାଭୂମିରେ ରେକର୍ଡ

ଗଞ୍ଜାମ,୧।୩(ଡି.ଏନ.ଏ.)

ଗଞ୍ଜାମ ଜିଲାର ଋଷିକୁଲ୍ୟା ମୁହାଣ ସମୁଦ୍ର ବେଳାଭୂମିରେ ବିରଳ ପ୍ରଜାତିର ଅଲିଭ ରିଡ୍‌ଲେ ସାମୁଦ୍ରିକ କଇଁଛମାନଙ୍କ ସାମୂହିକ ଅଣ୍ଡାଦାନ ଜାରି ରହିଛି। ସାତ ଦିନ ମଧ୍ୟରେ ସର୍ବକାଳୀନ ରେକର୍ଡ ସୃଷ୍ଟି ହୋଇଛି। ଗତ ଗୁରୁବାରଠାରୁ ବେଳାଭୂମିରେ ଆରମ୍ଭ ହୋଇଥିବା ଗଣ ଅଣ୍ଡାଦାନ ବୁଧବାର ସକାଳ ସୁଦ୍ଧା ୬ ଲକ୍ଷ ୨୩ହଜାର ୬୩୨ଟି ସାମୁଦ୍ରିକ କଇଁଛ ସାମୂହିକ ଅଣ୍ଡାଦାନ କରିଥିବା ଡିଏଫଓ ଅମ୍ଲାନ ନାୟକ ସୂଚନା ଦେଇଛନ୍ତି, ଯାହାକି ଗତ ବର୍ଷ ରେକର୍ଡ ସଂଖ୍ୟକ ଅଲିଭ ରିଡଲେଙ୍କ ସାମୂହିକ ଗଣ ଅଣ୍ଡାଦାନ ୫ଲକ୍ଷ ୫୦ ହଜାର ହୋଇଥିବା ବେଳେ ଚଳିତ ବର୍ଷ ତା'ଠାରୁ ଢେର ବୃଦ୍ଧି ହୋଇଛି। ମଙ୍ଗଳବାର ରାତ୍ରଠାରୁ ବୁଧବାର ସକାଳ ମଧ୍ୟରେ ୨୩ହଜାର ୨୨୩ ଗୋଟି କଇଁଛଙ୍କ ଗଣ ଅଣ୍ଡାଦାନ ହୋଇଛି। ସେହିପରି ଗତ ଗୁରୁବାର ସକାଳଠାରୁ ସନ୍ଧ୍ୟା ୬ଟାରେ ୫୧ ହଜାର ୩୨୩, ସନ୍ଧ୍ୟା ୬ଟାଠାରୁ ଶୁକ୍ରବାର ସକାଳ ମଧ୍ୟରେ ୧ ଲକ୍ଷ ୩୪ହଜାର ୨୩୬, ଶୁକ୍ରବାର ରାତ୍ରରୁ ଶନିବାର ସକାଳ ମଧ୍ୟରେ ୧ଲକ୍ଷ ୩୮ହଜାର ୮୨୯, ଶନିବାର ରାତ୍ରରୁ ରବିବାର ସକାଳ ମଧ୍ୟରେ ୧ଲକ୍ଷ ୪୦ ହଜାର ୯୨୯, ରବିବାର ରାତ୍ରରୁ ସୋମବାର ସକାଳ ମଧ୍ୟରେ ୯୨ ହଜାର ୫୨୩, ସୋମବାରଠାରୁ ମଙ୍ଗଳବାର ସକାଳ ମଧ୍ୟରେ ୪୨ ହଜାର ୫୨୯ଅଲିଭ ରିଡଲେ ଗଣ ଅଣ୍ଡାଦାନ କରିଥିବା ଜଣାପଡିଛି। ବନ ବିଭଗୀୟ ଅଧିକାରୀ, କର୍ମଚାରୀ ଅଲିଭ ରିଡଲେ ଓ ଗଣ ଅଣ୍ଡାଦାନ ସ୍ଥଳ ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରିଥିବା ପରିଲକ୍ଷିତ ହୋଇଛି। ତହସିଲଦାର ଅରୁଣ କୁମାର ନାୟକ ଘନ ଘନ ସମୁଦ୍ର ବେଳାଭୂମି ମୁହାଣ ଯାଇ କଇଁଛ ଓ ଅଣ୍ଡା ସୁରକ୍ଷିତ ଅଛି ନାଁ ନାହିଁ ପଚାରି ବୁଝୁଛନ୍ତି। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ କଇଁଛଙ୍କ ଅଣ୍ଡା ଦାନ ହ୍ରାସ ହେବ ବୋଲି ପରିବେଶବିତ ମାନେ ଅନୁମାନ କରିଛନ୍ତି।


ସାମୁଦ୍ରିକ କଇଁଛଙ୍କ ଗଣ ଅଣ୍ଡାଦାନ।

# ଭାଇ ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

ପାରଳାଖେମୁଣ୍ଡି, ୧।୩(ଡି.ଏନ୍.ଏ.)

ଗଜପତି ଜିଲା ତଥା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ଏକ ହତ୍ୟା ମାମଲାକୁ ବିଚାର କରି ଦୋଷୀକୁ ଆଜୀବନ କାରାଦଣ୍ଡ ସହ ୨୧ହଜାର ଟଙ୍କା ଜରିମାନା ଭରିବା ପାଇଁ ଶୁଣାଣି କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ତାରକେଶ୍ୱର ବେହେରା (୨୭)। ପ୍ରକାଶ ଯେ, ୨୧।୦୬।୨୦୧୯ ତାରିଖରେ ଚିନ୍ତାପଲ୍ଲୀ ଗ୍ରାମର ଅପରାଧୀ ତାରକେଶ୍ୱର ନିଜର ବଡ ଭାଇ ସନ୍ତୋଷ ଓରଫ ସୁନ୍ଦର ବେହେରାଙ୍କ ଘରକୁ ଯାଇ ଗାଳିଗୁଲଜ କରିଥିଲେ। ଏହାପରେ ନିଜ ଘରୁ ଏକ ଟାଙ୍ଗିଆ ଆଣି ଗାଁ ଦାଣ୍ଡରେ ସୁନ୍ଦରଙ୍କୁ ଗୋଡାଇ ଗୋଡାଇ ଚୋଟ ମାରିଥିଲେ। ସୁନ୍ଦରଙ୍କ ସ୍ତ୍ରୀ ମୋହିନୀ ସ୍ୱାମୀଙ୍କୁ ରକ୍ଷା କରିବା ବେଳେ ଆକ୍ରମଣର ଶିକାର ହୋଇଥିଲେ। ପରେ ତାରକେଶ୍ୱରଙ୍କ ଟାଙ୍ଗିଆ ଚୋଟରେ ଘଟଣାସ୍ଥଳରେ ସୁନ୍ଦରଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ମୋହିନୀ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଏଥିରେ ତାଙ୍କ ଶାଶୁ ସୁଶୀଳା ସହଯୋଗ କରିଥିଲେ ବୋଲି ଏତଲାରେ ଉଲ୍ଲେଖ କରିଥିଲେ। ଏନେଇ ଗୁରାଣ୍ଡି ଥାନା ଅଧିକାରୀ ଉକ୍ତ ମାମଲାଟିକୁ ରୁଜୁ କରିବା ସହ ଏସ୍‌ଆଇ ମୁକେଶ ଲାକ୍ରା ଚାର୍ଜଶିଟ ଦାଖଲ କରିଥିଲେ। ଅଦାଲତରେ ସରକାରଙ୍କ ତରଫରୁ ୧୬ଟି ସାକ୍ଷ୍ୟ ଗ୍ରହଣ କରାଯାଇଥିଲା ଏବଂ ଜବତ ହୋଇଥିବା ଟାଙ୍ଗିଆ ଓ ଅନ୍ୟାନ୍ୟ ସାମଗ୍ରୀକୁ ଅଦାଲତରେ ଦାଖଲ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ଓ ଦଲିଲକୁ ବିଚାରକୁ ନେଇ ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। କିନ୍ତୁ ସୁଶୀଳା ବେହେରାଙ୍କ ବିରୋଧରେ ସାକ୍ଷ୍ୟ ଅଭାବ ହେତୁ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ତରଫରୁ ଉକ୍ତ ମକଦ୍ଦମାକୁ ପିପି ଶରତ ଚନ୍ଦ୍ର ପ୍ରଦାନ ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ପୀଡ଼ିତ ପରିବାରକୁ ସରକାର କ୍ଷତିପୂରଣ ଦେବା ପାଇଁ ମଧ ଅଦାଲତ ଜିଲା ଆଇନ ସେବା ପ୍ରାଧିକରଣ ଗଜପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ୧୯୭୪ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



ଧରାକୋଟ,୧।୩(ଡି.ଏନ୍.ଏ.)

ଧରାକୋଟ ସ୍ଥିତ ରାଜ ଉଚ୍ଚ ବିଦ୍ୟାଳୟରେ ୧୯୭୪ରେ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରମାନଙ୍କର ବନ୍ଧୁ ମିଳନ କାର୍ଯ୍ୟକ୍ରମ ନିକଟସ୍ଥ ଶାନ୍ତିଝର ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ସହଯୋଗୀ ବନ୍ଧୁ ନିଜ ନିଜର ବିତାଇଥିବା ସମୟର ଅମୂଲ୍ୟ କଥା ପ୍ରକାଶ କରିଥିଲେ। ଅତୀତର ପାଠ ପଢା, ଖେଳ କୁଦ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ସହ ବ୍ୟକ୍ତିଗତ ଜୀବନ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ରହି ପାରିବାରିକ ପରିବେଶ ସହ ଜଡ଼ିତ ହୋଇ ସମୟ ବିତାଉ ଥିବା ନେଇ ନିଜ ନିଜ ମଧ୍ୟରେ ଖୁସି ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଆଶିଷ ପାଣିଗ୍ରାହୀ, ଅରକ୍ଷିତ ପାତ୍ର, ସୁବାସ ଚନ୍ଦ୍ର ରାୟ ସାମନ୍ତ, ଅଶୋକ ବରାଡ, ଡାକ୍ତର ନାରାୟଣ ସୁବୁଦ୍ଧି, କୃଷ୍ଣ ସିଂହ, ପ୍ରଦୀପ ମିଶ୍ର, ଲଡ୍ଡୁ କିଶୋର ସୁବୁଦ୍ଧି ଓ କୃତ୍ତିବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକ ରମେଶ ଜେନାଙ୍କ ବୟାନ ରେକର୍ଡ

## ବନ୍ଧାଗୁଡ଼ା ହତ୍ୟା ଘଟଣା

ବ୍ରହ୍ମପୁର ଅଫିସ,୧।୩

୨୦୧୫ ନଭେମ୍ବର ୨୫ରେ ଗଞ୍ଜେଇ ବେପାରକୁ କେନ୍ଦ୍ରକରି ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ବନ୍ଧାଗୁଡ଼ା ଗ୍ରାମ ତୋଟାରେ ଜିତେନ୍ ଗୌଡ଼ଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କୁ ଷଡଯନ୍ତ୍ରକାରୀ ଦର୍ଶାଯାଇଥିଲା। ସେ ବୁଧବାର କୋର୍ଟରେ ହାଜର ହୋଇଥିଲେ। ଏଡିଜେ-୩ କୋର୍ଟରେ ତାଙ୍କର ଜମାନବନ୍ଦୀ ରେକର୍ଡ କରାଯାଇଛି। ଗୁରୁବାର ଏହାର ବିଚାର ପରେ ରାୟ ପ୍ରକାଶ ହେବ ବୋଲି ଓକିଲ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ,୨୦୧୫ ନଭେମ୍ବର ୨୫ ସନ୍ଧ୍ୟାରେ ଜିତେନ୍ ଘରୁ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ସେ ଘରକୁ ଫେରି ନ ଥିଲେ। ତାଙ୍କ ବାପା ସନ୍ତୋଷ ଗୌଡ଼ ଖୋଜାଖୋଜି କରିବା ପରେ ନିକଟସ୍ଥ ଏକ ତୋଟାରେ ତାଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ସନ୍ତୋଷଙ୍କ ଅଭିଯୋଗ ପରେ ପୋଲିସ ନଂ.୧୩୯/୧୫ରେ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ କରିଥିଲା। ୨୦୧୭ ମେ' ୨୦ରେ ପୁଣି ଏହି କେସ୍ ପୋଲିସ ରିଓପନ କରି ତଦନ୍ତ ଆରମ୍ଭ କରିଥିଲା। ଜଣେ ଯୁବକଙ୍କୁ ହତ୍ୟା ମାମଲାରେ ଗିରଫ କରିବା ସହ ସାନଖେମୁଣ୍ଡି ବିଧାୟକ ରମେଶଙ୍କୁ ଷଡ଼ଯନ୍ତ୍ରକାରୀ ବୋଲି ପୋଲିସ ଦର୍ଶାଇଥିଲା। କୋର୍ଟରେ ପୁଣି ଚାର୍ଜଶିଟ ଦାଖଲ କରିବା ପରେ ବିଚାର ଚାଲିଥିଲା। ସାକ୍ଷୀଙ୍କ ବିଚାର ସରିଥିବା ବେଳେ ବୁଧବାର ଷଡ଼ଯନ୍ତ୍ରକାରୀ ରମେଶଙ୍କ ବୟାନ ରେକର୍ଡ କରାଯାଇଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ କିଶୋର ବିଷୋୟୀ, ନିର୍ମଳ ବିଷୋୟୀ ଓ ସରୋଜ ଗୌଡ଼ ମାମଲା ପରିଚାଳନା କରୁଛନ୍ତି।

# ମଙ୍ଗଳସୂତ୍ର ଝାମ୍ପିବା ଘଟଣାରେ ୪ ଗିରଫ

ହିଞ୍ଜିଳିକାଟୁ, ୧।୩(ଡି.ଏନ୍.ଏ)–

ହିଞ୍ଜିଳି ଥାନା ମକରଝୋଳ ଛକଠାରେ ଗତ ଫେବୃଆରୀ ୨୫ରେ ଜଣେ ମହିଳାଙ୍କ ବେକରୁ ମଙ୍ଗଳସୂତ୍ର ଲୁଟ ଘଟଣାରେ ବୁଧବାର ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆସିକା ଥାନା ପି ନୂଆଁପଲୀର ପି ମାଧବ ଓ କୋଦଳାର ପି.ସୁବାସ। ଚୋରି ସୁନା କିଣିଥିବା ଆସିକାର ୨ ବେପାରୀ ଏ ତାରିଣୀ ଆଚାରୀ ଓ ପ୍ରଶାନ୍ତ କୁମାର ମହାରଣାଙ୍କୁ ମଧ ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୧୧ଗ୍ରାମ ତରଳା ସୁନା ଜବତ କରିଛି। ଚୋରି ଘଟଣାରେ ବ୍ୟବହୃତ ହୋଇଥିବା ଗୋଟିଏ ବାଇକକୁ ମଧ ଜବତ କରିଥିବା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି। ଗତ ଫେବୃଆରୀ ୨୫ରେ ମକରଝୋଳ ଗ୍ରାମର ଦମ୍ପତି ଏନ ଶୁକ୍ର ଓ ଏନ ରତ୍ନମାଳା ବାଇକରେ ଗାଁରୁ ବାହାରି କଞ୍ଚୁରୁ ଛକ ଯାଉଥିଲେ। ମକରଝୋଳ ଛକରେ ବାଇକର ଗତି କମିବାରୁ ପଛରୁ ୨ଜଣ ଆସି ବାଇକ ପଛରେ ବସିଥିବା ମହିଳାଙ୍କ ବେକରୁ ମଙ୍ଗଳସୂତ୍ରକୁ ଝାମ୍ପି ଥିଲେ। ମହିଳା ଜଣକ ବାଇକରୁ ଖସି ପଡ଼ି ଆହତ ହୋଇଥିଲେ। ମହିଳାଙ୍କ ଏତଲା କ୍ରମେ ହିଞ୍ଜିଳି ପୋଲିସ ନଂ ୧୨୦/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଭାଜପା ଯୁବମୋର୍ଚ୍ଚାର ପ୍ରତିବାଦ ସଭା


ଭାଜପା ପକ୍ଷରୁ କୁଶପୁତ୍ତଳିକା ଦାହ ।

ବେଗୁନିଆପଡ଼ା,୧।୩

ପୋଲିସ ଲଗାଇ ବିରୋଧୀ ଦଳର କଣ୍ଠରୋଧ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ। ରାଜ୍ୟରେ ଗଣତନ୍ତ୍ର ସ୍ଥାପନ ସହ ରକ୍ତମୁଖା ସରକାରଠାରୁ ରାଜ୍ୟବାସୀଙ୍କୁ ରକ୍ଷା କରିବା ପାଇଁ ଭାରତୀୟ ଜନତା ପାର୍ଟିର ଯୁବମୋର୍ଚ୍ଚା ଦ୍ୱାରା ବିଧାନସଭା ଘେରାଉ ସମୟରେ ବିଜୁ ପୋଲିସ ଦ୍ୱାରା ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଈରାଶିଷ ଆଚାର୍ଯ୍ୟଙ୍କ ସମେତ ୨୨ଜଣଙ୍କୁ ଜେଲରେ ଭରିବା ଅତ୍ୟନ୍ତ ନିନ୍ଦନୀୟ। ଏହାର ପ୍ରତିବାଦରେ କୋଦଳା ଭାଜପା ପକ୍ଷରୁ ପ୍ରତିବାଦ ସ୍ୱରୂପ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଗଣତନ୍ତ୍ରରେ ପ୍ରତିବାଦ କରିବାର ଅଧିକାର ସମସ୍ତଙ୍କର ଅଛି। ମାତ୍ର ପୋଲିସ ଯେଉଁଭଳି ଭାବରେ ଯୁବ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାଙ୍କୁ ଅମାନୁଷିକ ଭାବେ ଆକ୍ରମଣ କରିଛି ତାହା ଚିନ୍ତାଜନକ ବୋଲି ଭାଜପା ନେତା ତଥା କୋଦଳା ଏନଏସି ଅଧକ୍ଷ ସୂର୍ଯ୍ୟନାରାୟଣ ନାୟକ କହିଛନ୍ତି । ଏହି କୋଦଳା ମଣ୍ଡଳ ସଭାପତି ମଧୁସୂଦନ ଜେନା, ଏନ୍‌ଏସି ଅଧକ୍ଷଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତା ସାମିଲ ଥିଲେ।

# ପର୍ବତାରୋହୀ ମଧୁସ୍ମିତାଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର ଅଫିସ,୧।୩

ବ୍ରହ୍ମପୁର ସଂସ୍କାରବାଦୀ ସଂଗଠନ ପକ୍ଷରୁ ବୁଧବାର ଗୋଷାଣୀ ନୂଆଗାଁଠାରେ ପର୍ବତାରୋହୀ ମଧୁସ୍ମିତା ପାତ୍ରଙ୍କୁସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ସଂଘ ସଭାପତି ତ୍ରିନାଥ ମହାରଣା ଅଧକ୍ଷତା କରିଥିଲେ। ମଧୁସ୍ମିତା ଆଫ୍ରିକା ମହାଦେଶର ଉଚ୍ଚତମ ଶୃଙ୍ଗ କିଲିମାଞ୍ଜାରୋ ଶିଖରରେ ଫେବୃୟାରୀ ୧୩ ଦିନ ଜାତୀୟ ପତାକା ଉଡାଇଥିଲେ। ମଧୁସ୍ମିତାଙ୍କ ଏଭଳି ସାହସିକତାକୁ ନେଇ ସଂଘ ପକ୍ଷରୁ ପ୍ରଶଂସା କରାଯିବା ସହ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଧୁସ୍ମିତା କହିଥିଲେ, ୨୦୨୨ରେ ଦାର୍ଜିଲିଂର ହିମାଳୟ ପର୍ବତାରୋହଣ ପ୍ରତିଷ୍ଠାନରୁ ତାଲିମ ଗ୍ରହଣ କରିଛି। ଯାହାଦ୍ୱାରା ମୁଁ ଏତେ ବଡ ସଫଳତା ହାସଲ କରିଛି। ସେ ଛାତ୍ରୀଛାତ୍ରଙ୍କୁ ପ୍ରତିଯୋଗିତା ମୂଳକ ହେବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଗୋଷାଣୀନୂଆଗାଁ ଥାନା ଅଧିକାରୀ ସ୍ମୃତି ପ୍ରଭା ପ୍ରଧାନ ମୁଖ୍ୟ ଅତିଥି, ଶିକ୍ଷାବିତ ପ୍ରଭାତ କୁମାର ମିଶ୍ର ଏବଂ ପ୍ରମୋଦ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୋହନ ଚରଣ ସ୍ୱାଇଁ ଓ ପଙ୍କଜ କୁମାର ନାୟକଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପ୍ରଥମ ଦିନରେ ୯୬ ପ୍ରତିଶତ ଉପସ୍ଥାନ, ୨ ଏମ୍‌ପି

## ଯୁକ୍ତ ୨ ପରୀକ୍ଷା

ବ୍ରହ୍ମପୁର ଅଫିସ,୧।୩

ସାରା ରାଜ୍ୟରେ ବୁଧବାରଠାରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହୋଇଛି। ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ ପର୍ଯ୍ୟନ୍ତ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ମାତୃଭାଷା (ଓଡ଼ିଆ) ବିଷୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଦକ୍ଷିଣାଞ୍ଚଳ ଜୋନ୍‌ର ୮ ଜିଲା କୋରାପୁଟ, କନ୍ଧମାଳ, ଗଞ୍ଜାମ, ଗଜପତି, ଫୁଲବାଣୀ, ବୌଦ୍ଧ, ନବରଙ୍ଗପୁର, ରାୟଗଡ଼ାର ପ୍ରାୟ ୨୦୭ କେନ୍ଦ୍ରରେ ପରକ୍ଷା ଅନୁଷ୍ଠିତ ହୋଇଥିଲା। ଏଥି ନିମନ୍ତେ ପ୍ରାୟ ୪୫ ପରୀକ୍ଷା ପରିଚାଳନା କେନ୍ଦ୍ର ପ୍ରସ୍ତୁତ ହୋଇଛି। ପ୍ରତ୍ୟେକ କେନ୍ଦ୍ର ସିସିଟିଭି ଦ୍ୱାରା ପରିଚାଳିତ ହୋଇଛି।

ଗଞ୍ଜାମ ଜିଲାରେ ବିଜ୍ଞାନରେ ୯୫୭୮ ଛାତ୍ରୀଛାତ୍ର ପରୀକ୍ଷା ନିମନ୍ତେ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୯୬ ପ୍ରତିଶତରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। କେନ୍ଦ୍ରୀୟ ଓ ଜୋନାଲ ସ୍କ୍ୱାର୍ଡ ପରୀକ୍ଷା ହଲ ପରିଦର୍ଶନ ସମୟରେ ୮ ଜିଲାରେ ଅନୁଷ୍ଠିତ ପ୍ରଥମ ଦିନ ପରୀକ୍ଷାରେ କନ୍ଧମାଳ ବାଲିଗୁଡ଼ା ସ୍ଥିତ ଆଦିବାସୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ପୋଲିସରା ବର୍ତ୍ତିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଣେ ଲେଖାଏ ଛାତ୍ର କପି ସମୟରେ ଧରାପଡ଼ିଛନ୍ତି। ଏହାକୁ ବାଦଦେଲେ ବାକି ସମସ୍ତ କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଅନୁଷ୍ଠିତ ହୋଇଥିବା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ଼.କୁଳମଣି ଓଝାଙ୍କଠାରୁ ପ୍ରକାଶ।



# ବ୍ଲକସ୍ତରୀୟ ଦକ୍ଷତା ମେଳା

## ସ୍ଥାନାଭାବରୁ ଫେରିଗଲେ ବହୁ ଛାତ୍ରୀଛାତ୍ର

ଦିଗପହଣ୍ଡି,୧।୩(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ସ୍ତରୀୟ ଦକ୍ଷତା ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲା ପ୍ରଶାସନର ସହଯୋଗରେ ଅନୁଷ୍ଠିତ ଏହି ମେଳାକୁ ବ୍ଲକ ଅଧକ୍ଷା ସୁନିତା କୁମାରୀ ସେଠୀ ଉଦ୍‌ଘାଟନ କରିଥିବା ବେଳେ ବିଡିଓ ଚିତ୍ତରଞ୍ଜନ ଦାଶ, ଏବିଡିଓ ପ୍ରଶାନ୍ତ କୁମାର ରଥ ଏବଂ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ. ରାଜୀବ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କର୍ମ ନିଯୋଜନ ଅନ୍ୱେଷଣରେ ରହିଥିବା ଶିକ୍ଷିତ ଯୁବତୀଯୁବକମାନେ କିଭଳି ବୈଷୟିକ ଶିକ୍ଷା ଓ ତାଲିମ ପାଇପାରିବେ ସେ ନେଇ ସଚେତନ କରାଯିବା ସହ ଉପସ୍ଥିତ ଥିବା ଅଷ୍ଟମ ଶ୍ରେଣୀ ଓ ତଦୁର୍ଦ୍ଧ୍ୱ ଛାତ୍ରୀଛାତ୍ରମାନଙ୍କୁ ବୈଷୟିକ ଶିକ୍ଷା ଦିଗରେ କ୍ୟାରିୟର ଗଠନ ପାଇଁ ପରାମର୍ଶ ଦିଆଯାଇଥିଲା। ବଡଖେମୁଣ୍ଡି ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଚାଅଁଡାପଲ୍ଲୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ସ୍ଥାନରୁ ବହୁ ସଂଖ୍ୟକ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ଆସିଥିଲେ ମଧ ସ୍ଥାନାଭାବରୁ ଅଧିକାଂଶ ଛାତ୍ରୀଛାତ୍ର ଠିକ ପରାମର୍ଶ ନେଇନପାରି ଫେରିଯିବାକୁ ବାଧ ହୋଇଥିବା ଦେଖାଯାଇଥିଲା।

## ସଂକ୍ଷେପରେ

### ଯୁକ୍ତ୨ ପରୀକ୍ଷା: ୮ ପରୀକ୍ଷାର୍ଥୀ ଅନୁପସ୍ଥିତ

ଧର୍ମଶାଳା,୧।୩(ଡି.ଏନ୍.ଏ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ଧର୍ମଶାଳା ବ୍ଲକର ୬ଟି ଜୁନିୟର କଲେଜରେ ୫୮୫ଜଣ ବିଜ୍ଞାନ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୮ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ ୫୭୭ଜଣ ପରୀକ୍ଷା ଦେଇଛନ୍ତି। ଧର୍ମଶାଳା ଜୁନିୟର କଲେଜରେ ବିଜ୍ଞାନରେ ୧୨୬ଜଣ ଫର୍ମ ପୂରଣ କରିଥିବା ବେଳେ ୧୨୪ଜଣ ପରୀକ୍ଷା ଦେଇଛନ୍ତି। ମୁକୁନ୍ଦପାତ୍ର ଜୁନିୟର କଲେଜରେ ୧୩୧ଜଣଙ୍କ ମଧ୍ୟରୁ ୧୩୦ଜଣ, ବଜ୍ରଗିରି ଜୁନିୟର କଲେଜରେ ୯୫ଜଣଙ୍କ ମଧ୍ୟରୁ ୯୨ଜଣ, ଜଗନ୍ନାଥଜୀଉ ଜୁନିୟର କଲେଜରେ ୨୨ଜଣଙ୍କ ମଧ୍ୟରୁ ୨୧ଜଣ, ରେନେସାଂ ଯୁକ୍ତ ଦୁଇ ଘରୋଇ କଲେଜରେ ୧୫୯ ଜଣଙ୍କ ମଧ୍ୟରୁ ୧୫୮ଜଣ ଓ ଗୋକର୍ଣ୍ଣିକା ଘରୋଇ କଲେଜରେ ୫୨ଜଣଙ୍କ ମଧ୍ୟରୁ ୫୨ଜଣ ପରୀକ୍ଷା ଦେଇଥିବା ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି। ପ୍ରଥମ ଦିନ ମାତୃଭାଷା ପରୀକ୍ଷାରେ ବଜ୍ରଗିରି କଲେଜକୁ କାଉନସିଲି ସ୍କ୍ୱାଡ୍, ମୁକୁନ୍ଦପାତ୍ର କଲେଜକୁ ବ୍ୟାସନଗର ସ୍କ୍ୱାଡ୍ ଟିମ୍ ଓ ଜଗନ୍ନାଥଜୀଉ କଲେଜକୁ ବାବା ଭୈରବା ନନ୍ଦ କଲେଜ ସ୍କ୍ୱାଡ୍ ଆସି ପରୀକ୍ଷା ତଦାରଖ କରିଛନ୍ତି। ବ୍ଲକର ୬ଟି ଜୁନିୟର କଲେଜରେ ଶାନ୍ତିଶୃଙ୍ଖଳାରେ ପରୀକ୍ଷା ଶେଷ ହୋଇଛି। ନୋଡାଲ ସେଣ୍ଟରଭାବେ ଧର୍ମଶାଳା କଲେଜରୁ ପରୀକ୍ଷା ଦିନ ସକାଳ ୭ ଘଟିକାରୁ ୩ଟି ଟିମ୍ ମାଧ୍ୟମରେ ବ୍ଲକର ବିଭିନ୍ନ କଲେଜକୁ ପ୍ରଶ୍ନପତ୍ର ପଠାଯିବାର ବ୍ୟବସ୍ଥା କରାଯାଇଛି ବୋଲି କଲେଜ ଅଧ୍ୟକ୍ଷ ତପନ କୁମାର ମିଶ୍ର ସୂଚନା ଦେଇଛନ୍ତି।

### ଛତିଆ ରାଜଦୋଳ ମିଳନ ଉଦ୍‌ଘାଟିତ

ଛତିଆ,୧।୩(ଡି.ଏନ.ଏ.): ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆଠାରେ ପ୍ରସିଦ୍ଧ ଛତିଆ ରାଜ ଦୋଳ ମିଳନ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ମିହିର ପ୍ରତାପ ଦାସ ସଭା ପରିଚାଳନା କରିଥିଲାବେଳେ ଛତିଆ ପଞ୍ଚାୟତ ସମିତିସଭ୍ୟ ଦୀପକ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ମହାନ୍ତି, ବଡ଼ଚଣା ବ୍ଲକ ଅଧ୍ୟକ୍ଷା ମିନତି ସେନାପତି, ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ପ୍ରସାଦ ନାୟକ, ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ, ମାଧବାନନ୍ଦ ମହାପାତ୍ର, ଆମ୍ଭା ଅଧ୍ୟକ୍ଷ ନିରଞ୍ଜନ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ରାଜଦୋଳ ମିଳନ ମହୋତ୍ସବ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ସନ୍ଧ୍ୟାରେ ଲୋକ ନୃତ୍ୟ, ପାଲା, ଦାସକାଠିଆ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ମେଳା ପଡ଼ିଆରେ ମିନା ବଜାର ପଡିଥିବା ଦେଖିବାକୁ ମିଳିଛି। ଯାଜପୁର ଜିଲା ସମେତ ବାହାର ୧୦ଟି ଜିଲାରୁ ହସ୍ତତନ୍ତ ଶିଳ୍ପର ବିଭିନ୍ନ କାରିଗର ଆସି ନିଜ ହସ୍ତ ଶିଳ୍ପ ପଦର୍ଶନୀ କରିଛନ୍ତି। ଆରମ୍ଭରୁ ମେଳା ପଡ଼ିଆରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

# ପୁରୁଣା ଭର୍ସନ କମ୍ପ୍ୟୁଟର କିଣିବାକୁ ଟେଣ୍ଡର

ଯାଜପୁର ଅଫିସ,୧।୩

- ଅନାମଧେୟ ବ୍ରାଣ୍ଡ କମ୍ପାନୀକୁ ଗୁରୁତ୍ୱ
- କମ୍ପ୍ୟୁଟର ପିଛା ୧୦ ହଜାର ଟଙ୍କା ଲୁଟ୍ ଉଦ୍ୟମ
- ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ



ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବା ସହିତ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଓ ମାନସିକ ଶକ୍ତିର ବିକାଶ ନିମନ୍ତେ ସରକାର କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷା ପଦ୍ଧତି ପ୍ରଣୟନ କରିଛନ୍ତି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଯାଜପୁର ଜିଲାରେ ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପ୍‌ମେଣ୍ଟ କାର୍ପୋରେଶନ (ଓଏମ୍‌ବିଏଡିସି) ପାଣ୍ଠିରୁ ବିପୁଳ ଅର୍ଥ ବ୍ୟୟ କରାଯାଉଛି। ହେଲେ କେତେକ ଅଧିକାରୀ ନିଜର ପକେଟ୍ ଗରମ କରିବା ଉଦ୍ଦେଶ୍ୟରେ ନୂତନ ଭର୍ସନ ବଦଳରେ ୪ରୁ ୫ ବର୍ଷ ପୁରୁଣା ଅନାମଧେୟ ବ୍ରାଣ୍ଡ କମ୍ପାନୀର କମ୍ପ୍ୟୁଟର କିଣିବାକୁ ଯୋଜନା ହୋଇଛି। ଅନ୍ୟପକ୍ଷେ ଅଧିକାଂଶ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷକ ନ ଥିବାବେଳେ ବିପୁଳ ଅର୍ଥ ଶ୍ରାଦ୍ଧ କରି କମ୍ପ୍ୟୁଟର କିଣା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠିଛି। ଏହା ଲୋକଲୋଚନକୁ ଆସିବା ପରେ ଆଇନଜୀବୀ ଉଦୟନାଥ ସାହୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିବା ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, ଜିଲାର ସ୍ମାର୍ଟ ସ୍କୁଲଗୁଡ଼ିକୁ କମ୍ପ୍ୟୁଟର ଯୋଗାଣ ନିମନ୍ତେ ଆରମ୍ଭରୁ ପ୍ରତି ବ୍ଲକର ବିଡ଼ିଓମାନେ ଜିଇଏମ୍(ଗଭର୍ନମେଣ୍ଟ ଇ-ମାର୍କେଟପ୍ଲେସ) ବିଡିଂ ମାଧ୍ୟମରେ କ୍ରୟ କରିବାକୁ ଉଦ୍ୟମ କରିଥିଲେ। ଅଧିକାଂଶ ବ୍ଲକରେ ସେହି ଜିଇଏମ୍ ବିଡ଼ିଂରେ ଚଞ୍ଚକତା, ଅନିୟମିତତା ଓ ଦୁର୍ନୀତିର ଅଭିଯୋଗ ଆସିବା ପରେ ଜିଲାପାଳ ତାହାର ତଦନ୍ତ କରିଥିଲେ। ଏହାର ପ୍ରମାଣ ମିଳିବାରୁ ବଡ଼ଚଣା ଓ ରସୁଲପୁର ବିଡ଼ିଓଙ୍କ ଦ୍ୱାରା ଆହୂତ ବିଡ଼ିଂକୁ ରଦ୍ଦ କରି ଦେଇଥିଲେ। କିନ୍ତୁ ଏହାପରେ ବିଡ଼ିଓଙ୍କ ମାଧ୍ୟମରେ ଆଉ କମ୍ପ୍ୟୁଟର କ୍ରୟ ନ କରି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ମାଧ୍ୟମରେ ସମଗ୍ର ଶିକ୍ଷା ସ୍କିମ୍‌ରେ ସାରା ଜିଲାର ସ୍ମାର୍ଟ ସ୍କୁଲଗୁଡିକୁ କମ୍ପ୍ୟୁଟର ଯୋଗାଇବା ପାଇଁ ମୋଟ ୪କୋଟି ଟଙ୍କା ବ୍ୟୟରେ ଏକକାଳୀନ ୧୦୦୦ ଡେସ୍କଟପ୍ କମ୍ପ୍ୟୁଟର ସହିତ ଆଣ୍ଟି ଭାଇରସ ସଫ୍ଟୱେର ଓ ୟୁପିଏସ୍ କ୍ରୟ କରିବାକୁ ଜିଲାପାଳ ନିଷ୍ପତ୍ତି ନେଇଥିଲେ। ତେଣୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମଗ୍ର ଶିକ୍ଷାର ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ପ୍ରୋଗ୍ରାମରଙ୍କ ଦ୍ୱାରା ଚଳିତ ମାସ ୪ତାରିଖରେ ଏଥିପାଇଁ ଏକ ଜିଇଏମ୍ ବିଡ଼ିଂ (ଜିଇଏମ୍/୨୦୨୩/ବି/୩୦୮୨୯୮୫) ଆହ୍ୱାନ କରାଯାଇଥିଲା। ବିଡ଼ିଂରେ ଥିବା ମାର୍ଗଦର୍ଶିକା ଆଧାରରେ ଯୋଗ୍ୟ ବିବେଚିତ ବିଡ଼ରମାନଙ୍କୁ ଆବେଦନ କରିବାର ଅନ୍ତିମ ଦିବସ ଫେବୃୟାରୀ ୧୪ତାରିଖ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ସେହି ଆହୂତ ବିଡ଼ିଂରେ ସମ୍ପ୍ରତି ପ୍ରଚଳିତ ସର୍ବାଧୁନିକ ଭର୍ସନର ଡେସ୍କଟପ୍ କମ୍ପ୍ୟୁଟର ବଦଳରେ ୪ରୁ ୫ ବର୍ଷ ପୁରୁଣା ଭର୍ସନର କମ୍ପ୍ୟୁଟର ସେଟ କିଣିବାକୁ ନିର୍ଦ୍ଦେଶ ହୋଇଥିଲା। ଅନାମଧେୟ ବ୍ରାଣ୍ଡ କମ୍ପାନୀର ୟୁପିଏସ୍ ସହିତ ଆଣ୍ଟିଭାଇରସ ସଫ୍ଟୱେର କିଣିବା ପାଇଁ ସେହି ବିଡ଼ିଂରେ କାହିଁକି ଆଗ୍ରହ ପ୍ରକାଶ କରାଯାଇଛି ତାହା ଏବେ ସ୍ୱାଭାବିକ ଭାବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାବାଦ୍ ଅତି ପୁରୁଣା ଭର୍ସନର ଅନାମଧେୟ ବ୍ରାଣ୍ଡର ୟୁପିଏସ୍ ଅଧିକ ଦିନ ବ୍ୟବହାର ଉପଯୋଗୀ ହୋଇପାରିବ ନାହିଁ ବୋଲି ମତପ୍ରକାଶ ପାଇଛି।

ଅନ୍ୟପକ୍ଷେ କମ୍ପ୍ୟୁଟର ଶିକ୍ଷା ଦେବାକୁ ଜିଲାର କୌଣସି ବି ସରକାରୀ ସ୍କୁଲରେ ଶିକ୍ଷକ ନାହାଁନ୍ତି। ତେଣୁ ଯେଉଁ ସ୍ମାର୍ଟ ସ୍କୁଲଗୁଡ଼ିକୁ ପୁରୁଣା ଭର୍ସନର କମ୍ପ୍ୟୁଟର ସେଟ୍ ଯୋଗାଇ ଦିଆଯିବ ତାହା କେବଳ ସେଠାରେ ପଡ଼ିରହି କିଛିଦିନ ଧରି ଶୋଭା ବର୍ଦ୍ଧନ କରିବା ପରେ ଅକାମୀ ହୋଇଯିବ ଏବଂ ସରକାରଙ୍କ କୌଣସି ଲକ୍ଷ୍ୟ ସାଧିତ କରି ପାରିବ ନାହିଁ ବୋଲି ଚର୍ଚ୍ଚା ହେଉଛି। ଏହାକୁ ଅନୁଧ୍ୟାନ କଲେ ଉଦ୍ଦେଶ୍ୟମୂଳକ ଭାବେ ସରକାରଙ୍କ ବିପୁଳ ଅର୍ଥ ପାଣିରେ ପଡିବ ବୋଲି କୁହାଯାଉଛି। ପ୍ରାୟ ୨୮ହଜାର ଟଙ୍କାର କମ୍ପ୍ୟୁଟର ସେଟ୍‌କୁ ଅଯଥା ବୃଦ୍ଧି କରାଯାଇ ୩୯ହଜାର ଟଙ୍କା ମୂଲ୍ୟରେ କିଣିବା ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ଅଧ୍ୟକ୍ଷା, ଜିଲା ଶିକ୍ଷାଧିକାରୀ, ଜିଲା ସମଗ୍ର ଶିକ୍ଷାର ବରିଷ୍ଠ ବୈଷୟିକ କନସଲ୍‌ଟାଣ୍ଟ, ଏନଆଇସିର ଜିଲା ସୂଚନା ଅଧିକାରୀ, ଜିଲଶ ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ଏବଂ ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ଏମଆଇଏସ୍ ପ୍ରୋଗ୍ରାମର ପ୍ରମୁଖଙ୍କୁ ନେଇ ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି କିଭଳି ଓ କାହିଁକି ମଞ୍ଜୁରୀ ପ୍ରଦାନ କରିଥାନ୍ତା ତାହା ବି ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ସବୁଠୁ ଆଶ୍ଚର୍ଯ୍ୟର କଥା ଜିଇଏମ୍ ବିଡ଼ିଂରେ ସାଧାରଣ ନିୟମ ଅନୁଯାୟୀ ବିଡ଼ରମାନଙ୍କୁ ଯୋଗାଣ ସାମଗ୍ରୀର କୌଣସି ନମୁନା ମଗାଯାଇ ନାହିଁ କି ସାମଗ୍ରୀ ଉତ୍ପାଦନ କରୁଥିବା କମ୍ପାନୀଠାରୁ ଆବଶ୍ୟକ ପରିମାଣର ସାମଗ୍ରୀ ଯୋଗାଣ ନେଇ ମଧ୍ୟ ସ୍ୱୀକୃତି ପତ୍ର ଆହ୍ୱାନ କରାଯାଇ ନାହିଁ। ଯାହା ଶୁଣିବାକୁ ମିଳୁଛି ଶାସକ ଦଳର ଛତ୍ରଛାୟା ତଳେ ରହିଥିବା ଜଣେ ବ୍ୟକ୍ତିଙ୍କ ସଂସ୍ଥାଠାରୁ ସାମଗ୍ରୀ କିଣିବା ପାଇଁ ମସୁଧା ଚାଲିଛି। ପ୍ରତି ସେଟ ଡେସ୍କଟପ୍‌ରେ ହାରାହାରି ୧୦ହଜାର ଟଙ୍କା ହିସାବରେ ପ୍ରାୟ କୋଟିଏ ଟଙ୍କାର ହେରାଫେରି ପାଇଁ ଏକ ଖସଡ଼ା ପ୍ରସ୍ତୁତ କରି ଏଭଳି ଏକ ସନ୍ଦେହପୂର୍ଣ୍ଣ ବିଡ଼ିଂ ଆହୂତ କରାଯାଇଛି ବୋଲି (ଡ଼ବ୍ଲୁପି(ସି)(ପିଆଇଏଲ୍) ନଂ. ୫୬୩୯/୨୦୨୩) ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଏହି ମାମଲାରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବଙ୍କ ସମେତ ଯାଜପୁର ଜିଲାପାଳ ଏବଂ ସମଗ୍ର ଶିକ୍ଷାର ଜିଲା ପ୍ରକଳ୍ପ ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏ ସଂକ୍ରାନ୍ତରେ ମତାମତ ନେବାକୁ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କ ମୋବାଇଲକୁ ବୁଧବାର ସନ୍ଧ୍ୟାରେ ଏକାଧିକ ଥର ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

### ୧୬୧ ରେଗୁଲାର, ୧୬ ଏକ୍ସ ରେଗୁଲାର ପିଲା ଦେଲେ ପରୀକ୍ଷା

ରସୁଲପୁର,୧।୩(ଡି.ଏନ.ଏ.)

ଯୁକ୍ତ ୨ ପରୀକ୍ଷା

ରାଜ୍ୟରେ ବୁଧବାରଠାରୁ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହୋଇଛି। ବିଜ୍ଞାନ ବିଭାଗର ବିଦ୍ୟାର୍ଥୀମାନେ ମାତୃଭାଷା ସାହିତ୍ୟ ବିଷୟରେ ପରୀକ୍ଷା ଦେଇଛନ୍ତି। ରସୁଲପୁର ବ୍ଲକ ଅନ୍ତର୍ଗତ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ(ମୁଗୁପାଳ କଲେଜ)-ଖଇରାବାଦ-ମୁଗୁପାଳ, ମଧୁପୁର ମହାବିଦ୍ୟାଳୟ-କଲଣ, ବ୍ରହ୍ମବରଦା ଓ ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ପରୀକ୍ଷା ନିର୍ଦ୍ଧାରିତ ସମୟ ନିର୍ଘଣ୍ଟ ମଧ୍ୟରେ ଶେଷ ହୋଇଛି। ଏହି ୪ଟି କଲେଜରେ ୧୬୧ଜଣ ବିଦ୍ୟାର୍ଥୀ ରେଗୁଲାର ଓ ୧୬ଜଣ ଏକ୍ସରେଗୁଲାର ପରୀକ୍ଷା ଦେଇଛନ୍ତି। ମୁଗୁପାଳ କଲେଜ ପରୀକ୍ଷା କେନ୍ଦ୍ରରେ ଜଣେ ବିଦ୍ୟାର୍ଥୀ ଅନୁପସ୍ଥିତ ଥିଲେ। ଏହି କଲେଜରେ ମୋଟ ୨୪ଜଣ ପରୀକ୍ଷା ଦେଇଥିବା ବେଳେ ୨୩ଜଣ ରେଗୁଲାର ଓ ଜଣେ ଏକ୍ସରେଗୁଲାର, ମଧୁପୁର କଲେଜରେ ୩୩ଜଣ ରେଗୁଲାର, ୯ଜଣ ଏକ୍ସ ରେଗୁଲାର, ବ୍ରହ୍ମବରଦା କେଲଜରେ ୬୭ଜଣ ରେଗୁଲାର, ୪ଜଣ ଏକ୍ସରେଗୁଲାର, ମଧୁବନ କଲେଜରେ ୩୮ଜଣ ରେଗୁଲାର ଓ ୨ଜଣ ଏକ୍ସରେଗୁଲାର ବିଦ୍ୟାର୍ଥୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ରେ ଶେଷ ହୋଇଥିଲା। ପରୀକ୍ଷାକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ କଲେଜ ଗୁଡିକ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଗୁରୁବାର କଳା ବିଭାଗର ବିଦ୍ୟାର୍ଥୀମାନେ ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷା ଦେବେ।

# ସେନା ନିଯୁକ୍ତି ପାଇଁ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ ନିଯୁକ୍ତି ଆଶାୟୀ।

କଳିଙ୍ଗନଗର,୧।୩(ଡି.ଏନ.ଏ.)

**କଳିଙ୍ଗନଗର ଟାଟାଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ପଦକ୍ଷେପ**

ଟାଟାଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ କଳିଙ୍ଗନଗର ଟାଟାଷ୍ଟିଲ୍‌ର କର୍ପୋରେଟ୍ ସର୍ଭିସେସ୍ ବ୍ଲକ୍‌ରେ ବୁଧବାର ସେନା ନିଯୁକ୍ତି ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମାର୍ଚ୍ଚ ଓ ଏପ୍ରିଲ୍‌ରେ ହେବାକୁ ଥିବା ନିଯୁକ୍ତି ଅଭିଯାନ ବିଷୟରେ ସ୍ଥାନୀୟ ଯୁବବର୍ଗଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଅଧିବେଶନର ଲକ୍ଷ୍ୟ ଥିଲା। ଅଧିବେଶନରେ କଳିଙ୍ଗନଗର, ସୁକିନ୍ଦା ଓ ଆଖପାଖ ଅଞ୍ଚଳର ୩୦ରୁ ଉର୍ଦ୍ଧ୍ୱ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ଏଥିରେ କଟକସ୍ଥିତ ସେନା ନିଯୁକ୍ତି କାର୍ଯ୍ୟାଳୟର ନିର୍ଦ୍ଦେଶକ କର୍ଣ୍ଣେଲ୍ ହମିନ୍ଦର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ସେନାରେ ଯୋଗ ଦେବାର ବିଭିନ୍ନ ଦିଗ ଯଥା ଆବେଦନ ପ୍ରକ୍ରିୟା, ଯୋଗ୍ୟତା, ପରୀକ୍ଷାର ରୂପରେଖ, ଶାରିରୀକ ଫିଟ୍‌ନେସ୍, ମେଡିକାଲ୍ ପରୀକ୍ଷା ଏବଂ ସେନାର ବିଭିନ୍ନ ପଦର ବେତନ ଢାଞ୍ଚା ଉପରେ ସୂଚନା ପ୍ରଦାନ କରିଥିଲେ। ଆବେଦନ ପ୍ରକ୍ରିୟାରେ ସାମ୍ନା କରିବାକୁ ପଡୁଥିବା ସାଧାରଣ ସମସ୍ୟାଗୁଡ଼ିକର କିଭଳି ସମାଧାନ କରାଯାଇପାରିବ ତା'ଉପରେ ସେ ଆଲୋକପାତ କରିଥିଲେ। ଟାଟାଷ୍ଟିଲ୍ କଳିଙ୍ଗନଗର ଓ ଟାଟାଷ୍ଟିଲ୍ ମେରା ମଣ୍ଡଳୀର ନିରାପତ୍ତା ମୁଖ୍ୟ କର୍ଣ୍ଣେଲ୍ ସଞ୍ଜୟ ପ୍ରକାଶ ଯୋଗଦେଇ କହିଥିଲେ ଯେ ଗ୍ରାମାଞ୍ଚଳର ଶାରିରୀକ ଭାବେ ବହୁ ଯୋଗ୍ୟପ୍ରାର୍ଥୀ ଆବେଦନ ଓ ଯୋଗ୍ୟତାର ମାନଦଣ୍ଡ ବିଷୟରେ ସଚେତନତାର ଅଭାବ ଯୋଗୁ ସେନାରେ ଯୋଗ ଦେବାରୁ ବଞ୍ଚିତ ହେଉଛନ୍ତି। ଟାଟାଷ୍ଟିଲ୍ କଳିଙ୍ଗନଗର କର୍ପୋରେଟ୍ ସର୍ଭିସେସ୍ ବିଭାଗରୁ ଚିଫ୍ ଦେବଦୂତ ମହାନ୍ତିଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

### ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ବଡ଼ଚଣା,୧।୩(ଡି.ଏନ୍.ଏ.)

ବଡ଼ଚଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ସମାଜ ଶାସ୍ତ୍ର ବିଭାଗ ପକ୍ଷରୁ ଆଜିର ଯୁଗରେ ବାଲ୍ୟ ଅପରାଧ ବୃଦ୍ଧି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବ୍ରଜକିଶୋର ସ୍ୱାଇଁ, ମୁଖ୍ୟବକ୍ତା ସାହାସପୁର ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ସରୋଜ ରଞ୍ଜନ ଜେନା ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ବାଲ୍ୟ ଅପରାଧ ବୃଦ୍ଧିର କାରଣ ଓ ନିରାକରଣ ଉପରେ ଆଲୋଚନା ହୋଇଥିଲା। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ବରିଷ୍ଠ ଅଧ୍ୟାପକ ଶାନ୍ତନୁ କୁମାର ରାଉତରାୟ ବାଲ୍ୟ ଅପରାଧ ବୃଦ୍ଧିସମ୍ପର୍କିତ ବିଷୟଭିତ୍ତିକ ତଥ୍ୟ ପ୍ରଦାନ କରିଥିଲେ। ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀ ଦୀପ୍ତିମୟୀ ଶତପଥୀ ସ୍ୱଲିଖିତ ବିଷୟବସ୍ତୁ ସମ୍ବନ୍ଧିତ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପିକା ସସ୍ମିତା ପରିଡ଼ା ଧନ୍ୟବାଦ ଦେଇଥିଲେ।

# ମଦ ପାଇଁ ଟଙ୍କା ନ ଦେବାରୁ ହତ୍ୟା କରିଥିଲେ ସ୍ୱାମୀ




ଦଶରଥପୁର,୧।୩ (ଡି.ଏନ୍.ଏ.)

**ମହିଳାଙ୍କୁ ପନିକିରେ ହାଣି ହତ୍ୟା ଘଟଣା**

**ଖବରଦାତା ସମ୍ମିଳନୀରେ ସୂଚନା ଦେଲା ପୋଲିସ**

ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ ଦଉପୁର ପଞ୍ଚାୟତ ହେମଟପୁର ଗ୍ରାମର ରଙ୍କା ଜେନାଙ୍କ ସ୍ତ୍ରୀ ରେଣୁକା ଜେନାଙ୍କ ହତ୍ୟା ମାମଲାର ପର୍ଦ୍ଦାଫାଶ କରିଛି ପୋଲିସ। ଏନେଇ ବୁଧବାର ମଧ୍ୟାହ୍ନରେ ଥାନା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଯାଜପୁର ଆଡିସିନାଲ୍ ଏସ୍‌ପି ନାରଣ ଚନ୍ଦ୍ର ବାରିକ୍ ଏବଂ ମଙ୍ଗଳପୁର ଥାନା ଆଇଆଇସି ରୀନାରାଣୀ ସାହୁ ଉକ୍ତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି କହିଛନ୍ତି, ରଙ୍କା ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିବାନେଇ ୮ ଦିନପରେ ସ୍ୱୀକାର କରିଛନ୍ତି। ପ୍ରଥମେ ପୋଲିସ୍‌କୁ ଭୁଆଁ ବୁଲାଉଥିବା ରଙ୍କା ପରବର୍ତ୍ତୀ ସମୟରେ ସମସ୍ତ ଲୋମ ଟାଙ୍କୁରା ଘଟଣା ବଖାଣିଛନ୍ତି। ମଦ ପାଇଁ ଟଙ୍କା ନ ଦେବାରୁ ସେ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ ବୋଲି କହିଛନ୍ତି। ଗତ ମାସ ୨୨ ତାରିଖରୁ ରେଣୁକା ଭଦ୍ରକ ଜିଲା ଧୁଷୁରିର ଏକ ବ୍ୟାଙ୍କ୍‌କୁ ଟଙ୍କା ଉଠାଣ କରିବାକୁ ଯାଇଥିଲେ। ବ୍ୟାଙ୍କରୁ ଅପରାହ୍ନରେ ଫେରିବାପରେ ରଙ୍କା ମଦ ପିଇବାଲାଗି ସନ୍ଧ୍ୟାରେ ରେଣୁକାଙ୍କୁ ଟଙ୍କା ମାଗିଥିଲେ। ମାତ୍ର ରେଣୁକା ଟଙ୍କା ଦେବାକୁ ମନା କରିଦେବାରୁ ଦମ୍ପତିଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ରଙ୍କା ଏଥିରେ ଉତ୍‌କ୍ଷିପ୍ତ ହୋଇ ଏକ ପିଢ଼ା ଏବଂ କାଠ ଗଣ୍ଡି ସାହାଯ୍ୟରେ ରେଣୁକାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ରାଗ ଶାନ୍ତ ହୋଇ ନ ଥିଲା। ଶେଷରେ ସେ ପନିକିରେ ରେଣୁକାଙ୍କ ଗଳା କାଟି ହତ୍ୟା କରିଥିଲେ। ପରେ ଘର ପଛ ପଟ ବାଡ଼ିରେ ମୃତଦେହ ପକାଇ ଦେଇଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ ଯାଜପୁର କୋର୍ଟଚାଲାଣ କରାଯାଇଛି।

ସୂଚନା ମୁତାବକ, ଗତ ମାସ ୨୨ ତାରିଖ ବୁଧବାର ସନ୍ଧ୍ୟାରେ ରେଣୁକାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୬୧/୨୩ରେ ହତ୍ୟା ମାମଲା ରୁଜୁକରି ତନାଘନା ଆରମ୍ଭ କରିଥିଲା। ତଦନ୍ତର ଆରମ୍ଭରେ ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରିଥିଲା।

# ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ଯାଜପୁର ଟାଉନ,୧।୩(ଡି.ଏନ.ଏ.)

ଯାଜପୁର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗାନ୍ଧୀ ଛକଠାରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମଙ୍ଗଳବାର ଯୁବମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱରଠାରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଓ ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବାବେଳେ ଭାଜପା ଯୁବମୋର୍ଚ୍ଚା କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି, ପଥର ଫୋପଡ଼ା ଏବଂ ଲାଠିଚାର୍ଜ ଫଳରେ ୫୦ରୁ ଉର୍ଦ୍ଧ୍ୱ ଭାଜପା ଯୁବକର୍ମୀ ଆହତ ହୋଇଥିଲେ। ଅପରପକ୍ଷରେ ୨୧ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ପରେ ପୋଲିସ ଭାଜପା ଯୁବ ସଭାପତି ଇରାଶିଷ୍ ଆଚାର୍ଯ୍ୟଙ୍କ ସହ ବହୁ ଯୁବ ନେତା ଓ କର୍ମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫକୁ ବିରୋଧ କରି ଯାଜପୁର ଭାଜପା ଯୁବମୋର୍ଚ୍ଚା ଜିଲା ସମ୍ପାଦକ ହୃଷୀକେଶ ମେକାପ୍‌ଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ୍ ଦିଆଯିବା ସହ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଗିରଫ କରାଯାଇଥିବା ଯୁବମୋର୍ଚ୍ଚା ନେତା ଓ କର୍ମୀଙ୍କୁ ବିନା ସର୍ତ୍ତରେ ତୁରନ୍ତ ଖଲାସ କରିବା ପାଇଁ ଦାବି କରାଯାଇଛି। ବିକ୍ଷୋଭରେ ଆଇନଜୀବୀ ସତ୍ୟଜିତ୍ ସ୍ୱାଇଁ, ହୃଷୀକେଶ ପରିଡ଼ା, ରଞ୍ଜିତ ଦାସ, ବିଶ୍ୱଜିତ ବରାଳ, ଅବନି ବିଶ୍ୱାଳ, କୁଳମଣି ପରିଡା, ଉର୍ମିଳା ବେହେରା, ରଶ୍ମିରେଖା ସାହୁ, ସୁଦାମ ପରିଡ଼ା ଓ ଜଗବନ୍ଧୁ ସାହୁଙ୍କ ସମେତ ବହୁ ଭାଜପା ଯୁବକର୍ମୀ ଉପସ୍ଥିତ ଥିଲେ।



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

# ଶ୍ରୀମନ୍ଦିରରେ ଆଜିଠାରୁ ଦୋଳଯାତ୍ରା ନୀତି

ପୁରୀ ଅଫିସ, ୧।୩: ଶ୍ରୀମନ୍ଦିରରେ ଗୁରୁବାର ଫଗୁ ଦଶମୀଠାରୁ ଦୋଳଯାତ୍ରା ନୀତି ଆରମ୍ଭ ହେବ। ମଧ୍ୟାହ୍ନ ଧୂପ ପରେ ତିନିବାଡ଼ରେ ମଇଲମ କରାଯାଇ ଠାକୁରମାନଙ୍କୁ ନୂତନ ପାଟବସ୍ତ୍ର ଲାଗି ହେବ। ସେହିପରି ଠାକୁରଙ୍କୁ ଚାଚେରୀ ବେଶରେ ସଜ୍ଜିତ କରାଯିବ। ଭୂଦେବୀ, ଶ୍ରୀଦେବୀ ଏବଂ ଦୋଳଗୋବିନ୍ଦ ସିଂହାସନକୁ ବିଜେ ହେଲା ପରେ ପଞ୍ଚୋପଚାରରେ ଚାଚେରୀ ଭୋଗ କରାଯିବ। ପାଣି ପଡ଼ିବା ପରେ ଫଗୁ ଲାଗି ସହ ବନ୍ଦାପନା କରାଯିବ। ମୁଦିରସ୍ତ ସିଂହାସନ ତଳେ ଝିମିରି ଫଗୁ ଅଞ୍ଜଳି ନୀତି ସମ୍ପନ୍ନ କରିବେ। ଆଜ୍ଞାମାଳ ପାଇ ଶ୍ରୀଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିବେ। ସେଠାରେ ଜଉ ଡାବଖେଳ, ଫଗୁ ବନ୍ଦାପନା, ଶିତଳ ଭୋଗ ସରିବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ।

# ପୁଣି ବ୍ୟାସନଗରର ଜିଲା ଗଠନ ଦାବି ଜୋର ଧରିଲା

ଯାଜପୁର ଅଫିସ,୧।୩

ରାଜ୍ୟରେ କେତେକ ନୂତନ ଜିଲା ଗଠନ ଦାବି ଜୋର ଧରିଛି। ଏହି କ୍ରମରେ ଏନ.ସି. ହାଇସ୍କୁଲ ପଡିଆରେ ବ୍ୟାସନଗର କ୍ରିୟାନୁଷ୍ଠାନ କମିଟି ଓ ବ୍ୟାସନଗର ନାଗରିକ କମିଟି ପକ୍ଷରୁ ଆୟୋଜିତ ସମାବେଶରେ ବ୍ୟାସନଗରକୁ ନୂତନ ଜିଲା ଗଠନ ଦାବି ଉଠିଛି। ପୂର୍ବରୁ କଳିଙ୍ଗନଗର ଜିଲା ଗଠନ ଦାବି ହୋଇଥିଲାବେଳେ ବିଶିଷ୍ଟ ଶ୍ରମିକନେତା ଓ ସ୍ତମ୍ଭକାର ମାୟାଧର ନାୟକ ଏକ ବିଜ୍ଞପ୍ତିରେ ଏହି ଦାବିକୁ ପୁଣି ବଳ ଦେଇଛନ୍ତି। ସେ ଉକ୍ତ ବିଜ୍ଞପ୍ତିରେ ଦର୍ଶାଇଛନ୍ତି ଯେ, ବ୍ୟାସନଗରର ବହୁବିଧ ଜନ ସମସ୍ୟାରେ ବୃଦ୍ଧି ହେଉଥିବାବେଳେ ହୋଲଡିଂ ଟିକସ ବୃଦ୍ଧି, ଜମିଜମା, ଅହେତୁକ ବିଦ୍ୟୁତ ବିଲ, ରେଳବାଇ ଓଭରବ୍ରିଜ ଓ ୧୦୦ ଶଯ୍ୟା ବିଶିଷ୍ଟ ସ୍ପେଶାଲିଷ୍ଟ ହସ୍ପିଟାଲ ପାଇଁ କେତେଯେ ଆନ୍ଦୋଳନ ସହରବାସୀ କରିଛନ୍ତି ତା'ର ପଟ୍ଟାନ୍ତର ନାହିଁ। କିନ୍ତୁ ସରକାର ଆଦୌ କର୍ଣ୍ଣପାତ କରିନାହାଁନ୍ତି। କେବଳ କାକୁତିମିନତୀ ବିନତୀ ଦରଖାସ୍ତ, ସ୍ମାରକପତ୍ର, ଧାରଣାରେ ଦାବି ସୀମିତ ରହିଛି। ୨୦୨୪ରେ ନିର୍ବାଚନ। ତେଣୁ ୨୦୨୩ରେ ଯେଉଁମାନେ ଆନ୍ଦୋଳନ କରୁଛନ୍ତି ସେମାନଙ୍କୁ ପ୍ରତିଶ୍ରୁତି ଦେବାରେ ହେଳା କରୁନାହାଁନ୍ତି। ନିର୍ବାଚନବେଳେ ପଦ୍ମପୁରକୁ ଜିଲା ଘୋଷଣା କରିବା ପାଇଁ ସରକାର କହି ପକେଇଥିଲେ। ସମୟ ଥିଲା ଓଡିଶାର ୧୩ ଜିଲାକୁ ବିଜୁବାବୁ ୩୦ ଜିଲା ଘୋଷଣା କରିଦେଲେ। ଏପରିକି ୫ ରୁ ୭ ଲକ୍ଷ ଜନବସତି ସ୍ଥାନକୁ ଜିଲା ଘୋଷଣା କରାଯାଇଛି। ବ୍ୟାସନଗରକୁ ଜିଲା ଘୋଷଣା କରିବାର ଯଥାର୍ଥତା ରହିଛି। ବିଶେଷକରି ସୁକିନ୍ଦା ଓ କୋରେଇ ନିର୍ବାଚନ ମଣ୍ଡଳୀ ସମେତ ବ୍ୟାସନଗର ମ୍ୟୁନିସିପାଲିଟି, ଘସିପୁରା ଓ ଭୂବନ ବ୍ଲକକୁ ମିଶାଇଦେଲେ ୨୦୧୧ ଜନଗଣନା ଅନୁଯାୟୀ ୭,୧୫,୨୦୩ ଲୋକସଂଖ୍ୟା ଏବଂ ୯୦୩ ଗ୍ରାମ ଅଛି। ଏହି ୧୨ ବର୍ଷ ଭିତରେ ଦେଶ ଓ ଅନ୍ୟାନ୍ୟ ରାଜ୍ୟରୁ କଳିଙ୍ଗନଗର କାରଖାନାରେ ଏବଂ ସୁକିନ୍ଦା ଖଣିଅ ଅଞ୍ଚଳ ଓ ବ୍ୟାସନଗରରେ ବହୁ ବାହାରଲୋକ କୋଠାବାଡି କରି ବସବାସ କଲେଣି। ଏବେ ସମସ୍ତଙ୍କୁ ମିଶେଇ ଦେଲେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଜନସଂଖ୍ୟା ହେବ। ଏହାବାଦ୍ ୧୩ଟି ଥାନା ଯଥା ସୁକିନ୍ଦା, ଦାନଗଦୀ, କୋରେଇ, ପାଣିକୋଇଲି, ଯାଜପୁରରୋଡ, ଯଖପୁରା, କଳିଙ୍ଗନଗର, ଟମକା, କାଳିଆପାଣି, ଜେନାପୁର, ଘସିପୁରା, ହାଟଡିହି, ସୋସୋ ପ୍ରମୁଖ ଥାନା ଏବଂ ବ୍ୟାସନଗର ମୁନିସିପାଲିଟି ଅଛି। ଯଦି ୫ରୁ ୭ ଲକ୍ଷ ଲୋକଙ୍କୁ ନେଇ ଜିଲା ହେଇପାରୁଛି ତେବେ ୧୦ ଲକ୍ଷ ଲୋକଙ୍କୁ ନେଇ ଜିଲା ହେବାର ଅସୁବିଧା କେଉଁଠି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ଏସିଆ ମହାଦେଶର କ୍ରୋମ ରାଜଧାନୀ ସୁକିନ୍ଦା ଉପତ୍ୟକାରେ ୧୪ ଟି କ୍ରୋମାଇଟ ଖଣି ଓ ଟମକା ପାହାଡରେ ଲୁହାପଥର ଭର୍ତ୍ତି ରହିଛି। ଏବେ ଶୁଣାଗଲାଣି ଟମକା-ଦୈତାରୀ ପାହାଡ ପାଖ ତେଲକୋଇ ଅଞ୍ଚଳରେ ସୁନାଖଣିର ସନ୍ଧାନ ମିଳିଲାଣି। ଦାନଗଦୀ ବ୍ଲକରେ କଳିଙ୍ଗନଗର ଭାରତବର୍ଷର ଇସ୍ପାତ୍ ରାଜଧାନୀ। ବ୍ୟାସନଗର ଛାତି ଉପରେ ଯାଜପୁର-କେନ୍ଦୁଝର ରୋଡ ରେଲଷ୍ଟେଶନ। କାହିଁ କେଉଁକାଳୁ ତାଳଚେର କୋଇଲାଠାରୁ ଆରମ୍ଭକରି ସୁକିନ୍ଦା କ୍ରୋମାଇଟ, ଦୈତାରୀ-ଯୋଡା-ବଡବିଲର ଲୁହାପଥର ରାତିଦିନ ବୁହା ଚାଲିଛି। ଏବେ ଯାଜପୁରରୋଡରୁ ଧାମରା ପର୍ଯ୍ୟନ୍ତ ରେଳପଥ ପାଇଁ କେନ୍ଦ୍ରସରକାର ନିଷ୍ପତ୍ତି ନେଇଥିଲେ ବି ଏ ବଜେଟ୍‌ରେ ଅର୍ଥ ବ୍ୟୟ ଅଟକଳ କରିନାହାଁନ୍ତି। ବ୍ୟାସନଗର ସହରରେ ବଡ ବଡ ବ୍ୟବସାୟୀ, ପ୍ରାଇଭେଟ ଡାକ୍ତରଖାନା, ଶିକ୍ଷାନୁଷ୍ଠାନ ଖୁନ୍ଦି ହୋଇଗଲାଣି। କିନ୍ତୁ ସୁକିନ୍ଦା କୋରେଇ ଲୋକେ କୋର୍ଟ କଚେରୀ ଓ ଅନ୍ୟାନ୍ୟ କାମ ପାଇଁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏବେ କଳିଙ୍ଗନଗର ଡେଭଲପମେଣ୍ଟ ଅଥରିଟିକୁ ମଙ୍ଗଳପୁର-ବିଞ୍ଝାରପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। କୋରେଇ ନିର୍ବାଚନ ମଣ୍ଡଳୀର ବିକାଶ ଅଧପନ୍ତରିଆ ହୋଇ ପଡିରହିଛି। ଏଭଳି ଅବସ୍ଥାରେ ଯେଉଁ ଦାବିସବୁ ଉପସ୍ଥାପନ କରାଯାଇଛି, ସରକାର ଓ କର୍ତ୍ତୃପକ୍ଷ ହେୟଜ୍ଞାନ କରୁଛନ୍ତି। ସରକାର ୨୦୨୩ରେ କାଳବିଳମ୍ବ ନ କରି ବ୍ୟାସନଗରକୁ ଜିଲା ଘୋଷଣା କରିବାକୁ ନାୟକ ଦୃଢ ଦାବି କରିଛନ୍ତି।



# ସୂର୍ଯ୍ୟମୁଖୀ ଚାଷକୁ ମିଳୁନି ପ୍ରୋତ୍ସାହନ

**କେନ୍ଦ୍ରାପଡ଼ା ଅଫିସ,୧।୩**



- ତାଲିମ,ଅନୁଦାନ ଜିଲା ଅର୍ଥନୀତିକୁ ସମୃଦ୍ଧି କରିବ
- ୨୦୧୫ରେ ଜିଲାରେ ହେଉଥିଲା ୩୦ ହେକ୍ଟର ଚାଷ
- ଏସ୍‌ଏସ୍‌ଜି ଗୋଷ୍ଠୀଙ୍କୁ ଅଧିକ ସାମିଲ ପାଇଁ ଦାବି

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ କୋଇଲିପୁରର ଚାରିପୋଖରିଆ ଗ୍ରାମର ସ୍ୱୟଂସହାୟକ ମହିଳା ଗୋଷ୍ଠୀ ଚଳିତବର୍ଷ ୭ ଏକର ଜମିରେ ସୂର୍ଯ୍ୟମୁଖୀ ଚାଷ କରିଛନ୍ତି । ଏହି ଚାଷ ସେମାନଙ୍କ ପାଇଁ ଦ୍ୱିତୀୟ ବର୍ଷ । ପ୍ରଥମ ବର୍ଷର ଅଭିଜ୍ଞତା ସେମାନଙ୍କୁ ପରିପକ୍ୱ କରିବା ସହିତ ମାଆ ମଙ୍ଗଳ ଗୋଷ୍ଠୀର ସୂର୍ଯ୍ୟମୁଖୀ ତେଲ ସ୍ଥାନୀୟ ବଜାରରେ ଆଦୃତି ଲାଭ କରିଛି । ତେବେ ତାଲିମ ଓ ପ୍ରୋତ୍ସାହନର ଅଭାବ ଯୋଗୁ ଏହି ଅର୍ଥକାରୀ ଫସଲ ପ୍ରତି ଜିଲାର ଚାଷୀମାନେ ବିଶେଷ ଆଗ୍ରହ ପ୍ରକାଶ କରିନାହାନ୍ତି । ରବି ଫସଲ ସମୟରେ ହେଉଥିବା ଏହି ଚାଷକୁ ଯୋଜନାବଦ୍ଧ ଭାବେ ପ୍ରୋତ୍ସାହିତ କଲେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ସହିତ ଜିଲା ଅର୍ଥନୀତି ବେଶ ପ୍ରଭାବିତ ହେବ ବୋଲି ଚାଷୀ ଓ ବୁଦ୍ଧିଜୀବୀ ମତ ଦେଇଛନ୍ତି ।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଆଶିଷ କୁମାର ସେନାପତି କହିଛନ୍ତି, ଦେଶରେ ଗତ କିଛିଦିନ ହେବ ଖାଇବା ତେଲର ଦାମ ଲଗାତର ବୃଦ୍ଧି ପାଇଛି । ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ପରେ ଖାଇବା ତେଲ ଦରକୁ ନେଇ ସାଧାରଣ ଲୋକେ ଚିନ୍ତାରେ ପଡିଛନ୍ତି । ୟୁକ୍ରେନ ଓ ରୁଷିଆରୁ ସୂର୍ଯ୍ୟମୁଖୀ ତେଲ ଆମଦାନୀ ଏକ ପ୍ରକାର ବନ୍ଦ ପରେ ଭାରତ ମାଲେସିଆ ଓ ଇଣ୍ଡୋନେସିଆରୁ ପାମ୍ ତେଲ ଆମଦାନୀକୁ ଗୁରୁତ୍ୱ ଦେଇଛି । ତେବେ ମାଲେସିଆ ସରକାର ପାମ୍ ତେଲ ଦର ବୃଦ୍ଧି କରିଥିବା ବେଳେ ଇଣ୍ଡୋନେସିଆ ତେଲ ରପ୍ତାନୀ ଉପରେ କଟକଣା କରିଛନ୍ତି। ଏହାର ନିରାକରଣ ପାଇଁ ୧୯୬୮ରେ ତତ୍କାଳିନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ସବୁଜ ବିପ୍ଳବ ପାଇଁ ଆହ୍ୱାନ ଦେଇଥିଲେ । ଏହି ବିପ୍ଳବ ପାଇଁ ଭାରତ ଆଜି ଗହମ ରପ୍ତାନି କ୍ଷେତ୍ରରେ ଅଗ୍ରଗତି କରୁଛି । ତେଲ ଅଭାବର ମୁକାବିଲା ପାଇଁ ସୂର୍ଯ୍ୟମୁଖୀ ଚାଷକୁ ପ୍ରୋତ୍ସାହନ ଆବଶ୍ୟକ । କେନ୍ଦ୍ରାପଡ଼ା ଜିଲାରେ ଏଥିପାଇଁ ପାଣି, ପବନ ଓ ମାଟି ଥିବା ବେଳେ ତାଲିମ ଓ ସରକାରୀ ପ୍ରୋତ୍ସାହନର ଅଭାବ ଅଛି । ଗରଦପୁର ପଞ୍ଚାୟତ ପତିସାହିର ପବିତ୍ର କାପ କୁହନ୍ତି, ୨୦୧୫ରେ ଗରଦପୁର ବ୍ଲକର ୪ ପଞ୍ଚାୟତରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୩୦ ହେକ୍ଟର ଜମିରେ ପରୀକ୍ଷାମୂଳକ ଭାବେ ସୂର୍ଯ୍ୟମୁଖୀ ଚାଷ ହୋଇଥିଲା । ଅମଳ ମଧ୍ୟ ଭଲ ହୋଇଥିଲା । ତେବେ ବଜାରର ଅଭାବ ଏହି ଚାଷ ପ୍ରତି ବିତୃଷ୍ଣା ଭାବ ସୃଷ୍ଟି କରିଛି। କୃଷକ ନେତା ରଶ୍ମୀରଞ୍ଜନ ଚୌଧୁରୀ କହିଛନ୍ତି, ଜିଲା ବାର୍ଷିକ ଯୋଜନାରେ ସିଂହ ଭାଗ ଅର୍ଥ କୃଷିକ୍ଷେତ୍ରରେ ନିୟୋଜିତ ହେବ ବୋଲି ଅଟକଳ କରାଯାଉଛି । ତେବେ ଏହା ବାସ୍ତବ କ୍ଷେତ୍ରରେ ଦେଖାଯାଉନାହିଁ। ଜଳ ପରିଚାଳନାକୁ ସୁଦୃଢ଼ କରି ପାରିଲେ ସୂର୍ଯ୍ୟମୁଖୀ ଚାଷ ପାଇଁ କେନ୍ଦ୍ରାପଡ଼ା ଜିଲା ଉଦାହରଣ ପାଲଟିବ । ଜିଲାରେ ଏହି ଚାଷ ପାଇଁ ପ୍ରାୟ ୪୦ ହଜାର ହେକ୍ଟର ଜମି ଉପଯୁକ୍ତ ଅଛି । ସୂର୍ଯ୍ୟମୁଖୀ ମଞ୍ଜିରେ ସାଧାରଣରେ ପ୍ରାୟ ୫୫ ପ୍ରତିଶତ ତେଲ ଆଦାୟ ହେବ । ଏହି ତେଲ ବାହାର କରିବା ପାଇଁ କ୍ଷୁଦ୍ର ଶିଳ୍ପ ଗଢ଼ି ଉଠିବ । ତେବେ ଏଥିପାଇଁ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ସ୍ଥାନୀୟ ଅଞ୍ଚଳର ରାଜନେତା, ପ୍ରଶାସକଙ୍କ ସହିତ ଏନ୍‌ଜିଓ, ପାଣି ପଞ୍ଚାୟତ, ଫାର୍ମର୍ସ କ୍ଲବ ଆଦିଙ୍କ ସହଯୋଗ ଆବଶ୍ୟକ । ଏସ୍‌ଏସ୍‌ଜି ସଦସ୍ୟାଙ୍କୁ ବହୁଳ ମାତ୍ରାରେ ନିୟୋଜନ ସୂର୍ଯ୍ୟମୁଖୀ ତେଲ ଉତ୍ପାଦନରେ ବିପ୍ଳବ ଆଣିପାରିବ । ସେହିପରି ଆତ୍ମା ମାଧ୍ୟମରେ ତାଲିମ ଓ ସରକାରୀ ଅନୁଦାନ ଏହି ଚାଷକୁ ଆଗକୁ ନେଇ ପାରିବ ।

ଏ ସମ୍ପର୍କରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦେବଦାସ ଦତ୍ତ ଓ କେଭିକେ ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ସୂର୍ଯ୍ୟନାରାୟଣ ମିଶ୍ର କହିଛନ୍ତି, ସୂର୍ଯ୍ୟମୁଖୀ ଚାଷ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ ହୋଇଛି । ଆତ୍ମା ମାଧ୍ୟମରେ ତାଲିମ ସହ ରାଜ୍ୟର ୧୧୮ଟି ଗୋଦାମ ଗୃହ ନିର୍ମାଣ କରି ଏପରି ଫସଲ ସଂଗ୍ରହ କରିବାକୁ ଯୋଜନା ହୋଇଛି । ଚାଷୀ ଚଳିତ ବର୍ଷ ଏହାର ଫାଇଦା ପାଇ ପାରିବେ ।

# ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳିତ



ଅତିଥି ଶୁଭେନ୍ଦୁ ପାତ୍ରଙ୍କୁ ହୁଇଲ୍ ଚେୟାର ପ୍ରଦାନ କରୁଛନ୍ତି ।

**କେନ୍ଦ୍ରାପଡ଼ା ଅଫିସ,୧।୩**

୨୦୦୮ରୁ ପ୍ରତିବର୍ଷ ମାର୍ଚ୍ଚ ୧କୁ ଅନ୍ତର୍ଜାତୀୟ ହୁଇଲ୍ ଚେୟାର ଦିବସ ରୂପେ ପାଳନ କରାଯାଇ ଆସୁଛି । ଏହି ଦିବସରେ ମନୁଷ୍ୟ ସମାଜ ନିମନ୍ତେ ହୁଇଲ୍ ଚେୟାରର ଉପଯୋଗିତାକୁ ସୂଚାଇ ଦିଆଯାଇଥାଏ । ବିଶେଷ କରି ଦୁର୍ଘଟଣାଜନିତ କାରଣ ହେଉ ଅବା ରୋଗଗ୍ରସ୍ତ ହେତୁ ଚଳନଶକ୍ତି ହରାଇ ବସିଥିବା ବ୍ୟକ୍ତିଙ୍କୁ ଏହା ଭିନ୍ନପ୍ରକାରର ଗତିଶୀଳତା ପ୍ରଦାନ କରିଥାଏ । ଉକ୍ତ ଦିବସର ବିଶେଷତ୍ୱକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଭିନ୍ନକ୍ଷମଙ୍କ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁର୍ନବାସ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପୁର୍ନବାସର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ବରିଷ୍ଠ ଚିକିତ୍ସକ ଡା. ବିଶ୍ୱ ପ୍ରକାଶ କାନୁନ୍‌ଗୋ, କାଉନ୍‌ସିଲର ରଶ୍ମିତା ସିଂହ ଓ ନିମାଇଁ ଚରଣ ମାନସିକ ନୁନ୍ୟତା ସଂସ୍ଥାନର ଅଧ୍ୟକ୍ଷ ସ୍ୱପ୍ନାଂଶୁ କୁମାର ଦାସ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉକ୍ତ ଦିବସ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ପଟ୍ଟାମୁଣ୍ଡାଇ ବେଲତଳ ଗ୍ରାମର ଭିନ୍ନକ୍ଷମ ଯୁବକ ଶୁଭେନ୍ଦୁ ପାତ୍ରଙ୍କୁ ଏକ ହୁଇଲ୍ ଚେୟାର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଂଯୋଜକ ସଞ୍ଜୀବ କୁମାର ଜେନା, ରଞ୍ଜନ କୁମାର ସ୍ୱାଇଁ, ଶେଷଦେବ ପ୍ରସାଦ ଦାସ, ଜ୍ୟୋତି ରଞ୍ଜନ ନାୟକ, ଧର୍ମଦର୍ଶୀ କର, କ୍ଷୀରୋଦ କର, ବଂଶୀଧର ମହାନ୍ତ, ମନୋଜ ରାଉତ ପ୍ରମୁଖ ଉପସ୍ଥିତ ରହି ନିଜର ମତ ଉପସ୍ଥାପନ କରିଥିଲେ ।

## ୩ରୁ ସାଗରବେଳା ମହୋତ୍ସବ

**ରାଜନଗର,୧।୩(ଡି.ଏନ.ଏ.)**

ବଙ୍ଗୋପସାଗର ତଟବର୍ତ୍ତୀ ପେଣ୍ଠ ବେଳାଭୂମିରେ ମାର୍ଚ୍ଚ ୩ରୁ ୫ ତାରିଖ ଯାଏଁ ସାଗରବେଳା ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜନଗର ମାଟିର ଐତିହ୍ୟ, ସଂସ୍କୃତି, ପରମ୍ପରା, ଧର୍ମ ଭାବନା ଏବଂ ପ୍ରକୃତିର ଅଫୁରନ୍ତ ଐଶ୍ୱର୍ଯ୍ୟ ଗୌରବ ଗାଥାକୁ ସ୍ମରଣ କରିବା ସହିତ ବିଶ୍ୱ ପ୍ରସିଦ୍ଧ ଭିତରକନିକାର ବିଭବ ସମ୍ବନ୍ଧରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସାଗରବେଳା ମହୋତ୍ସବର ଏକ ସ୍ମରଣିକା ଉନ୍ମୋଚନ କରାଯିବ ବୋଲି ମହୋତ୍ସବର ସଭାପତି ଡ. ଅଭୟ କୁମାର ପାତ୍ର, ମହାସଚିବ ପ୍ରାଧ୍ୟାପକ ସତ୍ୟବାଦୀ ଜେନା ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡା ଜିଲାପାଳ ଅମ୍ରିତ ଋତୁରାଜ, ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ଶାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୨ୟ ଦିବସରେ ନ୍ୟାୟାଧୀଶ ତଥା ଗାନ୍ଧୀ ସ୍ମାରକ ନିଧି ସଭାପତି ମନୋରଞ୍ଜନ ମହାନ୍ତି, ରାଜନଗର ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ କମିଟିର ସଭାପତି ଅଂଶୁମାନ ମହାନ୍ତି, କିସ୍ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ. ବିଜୟାନନ୍ଦ ସିଂ, ବ୍ରହ୍ମାବଧୂତ ସନ୍ଥ ଅନ୍ତର୍ଯ୍ୟାମୀ ଦାସ ପ୍ରମୁଖ ଯୋଗ ଦେଉଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ, ବିଧାୟକ ସାହୁ, ଭାରତର ବିଶିଷ୍ଟ କୁମ୍ଭୀର ଗବେଷକ ଡ. ସୁଧାକର କର, ବ୍ରହ୍ମାବଧୂତ ସନ୍ଥ ଅଭୟ ଦାସ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଭିତରକନିକା ମହୋତ୍ସବ ପାଇଁ ପ୍ରତିଯୋଗିତା

**ରାଜନଗର,୧।୩ (ଡି.ଏନ.ଏ.)**



ଆୟୋଜିତ ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥି ।

ଭିତରକନିକା ମହୋତ୍ସବ ରାଜନଗର ବ୍ଲକର ନଳିତାପାଟିଆଠାରେ ଚଳିତମାସ ୧୦ରୁ ୧୨ ତାରିଖ ଯାଏ ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭିତରକନିକା ଜୈବ ବିବିଧତାର ସୁରକ୍ଷା ଓ ସଂରକ୍ଷଣ ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକର ୨୯ ପଞ୍ଚାୟତର ଛାତ୍ରୀଛାତ୍ରୀଙ୍କ ମଧ୍ୟରେ କ୍ଲଷ୍ଟରସ୍ତରରେ ପ୍ରତିଯୋଗିତା କରାଯାଇ ୩ଜଣ ଲେଖାଏଁ କୃତୀ ପ୍ରତିଯୋଗୀ ଚୟନ କରାଯାଇଥିଲା। କ୍ଲଷ୍ଟରସ୍ତରର କୃତି ପ୍ରତିଯୋଗୀମାନଙ୍କ ମଧ୍ୟରେ ରାଜନଗରସ୍ଥିତ ସରକାରୀ ଶୈଳେନ୍ଦ୍ର ନାରାୟଣ ଉପ୍ରା ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଷଷ୍ଠରୁ ନବମ ଜୁନିୟର ଓ ଯୁକ୍ତ ୨ ଶ୍ରେଣୀର ଛାତ୍ରୀଛାତ୍ରମାନେ ସିନିୟରସ୍ତରରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଓ ପୋଷ୍ଟର ପେଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଯୋଗିତାର ବିଷୟ ବସ୍ତୁ ଭିରତକନିକାର ଜୈବ ବିବିଧତାର ସୁରକ୍ଷା ଓ ସଂରକ୍ଷଣ ସମ୍ପର୍କିତ ଥିଲା। ଏହି ପ୍ରତିଯୋଗିତାରେ ପ୍ରବନ୍ଧ ବିଭାଗରେ ଅଷ୍ଟମ ଶ୍ରେଣୀର ଛାତ୍ରୀ ଆଦ୍ୟାଶା ପଣ୍ଡା, ନବମ ଶ୍ରେଣୀର ଛାତ୍ର ଏସ୍‌ପି ସୌମ୍ୟକାନ୍ତ ପ୍ରିୟଦର୍ଶୀ, ଅଷ୍ଟମ ଶ୍ରେଣୀ ଛାତ୍ରୀ ବନିତା ତାଡୁ, ବକ୍ତୃତା ବିଭାଗରେ ନବମ ଶ୍ରେଣୀ ଛାତ୍ରୀ ଦେବୀ ପ୍ରିୟା ସ୍ୱାଇଁ, ଅଷ୍ଟମ ଶ୍ରେଣୀର ଅରୁଣିତା ପରିଡା, ନନ୍ଦିନୀ ଭୂୟାଁ, ପୋଷ୍ଟର ପେଟିଂ ପ୍ରତିଯୋଗିତାରେ ନବମ ଶ୍ରେଣୀର ବିଶ୍ୱ ପ୍ରକାଶ କଅଁର, ଜ୍ୟୋତିର୍ମୟୀ ଲେଙ୍କା, ଷଷ୍ଠ ଶ୍ରେଣୀର ଅକ୍ଷିତା ଜେନା ଯଥାକ୍ରମେ ପ୍ରଥମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଛନ୍ତି। ସିନିୟର ବିଭାଗରେ ପ୍ରବନ୍ଧରେ ଶ୍ରାବଣୀ ପରିଡା, ବକ୍ତୃତାରେ ଅଭିପ୍ସା ନାୟକ, ପୋଷ୍ଟର ପେଟିଂ ବିଭାଗରେ ସତ୍ୟବ୍ରତ ବେହେରା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ କୃତି ପ୍ରତିଯୋଗୀଙ୍କୁ ଭିତରକନିକା ମହୋତ୍ସବ ସ୍ଥଳରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜନଗର ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ମୁଖ୍ୟବକ୍ତା ବିଆରସିସି ଅଜିତ କୁମାର ବାରିକ, ସମ୍ମାନୀତ ଅତିଥି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କଳ୍ପନା କୁମାରୀ ଦେଇ ପ୍ରମୁଖ ଯୋଗଦେଇ ଭିତରକନିକା ଜୈବ ବିବିଧତାର ସୁରକ୍ଷା ଓ ସଂରକ୍ଷଣ ସହିତ ପରିବେଶ ସୁରକ୍ଷା ଉପରେ ପିଲାଙ୍କୁ ବୁଝାଇଥିଲେ। ସରକାରୀ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଧାଂଶୁବାଳା ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦଉହରି ମଳିକ, ନୋଡାଲ ସିଆରସିସି ମଧୁସୂଦନ ସାହୁ, ସିଆରସିସି ସୁଶାନ୍ତ କୁମାର ସେଠୀ, ପ୍ରଶାନ୍ତ କୁମାର ଜେନା, ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ, ମହେଶ୍ୱର ସାହୁ, ସଞ୍ଜୟ କୁମାର ସେଠୀ, ମଙ୍ଗୁଳି ଚରଣ ସେଠୀ, ଚନ୍ଦ୍ରକାନ୍ତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଳମ୍ବିତ ରାତିରେ ୫ ବଖରା ଜଳିଗଲା

**ରାଜକନିକା,୧।୩(ଡି.ଏନ୍.ଏ.)**

ରାଜକନିକା ପଞ୍ଚାୟତ ସମିତି ଅଧୀନ ସିହୋପଡ଼ା ଗ୍ରାମ ପଞ୍ଚାୟତର ଆଗପଡ଼ା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୫ ବଖରା ଜଳି ଯାଇଛି । ଏଥିରେ ସେହି ପରବାର ସର୍ବସ୍ୱାନ୍ତ ହୋଇଛନ୍ତି । ସୂଚନା ମୁତାବକ ରାତ୍ରି ପ୍ରାୟ ୧ଘଟିକା ସମୟରେ ବିଶ୍ୱମ୍ଭର ମଲ୍ଲିକଙ୍କ ପରିବାର ଲୋକମାନେ ଶୋଇଥିବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା । ନିଆଁକୁ ଆୟତ୍ତ କରିବା ପୂର୍ବରୁ ୫ବଖରା ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି । ପରିବାର ଲୋକମାନେ ପିନ୍ଧାଲୁଗା ବ୍ୟତୀତ ଅନ୍ୟକିଛି ବଞ୍ଚାଇ ପାରିନାହାନ୍ତି । ଅଗ୍ନିକାଣ୍ଡର ଭୟାବହତା ଏତେ ମାତ୍ରାରେ ଥିଲା ଯେ, ଗ୍ରାମବାସୀ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ରାଜକନିକା ଅଗ୍ନିଶମ ବିଭାଗ ଠିକ୍ ସମୟରେ ପହଞ୍ଚିଥିଲେ ମଧ ଘର ପାଖକୁ ଦମକଳ ଗାଡ଼ି ଯିବା ସମ୍ଭବପର ହୋଇ ନ ଥିଲା । ସେଠାରୁ ଫେରି ଭାମଣ୍ଡା ରାସ୍ତା ଦେଇ ବିଲ ବାଟେ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା । ଏହି ଅଗ୍ନିକାଣ୍ଡରେ ଏକ ବାଇକ୍, ଟିଭି, ୩୦ବସ୍ତା ଧାନ, ନବବଧୂର ସୁନା, ରୁପା ଅଳଙ୍କାର ସହ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ବୁଧବାର କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ବିଡିଓ ରବିନାରାୟଣ ଆଚାର୍ଯ୍ୟ, ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ, ଉପାଧକ୍ଷା ତନ୍ମୟ ରଞ୍ଜନ ଦାସ ଘଟଣାସ୍ଥଳ ପରିଦର୍ଶନ କରି ଅଗ୍ନି ବିପନ୍ନଙ୍କୁ ଭେଟି ସମବେଦନା ଜଣାଇବା ସହ ପଲିଥିନ ପ୍ରଦାନ କରିଛନ୍ତି । ତୁରନ୍ତ ସରକାରୀ ସହୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ପ୍ରତାପ ଦେବ ଫ୍ୟାନ୍ କ୍ଲବର ସଦସ୍ୟମାନେ ଅଗ୍ନିବିପନ୍ନଙ୍କୁ ରାଶନ ସାମଗ୍ରୀ, ପନିପରିବା ଓ ବସ୍ତ୍ର ଯୋଗାଇ ଦେଇଛନ୍ତି ।



ପୋଡି ଯାଇଥିବା ଘର ।

# ଗୋଲ୍‌ଡେନ କ୍ରିକେଟ ଟିମ୍ ବିଜୟୀ

**ରାଜନଗର,୧।୩ (ଡି.ଏନ.ଏ.)**

ରାଜନଗର ବ୍ଲକ ଫିରିକିଦାଣ୍ଡି ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ କ୍ୱାର୍ଟରରେ ଏମ୍‌ସିସି ମଦନପୁରକୁ ହରାଇ ଗୋଲଡେନ କ୍ରିକେଟ ଟିମ୍ ଗମ୍ଭୁ, ଯାଜପୁର ସେମି ଫାଇନାଲରେ ପ୍ରବେଶ କରିଛି। ଗୋଲଡେନ କ୍ରିକେଟ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୧୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚନ୍ଦନ ୩୨ ବଲରେ ୧୦ ଛକା, ୨ ଚୌକା ବିନିମୟରେ ୭୬ ରନ ଏବଂ ସନ୍ତୋଷ ୨୦ ବଲରୁ ୩ ଛକା ଓ ୨ ଚୌକା ସହାୟତାରେ ୩୨ ରନ ସଂଗ୍ରହ କରିଥିଲେ। ଏମ୍‌ସିସିର ଶାରଦା ୪ ଓଭର ବୋଲିଂ କରି ୨୮ ରନ ଦେଇ ୨ ଉଇକେଟ ଓ ସୁରେଶ ୪ ଓଭର ବୋଲିଂ କରି ୨୦ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ୨୧୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ଏମ୍‌ସିସି ମଦନପୁର ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୩୪ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଶାରଦା ୩୧ ବଲରୁ ୨ ଚୌକା ସହାୟତାରେ ୨୪ ରନ୍ , ସର୍ବେଶ୍ୱର ୮ ବଲ୍‌ରେ ୨ ଟି ଛକା, ଗୋଟିଏ ଚୌକା ସହାୟତାରେ ୧୮ ରନ କରିଥିଲେ। ଗୋଲଡେନ କ୍ରିକେଟ ଟିମର ସନ୍ତୋଷ ୪ ଓଭର ବୋଲିଂ କରି ୩୬ ରନ ଦେଇ ୪ ଉଇକେଟ ଓ ମାନସ ୩ ଓଭର ବୋଲିଂ କରି ୧୬ ରନ୍ ଦେଇ ୩ ଉଇକେଟ ହାସଲ କରିଥିଲେ। ଗୋଲଡେନ କ୍ରିକେଟ

**ନଳିନୀକାନ୍ତ ମହାନ୍ତି କ୍ରିକେଟ ଟୁର୍ନାମେଣ୍ଟ**

ଟିମ୍‌ର ଚନ୍ଦନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ରାଜନଗର ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା, ଗବେଷକ ପ୍ରସନ୍ନ ନାୟକ, ଫରେଷ୍ଟର ବିଜୟ ପାତ୍ର, ସାମାଜିକ କର୍ମୀ ଗିରିଧାରୀ ବଳ, କୈଳାସ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଗୁରୁବାର ପ୍ରଥମ ସେମିରେ ଜୟଦେବ କ୍ରିକେଟ କ୍ଲବ ଭୁବନେଶ୍ୱର ଓ ବାଲାବାବା କ୍ରିକେଟ କ୍ଲବ କେନ୍ଦ୍ରାପଡା ମଧ୍ୟରେ ଅନୁଷ୍ଠିତ ହେବ।


କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ମଞ୍ଚାସୀନ ଅତିଥି ।

# ପଟ୍ଟାମୁଣ୍ଡାଇ ବ୍ଲକରେ ଜଳ କଷ୍ଟ

**ପଟ୍ଟାମୁଣ୍ଡାଇ,୧।୩ (ସ୍ୱ.ପ୍ର.)**


ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନିର୍ମିତ ହୋଇଥିବା ଓଭରହେଡ୍ ପାଣି ଟାଙ୍କି ।

- ଓଭରହେଡ୍ ଟାଙ୍କି କାମରେ ଲାଗୁନି
- ବିଶୁଦ୍ଧ ପାନୀୟ ଜଳ ପାଇଁ ଲୋକେ ତହଲବିକଳ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକରେ ପାନୀୟ ଜଳ ସମସ୍ୟାର ସମାଧାନ ମାର୍ଗ ବାହାରି ପାରୁନି । କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ନିର୍ମାଣ କରାଯାଇ ଥିବା ପାନୀୟଜଳ ପ୍ରକଳ୍ପର ଓଭରହେଡ୍ ଟାଙ୍କି କାମରେ ଲାଗୁ ନାହିଁ । ଫଳରେ ପାନୀୟ ଜଳ ପାଇଁ ଲୋକେ ତହଲବିକଳ ହେଉଛନ୍ତି । ଆକାଶକୁ ମଥାଟେକି ଗାଁ ମୁଣ୍ଡରେ ପାଣିଟାଙ୍କିଗୁଡିକ ଠିଆ ହୋଇଛି। ହେଲେ ସେଥିରୁ ଅଧିକାଂଶ ଅଚଳ ଅବସ୍ଥାରେ ଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏଥିପାଇଁ ସେମାନେ ବିଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଥିବା କହିଛନ୍ତି । ବୈଷୟିକ ତ୍ରୁଟି ପାଇଁ ପାନୀୟଜଳ ପ୍ରକଳ୍ପରୁ ଓଭରହେଡ ଟାଙ୍କିଗୁଡିକରେ ପାଣି ଭର୍ତ୍ତି ହୋଇ ନ ପାରିବା ଫଳରେ ଗାଁ ଶେଷମୁଣ୍ଡରେ ଥିବା ପରିବାର ନିକଟରେ ପାଇପ୍ ପାଣି ପହଞ୍ଚୁ ନାହିଁ । ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ ଏବଂ ବ୍ଲକ୍ ଜଳ ଯୋଗାଣ ବିଭାଗ ଯନ୍ତ୍ରୀମାନେ ଏଥିପ୍ରତି ଆଦୌ ଧ୍ୟାନ ଦେଉ ନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି ।

ସୂଚନ ଅନୁଯାୟୀ, ପଟ୍ଟାମୁଣ୍ଡାଇ ବ୍ଲକ୍‌ର ୩୧ ପଞ୍ଚାୟତରେ ୫୭ଟି ପାନୀୟ ଜଳ ପ୍ରକଳ୍ପ ନିର୍ମିତ ହୋଇଛି । ସେଥିମଧ୍ୟରୁ ୪୦ଟି ପାନୀୟଜଳ ପ୍ରକଳ୍ପର ଓଭରହେଡ୍ ଟାଙ୍କି ନିର୍ମାଣ ହୋଇଥିବା ବେଳେ ୧୭ ଟିରେ କେବଳ ମଟର ଦ୍ୱାରା ପାଇପରେ ପାଣି ଯାଉଛି । ୪୦ଟି ଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ତାହାର ଫାଇଦା ଲୋକମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ। କେବଳ ପାଣିପମ୍ପ ଯୋଗେ ପାଇପ୍ ଲାଇନରେ ପାଣି ଯୋଗାଇ ଦିଆଯାଉଛି। ହେଲେ ଏହି ପାଣି ଗ୍ରାମର ନିର୍ଦ୍ଧାରିତ ଲୋକମାନଙ୍କ ନିକଟରେ ପହଞ୍ଚୁ ନାହିଁ। ଗତ କିଛିଦିନ ତଳେ ଖଡିଅଣ୍ଟା ପଞ୍ଚାୟତର ଖଡିଅଣ୍ଟା ଓ ବାଇପଦା ଗ୍ରାମବାସୀ ପାଣି ପାଉ ନ ଥିବା ଦର୍ଶାଇ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ । ବ୍ଲକ ପ୍ରଶାସନ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ସେହି ସମସ୍ୟାର ସମାଧାନ ହୋଇପାରି ନାହିଁ । ସେହିପରି ବ୍ଲକର ଅଳପୁଆ, ନରସିଂହପୁର, ଶ୍ରୀରାମପୁର, କଖାରୁଣୀ, ଅଣ୍ଡରା, ବଡ଼ମହନପୁର, ବଡ଼ପଡ଼ା, ସାନଜରିଆ ଆଦି ପଞ୍ଚାୟତରେ ଏଭଳି ପାଣି କଷ୍ଟ ଲାଗି ରହିଛି । ପଞ୍ଚାୟତର ଲୋକମାନଙ୍କୁ ପାଇପ ଯୋଗେ ସିଧାସଳଖ ପାଣି ଯୋଗାଇଦେବା ବ୍ୟବସ୍ଥା କରାଯାଇଥିବାରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ବ୍ୟତିକ୍ରମ ଘଟିଛି ବୋଲି ପଞ୍ଚାୟତବାସୀ କହିଛନ୍ତି ।

ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକଙ୍କୁ ଯୋଗାଯୋଗ କରିବାକୁ ସେ କୌଣସି ପ୍ରଶ୍ନର ସଠିକ୍ ଉତ୍ତର ନ ଦେଇ ଏଡାଇ ଯାଇଥିଲେ। ବ୍ଲକ୍ ପାନୀୟଜଳ ଯୋଗାଣ ସହକାରୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ରଙ୍କୁ ଯୋଗାଯୋଗା କରିବାରୁ ସମସ୍ତ ଓଭରହେଡ୍ ଟାଙ୍କିରେ ପମ୍ପ ଯୋଗେ ପାଣି ଭର୍ତ୍ତି କରାଯାଉଛି। ସେହି ଟାଙ୍କିରୁ ଲୋକମାନେ ବିଶୁଦ୍ଧ ପାନୀୟ ଜଳ ପାଉଛନ୍ତି । ଏଭଳି ଅଭିଯୋଗ ଆମ ପାଖରେ ନାହିଁ । ତଥାପି ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ବୈଷୟିକ ତ୍ରୁଟି ପାଇଁ ଓଭରହେଡ ଟାଙ୍କିଗୁଡିକ କାର୍ଯ୍ୟକ୍ଷମ ହୋଇ ନ ପାରିବା ଘଟଣାର ଭିଜିଲାନ୍ସ ତଦନ୍ତ କରିବାକୁ କେନ୍ଦ୍ରାପଡ଼ା ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ବ୍ଲକ କଂଗ୍ରେସ ସଭାପତି ମଳୟ ଦାସ, ନରେଶ ଜେନା, ମାଗୁଣି ଲେଙ୍କା, ଯଦୁମଣୀ ଦାସ, ଦିଲ୍ଲୀପ ଜେନା, ନିମାଇ କର,ବିଜୟ ନାୟକ ପ୍ରମୁଖ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ବାଣୀଗୋଛା ହାଇସ୍କୁଲର ବାର୍ଷିକ ଉତ୍ସବ

ଦଶପଲ୍ଲା,୧।୩(ଡି.ଏନ.ଏ.):ବୁଧବାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ, ଆଦିବାସୀ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବାଣୀଗୋଛା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବ୍ଲକ ଚେୟାରମ୍ୟାନ ତଥା ବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ସୁନନ୍ଦା ସାହୁ, ସମ୍ମାନିତ ଅତିଥି ଭାବେ ସିଆଇ ସଞ୍ଜିତା ବେହେରା, ଜିଲା ପରିଷଦ ସଭ୍ୟ ତଥା ପ୍ରାକ୍ତନ ଛାତ୍ର ହରିଶ୍ଚନ୍ଦ୍ର ଜାନୀ ତଥା ପ୍ରଧାନ ଶିକ୍ଷକ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ବହୁ ପ୍ରେରଣା ଦାୟକ ଉପଦେଶ ଦେଇଥିଲାବେଳେ, ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ନୟାଗଡ଼ ଅଫିସ,୧।୩: ନୟାଗଡ଼ ବ୍ଲକ ବାରବାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଦେବୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବୋଦାପ କ୍ଲଷ୍ଟର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନିରଞ୍ଜନ ନାୟକ ଯୋଗଦାନ କରି ମନୋରମା ଦେବୀଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ଉପରେ ଅଲୋକପାତ କରିବା ସହିତ ତାଙ୍କୁ ପ୍ରୋଭିଜନାଲ ପେନସନର ଆଦେଶନାମା ପ୍ରଦାନ କରିଥିଲେ । ବାଲୁଗାଁ କ୍ଲଷ୍ଟର ସିଆରସିସି ସୁରେଶ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋଦାବରୀଶ ମିଶ୍ର, ଶିକ୍ଷକନେତା ଶେଖ ଅବଦୁଲ ଖାଲିକ,ଲକ୍ଷ୍ମୀଧର ସାହୁ ,ସୁରେଶ ସେଠୀ,ପୀତବାସ ପ୍ରଧାନ,ବଟକୃଷ୍ଣ ମିଶ୍ର,ଉମେଶ ସ୍ୱାଇଁ,ଭଗବାନ ପଣ୍ଡା,ବିପିନ ଦାସ,ରବିନ୍ଦ୍ର କୁମାର ସାହୁ,ଲ.ପୃଷ୍ଟି,ସଫିକୁଦ୍ଦିନ ଅହମ୍ମଦ ପ୍ରମୁଖ ଯୋଗଦେଇଥିଲେ ।

### ବୋମା ଖାଇ ଗୋରୁ ମୃତ

ପାତ୍ରପୁର,୧।୩(ଡି.ଏନ.ଏ.)-ପାତ୍ରପୁର ବ୍ଲକ ଚୁଡିଆଲାଞ୍ଜି ଗ୍ରାମ ନିକଟସ୍ଥ ନରସିଂହ ମନ୍ଦିର ନିକଟରେ ବୁଧବାର ବାର୍‌ହା ଶିକାର ପାଇଁ ଖଞ୍ଜା ହୋଇଥିବା ବୋମା ଖାଇ ଗୋଟିଏ ଗୋରୁର ମୃତ୍ୟୁ ଘଟିଛି। ଜୟନ୍ତିପୁର ଗ୍ରାମ ବି ଶାନିଲା ପାଣ୍ଡୁଙ୍କ ଗୋରୁ ଗୋଠ ଚୁଡିଆଲାଞ୍ଜି ଓ ଆମ୍ୱଗାଁ ମଧସ୍ଥଳି ନୃସିଂହ ନାଥ ମନ୍ଦିର ପଛପଟରେ ଥିବା ଗୋମିଣ୍ଡି ବନ୍ଧରେ ପାଣି ପିଉଥିଲେ। ଏହି ସମୟରେ ପାଖରେ ବାର୍‌ହା ଶିକାର ପାଇଁ ଖଞ୍ଜା ଯାଇଥିବା ବୋମାକୁ ଗୋଟିଏ ଗର୍ଭବତୀ ଗାଈ ଖାଇ ଦେଇଥିଲା। ଫଳରେ ବୋମା ଫାଟିଯିବାରୁ ଗାଈର ମୁହଁ ଛିନଛତ୍ର ହୋଇଯାଇଥିଲା। ସ୍ଥାନୀୟ ଲୋକମାନେ ପହଞ୍ଚି ଜୟନ୍ତିପୁର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଜଣାଇଥିଲେ। ପ୍ରାଣୀ ଚିକିତ୍ସକ ପହଞ୍ଚି ଚିକିତ୍ସା କରୁଥିବା ସମୟରେ ଗୋରୁର ମୃତ୍ୟୁ ଘଟିଥିଲା।

### ଉଦ୍ଧାର ହେଲେ ମା' ଛେଉଣ୍ଡ ୩ ଛୁଆ

ବେଗୁନିଆପଡ଼ା,୧।୩ : ମା' ଛେଉଣ୍ଡ ୩ ଛୋଟ ପିଲାଙ୍କୁ ଭିକ୍ଷା ବୃତ୍ତି କରୁଥିବା ବେଳେ ପୋଲିସ ସେମାନଙ୍କୁ ଉଦ୍ଧାର କରିଛି। କୋଦଳା ଥାନା ଏନଏସିର ବଙ୍ଗାଳି ସାହିରେ ରହୁଥିବା ୩ ପିଲାମାନଙ୍କ ବାପା ଜଣେ ଯକ୍ଷ୍ମା ରୋଗୀ। ମା' ଛେଉଣ୍ଡ ୩ କୁନି କୁନି ପିଲା ଭିକ୍ଷା ବୃତ୍ତି କରି ଯେଉଁ ଦୁଇ ପଇସା ଆଣୁଥିଲେ ସେହି ପଇସାରେ ଆହାର କେନ୍ଦ୍ରରୁ ୫ଟଙ୍କିଆ ଖାଦ୍ୟ ଆଣି ଖାଉଥିଲେ। ଆଉ ବଳକା ପଇସା ବାପାଙ୍କୁ ଦେଉଥିଲେ। ବାପା କିନ୍ତୁ ସେହି ବଳକା ପଇସାରେ ନିଶାଖାଇ ଉଡ଼ାଇ ଦେଉଥିଲେ। ଖବର ପାଇ ଜିଲା ପ୍ରଶାସନ ପକ୍ଷରୁ ବେଗୁନିଆପଡା ବିଡିଓଙ୍କୁ ଏ ସମ୍ପର୍କିତ ରିପୋର୍ଟ ମଗାଯାଇଥିଲା। ବେଗୁନିଆପଡା ବିଡିଓ ପ୍ରଜ୍ଞା ପ୍ରିୟଦର୍ଶିନୀ ଏହି ଘଟଣାକୁ ଗୁରୁତର ସହିତ ନେଇ କୋଦଳା ଆଇଆଇସି ଉମାକାନ୍ତ ସାହୁଙ୍କ ସହିତ ଯୋଗାଯୋଗ କରିଥିଲେ। ପରେ କୋଦଳା ଥାନା ଅଧିକାରୀ ଉମାକାନ୍ତ ସାହୁ ଉକ୍ତ ସାହିରେ ପହଞ୍ଚି ୩ ପିଲାଙ୍କୁ ନିଜ ହେପାଜତକୁ ଆଣି ଜିଲା ଶିଶୁ ମଙ୍ଗଳ ବିଭାଗ ସହିତ ଯୋଗାଯୋଗ କରିଥିଲେ। ଜିଲା ଶିଶୁ ବିଭାଗର ପରାମର୍ଶଦାତା ସୁସ୍ମିତା ଭୋଇ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଧରାକୋଟ ସ୍ଥିତ ବାଲ୍ମୀକେଶ୍ୱର ଅନାଥ ଆଶ୍ରମକୁ ସ୍ଥାନାନ୍ତର କରିଥିଲେ ଏବଂ କୋଦଳା ତହସିଲଦାରଙ୍କ ତତ୍ୱାବଧାନରେ ବାପାଙ୍କୁ ମଧ ଉଦ୍ଧାର କରାଯାଇ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ।

# ମାଗଣାରେ ଦର୍ଶନ କରିବେ ଭକ୍ତ



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ମା' ତାରାତାରିଣୀ ଚୈତ୍ର ପର୍ବ ପ୍ରସ୍ତୁତି ବୈଠକ

■ ପାହାଡ଼ ଉପରକୁ ୧୦ ବସ୍ ବ୍ୟବସ୍ଥା, ପାର୍କିଂ ସ୍ଥାନ ବୃଦ୍ଧି

ଛତ୍ରପୁର,୧।୩ (ଡି.ଏନ୍.ଏ.)

ଆସନ୍ତା ୧୪ ତାରିଖଠାରୁ ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଚୈତ୍ର ପର୍ବ ଅନୁଷ୍ଠିତ ହେବ । ଏହି ପର୍ବ ୪ ପାଳି ଅର୍ଥାତ୍ ମାର୍ଚ୍ଚ ମାସ ୧୪, ୨୧ ଓ ୨୮ ତାରିଖ ଏବଂ ଏପ୍ରିଲ ୪ ତାରିଖ ଦିନ ଅନୁଷ୍ଠିତ ହେବ। ଏହାକୁ ଶାନ୍ତି ଶୃଙ୍ଖଳାର ସହିତ କିଭଳି ଆୟୋଜନ କରାଯିବ ସେଥିପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ବୁଧବାର ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅବଗତ କରାଇଥିଲେ ଯେ, ଚଳିତ ବର୍ଷ ମା' ତାରାତାରିଣୀଙ୍କ ଦର୍ଶନ ନିମନ୍ତେ ଅନେକ ଭକ୍ତ ତଥା ମାନସିକଧାରୀ ବହୁ ସଂଖ୍ୟାରେ ଯୋଗଦାନ କରିବେ। ତେଣୁ ପ୍ରବଳ ଜନଗହଳିକୁ ଆଖି ଆଗରେ ରଖି ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ପଡିବ । ପୂର୍ବରୁ ଭକ୍ତମାନଙ୍କ ଠାରୁ ୩ଟଙ୍କା ନିଆଯାଉଥିଲା। ଚଳିତ ବର୍ଷ ମା'ଙ୍କ ଦର୍ଶନ ନିମନ୍ତେ ଭକ୍ତମାନଙ୍କଠାରୁ କୌଣସି ଅର୍ଥ ଆଦାୟ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭକ୍ତମାନଙ୍କ ଯାତାୟତ, ସେମାନଙ୍କ ବସିବା ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ମଣ୍ଡନ ସକାଶେ ସ୍ଥାନ, ଆଲୋକ ବ୍ୟବସ୍ଥା, ଦୀପ ଲଗାଇବା ସ୍ଥାନ ଇତ୍ୟାଦିର ସୁବ୍ୟବସ୍ଥା ଯେପରି ସଠିକ ହେବ ସେଥି ସକାଶେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଚୈତ୍ର ପର୍ବ ଆୟୋଜନ ସକାଶେ ବିଭିନ୍ନ ପ୍ରସ୍ତାବଗୁଡିକ ଆଗତ କରିଥିଲେ। ନଦୀ କୂଳରେ ଭକ୍ତଗଣ କିଭଳି ସୁବିଧାରେ ଗାଧୋଇବା ସହିତ ଜଳ ଉଠାଇପାରିବେ ସେଥିସକାଶେ ସୁବ୍ୟବସ୍ଥା ଓ ଆଲୋକୀକରଣ ହେବ। ମନ୍ଦିର ପରିସରରେ ମାଙ୍କଡଙ୍କ ଉପଦ୍ରବ ରୋକିବା ବ୍ୟବସ୍ଥା ଓ ସେମାନଙ୍କ ମଳ ପରିଷ୍କାର ଅବିରତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ବର୍ଷ ୩ଟି ସ୍ଥାନରେ ଯାନ ବାହନ ରଖିବା ବ୍ୟବସ୍ଥା କରାଯିବ। ପାଇପ ଯୋଗେ ପାନୀୟଜଳ ଯୋଗାଣ ହେବା ସହିତ ୬ଟି ସ୍ଥାନରେ ୯ଟି ଟ୍ୟାଙ୍କର ଦ୍ୱାରା ଜଳ ଯୋଗାଣ ହେବ। ଅସ୍ଥାୟୀ ପରିସ୍ରାଗାର ନିର୍ମାଣ ହେବ। ଭକ୍ତମାନଙ୍କ ଯାତାୟତ ନିମନ୍ତେ ୧୦ଟି ବସ୍ ବ୍ୟବସ୍ଥା କରାଯିବ। ଏହି ବୈଠକରେ ଜିଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୀଳମାଧବ ଭୋଇ, ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପି. କେ. ଦଳାଇ, ଡ଼ିଏସ୍‌ପି ଡି.ଆଇ.ବି. ଅଜୟ କୁମାର ମିଶ୍ର, ବିଡିଓ ପୁରୁଷୋତ୍ତମପୁର ବିଜୟ କୁମାର ବେହେରା, ତହସିଲଦାର ସନ୍ତୋଷ କୁମାର ସାହୁ, ଏସଡିପିଓ ରଜନୀକାନ୍ତ ସାମଲ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ପୁରୁଷୋତ୍ତମପୁର ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ମନ୍ଦିର ଟ୍ରଷ୍ଟ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଟି.କେ.ରେଡ୍ଡୀ, ବରିଷ୍ଠ ସେବାୟତ ବାପୁଜୀ ରଣାଙ୍କ ସମେତ ଅନ୍ୟାନ୍ୟ ସେବାୟତ ଏବଂ ସାମ୍ବାଦିକଗଣ ଉପସ୍ଥିତ ଥିଲେ।

# ଆବାସ ଯୋଜନାରୁ ବଞ୍ଚିତ ଭିନ୍ନକ୍ଷମ ଦମ୍ପତି

ଖଣ୍ଡପଡ଼ା,୧।୩(ସ୍ୱ.ପ୍ର.)



ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚି ହୋଇଥିବା ଦମ୍ପତି।

ଦାରିଦ୍ର୍ୟର ସୀମାରେଖାତଳେ ବାସ କରୁଥିବା ଗରିବ ଜନସାଧାରଣ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି । ମାତ୍ର ସରକାରଙ୍କ ଏହି ଲୋକହିତକର ଯୋଜନାର ସୁଫଳ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ । ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଅଣଦେଖା ଯୋଗୁ ସିଂଘାପଡା ଗ୍ରାମ ରଘୁନାଥ ମନ୍ଦିର ସାହିର ନୀଳକଣ୍ଠ ପଣ୍ଡା ଓ ତାଙ୍କ ସ୍ତ୍ରୀ ମାଣିକ ପଣ୍ଡା ଭିନ୍ନକ୍ଷମ ହୋଇ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି । ଝାଟିମାଟି ଟାଇଲ ଛପର ଘରେ କର୍ମକୁ ଆଦରି ପଡିଥିବା ଏହି ଦମ୍ପତିଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇନାହିଁ । ଏକଦା ସିଂଘାପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଆବାସ ଯୋଜନାରେ ବାସଗୃହ ପାଇବାକୁ ହକଦାର ଥିବା ଗରିବ ଶ୍ରେଣୀର ବ୍ୟକ୍ତିଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇ ବ୍ଲକ ପ୍ରଶାସନକୁ ପ୍ରଦାନ କରାଯାଇଥିଲା । ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଆବାସ ଯୋଜନାରେ ଗୃହ ପାଇବାକୁ ଯୋଗ୍ୟ ବିବେଚିତ ହିତାଧିକାରୀମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା । ପରବର୍ତ୍ତୀ ସମୟରେ ହିତାଧିକାରୀ ତାଲିକାରୁ ଭିନ୍ନକ୍ଷମ ମହିଳା ମାଣିକଙ୍କ ନାମ ବାଦ ଦିଆଯାଇଥିବା ଅଭିଯୋଗ ହେଉଛି । ଆବାସ ଯୋଜନାରୁ ବଞ୍ଚିତ ଏହି ଭିନ୍ନକ୍ଷମ ପରିବାରବର୍ଗଙ୍କ ପ୍ରତି ଖଣ୍ଡପଡା ବିଡିଓ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଖଣ୍ଡପଡ଼ା ବ୍ଲକ୍ ୩ କଲେଜରେ ଯୁକ୍ତ-୨ ପରୀକ୍ଷା ଆରମ୍ଭ



କଣ୍ଟିଲୋର ଏକ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ଯୁକ୍ତ ୨ ପରୀକ୍ଷା ଦେଉଛନ୍ତି।

ଖଣ୍ଡପଡ଼ା,୧।୩(ସ୍ୱ.ପ୍ର.)

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ଖଣ୍ଡପଡ଼ା ହବ୍‌କେନ୍ଦ୍ର ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟରେ ଶାନ୍ତିଶୃଙ୍ଖଳାର ସହ ପ୍ରଥମ ଦିନର ପରୀକ୍ଷା ଶେଷ ହୋଇଛି । ବୁଧବାର ପ୍ରଥମ ଦିନ ଯୁକ୍ତ ଦୁଇ ବିଜ୍ଞାନରେ ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟରେ ୮୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ, କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୫୪ ଜଣ ଓ ଭାପୁର ବ୍ଲକର ପଦ୍ମାବତୀ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୩୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ପଠାଣି ସାମନ୍ତ ମହାବିଦ୍ୟାଳୟର ଅଧକ୍ଷ ତଥା ପରୀକ୍ଷା ନିରୀକ୍ଷକ ବିରଞ୍ଚି ନାରାୟଣ ଶତପଥୀ କହିଛନ୍ତି। ଖଣ୍ଡପଡା ବିଡିଓ ଅରୁଣୀମା ସାହୁ ଓ ପୋଲିସ ଉପସ୍ଥିତିରେ ପ୍ରଶ୍ନପତ୍ର ସିଲ୍ ଖୋଲା ଯାଇ ଅଧ୍ୟାପିକା,ଅଧ୍ୟାପକଙ୍କୁ ପ୍ରଦାନ କରାଯାଇଥିଲା ।

### ଜଣେ ପରୀକ୍ଷା ଦେଲେନି

ଓଡ଼ଗାଁ,୧।୩(ସ୍ୱ.ପ୍ର.)

ବୁଧବାର ଓଡ଼ଗାଁ ଉଚ୍ଚ ମାଧମିକ ବିଦ୍ୟାଳୟରେ ୧୦୫, ଆନନ୍ଦ ସାହୁ ଉଚ୍ଚମାଧମିକ ବିଦ୍ୟାଳୟରେ ୩୬ ଜଣ ଏବଂ ଶରଣକୁଳ ଉଚ୍ଚମାଧମିକ ବିଦ୍ୟାଳୟରେ ୩୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୮ଜଣ ପରୀକ୍ଷା ଦେଇଥିବା ବେଳେ ଜଣେ ଅନୁପସ୍ଥିତ ରହିଥିଲେ । ସକାଳ ୭ ବେଳେ ହବ୍‌କେନ୍ଦ୍ର ଦାୟିତ୍ୱରେ ଥିବା ଓଡ଼ଗାଁ ବିଡ଼ିଓ ସନ୍ତୋଷ କୁମାର ଜେନା ଓ ମହାବିଦ୍ୟାଳୟ ଅଧକ୍ଷ ରାଜକିଶୋର ସାହୁଙ୍କ ଉପସ୍ଥିତିରେ ସୁରକ୍ଷିତ ଭାବେ ବିଭିନ୍ନ ପରୀକ୍ଷା କେନ୍ଦ୍ର ମାନଙ୍କୁ ପ୍ରଶ୍ନପତ୍ର ପଠାଯାଇଥିଲା ।

# ଲିଙ୍ଗରାଜଙ୍କ ରୁକୁଣା ରଥ ପାଇଁ କାଠ ଅନୁକୂଳ



ଲିଙ୍ଗରାଜଙ୍କ ରୁକୁଣା ରଥ ପାଇଁ ଚିହ୍ନଟ ହୋଇଥିବା ଗଛ ସମ୍ମୁଖରେ ସେବାୟତ ଓ ପ୍ରଶାସନିକ ଅଧିକାରୀ।

ଖଣ୍ଡପଡ଼ା,୧।୩(ସ୍ୱ.ପ୍ର.)

ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ପବିତ୍ର ରୁକୁଣା ରଥଯାତ୍ରା ପ୍ରତିବର୍ଷ ପରି ଭୁବନେଶ୍ୱରରେ ଚଳିତ ମାସ ୨୯ରେ ଅନୁଷ୍ଠିତ ହେବ । ଏ ପରିପ୍ରେକ୍ଷୀରେ ରୁକୁଣା ରଥ ନିର୍ମାଣ ନିମନ୍ତେ ପାରମ୍ପରିକ ରୀତିନୀତି ଅନୁଯାୟୀ ଖଣ୍ଡପଡ଼ାଠାରେ ବୁଧବାର କାଠ ଅନୁକୂଳ ହୋଇଛି । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଭୁଙ୍କ ଆଜ୍ଞାମାଳ ନେଇ ବରିଷ୍ଠ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ମହାପାତ୍ର, ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀ, ବନପାଳ ଶ୍ରୀନିବାସ ଦାଶଙ୍କ ସମେତ ଏସିଏଫ୍ ହିମାଂଶୁ ଶେଖର ମୁଦୁଲି ଓ ଶ୍ୱେତାଲିନା ସାହୁଙ୍କ ଉପସ୍ଥିତିରେ ଖଣ୍ଡପଡା ଅଞ୍ଚଳର ୨ଟି ସ୍ଥାନରେ ଆମ୍ବଗଛ ପୂଜାର୍ଚ୍ଚନା କରାଯାଇଛି । ଆସନ୍ତା ୧୫ ଦିନ ମଧ୍ୟରେ ଆମ୍ବଗଛ କଟାଯାଇ କାଠଗଣ୍ଡିଗୁଡିକୁ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିର ନିକଟସ୍ଥ ରଥଖଳାକୁ ପଠାଇ ଦିଆଯିବ ବୋଲି ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି । ପ୍ରଭୁ ଲିଙ୍ଗରାଜଙ୍କ ବାନା ଓ ଆଜ୍ଞାମାଳକୁ ବୃକ୍ଷରେ ବାନ୍ଧି ଦିଆଯାଇଛି । ସୂଚନାଯୋଗ୍ୟ, ପ୍ରତିବର୍ଷ ରୁକୁଣା ରଥ ପାଇଁ ଖଣ୍ଡପଡା ଅଞ୍ଚଳରୁ ଆମ୍ବ କାଠ ପଠାଯିବାର ପରମ୍ପରା ରହିଛି।

# ଆଶ୍ରୟ ପକ୍ଷରୁ ସ୍ୱେଚ୍ଛାସେବୀ ସମ୍ମିଳନୀ

ଶରଣକୁଳ,୧।୩(ଡି.ଏନ.ଏ.)

ଶରଣକୁଳସ୍ଥିତ ଆଶ୍ରୟ ଦିବ୍ୟାଙ୍ଗ ସେବାଗ୍ରାମ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତବର୍ଷ ସ୍ୱେଚ୍ଛାସେବୀ ସମ୍ମିଳନୀ-୨୦୨୩ ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀମାନେ ସମାଜ ସେବାରେ ନିଜକୁ ସମର୍ପିତ କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ । ସାମାଜିକ କର୍ମୀ ଲୋକନାଥ ଦାଶ ନିଜର ୩୫ବର୍ଷର ସେବାକାର୍ଯ୍ୟ ସଂକ୍ରାନ୍ତରେ ବର୍ଣ୍ଣନା କରିବା ସହିତ ରାଜ୍ୟର କୋଣ ଅନୁକୋଣରେ ସ୍ୱେଚ୍ଛାସେବୀ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସମ୍ମିଳନୀରେ ଗବେଷକ ପାଣ୍ଡବ ନାୟକ, କିଶୋର ମହାପାତ୍ର, ଅବସରପ୍ରାପ୍ତ ସୈନିକ କୈଳାସ ଚନ୍ଦ୍ର ଖଟେଇ, ଆଇନଜିବୀ ଚିତ୍ତରଞ୍ଜନ ପ୍ରଧାନ, ସାମାଜିକକର୍ମୀ ରମେଶ ଚନ୍ଦ୍ର ମହାପାତ୍ର, କବି ଉତ୍ସବ ଚନ୍ଦ୍ର ମଲ୍ଲିକ, ସାମାଜିକକର୍ମୀ ହୃଷିକେଶ ପ୍ରଧାନ, କାଶୀନାଥ ବେହେରା ପ୍ରମୁଖ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଭାଗୀରଥି ସାହୁ, ଦିଲ୍ଲୀପ କୁମାର ସାହୁ, ରବିନ୍ଦ୍ର କୁମାର ଦୋରା,ପ୍ରଫୁଲ୍ଲ ନାହାକ,ଭିକାରୀ ଚରଣ ସ୍ୱାଇଁ । ରବିନ୍ଦ୍ର କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସଫେଇ କାର୍ଯ୍ୟକ୍ରମ,ବଣଭୋଜି ଓ ପ୍ରସାଦ ସେବନ ସହ କବିତା ଆସର, ଭଜନ ଓ ନାମ ସଂକୀର୍ତ୍ତନ କରାଯାଇଥିଲା ।

# ଲଙ୍କାପୋଡ଼ି ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଦଶପଲ୍ଲା,୧।୩(ଡି.ଏନ.ଏ.): ଐତିହାସିକ ଦଶପଲ୍ଲା ଲଙ୍କାପୋଡ଼ିଯାତ୍ରା ପ୍ରସ୍ତୁତିନିମନ୍ତେ ମଙ୍ଗଳବାର ସନ୍ଧ୍ୟାରେ ଶ୍ରୀମହାବୀର ଜୀଉ ଏବଂ ମହାବୀର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଜିଲା ପ୍ରଶାସନିକ ତରଫରୁ ଏକ ପ୍ରସ୍ତୁତି ବୈଠକ ଓ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଇତ୍ୟବସରରେ ଲଙ୍କାପୋଡ଼ି ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା, ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ, ତହସିଲଦାର ଶ୍ରୀକୁମାର ରଥ, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ଏନଏସି ଅଧକ୍ଷା ଇଂ. ପୁନମ ପ୍ରିୟଦର୍ଶିନୀ, ଏନଏସି ଉପାଧକ୍ଷ କିଶୋର ଚନ୍ଦ୍ର ଦାଶ, ଯାତ୍ରା କମିଟିର ସହ ସମ୍ପାଦକ ସୁଶାନ୍ତ କୁମାର ସିଠ, କୋଷାଧକ୍ଷ ଭବାନୀ ପ୍ରସାଦ ମିଶ୍ରଙ୍କ ସହ ଯାତ୍ରା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଭାଗବତ ପାରାୟଣ, ଗୀତା ଯଜ୍ଞ

ଖଣ୍ଡପଡ଼ା,୧।୩(ସ୍ୱ.ପ୍ର.)- ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ଜଗନ୍ନାଥ ମନ୍ଦିରରେ ଭାଗବତ ସପ୍ତାହ ପାରାୟଣ ଓ ଗୀତା ମହାଯଜ୍ଞ ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ସୂର୍ଯ୍ୟ ପୂଜା, ହୋମ ଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ଆରମ୍ଭ ହୋଇଛି । କର୍ତ୍ତା ଭାବେ ସୁରେନ୍ଦ୍ର କୁମାର ସାହୁ, କର୍ମାଚାର୍ଯ୍ୟ ଭାବେ ସୁରେଶ ଚନ୍ଦ୍ର ମିଶ୍ର, ବ୍ୟାସ ଶ୍ରୀକାନ୍ତ ମିଶ୍ର ଦାୟିତ୍ୱ ତୁଲାଉଛନ୍ତି । ପ୍ରତି ସନ୍ଧ୍ୟାରେ ଭାଗବତ କଥାମୃତ ଓ ପ୍ରବଚନ ଅନୁଷ୍ଠିତ ହେବ । ଖଳିସାହି ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି । ଆସନ୍ତା ୭ତାରିଖରେ ଗୀତା ଯଜ୍ଞ ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହେବ ବୋଲି ସୂଚନା ମିଳିଛି ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସୁଧାରିବାକୁ ଉଦ୍ୟମ

## ଜିଲା ପରିଷଦର ୪ ନଂ. ଷ୍ଟାଣ୍ଡିଂ କମିଟି ବୈଠକ

ନୟାଗଡ଼ ଅଫିସ,୧।୩

ନୟାଗଡ଼ ଜିଲା ଷ୍ଟାଣ୍ଡିଂ କମିଟି ବୈଠକ ବୁଧବାର ଜିଲା ପରିଷଦ ସଭାଗୃହ ସୃଜନରେ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦର ୪ ନଂ. ଷ୍ଟାଣ୍ଡିଂ କମିଟି ଅଧକ୍ଷା ସତ୍ୟଭାମା ନାୟକ ଏଥିରେ ଅଧକ୍ଷତା କରିଥିଲେ। ଜିଲାପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଜିଲା ପରିଷଦ ସଦସ୍ୟ ସରୋଜ ରଣସିଂ, ସଂଯୁକ୍ତା ପଡ଼ିଆରୀଙ୍କ ସମେତ ବହୁ ଜିଲା ପରିଷଦ ଓ ନିର୍ବାଚିତ ପ୍ରତିନିଧି ଯୋଗ ଦେଇଥିଲେ । ଡାକ୍ତର ଅଭାବରୁ ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ରାଜ୍ୟ ସରକାର ଖୁବଶୀଘ୍ର ଡାକ୍ତର ସମସ୍ୟା ଦୂରୀଭୂତ କରିବାକୁ ଉଦ୍ୟମ କରୁଥିବା ସିଡିଏମ୍‌ଓ ମକରନ୍ଦ ବେଉରା କହିଥିଲେ। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ଅନୁରୂପ ଭାବେ ସିଡିଏମ୍‌ଓ ସୂଚନା ଦେଇଥିଲେ ।



ଷ୍ଟାଣ୍ଡି କମିଟି ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ଧାନକିଣାରେ ଅନିୟମିତତା, ଚାଷୀଙ୍କ ବିକ୍ଷୋଭ

ପାରଳାଖେମୁଣ୍ଡି,୧।୩(ଡି.ଏନ୍.ଏ.)



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ଗଜପତି ଜିଲାରେ ଧାନ ସଂଗ୍ରହ କରିବାରେ ବ୍ୟାପକ ଅନିୟମିତତା ନେଇ ବୁଧବାର ଚାଷୀମାନେ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଜିଲାରେ ଚଳିତଥର ଜିଲା ପ୍ରଶାସନ ପକ୍ଷରୁ ୬ଲକ୍ଷ ୫୦ହଜାର ମେଟ୍ରିକ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଯାହା ପ୍ରଥମ ପର୍ଯ୍ୟାୟରେ ୫ଲକ୍ଷ ୫୦ ହଜାର ମେଟ୍ରିକ ଟନ୍ ଧାନ ପ୍ରଶାସନ ସଂଗ୍ରହ କରିଛି । ହେଲେ ଦ୍ୱିତୀୟ ପର୍ଯ୍ୟାୟରେ ଧାନ ସଂଗ୍ରହ କରାଯାଉନାହିଁ। ତେବେ ଇତିମଧ୍ୟରେ ୧୨ଶହରୁ ଅଧିକ ଚାଷୀ ଟୋକନ ପାଇଛନ୍ତି, କିନ୍ତୁ ଟାର୍ଗେଟ ସରିଯାଇଛି କହି କୌଣସି ସୋସାଇଟି ଧାନ ସଂଗ୍ରହ କରୁନାହାନ୍ତି । ତେବେ ଅଧିକାଂଶ ଚାଷୀଙ୍କ ଟୋକନର ଅବଧି ସମୟ ସରିଆସିଲାଣି। ତେବେ ନିଜ ଉତ୍ପାଦନ କିଭଳି ବିକ୍ରି କରିବେ ସେନେଇ ଚିନ୍ତାରେ ଚାଷୀମାନେ ଏକତ୍ରିତ ହୋଇ କୃଷକ ସଂଘ ସଭାପତି ସୂର୍ଯ୍ୟନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲାପାଳଙ୍କୁ ନିଜ ଗୁହାରି ଶୁଣାଇବାକୁ ପହଞ୍ଚିଥିଲେ ।

ଚାଷୀଙ୍କ ସମସ୍ୟା ନେଇ ଦୀର୍ଘ ସମୟ ଧରି କୌଣସି ସମାଧାନର ରାସ୍ତା ନ ବାହାରିବା ହେତୁ ଚାଷୀ ଅସନ୍ତୁଷ୍ଟ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରେ ପଶି ପାଟିତୁଣ୍ଡ କରିଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ଏବଂ ଯୋଗାଣ ଅଧିକାରୀ ଚାଷୀଙ୍କ ଏକ ପ୍ରତିନିଧି ଦଳ ସହ ଆଲୋଚନା କରି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଶାନ୍ତ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଧାନ ସଂଗ୍ରହ ପାଇଁ ସରକାରଙ୍କୁ ନିବେଦନ କରାଯାଇଛି ଓ ଯେଉଁମାନଙ୍କ ଟୋକନ ଅବଧି ସରିଛି ସେମାନଙ୍କ ପାଇଁ ମଧ ବ୍ୟବସ୍ଥା କରାଯିବ ବୋଲି ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ସୂଚନା ଦେଇଛନ୍ତି।

**କଶ୍ମୀରରେ ୩ ମାସ ପରେ ଖୋଲିଲା ସ୍କୁଲ**

୩ ମାସର ଶୀତକାଳୀନ ଛୁଟି ପରେ ବୁଧବାର ଜମ୍ମୁ-କଶ୍ମୀରରେ ସ୍କୁଲ ଖୋଲିଛି। ସ୍ଥାନୀୟ ଅଞ୍ଚଳରେ ଶୀତର ପ୍ରକୋପ କମିଥିବାବେଳେ ଛାତ୍ରୀଛାତ୍ରଙ୍କ ସ୍କୁଲ ଯିବା ଆସିବାରେ କୌଣସି ଅସୁବିଧା ହେଉ ନ ଥିବା କର୍ତ୍ତୃପକ୍ଷଙ୍କ ତରଫରୁ କୁହାଯାଇଛି। ସହରରେ ଜି-୨୦ ବୈଠକ ଏବଂ ସ୍ମାର୍ଟ ସିଟି ପ୍ରୋଜେକ୍ଟ ପାଇଁ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ସ୍କୁଲ ସମୟକୁ ଆଗୁଆ କରାଯାଇଥିବା କଶ୍ମୀରର ଡିଭିଜନାଲ କମିଶନର ଭି.କେ. ଭିଦୁରି କହିଛନ୍ତି। ତେବେ ସ୍କୁଲ ଖୋଲିବା ନେଇ ଛାତ୍ରୀଛାତ୍ର ଖୁସିଥିବା ପ୍ରତିକ୍ରିୟା ଦେଇଛନ୍ତି।

## ସଂକ୍ଷେପରେ

### ବିବାହ ପ୍ରସ୍ତାବରେ ରାଜି ନ ହେବାରୁ ଯୁବତୀଙ୍କୁ ହତ୍ୟା

**ବେଙ୍ଗାଲୁରୁ, ୧।୩:** ବିବାହ ପ୍ରସ୍ତାବରେ ରାଜି ନ ହେବାରୁ ବେଙ୍ଗାଲୁରୁରେ ଯୁବତୀଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି ପ୍ରେମିକ ଦିନାକର। ମୃତା ଲୀନାଙ୍କ ଘର ଆନ୍ଧ୍ର ପ୍ରଦେଶର କାକିନାଡାରେ ହୋଇଥିବାବେଳେ ହତ୍ୟାକାରୀ ଦିନାକର ଶ୍ରୀକାକୁଲମର ବାସିନ୍ଦା। ଦୁହେଁ ଭିନ୍ନ ଜାତିର ହୋଇଥିବାରୁ ଲୀନାଙ୍କ ଘରେ ବିରୋଧ କରିବେ ବୋଲି ସେ ଦିନାକରଙ୍କ ବିବାହ ପ୍ରସ୍ତାବରେ ରାଜି ହୋଇ ନ ଥିଲେ। ଦୀନାକର ଏଥିରେ ରାଗିଯାଇ ଲୀନାଙ୍କ ଶରୀରରେ ଏକାଧିକ ଥର ଛୁରାମାଡ଼ କରି ହତ୍ୟା କରିଥିବା ପୋଲିସ କହିଛି। ଲୀନା ବେଙ୍ଗାଲୁରୁରେ ଚାକିରି କରିଥିଲେ। ଦିନାକରଙ୍କ ସହ ତାଙ୍କର ୫ ବର୍ଷର ପ୍ରେମ ସମ୍ପର୍କ ଥିବା ଜଣାପଡିଛି।

### ଅମାନିଆ ଝିଅକୁ ଜାଳିଦେଲେ ମା’

**ଲକ୍ଷ୍ନୌ, ୧।୩:** ଉତ୍ତରପ୍ରଦେଶ ଅଲିଗଡ଼ସ୍ଥିତ ମହମ୍ମଦପୁର ବଦେରା ଗ୍ରାମରେ ଅମାନିଆ ହେବାରୁ ୫ ବର୍ଷର ଝିଅକୁ ମା’ ଜାଳିଦେଇଥିବା ସାମ୍ନାକୁ ଆସିଛି। ଗୁରୁତର ଆହତ ଅବସ୍ଥାରେ ସୋମବାର ସନ୍ଧ୍ୟାରେ ଝିଅ ବନ୍ଦନାକୁ ଡାକ୍ତରଖାନାକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମଙ୍ଗଳବାର ସ୍ୱାମୀ ଭାନୁ ପ୍ରତାପ ସିଂ ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ଆଶା ଦେବୀଙ୍କୁ ପୋଲିସ ଗିରଫ କରିନେଇଛି। ବନ୍ଦନା ଓ ତାଙ୍କ ଭାଇ କୁନାଲ ସୋମବାର ଘର ବାହାରେ ଖେଳୁଥିଲେ। ସନ୍ଧ୍ୟା ହୋଇଯିବାରୁ ଆଶା ସେମାନଙ୍କୁ ଘରକୁ ଆସିବା ପାଇଁ କହିଥିଲେ। କିନ୍ତୁ ମା’ଙ୍କ କଥା ନ ମାନି ସେମାନେ ବାହାରେ ଖେଳିଥିଲେ। ଆଶା ରାଗିଯାଇ ବନ୍ଦନା ଓ କୁନାଲଙ୍କୁ ମାଡ଼ ମାରିଥିଲେ। ଏପରିକି ବନ୍ଦନାଙ୍କ ଉପରେ ସାନିଟାଇଜର ଢାଳି ନିଆଁ ଲଗାଇ ଦେଇଥିଲେ। ବନ୍ଦନା ଜଳି ଯାଉଥିବାବେଳେ ତାଙ୍କୁ ରକ୍ଷା କରିବାକୁ ଯାଇ ଆଶାଙ୍କ ଦୁଇ ହାତ ପୋଡ଼ି ଯାଇଛି।

### କେମ୍ବ୍ରିଜ୍‌ରେ ରାହୁଲଙ୍କ ନୂଆ ଲୁକ୍



**ନୂଆଦିଲ୍ଲୀ, ୧।୩:** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନୂଆ ଲୁକ୍‌କୁ ନେଇ ଏବେ ଚାରିଆଡେ ଚର୍ଚ୍ଚା। ସାତ ଦିନିଆ ଟୁର ପାଇଁ ରାହୁଲ ମଙ୍ଗଳବାର ଲଣ୍ଡନରେ ପହଞ୍ଚିଥିବାବେଳେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଭାଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୫୨ ବର୍ଷୀୟ ରାଜନେତାଙ୍କ ସଦ୍ୟ ଲଣ୍ଡନ ଗସ୍ତବେଳେର ଫଟୋ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ଭାରତ ଯୋଡ଼ୋ ଯାତ୍ରା ସମୟର ରାହୁଲଙ୍କ ଲୁକ୍ ଓ ବର୍ତ୍ତମାନର ଲୁକ୍ ସମ୍ପୂର୍ଣ୍ଣ ଭିନ୍ନ ରହିଛି। ତାଙ୍କ ନୂଆ ଲୁକ୍‌ରେ ଆଉ ସେ ଲମ୍ବା ଦାଢ଼ି ନାହିଁ କି ମୁଣ୍ଡରେ ଲମ୍ବା କେଶ ନାହିଁ। ରାହୁଲ ଦାଢ଼ି ଓ କେଶକୁ କାଟି ଛୋଟାଇ ଦେଇଥିବା ଭାଇରାଲ ଫଟୋରେ ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ କେମ୍ବ୍ରିଜ୍‌ରେ ଭାଷଣ ଦେଇ ରାହୁଲ ଖୁସି ଥିବା ଟୁଇଟରରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି।



ଗ୍ରୀସ୍‌ର ଲାରିସା ସହର ନିକଟରେ ଦୁଇ ଟ୍ରେନ୍ ଧକ୍କା ହେବା ପରେ ଉଦ୍ଧାର କାର୍ଯ୍ୟ ଚାଲିଛି।

# ୨ ଟ୍ରେନ୍ ଧକ୍କା: ୪୦ ମୃତ

**ଲାରିସା, ୧।୩**

ଗ୍ରୀସ୍‌ର ଲାରିସା ସହର ନିକଟରେ ମଙ୍ଗଳବାର ମଧ୍ୟରାତ୍ରିରେ ଦୁଇଟି ଟ୍ରେନ୍ ମଧ୍ୟରେ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ୪୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୮୫ ଆହତ ହୋଇଛନ୍ତି। ଫଳରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଏହାକୁ ଦେଶର ସବୁଠୁ ଘାତକ ଟ୍ରେନ୍ ଦୁର୍ଘଟଣା ବୋଲି କୁହାଯାଉଛି। ଟ୍ରେନ୍ ଦୁର୍ଘଟଣା ପରେ ପରିବହନ ମନ୍ତ୍ରୀ କୋସ୍ତାସ୍ କାରାମାନିଲ୍ସ ମୃତକମାନଙ୍କ ସମ୍ମାନରେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଦେଶରେ ୩ ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ କରିବା ପାଇଁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। କାର୍ଗୋ ଟ୍ରେନ୍ ରାତି ୭ଟା ୩୦ରେ ଥେସାଲୋନିରୁ ବାହାରି ଲାରିସାକୁ ଯାତ୍ରା କରୁଥିଲା। ରାଜଧାନୀ ଏଥେନ୍ସଠାରୁ ୩୮୦ କି.ମି. ଉତ୍ତରରେ ଭେଲ୍ ଅଫ୍ ଟେମ୍ପେ ନିକଟରେ ଦୁଇ ଦ୍ରୁତଗାମୀ ଟ୍ରେନ୍ ପରସ୍ପରକୁ ଧକ୍କା ଦେବାର କାରଣ ସ୍ପଷ୍ଟ ହୋଇନାହିଁ। ଲାରିସା ଷ୍ଟେଶନ ମାଷ୍ଟରଙ୍କୁ କର୍ତ୍ତବ୍ୟରେ ଅବହେଳା ପାଇଁ ଗିରଫ କରାଯାଇଛି। ପୋଲିସ ତାଙ୍କ ନାମ ପ୍ରକାଶ କରିନାହିଁ। ଏହି ମାମଲାରେ ଅନ୍ୟ ୨ ଜଣଙ୍କୁ ପଚରାଉଚରା ପାଇଁ ଅଟକ ରଖାଯାଇଛି। ସ୍ଥାନୀୟ ସରକାରୀ ଚ୍ୟାନେଲ ଇଟିଆର୍ ଅନୁସାରେ ଦୁର୍ଘଟଣା ପୂର୍ବରୁ ଦୁଇ ଟ୍ରେନ୍‌ର ଘଣ୍ଟାପ୍ରତି ବେଗ ୧୪୦ କି.ମି. ଥିଲା। ଟ୍ରେନ୍ ପରସ୍ପର ସହ ଧକ୍କା ହେବାରୁ ଅନେକ ଯାତ୍ରୀ ଛିଟିକିପଡ଼ି ବାହାରେ ପଡ଼ିଯାଇଥିଲେ।



ଜଣେ ଆହତ ଯାତ୍ରୀଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି।

- ଗୋଟିଏ ଟ୍ରାକ୍‌ରେ ଧାଉଁଥିଲା ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ୍
- ପାସେଞ୍ଜର୍‌ରେ ୩୫୦ ଯାତ୍ରୀ, କାର୍ଗୋ ଟ୍ରେନ୍‌ରେ ୨ କ୍ରିଉ ଥିଲେ
- ଗ୍ରୀସ୍‌ରେ ୩ ଦିନିଆ ଜାତୀୟ ଶୋକ ଘୋଷଣା
- ଇସ୍ତଫା ଦେଲେ ପରିବହନ ମନ୍ତ୍ରୀ

କେତେଜଣଙ୍କ ମୃତଦେହ ଦୁର୍ଘଟଣାସ୍ଥଳରୁ ୩୦-୪୦ ମିଟର ଦୂରରେ ମିଳିଥିବା ଉଦ୍ଧାରକାରୀ ଦଳ କହିଛି। ତାପମାତ୍ରା ଅହେତୁକ ବୃଦ୍ଧି ପାଉଥିବାରୁ ଟ୍ରେନ୍‌ରେ ଥିବା ଲୋକଙ୍କୁ ଚିହ୍ନଟ କରିବାରେ ଅସୁବିଧା ହେଉଥିବା ଫାୟାର ସର୍ଭିସ୍ ମୁଖପାତ୍ର ଭାସିଲିସ୍ ଭର୍‌ଥାକୋୟିଆନିସ୍ କହିଛନ୍ତି। କ୍ରେନ୍ ସହାୟତାରେ ସେନା ପକ୍ଷରୁ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଆହତଙ୍କ ମଧ୍ୟରୁ ୬୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୩୫୦ ଯାତ୍ରୀଙ୍କ ମଧ୍ୟରୁ ଅଧିକାଂଶ ଛାତ୍ରୀଛାତ୍ର ଥିଲେ। ସେମାନେ ଗ୍ରୀସ୍ କାର୍ନିଭାଲରୁ ଫେରୁଥିଲେ। କୋଭିଡ୍-୧୯ ମହାମାରୀଜନିତ ଲକ୍‌ଡାଉନ୍ ଯୋଗୁ ୩ ବର୍ଷ ଧରି ଏହି ଉତ୍ସବ ପାଳନ କରାଯାଇ ନ ଥିଲା। ଗ୍ରୀସ୍ ପ୍ରଧାନମନ୍ତ୍ରୀ କିରିଆକୋସ୍ ମିତ୍‌ସୋଟାକିସ୍ କହିଛନ୍ତି, ତାଙ୍କ ସରକାର ଆହତଙ୍କୁ ଉଦ୍ଧାର ଓ ମୃତକଙ୍କ ପରିଚୟ ସ୍ପଷ୍ଟ ପାଇଁ ନିଶ୍ଚିତ ଭାବେ ସାହାଯ୍ୟ କରିବେ। ରାଷ୍ଟ୍ରପତି କ୍ୟାଟ୍ରିନା ସକେଲାରୋପୋଉଲୋଉ ମାଲ୍‌ଡୋଭା ଗସ୍ତ କାଟଛାଣ୍ଟ କରିବା ସହ ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ବୁଧବାରଠାରୁ ଦେଶରେ ୩ ଦିନିଆ ରାଷ୍ଟ୍ରୀୟ ଶୋକ ଦିବସ ପାଳନ କରାଯିବ। ବ୍ରସେଲ୍ସରେ ଥିବା ୟୁରୋପୀୟ କମିଶନ୍ (ଇୟୁ)ର ସମସ୍ତ ଅଫିସରେ ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯିବ। କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

## ଉହାନ ଲାବ୍‌ରୁ ବ୍ୟାପିଛି କରୋନା

**ୱାଶିଂଟନ୍, ୧।୩**

### ଏଫ୍‌ବିଆଇ ପ୍ରଧାନଙ୍କୁ ଖଣ୍ଡନ କଲା ଚାଇନା



ସାରା ବିଶ୍ୱରେ ଲଗାତର ୪ ବର୍ଷ ଧରି କାୟା ବିସ୍ତାର କରିଥିବା କରୋନା ମହାମାରୀ ଚାଇନାରୁ ବ୍ୟାପିଛ ଏବଂ ଏହି ଭୂତାଣୁ ଚାଇନାର ଉହାନ୍ ଲାବ୍‌ରୁ ଲିକ୍ ହୋଇଥିବା ଆମେରିକାର ଫେଡେରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ନିର୍ଦ୍ଦେଶକ ଖ୍ରୀଷ୍ଟୋଫର ରେ’ ଫୋକ୍ସ ନ୍ୟୁଜ୍‌କୁ ମଙ୍ଗଳବାର ଦେଇଥିବା ସାକ୍ଷାତ୍‌କାରରେ କହିଛନ୍ତି। ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ମଧ୍ୟ ଏ ନେଇ ଖବର ପ୍ରକାଶ ପାଇଛି। କିନ୍ତୁ ହ୍ୱାଇଟ୍ ହାଉସ୍ ପକ୍ଷରୁ କୋଭିଡ୍-୧୯ ନେଇ ମିଳିଥିବା ପ୍ରତିକ୍ରିୟା ଅଲଗା ରହିଛି। ଆମେରିକୀୟ ନ୍ୟାଶନାଲ ସିକ୍ୟୁରିଟି ମୁଖପାତ୍ର ଜନ୍ କିର୍ବି କହିଛନ୍ତି, କୋଭିଡ୍ ମହାମାରୀର ଉତ୍ପତ୍ତିସ୍ଥଳକୁ ନେଇ ସରକାର କୌଣସି ନିର୍ଯ୍ୟାସରେ ପହଞ୍ଚିପାରି ନାହାନ୍ତି। ଅନ୍ୟପକ୍ଷେ ଏଜେନ୍ସିର ଗୋପନୀୟତା ସୂତ୍ରରୁ ଉହାନରୁ ଭୂତାଣୁ ଲିକ୍ ନେଇ ଖ୍ରୀଷ୍ଟୋଫର ଅଧିକ ତଥ୍ୟ ଗଣମାଧ୍ୟମକୁ ଦେଇପାରିବେ ନାହିଁ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

ତେବେ ଏଫ୍‌ବିଆଇ ନିର୍ଦ୍ଦେଶକଙ୍କ ବୟାନକୁ ବେଜିଂ ଖଣ୍ଡନ କରିଛି। ଚାଇନା ଲାବ୍‌ରୁ କୋଭିଡ୍ ଭୂତାଣୁ ବ୍ୟାପି ନ ଥିବା ଚାଇନା ପକ୍ଷରୁ ବୁଧବାର କୁହାଯାଇଛି। ସେଠାକାର ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ କହିଛନ୍ତି, କୋଭିଡ୍-୧୯ ଭୂତାଣୁର ଉତ୍ପତ୍ତିସ୍ଥଳକୁ ନେଇ ଆମେରିକୀୟ ଇଣ୍ଟେଲିଜେନ୍ସ କମ୍ୟୁନିଟି ରାଜନୀତିକରଣ କରୁଛି। ‘ଲାବ୍ ଲିକ୍ ଥିଓରି’କୁ ଦୋହରାଇ ଆମେରିକା ଚାଇନାର ଅପମାନ କରୁନାହିଁ ବରଂ ନିଜର ବିଶ୍ୱସନୀୟତାକୁ କ୍ଷତି ପହଞ୍ଚାଉଛି ବୋଲି ମାଓ କହିଛନ୍ତି। ଆମେରିକାକୁ ଆମ ତରଫରୁ ଦାବି ରହିବ ଯେ, ବିଜ୍ଞାନ ଓ ସତକୁ ସେ ସମ୍ମାନ କରୁ।

## ଟିକ୍‌ଟକ୍‌କୁ ବ୍ୟାନ୍ କଲା ୟୁରୋପୀୟ ପାର୍ଲାମେଣ୍ଟ

**ବ୍ରସେଲ୍ସ, ୧।୩**

ଚାଇନାର ଶର୍ଟ ଭିଡିଓ ଆପ୍ ଟିକ୍‌ଟକ୍‌କୁ ବ୍ୟାନ୍ କଲା ୟୁରୋପୀୟ ପାର୍ଲାମେଣ୍ଟ। ଡେଟା ସୁରକ୍ଷା ଦୃଷ୍ଟିରୁ ପାର୍ଲାମେଣ୍ଟ କର୍ମଚାରୀ ବ୍ୟବହାର କରୁଥିବା ଡିଭାଇସ୍‌ରୁ ଟିକ୍‌ଟକ୍ ଆପ୍ ହଟାଇବା ଲାଗି ୟୁରୋପୀୟ ପାର୍ଲାମେଣ୍ଟ ପକ୍ଷରୁ କର୍ମଚାରୀମାନଙ୍କୁ କୁହାଯାଇଛି। ଗତ ସପ୍ତାହରେ ୟୁରୋପୀୟ ସଂଘ (ଇୟୁ) ପକ୍ଷରୁ ସମାନ ନିର୍ଦ୍ଦେଶ ଦିଆଯାଇଥିଲା। ପାର୍ଲାମେଣ୍ଟ ସଭାପତି ରୋବର୍ଟା ମେଟସୋଲା ଏବଂ ସେକ୍ରେଟାରି ଜେନେରାଲ ଆଲେଜାଣ୍ଡ୍ରୋ ଟିଓଚେଟି ମିଳିତ ଭାବେ ଏହି ନିଷ୍ପତ୍ତି ନେଇଛନ୍ତି। ପାର୍ଲାମେଣ୍ଟ କର୍ମଚାରୀଙ୍କ ମୋବାଇଲ୍ ଫୋନ୍, ଟାବ୍‌ଲେଟ୍ ଏବଂ ଲାପ୍‌ଟପ୍‌ରୁ ଟିକ୍‌ଟକ୍ ଆପ୍ ହଟାଯିବା ଲାଗି ମଙ୍ଗଳବାର ନୋଟିସ ଜାରି କରାଯାଇଛି। ତେବେ ଏହି ନୂଆ ନିୟମ ମାର୍ଚ୍ଚ ୨୦ରୁ ଲାଗୁ କରାଯିବ।

## ସିପିଆର୍‌କୁ ବିଦେଶୀ ପାଣ୍ଠି ମନା

**ନୂଆଦିଲ୍ଲୀ, ୧।୩**

### ଏଫ୍‌ସିଆର୍‌ଏ ଲାଇସେନ୍ସ ରଦ୍ଦ କଲା କେନ୍ଦ୍ର




ଜଣାଶୁଣା ପବ୍ଲିକ୍ ଥିଙ୍କ୍‌ଟ୍ୟାଙ୍କ୍ ସେଣ୍ଟର୍ ଫର୍ ପଲିସି ରିସର୍ଚ୍ଚ (ସିପିଆର୍)ର ଫରେନ୍ କଣ୍ଟ୍ରିବ୍ୟୁଶନ୍ ରେଗୁଲେଶନ୍ ଆକ୍ଟ (ଏଫ୍‌ସିଆର୍‌ଏ) ଲାଇସେନ୍ସକୁ ବୁଧବାର କେନ୍ଦ୍ର ସରକାର ରଦ୍ଦ କରିଦେଇଛନ୍ତି। ଆୟକର ଆଇନ ଉଲ୍ଲଂଘନ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଫଳରେ ଏଣିକି ସିପିଆର୍ କୌଣସି ବିଦେଶୀ ପାଣ୍ଠି ଗ୍ରହଣ କରିପାରିବ ନାହିଁ।

ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଣଲାଭକାରୀ ସଂସ୍ଥା ସିପିଆର୍ ଇଣ୍ଡିଆନ୍ କାଉନ୍ସିଲ୍ ଫର୍ ସୋସିଆଲ ସାଇନ୍ସ ଆଣ୍ଡ ରିସର୍ଚ୍ଚଠାରୁ ଅନୁଦାନ ଲାଭ କରିଥାଏ। ଏହାର ଦାତାଙ୍କ ମଧ୍ୟରେ ଅଛନ୍ତି ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେଶନ, ପେନ୍‌ସିଲଭାନିଆ ୟୁନିଭର୍ସିଟି, ୱାର୍ଲ୍ଡ ରିସୋର୍ସେସ୍ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଡ୍ୟୁକ୍ ୟୁନିଭର୍ସିଟି। ଏହି କାର୍ଯ୍ୟାନୁଷ୍ଠାନ ପରେ ସିପିଆର୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଗତବର୍ଷ ସେପ୍ଟେମ୍ବରରେ ଥିଙ୍କ୍‌ଟ୍ୟାଙ୍କ୍ ଅଫିସଗୁଡ଼ିକରେ ଆଇଟି ବିଭାଗ ଚଢ଼ାଉ କରିଥିଲା। ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ ଅନେକ ନୋଟିସ୍ ଜାରି ହୋଇଥିଲା। ଆୟକର ବିଭାଗରେ ଆବଶ୍ୟକ ଦସ୍ତାବିଜ ଦାଖଲ କରାଯାଇଛି। ଅଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ। ଆମେ ଉପଲବ୍ଧ ସମସ୍ତ ବିକଳ୍ପ ଉପରେ ବିଚାର କରୁଛୁ। ତୁରନ୍ତ ଏହାର ସମାଧାନ ହୋଇଯିବ ବୋଲି ସିପିଆର୍ ଆଶାବାଦୀ ଥିବା ଏଥିରେ କୁହାଯାଇଛି। ଅନ୍ୟପକ୍ଷେ ୨୦୨୧ରୁ ଲାଇସେନ୍ସ ନବୀକରଣ କରି ନ ଥିବା ସିପିଆର୍‌କୁ କେନ୍ଦ୍ର ସରକାର ଏଫ୍‌ସିଆର୍‌ଏ ପାଣ୍ଠି ଗ୍ରହଣ ସମ୍ପର୍କିତ ଦସ୍ତାବିଜ ମାଗିଥିବା ଜଣାପଡ଼ିଛି।

## ଜାଫରଙ୍କ ଘର ଭାଙ୍ଗିଲା ବୁଲ୍‌ଡୋଜର

**ଲକ୍ଷ୍ନୌ, ୧।୩**

### ଉମେଶ ପାଲ୍ ହତ୍ୟାକାଣ୍ଡ

- ଜାଫରଙ୍କ ଘରେ ହୋଇଥିଲା ଯୋଜନା
- ମାରଣାସ୍ତ୍ର ଓ ବନ୍ଧୁକ ଜବତ



ଉତ୍ତର ପ୍ରଦେଶ ପ୍ରୟାଗରାଜରେ ଆଇନଜୀବୀ ଉମେଶ ପାଲଙ୍କ ହତ୍ୟା ଅଭିଯୁକ୍ତ ଜାଫର ଅହମଦଙ୍କ ଘର ବୁଧବାର ନଗର ନିଗମ ପକ୍ଷରୁ ବୁଲ୍‌ଡୋଜର ଲଗାଇ ଭାଙ୍ଗିଦିଆଯାଇଛି। ଜାଫରଙ୍କ ଘରୁ ବନ୍ଧୁକ ସାଙ୍ଗକୁ ବହୁ ମାରଣାସ୍ତ୍ର ପୋଲିସ ଜବତ କରିଛି। ଜେଲରେ ସଜା କାଟୁଥିବା ସମାଜବାଦୀ ପାର୍ଟି ନେତା ଆତିକ ଅହମଦଙ୍କ ଖାସ୍ ସହଯୋଗୀ ହେଉଛନ୍ତି ଜାଫର। ଜାଫରଙ୍କ ଘରେ ଅଭିଯୁକ୍ତମାନେ ଏକାଠି ହୋଇ ଉମେଶ ପାଲ୍‌ଙ୍କୁ ହତ୍ୟା କରିବାର ଯୋଜନା ପ୍ରସ୍ତୁତ କରିଥିବା ପୋଲିସ କହିଛି। ଘଟଣା ପରଠାରୁ ଜାଫର ଫେରାର୍ ଥିବା ଜଣାପଡ଼ିଛି। ବୁଧବାର ଆତିକଙ୍କ ଘରେ ପୋଲିସ ଚଢ଼ାଉ କରିଥିବାବେଳେ ଦୁଇଟି ଦାମୀ କାର୍ ଜବତ କରାଯାଇଛି। ତେବେ ଜାଫରଙ୍କ ଘର ବୁଲ୍‌ଡୋଜର ଲଗାଇ ଭଙ୍ଗାଯିବା ପରେ ଉମେଶ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଗୁଡ୍ଡୁ ମୁସ୍‌ଲିମ୍, ନାଫିଜ, ଅର୍ମାନଲ ସଦାକତ ଏବଂ ଘୁଲାମଙ୍କ ଘରେ ବୁଲ୍‌ଡୋଜର ଆକ୍ସନ ନିଆଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସୋମବାର ୟୁପି ପୋଲିସ ଏନ୍‌କାଉଣ୍ଟରରେ ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ଅର୍ବାଜଙ୍କ ମୃତ୍ୟୁ ଘଟିଛି।



ଜାଫର ଅହମଦଙ୍କ ପ୍ରୟାଗରାଜସ୍ଥିତ ଚାକିୟାରେ ଥିବା ଘରକୁ ବୁଲ୍‌ଡୋଜରରେ ଭଙ୍ଗାଯାଉଛି।

## କିଙ୍ଗ୍ ଚାର୍ଲ୍ସଙ୍କ ରାଜାଭିଷେକ ପାଇଁ ସଜଡ଼ା ହେଲା ୭୦୦ ବର୍ଷ ପୁରୁଣା ସିଂହାସନ

**ଲଂଣ୍ଡନ, ୧।୩**

ବ୍ରିଟେନ୍‌ର କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କ କରୋନେଶନ୍ କାର୍ଯ୍ୟକ୍ରମ ପାଇଁ ୭୦୦ ବର୍ଷ ପୁରୁଣା ରାଜକୀୟ ସିଂହାସନକୁ ସଜଡ଼ା ଯାଇଥିବା ଲଣ୍ଡନର ୱେଷ୍ଟମିନିଷ୍ଟର ଆବେ ପକ୍ଷରୁ କୁହାଯାଇଛି। ଆସନ୍ତା ମେ ୬ରେ ଆବେଠାରେ କିଙ୍ଗ ଚାର୍ଲ୍ସ ଏବଂ କୁଇନ୍ କନସର୍ଟ କାମିଲାଙ୍କୁ ଆନୁଷ୍ଠାନିକ ଭାବେ ରାଜାଭିଷେକ କରାଯିବ। ପୂର୍ବରୁ ଏହି ସିଂହାସନରେ ବସାଇ କିଙ୍ଗ୍ ହେନେରି ଅଷ୍ଟମ, କୁଇନ୍ ଭିକ୍ଟୋରିଆ, ଏଲିଜାବେଥ୍ ଦ୍ୱିତୀୟଙ୍କ ରାଜାଭିଷେକ କରାଯାଇଥିଲା। କିଙ୍ଗ୍ ଏଡୱାର୍ଡ ପ୍ରଥମଙ୍କ ନିର୍ଦ୍ଦେଶକ୍ରମେ ଏହାର ନିର୍ମାଣ କରାଯାଇଥିଲା।



## ଦିନକୁ ୧୧ ମିନିଟ୍ ଚାଲିଲେ ଅକାଳ ମୃତ୍ୟୁ ଭୟ କମିବ

**ଲଣ୍ଡନ୍, ୧।୩**

ବୟସ ହେବା ପୂର୍ବରୁ ଘଟୁଥିବା ମୃତ୍ୟୁକୁ ଅକାଳ ବିୟୋଗ କୁହାଯାଏ। ବର୍ତ୍ତମାନ ସମୟରେ ଯୁବକ ତଥା ଯୁବତୀଙ୍କ ଅକାଳମୃତ୍ୟୁକୁ ନେଇ ଅନେକ ଖବର ପ୍ରକାଶ ପାଇବାରେ ଲାଗିଛି। ଏ ପ୍ରକାର ବିପଜ୍ଜନକ ସ୍ଥିତିରୁ ନିଜକୁ ସୁରକ୍ଷିତ ରଖିବା ସକାଶେ ପ୍ରତ୍ୟେକ ଦିନ ୧୧ ମିନିଟ୍ ବ୍ୟାୟାମ୍ ବା ଚାଲିବା ଆବଶ୍ୟକ। ଏପରି କରିବା ଦ୍ୱାରା ଅକାଳ ମୃତ୍ୟୁର ଡର ରହିବ ନାହିଁ ବୋଲି ବ୍ରିଟିଶ୍ ଜର୍ନାଲ ଅଫ୍ ସ୍ପୋର୍ଟସ୍‌ମେଡିସିନ୍‌ରେ ଉଲ୍ଲେଖ କରାଯାଇଛି। ଶାରୀରିକ କ୍ରିୟା ଦ୍ୱାରା ହୃଦ୍‌ଜନିତ ରୋଗ, କ୍ୟାନ୍‌ସର ଭଳି ରୋଗକୁ ମଧ୍ୟ ଦୂର କରାଯାଇପାରିବ।

ପ୍ରତି ସପ୍ତାହରେ ୧୫୦ ମିନିଟ୍ ବ୍ୟାୟାମ କରିବା ଶରୀର ପକ୍ଷେ ହିତକାର ବୋଲି ବ୍ରିଟେନ୍‌ର ନ୍ୟାଶନାଲ ହେଲ୍‌ଥ ସର୍ଭିସ୍ (ଏନ୍‌ଏଚ୍‌ଏସ୍) ପକ୍ଷରୁ କୁହାଯାଇଛି। ବିଶେଷଜ୍ଞମାନେ ୩୦ ନିୟୁତ ଲୋକଙ୍କୁ ନେଇ ଏ ସମ୍ପର୍କିତ ଅଧ୍ୟୟନ କରିଛନ୍ତି। ସୁସ୍ଥ ରହିବା ଏବଂ ଦୀର୍ଘାୟୁ ହେବାକୁ ପ୍ରତ୍ୟେକ ବ୍ୟକ୍ତିଙ୍କ ଆଶା ଥାଏ ସେଥିପାଇଁ ୭ ଦିନରେ ୧୫୦ ମିନିଟ୍‌ର ବ୍ୟାୟାମ ନିତାନ୍ତ ଆବଶ୍ୟକ ବୋଲି କେମ୍ବ୍ରିଜ୍ ମେଡିକାଲ୍ ରିସର୍ଚ୍ଚ କାଉନ୍‌ସିଲ (ଏନ୍‌ଆର୍‌ସି)ର ଡା. ସୋରେନ୍ ବ୍ରେଜ୍ କହିଛନ୍ତି। ପ୍ରାରମ୍ଭିକ ସମୟରେ ସପ୍ତାହକୁ ୭୫ମିନିଟ୍ ଏକ୍ସରସାଇଜ୍ ବା ନିୟମିତ ଚାଲିବା ଜରୁରୀ। ଏହାକୁ ଅଭ୍ୟାସ କଲେ ବ୍ୟାୟାମ କରିବାର ସମୟ ମଧ୍ୟ ଟାର୍ଗେଟ୍ ସମୟରେ ପହଞ୍ଚିପାରିବ। ପ୍ରତି ସପ୍ତାହରେ ୧୫୦ ମିନିଟ୍ ଶାରୀରିକ କ୍ରିୟା କରିବା ହେତୁ ପ୍ରତି ୬ ଜଣଙ୍କ ମଧ୍ୟରୁ ଜଣଙ୍କ ଅକାଳ ବିୟୋଗ ଦୂର ହେବ ବୋଲି ଅଧ୍ୟୟନ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ନିକଟରେ ତେଲଙ୍ଗାନା ନିର୍ମଳ ଜିଲା କୁବୀର ମଣ୍ଡଳ ଗ୍ରାମରେ ଏକ ବରଯାତ୍ରୀ ପ୍ରଶେସନରେ ନାଚୁଥିବାବେଳେ ଜଣେ ଯୁବକଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ସେହିପରି ଗାଡ଼ି ଚଲାଉଥିବା ବେଳେ କିମ୍ବା କୌଣସି କାମ କରୁଥିବା ସମୟରେ କେତେଜଣଙ୍କ ଅକାଳମୃତ୍ୟୁ ଖବର ପୂର୍ବଦିନମାନଙ୍କରେ ଖବରକାଗଜ ଓ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏ ପ୍ରକାର ମୃତ୍ୟୁରୁ ନିଜକୁ ସୁରକ୍ଷିତ ରଖିବାକୁ ହେଲେ ପ୍ରତିଦିନ ବ୍ୟାୟାମ କରିବା ଜରୁରୀ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବ୍ରାଉନସୁଗାର ଜବତ: ଅଭିଯୁକ୍ତ କୋର୍ଟ ଚାଲାଣ

**ବାଲିକୁଦା,୧୩(ସ୍ୱ.ପ୍ର.):** ବାଲିକୁଦା ଥାନା କୂଳ ଉପର ବଜାରରୁ ମଙ୍ଗଳବାର ୧୩ ଗ୍ରାମ୍ ବ୍ରାଉନ ସୁଗାର ପୋଲିସ ଜବତ କରିଛି, ଯାହାର ଅନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ। ଏଥିସହ ଅଭିଯୁକ୍ତ କଣ୍ଟି ଗ୍ରାମର ନେତ୍ରାନନ୍ଦ ମନ୍ତ୍ରୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଖବର ନେବାରେ ଜଣାପଡିଛି ଯେ ମଙ୍ଗଳବାର ସକାଳେ କୂଳ ଉପର ବଜାରରେ ବ୍ରାଉନସୁଗାର କାରବାର ହେଉଥିବା ବାଲିକୁଦା ଥାନାକୁ ଖବର ମିଳିଥିଲା। ଆଇଆଇସି ସଲିଳ କୁମାର ପ୍ରଧାନଙ୍କ ନିର୍ଦ୍ଦେଶନାରେ ଏଏସ୍‌ଆଇ ଦୀପ୍ତିରଞ୍ଜନ ଓଝା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ନେତ୍ରାନନ୍ଦଙ୍କଠାରୁ ୧୩ ଗ୍ରାମ୍ ବ୍ରାଉନସୁଗାର ଜବତ କରିଥିଲେ। ଥାନାରେ ନଂ.୯୬/୨୩ ରେ ମାମଲା ରୁଜୁ ହୋଇଛି।

# ଜୟନାରାୟଣଙ୍କ ଜାମିନ୍ ଖାରଜ ପାଇଁ କୋର୍ଟରେ ପିଟିଶନ

**ଭୁବନେଶ୍ୱର,୧୩(ବ୍ୟୁରୋ)**

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଜାମିନ ଖାରଜ କରିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଏତଲାକାରୀ ବିମଳ ଭୋଇ ଆବେଦନ କରିଛନ୍ତି। ମାମଲାର ଦ୍ୱରିତ ଶୁଣାଣି ପାଇଁ ଆବେଦନକାରୀ ତାଙ୍କ ପିଟିଶନରେ ନିବେଦନ କରିଛନ୍ତି। ଜୟନାରାୟଣ ଜାମିନରେ ଥାଇ ୩ଟି ଗୁରୁତର ଫୌଜଦାରି ମାମଲାରେ ସଂପୃକ୍ତ ଅଛନ୍ତି। ହାଇକୋର୍ଟରୁ ୩ଟି ସର୍ତ୍ତରେ ଜାମିନରେ ଆସିଥିଲେ ମଧ୍ୟ ସେ ସର୍ତ୍ତ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ତେଣୁ ଜାମିନ ଖାରଜ ନ ହେଲେ ମାମଲାର ନିରପେକ୍ଷ ତଦନ୍ତ ସମ୍ଭବ ନୁହେଁ ବୋଲି ବିମଳ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ଅର୍ଥାତ୍ ୨୦୧୮ ବିଜେପୁର ଉପନିର୍ବାଚନବେଳେ ଦିଲେଶ୍ୱର ସାହୁ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ନେଇ ଜୟନାରାୟଣଙ୍କ ନାମରେ ଅଭିଯୋଗ ହୋଇଥିଲା। ଏହି ମାମଲାରେ ସେ ଗିରଫ ହୋଇ ୨୦୧୯ରେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନରେ ମୁକୁଳିଥିଲେ। ୨୦୨୦ରେ ଏହି ମାମଲା ପରିଚାଳନା ପାଇଁ ଭୁବନେଶ୍ୱରରେ ଥିବା ସ୍ୱତନ୍ତ୍ର କୋର୍ଟକୁ ସ୍ଥାନାନ୍ତର ହୋଇଥିଲା।

# ବନ୍ଦ ହେଲା ଖଣ୍ଡୋଲାଇଟ୍ ଖଣି



- ଏଏସ୍‌ଆଇର ଚିଠି ପରେ ପଦକ୍ଷେପ
- ବୌଦ୍ଧ ସ୍ତୁପ ପାରାଭାଡ଼ି ଖନନ ପରେ ମିଳିଲା ବହୁ କୀର୍ତ୍ତିରାଜି

**ଚଣ୍ଡିଖୋଲ,୧୩(ଡି.ଏନ୍.ଏ.)**

ଖ୍ରୀ.ପୂ. ୨ୟ ଶତାବ୍ଦୀର ପାରାଭାଡ଼ି ବୌଦ୍ଧସ୍ତୁପ ଅଞ୍ଚଳରେ ଓଡ଼ିଶା ମାଇନିଂ କର୍ପୋରେଶନ୍(ଓଏମ୍‌ସି) ଖଣ୍ଡୋଲାଇଟ୍ ଖଣି ଖନନ କରିବା ଦ୍ୱାରା ଐତିହାସିକ ପାରାଭାଡ଼ି ପାହାଡ଼ ନଷ୍ଟ ହୋଇଗଲା। ଏ ସମ୍ପର୍କରେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ରେ ଖବର ପ୍ରକାଶ ପରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ (ଏଏସ୍‌ଆଇ) ତରଫରୁ ଖଣ୍ଡୋଲାଇଟ୍ ଖଣି ବନ୍ଦ କରିବାକୁ ଓଏମ୍‌ସିକୁ ଚିଠି ଲେଖିଥିଲା। ପରେ ଖଣି ଖନନ ବନ୍ଦ ହୋଇଯାଇଛି। ଏପରି କି ଗୋବିନ୍ଦପୁର ପାହାଡ଼ରୁ ଖଣ୍ଡୋଲାଇଟ୍ ପଥର ଖନନ କରାଯାଇ କେଶରାଇପୁରଠାରେ କଟାଯାଉଥିବାବେଳେ ତାହା ମଧ୍ୟ ବନ୍ଦ କରାଯାଇଛି। ହେଲେ ଖଣି ଖନନରେ ଲାଗିଥିବା ଯନ୍ତ୍ରାଂଶ ଏଠାରୁ ନିଆଯାଇନାହିଁ।

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ପାରାଭାଡ଼ି ପାହାଡ଼ଟି କେଶରାଇପୁର ରାଜସ୍ୱ ମୌଜାରେ ଅବସ୍ଥିତ। ଏହି ପାହାଡ଼ ବନ୍ଦରେଶ୍ୱରଠାରୁ ଆରମ୍ଭ କରି ଲଳିତଗିରି ପର୍ଯ୍ୟନ୍ତ ପରିବ୍ୟାପ୍ତ। ଯାଜପୁର ଓ କଟକ ଜିଲାର ସଂଗମସ୍ଥଳରେ ରହିଥିବା ଏହି ପାହାଡ଼ରୁ ପୂର୍ବରୁ ୩୬ଟି ବୌଦ୍ଧ କୀର୍ତ୍ତିରାଜି ଆବିଷ୍କୃତ ହୋଇ ଲଳିତଗିରି ମ୍ୟୁଜିୟମ୍ ଓ ଭୁବନେଶ୍ୱର ଷ୍ଟେଟ୍ ମ୍ୟୁଜିୟମ୍‌ରେ ରହିଛି। ରାଜ୍ୟ ସରକାରଙ୍କ ତରଫରୁ ଏହି ପାହାଡ଼ରୁ ଖଣ୍ଡୋଲାଇଟ୍ ଖଣି ଖନନ କରି ପୁରୀର ସୌନ୍ଦର୍ଯ୍ୟକରଣ ପାଇଁ ପଥର ନେବାକୁ ୨୦୨୧ରେ ଯୋଜନା କରାଯାଇଥିଲା। ୨୦୨୨ରେ ପଥର ଖଣି ଖନନ ଆରମ୍ଭ ହୋଇଥିଲା। ସେ ସମୟରେ ବୁଦ୍ଧାୟନ ତରଫରୁ ଏହାକୁ ବିରୋଧ କରାଯାଇଥିଲେ ମଧ୍ୟ ଓଏମ୍‌ସି ଖନନ ଜାରି ରଖିଥିଲା। ଏନେଇ ଗତ ଡିସେମ୍ବର ୨୫ରେ 'ବିପଦରେ ବୌଦ୍ଧସ୍ତୁପ ପାରାଭାଡ଼ି' ଶୀର୍ଷକ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଉକ୍ତ ଖବର ପ୍ରକାଶ ପରେ ଏଏସ୍‌ଆଇ କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ଆସି ତଦାରଖ କରିଥିଲେ। ଏ ସମ୍ପର୍କରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗର ପୁରୀ ସର୍କଲ ଅଧିକ୍ଷ ବ୍ରଜସୁନ୍ଦର ଗଡ଼ନାୟକ କହିଛନ୍ତି, ଆମେ ପ୍ରଥମେ କ୍ଷେତ୍ର ପରିଦର୍ଶନ କରିବା ପରେ ଜାନୁୟାରୀରେ ଓଏମ୍‌ସିକୁ ଖଣି ଖନନ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲୁ। ଏହାପରେ ଏବେ ପାରାଭାଡ଼ି ବୌଦ୍ଧସ୍ତୁପ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ଯେଉଁଠୁ ୪ରୁ ୫ମିଟର ଉଚ୍ଚତାର ବୌଦ୍ଧସ୍ତୁପ ମିଳିଥିବାବେଳେ ବହୁ ପ୍ରାଚୀନ କୀର୍ତ୍ତିରାଜି ମଧ୍ୟ ଆବିଷ୍କୃତ ହୋଇଛି, ଯାହାକି ୧୩ଶହ ବର୍ଷ ତଳର। ସମୁଦ୍ର ପତନଠାରୁ ଏହି ସ୍ତୁପର ଉଚ୍ଚତା ସର୍ବାଧିକ ରହିଛି। ଖଣି ଖନନ ସମୟରେ ବହୁ କୀର୍ତ୍ତିରାଜିକୁ ନଷ୍ଟ କରି ଦିଆଯାଇଛି। ଏଠାରୁ ଆବିଷ୍କୃତ କୀର୍ତ୍ତିରାଜିଗୁଡ଼ିକ ସପ୍ତମ ଓ ଅଷ୍ଟମ ଶତାବ୍ଦୀର। ଏଏସ୍‌ଆଇ ତରଫରୁ ଏହାକୁ ବୁଦ୍ଧିଷ୍ଟ ସର୍କିଟ କରାଯିବା ପାଇଁ ଯୋଜନା ରହିଥିବା ସେ ପ୍ରକାଶ କରିଛନ୍ତି। ୨୦୧୨ରୁ ଲଗାତର ଭାବେ 'ଧରିତ୍ରୀ'ରେ ପାରାଭାଡ଼ି ବୌଦ୍ଧସ୍ତୁପ ସମ୍ପର୍କରେ ଖବର ପ୍ରକାଶ ହୋଇଆସୁଛି। ଏଠାରେ ୭ଟି ଗୁମ୍ଫା ରହିଛି, ଯାହାକି ହାତିଖାଲ ନାମରେ ପରିଚିତ। ପାରାଭାଡ଼ି ସ୍ତୁପର ୫୦ମିଟର ତଳେ ବୌଦ୍ଧଯୁଗୀୟ ତାରାମୂର୍ତ୍ତି ରହିଛି। ସ୍ଥାନୀୟ ଲୋକେ ଘଣ୍ଟିଆଶୁଣି ଭାବରେ ଏହାକୁ ପୂଜାର୍ଚ୍ଚନା କରୁଛନ୍ତି। ଏହି ସ୍ତୁପର ଚତୁଃପାର୍ଶ୍ୱ ୪୬ ଏକର ସ୍ଥାନକୁ ଏଏସ୍‌ଆଇ ଚିହ୍ନଟ କରିସାରିଛି।


# Classified Everyday

0674-2580101, 2549949




**SALE**

**New Cancer Hospital** ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। **9437621753.** D-73691

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

**ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434.** D-74824

କଟକ-ଭୁବନେଶ୍ୱର Twincityର ମଧ୍ୟଭାଗରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି, ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-74822

Gharabari plot for sale Sivasaktinagar (Hanspal) per Sqft.- 2750/-. 7008492511. D-2900

**Bhubaneswar Gita/ Gandhi College/ Cultural University** ପାଖରେ ଥିବା **BDA Housing project**କୁ ଲାଗି **sqft.-650/- plot** କିଣନ୍ତୁ। **9348767829, 9040317195.** D-74814

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821




"Two BHK Garage Ground Floor 1600 sqft. for rent at Laxmisagar. Rent Rs.25,000/-. Contact: 9868656156". D-2859

**Three Rooms, Kitchen, Drawing, Dining, Two Toilets, Two Balcony, Covered Car and Two Wheeler Garage under CCTV Coverage in 2nd Floor of 3 Storey Building in Unit-8 area BBSR Bank PSU IT Executives Preferred Rs.19500 PM. Contact: 6372039533.** D-2899




Newly open health benefits SPA special Offer @ 999 Nayapalli. 7846814019. D-73687

Newly open full body massage ladies and gents. 9861883292. D-74650

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2851

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74647

**Full Body massage by experience therapist @999 only- 9078484455 (Bhubaneswar).** D-2791

Full body massage, refresh, relaxed by expert lady therapist. 8480939300. D- 2824




**Contact for Development, Renovation, Maintenance of Ornamental Garden and also for Outdoor, Indoor, Fruit, Flower plants. 7978668914.** D-2848

ଘରେ ବସି Part time matter forwarding କାମ କରି 9000/-ରୁ 36000/- ରୋଜଗାର କରନ୍ତୁ। 8763722330. D-2825

**AFFIDAVIT**

By virtue of an affidavit before the Executive Magistrate, Bhubaneswar, I have changed my name from Dilip Kumar Gochhayat to Dillip Kumar Gochhayat for all future purposes. D-71556

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେମେଣ୍ଟ କରନ୍ତୁ।
BHIM | UPI
ଦେୟ ପେମେଣ୍ଟ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**LEGAL NOTICE**

**NOTICE U/OR. 5, RULE-20 OF C.P.C.**
**IN THE COURT OF THE CIVIL JUDGE (JR. DIVN.), DHENKANAL**
**C.S. No.40/2012**

Sisir Parida and others ... ... Plaintiffs
Versus
Kuna Parida and others ... ... Defendants

Take notice that the present plaintiffs have filed this case against (1) Kuna Parida, aged about 28 years, son of late Kailash Chandra Parida, (2) Meena Parida, aged about 25 years, (3) Leena Parida, aged about 22 years, both are D/o. late Kailash Chandra Parida of A.R.C. Housing Board Colony, 2nd Phase, LIG/159, P.O. Charbatia, P.S. Choudwar, Dist. Cuttack and others before the Court of Civil Judge, Junior Division, Dhenkanal for partition of suit schedule land coming under Sabik Khata No.210, Plot No.421 corresponds to Hal Khata No.194 consisting of Hal Plot No.826, 828, 837, 838 and 839 of Mouza-Govindpur, P.S. Sadar, Dist.- Dhenkanal but despite repeated notice you did not appear and avoided for which you are hereby directed to appear in this Court on dtd. 18.03.23 at 10.30 A.M. personally or through your counsel positively, failing which this court will be constrained to proceed in this case in your absence.

**Sd./- By order of this Court**
**Civil Judge (J.D.), Dhenkanal**
D-74048

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କୁନାଲ


@ ଲିଜା


@ ବଲରାମ


@ ସୁଧାଂଶୁ


@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଠିକାସଂସ୍ଥା ନାମରେ ଫୌଜଦାରି ମାମଲା ରୁଜୁ ନିର୍ଦ୍ଦେଶ

- ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ମାମଲା
- ଢେଙ୍କାନାଳ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଲେ ଏନ୍‌ଜିଟି

**ଯାଜପୁର ଅଫିସ,୧୩**

ଯାଜପୁର ଜିଲା ଦେଇ ଯାଇଥିବା ଦୁବୁରୀ-ତାଳଚେର ୫୩ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଠିକାସଂସ୍ଥା କୁନାଲ ଷ୍ଟ୍ରକ୍ଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ହୋଇଛି। ଏହି ମର୍ମରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ୨ ଜଣିଆ ଖଣ୍ଡପୀଠ ଜଷ୍ଟିସ ବି. ଅମିତ ସ୍ଥାଲେକର ଏବଂ ଏକ୍ସପର୍ଟ ମେମ୍ବର ପ୍ରଫେସର ଏ. ସେନ୍ଥିଲ ଭେଲ ମଙ୍ଗଳବାର ଏକ ମାମଲାର ଚୂଡ଼ାନ୍ତ ଶୁଣାଣୀ କରି ୧୫ ଦିନ ମଧ୍ୟରେ ନିର୍ଦ୍ଦେଶର ଅନୁପାଳନ କରିବାକୁ ଢେଙ୍କାନାଳ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁସାରେ ବହ୍ଲର ଛକଠାରୁ କାମାକ୍ଷାନଗର ପର୍ଯ୍ୟନ୍ତ ରାସ୍ତା ନିର୍ମାଣାଧୀନ ଥିବାବେଳେ ଠିକାସଂସ୍ଥା କୁନାଲ ଷ୍ଟ୍ରକ୍ଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ କାମାକ୍ଷାନଗର ଓ ପରଜଙ୍ଗ ତହସିଲ ଅଞ୍ଚଳରୁ ବେଆଇନ ଭାବେ ମାଟି,ମୋରମ, ଚିପ୍ସ ଖନନ କରି ଉତ୍ତୋଳନ କରିଆସୁଥିଲା। ଏହାସହ ଆଇନ ଉଲ୍ଲଂଘନ କରି ଜଙ୍ଗଲ କିସମ, ଅବାଦଯୋଗ୍ୟ ଅନାବାଦୀ, ଗୋଚର କିସମ ସରକାରୀ ଜମିରୁ ବେଆଇନ ଭାବେ ମାଟି, ମୋରମ, ପଥର ଉତ୍ତୋଳନ କରୁଥିବା ନେଇ ୨୦୨୦ରେ ସାମାଜିକ କର୍ମୀ ଶାନ୍ତନୁ କୁମାର ଭୁକ୍ତା ଏନ୍‌ଜିଟିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ଏନ୍‌ଜିଟିରେ ୧୦/୨୦୨୦/ଇଜେଡରେ ଏକ ମାମଲା ରୁଜୁ ହୋଇଥିଲା। ବିଗତ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା ମାମଲାର ଚୂଡ଼ାନ୍ତ ଶୁଣାଣୀ ହୋଇଛି। ଏନ୍‌ଜିଟି ରାୟରେ ଆହୁରି ପ୍ରକାଶ କରିଛନ୍ତି, କୁନାଲ ନାମକ ଠିକା ସଂସ୍ଥା ସମୁଦାୟ ୬୬ ଟି ଜଙ୍ଗଲ ଜମି, ସରକାରୀ ଜମି ଓ ଘରୋଇ କିସମ ଜମିରୁ ବେଆଇନ ଭାବେ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ କରିଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ କୌଣସି ଫୌଜଦାରୀ ମାମଲା ରୁଜୁ ହୋଇ ନାହିଁ। ତେଣୁ ଓଡ଼ିଶା ମାଇନର ମିନେରାଲ କନସେଶନ ରୁଲ୍ସ-୨୦୧୬ର ଧାରା ୫୧ ଅନୁସାରେ ଠିକାସଂସ୍ଥା ନାମରେ ଫୌଜଦାରୀ ମାମଲା ସହିତ ବେଆଇନ ଭାବେ ଉତ୍ତୋଳନ କରିଥିବା ଲଘୁ ଖଣିଜ ଦ୍ରବ୍ୟର ସମସ୍ତ ସ୍ଥାନଗୁଡ଼ିକର ପରିବେଶ କ୍ଷୟକ୍ଷତି ଭରଣ ନିମନ୍ତେ ଆବଶ୍ୟକ ଜରିମାନା ଆଦାୟ କରିବା ପାଇଁ ଢେଙ୍କାନାଳ ଜିଲାପାଳଙ୍କୁ ନିର୍ଦ୍ଦେଶ ହୋଇଛି। ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କରପ୍ରସାଦ ପାଣି ମାମଲାର ପରିଚାଳନା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଶୀତଳା ଠାକୁରାଣୀଙ୍କ ବିଗ୍ରହ ପ୍ରତିଷ୍ଠା

**ଖଣ୍ଡପଡ଼ା,୧।୩(ସ୍ୱ.ପ୍ର.):** କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଦକ୍ଷିଣ ପାର୍ଶ୍ୱରେ ପ୍ରତିଷ୍ଠିତ ମା' ଶୀତଳା ଦେବୀଙ୍କ ୪ର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମଝିସାହି ପାଟଣା ଗ୍ରାମବାସୀଙ୍କ ପକ୍ଷରୁ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମଙ୍ଗଳବାର ଅଧିବାସ ଓ ବୁଧବାର ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଯଜ୍ଞ ପୂର୍ଣ୍ଣାହୁତି ସମୟରେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଯଜ୍ଞ ନାରାୟଣଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । କର୍ତ୍ତା ଭାବେ ଉମାକାନ୍ତ ସାହୁ ଓ ତାଙ୍କ ସ୍ତ୍ରୀଙ୍କ ସମେତ ନିଗମାନନ୍ଦ ଶତପଥୀ, ଚିତ୍ତ ରଞ୍ଜନ ସାହୁ ଏବଂ ପୁରୋହିତ ଭାବେ କୃଷ୍ଣଚନ୍ଦ୍ର ଶତପଥୀ, ବିଶ୍ୱ ରଞ୍ଜନ କର ଓ ତାଙ୍କ ସହଯୋଗୀ ହୋମକାର୍ଯ୍ୟ ସମ୍ପାଦନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଭାପତି ଅଞ୍ଜନ କୁମାର ମହାରଣା, ପ୍ରଦ୍ୟୁମ୍ନ ମହାରଣା ଓ ପ୍ରଦୀପ କୁମାର ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

## କନ୍ଧମେଳି ଶହୀଦଙ୍କ ସ୍ମୃତି ଚାରଣ ସମାରୋହ

**ଦଶପଲ୍ଲା,୧।୩(ଡି.ଏନ.ଏ.)**

ନୟାଗଡ଼ ଜିଲା ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ତ୍ରିନାଥ ବଜାରର ମେଳିଆ ତୋଟାଠାରେ କନ୍ଧମେଳି ଶହୀଦଙ୍କ ୧୦୯ ତମ ସ୍ମୃତି ଚାରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ମୁଖ୍ୟବକ୍ତା ଏନଏସି ଅଧକ୍ଷା ଇଂ. ପୁନମ ପ୍ରିୟଦର୍ଶିନୀ ବଣିକ ମହାସଂଘର ସଭାପତି ଅଲେଖ ସାହୁ , ସାମାଜିକକର୍ମୀ ଶ୍ରୀନିବାସ ଜାନି, ପଦ୍ମ ଲାଭ କହଁର, ରାମଚରଣ ମଲିକ, ପିଣ୍ଟିକ କହଁରଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ରୂପେ ଦଶପଲ୍ଲା କୁଇ ଉନ୍ନୟନ ସଂଘର ସଭାପତି ନିତ୍ୟାନନ୍ଦ ପ୍ରଧାନ ଯୋଗଦେଇଥିଲେ। ସଭା ପରିଚାଳନ କରିଥିଲେ ଜଗମୋହନ ମଲିକ ଏବଂ ବିଶନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବାଇଝରି ସାମାଜିକ କର୍ମୀ ଫୁଲୋଚନ କହଁର, ବାଲିବେରେଣୀ କଳାକାର ଚୈତନ୍ୟ ଜାନୀ, ଖରରଦାତା ପ୍ରଫୁଲ୍ଲ କୁମାର ପଣ୍ଡା, ଡ ପ୍ରଫୁଲ୍ଲ କୁମାର ଦାଶ, ସଞ୍ଜୀବ ସାହୁ ଓ ପ୍ରିୟବ୍ରତ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀଙ୍କ ସମେତ କୁଇ ସମ୍ପ୍ରଦାୟର ଆଦିବାସୀମାନେ ଉପସ୍ଥିତ ଥିଲେ।

# ପ୍ରହସନ ପାଲଟିଛି ମାଣ୍ଡିଆ ମଣ୍ଡି

■ଚାଷୀଙ୍କ ବଦଳରେ ବେପାରୀ କରୁଛନ୍ତି ବିକ୍ରି
■ମଣ୍ଡି ଆରମ୍ଭରୁ ଅନିୟମିତତା

**ନୟାଗଡ଼ ଅଫିସ/ ନୂଆଗାଁ(ଡି.ଏନ.ଏ.)୧।୩**

ସରକାର ମିଲଟ ମିଶନ ଯୋଜନାରେ ମାଣ୍ଡିଆ ଚାଷକୁ ଗୁରୁତ୍ୱ ଦେଉଛନ୍ତି । ମାଣ୍ଡିଆ ଚାଷକୁ ବୃଦ୍ଧି କରିବା ପାଇଁ ସରକାର ଉନ୍ନତ ମାନର ବିହନ ଯୋଗାଇ ଦେବା ସହ ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରୁଛନ୍ତି । ଅମଳ ମାଣ୍ଡିଆକୁ ସୁବିଧାରେ ବିକ୍ରି କରିବା ପାଇଁ ସରକାର ମାଣ୍ଡିଆ ମଣ୍ଡି ଖୋଲୁଛନ୍ତି । ଏହି ମଣ୍ଡି ଚାଷୀମାନଙ୍କ ସୁବିଧା ଦୃଷ୍ଟିରୁ କରାଯାଉଥିବା ବେଳେ ମଣ୍ଡି ଦାୟିତ୍ୱରେ ରହୁଥିବା ସଂସ୍ଥାର କେତେଜଣ କର୍ମଚାରୀଙ୍କୁ ହାତ କରି ଅସାଧୁ ବେପାରୀ ତା'ର ଫାଇଦା ଉଠାଉଛନ୍ତି । ଏପରି ଅଭିଯୋଗ ହେଉଛି ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଣ୍ଡିଆ ମଣ୍ଡିରେ । ଚଳିତ ମାସ ୨୫ ରେ ହାଟ ପରିସରରେ ଉଦ୍‌ଘାଟନ ହୋଇଥିବା ମାଣ୍ଡିଆ ମଣ୍ଡିକୁ ଚାଷୀଙ୍କ ବଦଳରେ ବେପାରୀ ମାଣ୍ଡିଆ ଆଣିଥିବା ଅଭିଯୋଗ ହୋଇଥିଲା ।

ରାଜ୍ୟ ସରକାର ମାଣ୍ଡିଆ ଚାଷକୁ ଗୁରୁତ୍ୱ ଦେଉଛନ୍ତି । ମାଣ୍ଡିଆ ଚାଷ ପାଇଁ ସରକାର ଚାଷୀମାନଙ୍କୁ ଏକର ପିଛା ୩ କେଜି ବିହନ ଓ ପ୍ରୋତ୍ସାହନ ରାଶି ଯୋଗାଇ ଦେଉଛନ୍ତି। ନୂଆଗାଁ ବ୍ଲକରେ ଏହାର ପ୍ରଚାର ପ୍ରସାରଠାରୁ ଆରମ୍ଭ କରି ବିହନ ଦେବା, ଚାଷୀମାନଙ୍କ ନାମ ପଞ୍ଜୀକରଣ କରିବା, ତା'ର ତଦାରଖ କରିବା, ଚାଷୀମାନଙ୍କ ଅମଳ ମାଣ୍ଡିଆକୁ ମଣ୍ଡି ମାଧ୍ୟମରେ ବିକ୍ରୀ କରିବା ଆଦି ଦାୟିତ୍ୱ ହାମ୍‌ସ ଭଳି ଏକ ବେସରକାରୀ ସ୍ୱେଚ୍ଛାସେବୀ ସଂସ୍ଥାକୁ ପ୍ରଦାନ କରାଯାଇଛି। ଖରିଫ୍ ଋତୁରେ ନୂଆଗାଁ ବ୍ଲକରେ ୨୦୦ ହେକ୍ଟର ଚାଷ ଜମିରେ ମାଣ୍ଡିଆ ଚାଷ କରିବା ପାଇଁ ୧୬ କୁଇଣ୍ଟାଲ ବିହନ ଯୋଗାଇ ଦିଆଯାଇଥିଲା। ଏଥିପାଇଁ ଜାକେଡା, ଗୁମି, କାପ୍ତାପଲି, ଉଦୟପୁର , ପାରାଡ଼ିପି , କୋରଡା, ନୂଆଗାଁ , ଦୁର୍ଦ୍ଧୁରା ଓ ସିକ୍ରିଡା ଆଦି ୧୦ ପଞ୍ଚାୟତର ୫୭୨ ଜଣ ଚାଷୀଙ୍କ ନାମ ପଞ୍ଜୀକୃତ କରାଯାଇଥିଲା । ଚାଷ ଜମି ଅନୁସାରେ ଚାଷୀମାନଙ୍କୁ ବିହନ ପ୍ରଦାନ କରାଯାଇଥିଲା । ଅମଳ ହୋଇଥିବା ମାଣ୍ଡିଆକୁ କ୍ରୟ କରିବା ପାଇଁ ନୂଆଗାଁ ବ୍ଲକର କଇଥପଲି ସେବା ସମବାୟ ସମିତି ଓ ନୂଆଗାଁ ସେବା ସମବାୟ ସମିତି ଅଧୀନରେ ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ତେବେ ଗତ ୨୦ ତାରିଖ ଦିନ କଇଥପଲି ପାକ୍ସରେ ମଣ୍ଡି ଉଦଘାଟନ ହୋଇ ୬୯ କୁଇଣ୍ଟାଲ ମାଣ୍ଡିଆ କିଣା ଯାଇଥିଲା । ସେହିପରି ୨୫ ତାରିଖରେ ନୂଆଗାଁ ପାକ୍ସ ଅଧୀନରେ ମଣ୍ଡି ଉଦଘାଟନ କରାଯିବା ପାଇଁ ସ୍ଥିର ହୋଇଥିଲା । ହାମ୍‌ସ କର୍ମଚାରୀ ଓ ପାକ୍ସ ସଭାପତି, ସମ୍ପାଦକ ଓ ଡାଇରେକ୍ଟରମାନଙ୍କ ମଧ୍ୟରେ ନାନା ବାଦ ବିବାଦ ଯୋଗୁ ବିଳମ୍ବରେ ଉଦ୍‌ଘାଟନ ହୋଇଥିଲେ ମଧ୍ୟ ମାଣ୍ଡିଆ ଉଠିପାରି ନ ଥିଲା । ଚାଷୀମାନଙ୍କ ନିକଟରେ ମେଶିନ ନ ଥିବାରୁ ମାଣ୍ଡିଆରୁ ଚୋପା ଛାଡି ନ ଥିଲା, ଯାହାକୁ କି କ୍ରୟ କରିବା ପାଇଁ ପାକ୍ସ ସମ୍ପାଦକ ମନା କରିଥିଲେ । ମାଣ୍ଡିଆକୁ ସଫା କରାଯିବା ପରେ ଓଜନ କରି ନେବେ ବୋଲି ପାକ୍ସ ସମ୍ପାଦକ ସୀତାରାମ ସୁବୁଦ୍ଧି କହିଥିଲେ ।


ମଣ୍ଡିକୁ ବିକ୍ରି ପାଇଁ ଆସିଥିବା ମାଣ୍ଡିଆ।

ତେବେ ନୂଆଗାଁ ମଣ୍ଡିରେ ୨୪୨ ଜଣ ଚାଷୀ ମାଣ୍ଡିଆ ଦେବା ପାଇଁ ଟୋକନ ପାଇଛନ୍ତି । ଉକ୍ତ ଦିନ ୧୦୦ କୁଇଣ୍ଟାଲ ମାଣ୍ଡିଆ ମଣ୍ଡିକୁ ଆସିଥିବା ବେଳେ ମାତ୍ର ୪ ଜଣ ଲୋକ ଚାଷୀ ହିସାବରେ ଆସିଥିଲେ । ସେଥିମଧ୍ୟରୁ ଦୁଇ ଜଣ ଢେଙ୍କେଣା ପଞ୍ଚାୟତର ଚାଷୀ ବୋଲି ନିଜେ କହିଥିଲେ । ସେମାନଙ୍କୁ ସରକାରଙ୍କ ତରଫରୁ ବିହନ କିମ୍ବା କୌଣସି ପ୍ରୋତ୍ସାହନ ରାଶି ମିଳି ନାହିଁ । ସେମାନେ ନିଜେ ଚାଷ କରିଥିବା କହିଥିଲେ । ହେଲେ ନୂଆଗାଁ ମଣ୍ଡିକୁ ଚାଷୀମାନେ ନ ଆସି ବେପାରୀ ମାଣ୍ଡିଆ ନେଇ ଆସିଥିବା ଅଭିଯୋଗ ହୋଇଥିଲା । ବେପାରୀମାନେ ଲୋକମାନଙ୍କଠାରୁ କମ୍ ଦରରେ ମାଣ୍ଡିଆ କିଣି ମଣ୍ଡିରେ ୩୫୭୮ ଟଙ୍କାରେ ବିକ୍ରୀ କରି ଲାଭବାନ ହେବା ପାଇଁ ଚେଷ୍ଟା କରୁଛନ୍ତି । ତେବେ ଚାଷୀମାନଙ୍କ ବଦଳରେ ବେପାରୀମାନଙ୍କ ନାମ କିଭଳି ପଞ୍ଜୀକୃତ କରାଯାଇଛି ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନୂଆଗାଁ ବ୍ଲକ ଅତିରିକ୍ତ କୃଷି ଅଧିକାରୀ ପୂଜା କହଁରଙ୍କୁ ପଚାରିବାରେ ମାଣ୍ଡିଆ ଚାଷର ସମସ୍ତ ଦାୟିତ୍ୱ ଜିଲାସ୍ତରରୁ ହାମ୍‌ସକୁ ଦିଆଯାଇଛି । ଆମେ କେବଳ ଟେକ୍ନିସିଆନ ହିସାବରେ କାମ କରିଛୁ । ଏ ବାବଦରେ ମୁଁ ବୁଝିବି ବୋଲି କହିଛନ୍ତି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କୁନାଲ


@ ଲିଜା


@ ବଳରାମ


@ ସୁଧାଂଶୁ


@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଅବ୍ୟବସ୍ଥାରେ କୁସୁମଗାଡ଼ିଆ ଅଙ୍ଗନୱାଡ଼ି କେନ୍ଦ୍ର

■ନିଜସ୍ୱ ଘର ନାହିଁ, କର୍ମୀଙ୍କ ଘରେ ଚାଲିଛି
■୩ ମାସ ହେଲା ମିଳୁନାହିଁ ଅଣ୍ଡା

**ନୂଆଗାଁ,୧।୩ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗୁମୀ ପଞ୍ଚାୟତ କୁସୁମଗାଡ଼ିଆ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ନାନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି । ୩ ମାସ ହେଲା ଶିଶୁମାନଙ୍କୁ ଅଣ୍ଡା ମିଳୁନାହିଁ । ୮ବର୍ଷ ହେଲା ଉକ୍ତ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲେ ମଧ୍ୟ ନିଜସ୍ୱ ଘର ନାହିଁ । ଅଙ୍ଗନୱାଡି କର୍ମୀଙ୍କ ଘରେ ସେହି କେନ୍ଦ୍ର ଚାଲିଛି ।

କୁସୁମଗାଡ଼ିଆ ଗ୍ରାମର ଗର୍ଭବତୀ, ପ୍ରସୂତି ମହିଳା ଓ ଶିଶୁମାନଙ୍କ ଦାୟିତ୍ୱ ନେବା ସହ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଖେଳକୁଦ ମାଧ୍ୟମରେ ସେମାନଙ୍କ ଯତ୍ନ ନେବା ପାଇଁ ମିନି ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଦୀର୍ଘ ୮ ବର୍ଷ ହେଲା ମିନି ଅଙ୍ଗନୱାଡି ପ୍ରତିଷ୍ଠା କରାଯାଇଥିଲେ ମଧ୍ୟ ଅଦ୍ୟାବଧି ନିଜସ୍ୱ ଗୃହ ନିର୍ମାଣ କରାଯାଇ ନାହିଁ । ଯାହା ଫଳରେ କର୍ମୀ ନିଜ ଘରେ କେନ୍ଦ୍ରର ସମସ୍ତ କାମ କରିବା ସହ ଶିଶୁମାନଙ୍କୁ ରୋଷେଇ କରି ଦେଉଛନ୍ତି । ଉକ୍ତ କେନ୍ଦ୍ରରେ ୫ ଜଣ ଶିଶୁଙ୍କ ନାମ ଲେଖା ଯାଇଛି । ତେବେ ଉକ୍ତ ଶିଶୁମାନଙ୍କୁ କେଉଁ ଦିନ ଖାଦ୍ୟ ଦିଆ ଯାଉଛି ତ କେଉଁ ଦିନ ଦିଆ ଯାଉ ନାହିଁ । ଏପରିକି ୩ ମାସ ହେଲା ପ୍ରି ସ୍କୁଲ ଶିଶୁମାନଙ୍କୁ ଅଣ୍ଡା ଦିଆଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ଆମ ଖବରଦାତା କୁସୁମଗାଡିଆ ଗ୍ରାମରେ ପହଞ୍ଚି ଥିବା ବେଳେ ଅଙ୍ଗନୱାଡ଼ି କେନ୍ଦ୍ର ଚାଲୁଥିବା କର୍ମୀଙ୍କ ଘରେ ତାଲା ଝୁଲୁଥିଲା । ଗ୍ରାମବାସୀଙ୍କୁ ପଚାରିବାରେ କର୍ମୀ କୌଣସି ଜଣେ ସମ୍ପର୍କୀୟଙ୍କ ଭୋଜିକୁ ଯାଇଥିବା କହିଥିଲେ । କର୍ମୀଙ୍କ ଅନୁପସ୍ଥିତ ଓ ଅଣ୍ଡା ନ ଦେବା ବାବଦରେ ସୁପରଭାଇଜର ମଞ୍ଜୁଶ୍ରୀ ପଣ୍ଡାଙ୍କୁ ପଚାରିବାରେ କୁସୁମଗାଡିଆ କର୍ମୀ ଡିମିରପଲି କେନ୍ଦ୍ରରେ ଛୁଟି ଦରଖାସ୍ତ ଦେଇ ଯାଇଛନ୍ତି । ସେ ଶିଶୁମାନଙ୍କୁ ଖାଦ୍ୟ ଦେଇ ନ ଥିବାରୁ ତାଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି ହେବ । ଅଣ୍ଡା ନ ଦେବା ବାବଦରେ ତାଙ୍କୁ ବୁଝିବା ପରେ କହିବି ବୋଲି ସେ କହିଛନ୍ତି । ଅଭିଯୋଗ ବାବଦରେ କୁସୁମଗାଡିଆ ଅଙ୍ଗନୱାଡି କର୍ମୀ ରୀନାରାଣୀ ପ୍ରଧାନଙ୍କୁ ଯୋଗଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା ।


ଅଙ୍ଗନୱାଡ଼ି କେନ୍ଦ୍ର ଚାଲୁଥିବା କର୍ମୀଙ୍କ ଘରେ ତାଲା ପଡ଼ିଛି।


# Classified Everyday
0674-2580101, 2549949


REAL ESTATE
SALE

New Cancer Hospital ନାଇକର, କଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73691

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434. D-74824

କଟକ-ଭୁବନେଶ୍ୱର Twincityର ମଧ୍ୟଭାଗରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି, ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-74822

Gharabari plot for sale Sivasaktinagar (Hanspal) per Sqft.- 2750/-. 7008492511. D-2900

Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195. D-74814

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821


FOR RENT

"Two BHK Garage Ground Floor 1600 sqft. for rent at Laxmisagar. Rent Rs.25,000/-. Contact: 9868656156". D-2859

Three Rooms, Kitchen, Drawing, Dining, Two Toilets, Two Balcony, Covered Car and Two Wheeler Garage under CCTV Coverage in 2nd Floor of 3 Storey Building in Unit-8 area BBSR Bank PSU IT Executives Preferred Rs.19500 PM. Contact: 6372039533. D-2899




Newly open health benefits SPA special Offer @ 999 Nayapalli. 7846814019. D-73687

Newly open full body massage ladies and gents. 9861883292. D-74650

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2851

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74647

Full Body massage by experience therapist @999 only- 9078484455 (Bhubaneswar). D-2791

Full body massage, refresh, relaxed by expert lady therapist. 8480939300. D- 2824


BUSINESS

Contact for Development, Renovation, Maintenance of Ornamental Garden and also for Outdoor, Indoor, Fruit, Flower plants. 7978668914. D-2848

ଘରେ ବସି Part time matter forwarding କାମ କରି 9000/- ରୁ 36000/- ରୋଜଗାର କରନ୍ତୁ। 8763722330. D-2825


**AFFIDAVIT**

By virtue of an affidavit before the Executive Magistrate, Bhubaneswar, I have changed my name from Dilip Kumar Gochhayat to Dillip Kumar Gochhayat for all future purposes. D-71556

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


**LEGAL NOTICE**

**NOTICE U/OR. 5, RULE-20 OF C.P.C.**
**IN THE COURT OF THE CIVIL JUDGE (JR. DIVN.), DHENKANAL**
**C.S. No.40/2012**

Sisir Parida and others ... ... Plaintiffs
Versus
Kuna Parida and others ... ... Defendants

Take notice that the present plaintiffs have filed this case against (1) Kuna Parida, aged about 28 years, son of late Kailash Chandra Parida, (2) Meena Parida, aged about 25 years, (3) Leena Parida, aged about 22 years, both are D/o. late Kailash Chandra Parida of A.R.C. Housing Board Colony, 2nd Phase, LIG/159, P.O. Charbatia, P.S. Choudwar, Dist. Cuttack and others before the Court of Civil Judge, Junior Division, Dhenkanal for partition of suit schedule land coming under Sabik Khata No.210, Plot No.421 corresponds to Hal Khata No.194 consisting of Hal Plot No.826, 828, 837, 838 and 839 of Mouza-Govindpur, P.S. Sadar, Dist.- Dhenkanal but despite repeated notice you did not appear and avoided for which you are hereby directed to appear in this Court on dtd. 18.03.23 at 10.30 A.M. personally or through your counsel positively, failing which this court will be constrained to proceed in this case in your absence.

**Sd./- By order of this Court**
**Civil Judge (J.D.), Dhenkanal**
D-74048

# ରବୀନ୍ଦ୍ର ଜାଡେଜାଙ୍କ ରେକର୍ଡ

## ଅନ୍ତର୍ଜାତୀୟ କ୍ରିକେଟରେ ୫,୦୦୦ ରନ ଓ ୫୦୦ ଉଇକେଟ ପୂରଣ

ଇନ୍ଦୋର, ୧୩ (ପି.ଟି.)

ତାରକା ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଅନ୍ତର୍ଜାତୀୟ କ୍ରିକେଟରେ ୫,୦୦୦ ରନ କରିବା ସହ ୫୦୦ ଉଇକେଟ ପୂରଣ କରିଛନ୍ତି। କିମ୍ବଦନ୍ତୀ ଖେଳାଳି କପିଳ ଦେବଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ସେ ଏହି କୃତିତ୍ୱର ଅଧିକାରୀ ହୋଇଛନ୍ତି। ୩୪ ବର୍ଷୀୟ ଜାଡେଜା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟର ପ୍ରଥମ ଦିବସରେ ଟ୍ରାଭିସ ହେଡ୍‌ଙ୍କ ଉଇକେଟ ନେଇ ଏହି ବିରଳ ରେକର୍ଡ କ୍ଲବରେ ସାମିଲ ହୋଇଛନ୍ତି। ଟେଷ୍ଟ କ୍ରିକେଟରେ ଜାଡେଜାଙ୍କର ଏହାଥିଲା ୨୬୦ତମ ଉଇକେଟ। ଏହାକୁ ମିଶାଇ ସେ କ୍ରିକେଟର ୩ଟି ଫର୍ମାଟରେ ୫୦୦ ଉଇକେଟ ପୂରଣ କରିଥିଲେ। ସେ ଏପର୍ଯ୍ୟନ୍ତ ୧୭୧ଟି ଦିନିକିଆ ଖେଳି ୧୮୯ଟି ଉଇକେଟ ନେଇଥିବାବେଳେ ଟି୨୦ ଅନ୍ତର୍ଜାତୀୟରେ ୬୪ ମ୍ୟାଚରୁ ୫୧ ଉିସମିଶାଲ୍ସ କରିଛନ୍ତି। ଜଣେ ନିର୍ଭରଯୋଗ୍ୟ ଖେଳାଳିଭାବେ ଜାଡେଜା ଭାରତକୁ ଅନେକ ଘଡ଼ିସନ୍ଧି ପରିସ୍ଥିତିରୁ ଉଦ୍ଧାର କରିଛନ୍ତି। ଟେଷ୍ଟ କ୍ରିକେଟରେ ଏବେ ସେ ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛନ୍ତି। ଟେଷ୍ଟରେ ସେ ୩୬.୮୮ ଆଭରେଜରେ ୨,୬୧୯ ରନ କରିଛନ୍ତି। ଗତ ୧୨ ମାସ ମଧ୍ୟରେ ସେ ୨ଟି ଏବଂ ଓଭରଅଲ୍ ୩ଟି ଶତକ ହାସଲ କରିଛନ୍ତି। ଏହା ମଧ୍ୟରେ କ୍ୟାରିୟର ଶ୍ରେଷ୍ଠ ୧୭୫* ସାମିଲ।



ସେହିପରି ୧୭୧ ଦିନିକିଆରେ ସେ ୩୨.୬୨ ଆଭରେଜରେ ୨,୪୪୭ ଏବଂ ୬୪ଟି ଟି୨୦ରେ ୨୪.୦୫ ଆଭରେଜରେ ୪୫୭ ରନ ସ୍କୋର କରିଛନ୍ତି। ୧୯୮୩ ବିଶ୍ୱକପ ବିଜୟୀ ଭାରତୀୟ ଦଳର ଅଧିନାୟକ କପିଳ ଦେବ ଦେଶର ପ୍ରଥମ ଖେଳାଳିଭାବେ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ସେ ୧୩୧ ଟେଷ୍ଟ ଏବଂ ୨୨୫ ଦିନିକିଆରୁ ଯଥାକ୍ରମେ ୪୩୪ ଓ ୨୫୩ ଏହିପରି ୬୮୭ଟି ଉଇକେଟ ନେଇଥିଲେ। ସେହିପରି ବ୍ୟାଟିଂରେ କପିଳ ଟେଷ୍ଟରେ ୮ ଶତକ ଓ ୨୭ ଅର୍ଦ୍ଧଶତକ ସହ ୩୧.୦୫ ଆଭରେଜରେ ୫,୨୪୮ ରନ ଏବଂ ଦିନିକିଆରେ ୧ ଶତକ ଏବଂ ୧୪ ଅର୍ଦ୍ଧଶତକ ସହ ୨୩.୦୯ ଆଭରେଜରେ ୩,୭୮୩ ରନ ସ୍କୋର କରିଥିଲେ। ୧୯୮୩ ବିଶ୍ୱକପରେ ସେ ଜିମ୍ବାୱେ ବିପକ୍ଷରେ ୧୭୫ ରନ୍ କରି ଅପରାଜିତ ରହିଥିଲେ।

ଜାଡେଜା ଓ କପିଳଙ୍କ ବ୍ୟତୀତ ଏହି କ୍ଲବରେ ସାମିଲଥିବା ବିଦେଶୀ ଖେଳାଳିମାନେ ହେଲେ ଦକ୍ଷିଣ ଆଫ୍ରିକାର ଜ୍ୟାକ୍ସ କାଲିସ (୨୫,୫୩୪ ରନ, ୫୭୭ ଉଇକେଟ), ଶନ୍ ପୋଲକ (୭,୩୮୬ ରନ, ୮୨୯ ଉଇକେଟ), ପାକିସ୍ତାନର ଇମ୍ରାନ ଖାଁ (୭,୫୧୬ ରନ, ୫୪୪ ଉଇକେଟ), ୱାସିମ ଆକ୍ରମ (୬,୬୧୫ ରନ୍, ୯୧୬ ଉଇକେଟ), ଶାହିଦ ଆଫ୍ରିଦୀ (୧୧,୧୯୬ ରନ, ୫୪୧ ଉଇକେଟ), ଇଂଲଣ୍ଡର ସାର୍ ଇଆନ ବୋଥାମ (୭,୨୩୨ ରନ, ୫୨୮ ଉଇକେଟ), ଶ୍ରୀଲଙ୍କାର ଚାମିଣ୍ଡା ଭାସ୍ (୫,୧୧୪ ରନ, ୭୫୫ ଉଇକେଟ), ନ୍ୟୁଜିଲାଣ୍ଡର ଡାନିଏଲ ଭିଟ୍ଟୋରୀ (୬,୯୮୯ ରନ, ୬୬୭ ଉଇକେଟ) ଓ ବାଂଲାଦେଶର ଶାକିବ ଅଲ୍ ହାସନ (୧୩,୪୪୫ ରନ, ୬୫୩ ଉଇକେଟ)।

# ଅଶ୍ୱିନ ୧ ନମ୍ବର

**ଦୁବାଇ, ୧୩ (ପି.ଟି.):** ଆଇସିସି ପକ୍ଷରୁ ବୁଧବାର ପ୍ରକାଶିତ ର୍ୟାଙ୍କିଙ୍ଗ ତାଲିକାରେ ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ୍ ଏକ ନମ୍ବରରେ ପହଞ୍ଚିଛନ୍ତି। ଇଂଲଣ୍ଡର ପେସ୍ ବୋଲର ଜେମ୍ସ ଆଣ୍ଡରସନଙ୍କୁ ହଟାଇ ଅଶ୍ୱିନ ଏହି ସଫଳତା ହାସଲ କରିଛନ୍ତି। ଦିଲ୍ଲୀ ଟେଷ୍ଟରେ ଅଶ୍ୱିନ୍ ୬ ଉଇକେଟ ଅକ୍ତିଆର କରିଥିବା ବେଳେ ଦୁଇଟି ସ୍ଥାନ ଉପରକୁ ଉଠିଛନ୍ତି। ଅନ୍ୟ ପକ୍ଷରେ ଇଂଲଣ୍ଡ ଅନ୍ତିମ ଟେଷ୍ଟ ମ୍ୟାଚରେ ନ୍ୟୁଜିଲାଣ୍ଡ ନିକଟରୁ ପରାସ୍ତ ହୋଇଥିଲା। ଆଣ୍ଡରସନଙ୍କ ପ୍ରଦର୍ଶନ ଏତେଟା ଖାସ ନଥିବା ବେଳେ ତାଙ୍କୁ ହଟାଇ ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଛନ୍ତି ଅଶ୍ୱିନ। ୩୬ ବର୍ଷୀୟ ଅଶ୍ୱିନ ୬ ବର୍ଷ ପରେ ଏକ ନମ୍ବର ସ୍ଥାନକୁ ଫେରିଛନ୍ତି। ପ୍ରଥମ ଥର ପାଇଁ ୨୦୧୫ରେ ଅଶ୍ୱିନ ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଥିଲେ। ୨୦୧୭ରେ ଶେଷ ଥର ପାଇଁ ଅଶ୍ୱିନ ଏକ ନମ୍ବର ସ୍ଥାନ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଆଣ୍ଡରସନ୍ ଏକ ସପ୍ତାହ ତଳେ ପ୍ୟାଟ୍ କମିନ୍ସଙ୍କୁ ପଛରେ ପକାଇ ଏକ ନମ୍ବର ଟେଷ୍ଟ ବୋଲର ହୋଇଥିଲେ। ଅଶ୍ୱିନ୍ ୮୬୯ ରେଟିଂ ପଏଣ୍ଟ ପାଇଥିବା ବେଳେ ଆଣ୍ଡରସନ୍ ୮୬୪ ରେଟିଂ ପଏଣ୍ଟ ପାଇଛନ୍ତି। ଦିଲ୍ଲୀ ଟେଷ୍ଟରେ ୧୦ ଉଇକେଟ ନେଇଥିବା ରବୀନ୍ଦ୍ର ଜାଡେଜା ମଧ୍ୟ ବୋଲିଂ ତାଲିକାରେ ୮ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି। ଜାଡେଜା ଓ ଅଶ୍ୱିନ୍ ଅଲରାଉଣ୍ଡର ତାଲିକାରେ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି।

# ହରମନ୍‌ପ୍ରୀତ୍ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟିକା

ମୁମ୍ବାଇ, ୧୩ (ପି.ଟି.)

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଆଗାମୀ ସଂସ୍କରଣ ପାଇଁ ହରମନପ୍ରୀତ୍ କୌରଙ୍କୁ ଅଧିନାୟିକା ଘୋଷଣା କରାଯାଇଛି। ବୁଧବାର ଭାରତୀୟ ଦଳର ଅଧିନାୟିକାଙ୍କୁ ମୁମ୍ବାଇ ଏହାର ଅଧିନାୟକ ଭାବରେ ନିଯୁକ୍ତି ଦେଇଛି। ନିକଟରେ ପ୍ରଥମ ମହିଳା ଖେଳାଳି ଭାବରେ ହରମନପ୍ରୀତ୍ ୧୫୦ତମ ଟି୨୦ ମ୍ୟାଚ୍ ଖେଳିବାର ସୌଭାଗ୍ୟ ହାସଲ କରିଥିଲେ। ଗତମାସରେ ଅନୁଷ୍ଠିତ ନିଲାମୀରେ ହରମନ୍‌ପ୍ରୀତଙ୍କୁ ୧.୮ କୋଟି ଟଙ୍କାରେ କିଣିଥିଲା ମୁମ୍ବାଇ। ଚଳିତ ଶନିବାରରୁ ମୁମ୍ବାଇର ଡି ୱାଇ ପାଟିଲ ଓ ବ୍ରାବୋର୍ଣ୍ଣ ଷ୍ଟାଡିୟମରେ ଡବ୍ଲ୍ୟୁପିଏଲ୍ ଆରମ୍ଭ ହେବ। ହରମନପ୍ରୀତ୍ ଅଧିନାୟିକା ଭାବେ ଭାରତକୁ ଅନେକ ମ୍ୟାଚରେ ଜିତାଇଛନ୍ତି। ଚାର୍ଲୋଟ ଏଡୱାର୍ଡସ ଓ ଝୁଲଣ ଗୋସ୍ୱାମୀଙ୍କ ସହଯୋଗରେ ସେ ମୁମ୍ବାଇକୁ ସଫଳତା ଦେବେ ବୋଲି ଫ୍ରାଞ୍ଚାଇଜି ପକ୍ଷରୁ କୁହାଯାଇଛି। ହରମନପ୍ରୀତଙ୍କ ନେତୃତ୍ୱରେ ଭାରତ ମହିଳା ଟି୨୦ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଥିବା ବେଳେ ଅଷ୍ଟ୍ରେଲିଆ ନିକଟରୁ ୫ ରନ୍‌ରେ ପରାଜିତ ହୋଇଥିଲା। ଏହା ପୂର୍ବରୁ ଚାର୍ଲୋଟ ଏଡୱାର୍ଡ୍ସ(ମୁଖ୍ୟ କୋଚ୍), ଝୁଲଣ ଗୋସ୍ୱାମୀ(ବୋଲିଂ କୋଚ୍, ମେଣ୍ଟର), ଦେବିକା ପାଲଶିକର (ବ୍ୟାଟିଂ କୋଚ୍) ଓ ଲିଡିଆ ଗ୍ରୀନ୍‌ୱେଙ୍କୁ ଫିଲ୍ଡିଂ କୋଚ୍ ଭାବରେ ନିଯୁକ୍ତ କରାଯାଇଛି। ହରମନପ୍ରୀତଙ୍କ ବ୍ୟତୀତ ନାଟାଲି ସ୍କିଭର ବ୍ରଣ୍ଟ, ଆମେଲିଆ କେର୍, ପୂଜା ବସ୍ତ୍ରକାର ଓ ୟସ୍ତିକା ଭାଟିଆଙ୍କ ପରି ଖେଳାଳି ମୁମ୍ବାଇ ଦଳରେ ରହିଛନ୍ତି। ବେଥ୍ ମୁନିଙ୍କ ଗୁଜରାଟ ଜାଏଣ୍ଟ୍ସ ବିପକ୍ଷରେ ଶନିବାର ଉଦ୍‌ଘାଟନୀ ମ୍ୟାଚ୍ ଖେଳିବ ମୁମ୍ବାଇ।

### ଓମେନ୍ସ ପ୍ରିମିୟର ଲିଗ୍



ହରମନପ୍ରୀତ କୌର

# ଡୋପିଂ ମାମଲା: ଐଶ୍ୱର୍ଯ୍ୟା ବାବୁ ୪ ବର୍ଷ ବାସନ୍ଦ

ନୂଆଦିଲ୍ଲୀ, ୧୩ (ପି.ଟି.)

ନିଷିଦ୍ଧ ଡ୍ରଗ୍ସ ସେବନ ମାମଲାରେ ଦୋଷୀ ସାବ୍ୟସ୍ତ ଟ୍ରିପଲ ଜମ୍ପର ଐଶ୍ୱର୍ଯ୍ୟା ବାବୁଙ୍କୁ ୪ ବର୍ଷ ବାସନ୍ଦ କରାଯାଇଛି। ବୁଧବାର ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ପକ୍ଷରୁ ଏହି ବାସନ୍ଦାଦେଶ ଘୋଷଣା କରାଯାଇଛି। ୨୫ ବର୍ଷୀୟା ଐଶ୍ୱର୍ଯ୍ୟା ଓ ଧାବିକା ଏସ୍ ଧନଲକ୍ଷ୍ମୀ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡା ପୂର୍ବରୁ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ନାଡା ପକ୍ଷରୁ ଐଶ୍ୱର୍ଯ୍ୟାଙ୍କ ନମୁନା ପରୀକ୍ଷଣ ପାଇଁ ନିଆଯାଇଥିଲା। ଜୁନ୍ ୨୦୨୨ରେ ଚେନ୍ନାଇରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପରେ ୧୪.୧୪ ମିଟରର ଟ୍ରିପଲ ଜମ୍ପ ସହିତ ସେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏହି ଚାମ୍ପିନଶିପରେ ନିଆଯାଇଥିବା ନମୂନା ପଜିଟିଭ୍ ଆସିଥିଲା। ଐଶ୍ୱର୍ଯ୍ୟାଙ୍କ ନମୂନାରୁ ନିଷିଦ୍ଧ ଆନାବୋଲିକ୍ ଷ୍ଟେରଏଡ ଓଷ୍ଟାରିନ୍ ମିଳିଥିଲା। ସିଲେକ୍ଟିଭ୍ ଆଣ୍ଡ୍ରୋଜେନ୍ ରିସେପ୍ଟର ମଡ୍ୟୁଲେଟର (ସ୍ରାମ) ବର୍ଗର ଏହି ନିଷିଦ୍ଧ ଡ୍ରଗ ତାଙ୍କ ନମୂନାରେ ରହିଥିଲା। ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ଏଭଳି ଡ୍ରଗ୍ ବ୍ୟବହାର କରାଯାଏ। ପ୍ରଥମ ରିପୋର୍ଟ ଆସିବା ପରେ ତାଙ୍କୁ ୬ ମାସର ପ୍ରୋଭିଜନାଲ ବାସନ୍ଦାଦେଶ ପ୍ରଦାନ କରାଯାଇଥିଲା। ବାସନ୍ଦାଦେଶର ନୋଟିସ୍ ମିଳିବା ପରେ ଐଶ୍ୱର୍ଯ୍ୟା ଫେବୃୟାରୀ ୧୩ରୁ ମାର୍ଚ୍ଚ ୬ ତାରିଖ ମଧ୍ୟରେ ଏହା ବିରୋଧରେ ଅପିଲ୍ କରି ପାରିବେ ବୋଲି କୁହାଯାଇଛି।



ଟ୍ରିପଲ ଜମ୍ପର ଐଶ୍ୱର୍ଯ୍ୟା ବାବୁ।

# ଜଷ୍ଟ ଫୋଣ୍ଟାଇନଙ୍କ ପରଲୋକ

## ୧୯୫୮ ବିଶ୍ୱକପରେ ରେକର୍ଡ ୧୩ ଗୋଲ୍

ପ୍ୟାରିସ୍, ୧୩ (ପି.ଟି.)

ଫ୍ରାନ୍ସର ପ୍ରସିଦ୍ଧ ଫୁଟବଲର ଜଷ୍ଟ ଫୋଣ୍ଟାଇନ୍‌ଙ୍କ ୮୯ ବର୍ଷ ବୟସରେ ପରଲୋକ ଘଟିଛି। ଫୋଣ୍ଟାଇନଙ୍କ ପୂର୍ବତନ କ୍ଲବ ରିମ୍‌ସ ପକ୍ଷରୁ ବୁଧବାର ଏହା ଘୋଷଣା କରାଯାଇଛି। ୧୯୫୮ ସଂସ୍କରଣର ବିଶ୍ୱକପ୍ ଖେଳିବାର ସୁଯୋଗ ପାଇଥିବା ଫୋଣ୍ଟାଇନ୍ ଦେଇଥିଲେ ୧୩ଟି ଗୋଲ୍। ମାତ୍ର ଗୋଟିଏ ସଂସ୍କରଣ ବିଶ୍ୱକପ ଖେଳି ସର୍ବାଧିକ ଗୋଲ ସ୍କୋରରଙ୍କ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛନ୍ତି ଫୋଣ୍ଟାଇନ୍। ଉଲ୍ଲେଖଯୋଗ୍ୟ ଯେ, ମରକ୍କୋରେ ଜନ୍ମିତ ଫୋଣ୍ଟାଇନ୍ ପ୍ରଥମ ପସନ୍ଦର ଖେଳାଳି ଭାବରେ ଫ୍ରାନ୍ସ ଦଳରେ ସ୍ଥାନ ପାଇନଥିଲେ। ଶେଷ ମିନିଟରେ ତାଙ୍କୁ ଦଳରେ ସାମିଲ କରାଯାଇଥିବା ବେଳେ ଆଉ ଜଣଙ୍କ ଠାରୁ ମାଗି ଆଣିଥିବା ଜୋତାରେ ସେ ଏହି କରିସ୍ମା ଦେଖାଇଥିଲେ। ଏହି ଫରୱାର୍ଡ ଖେଳାଳି ଜଣଙ୍କ ସ୍ୱିଡେନ ବିଶ୍ୱକପରେ ସମସ୍ତଙ୍କ ମନୋରଞ୍ଜନ କରିଥିଲେ। ଏପରିକି ବିଶ୍ୱକପରେ ଅଭ୍ୟାସ କରିବା ବେଳେ ତାଙ୍କ ଜୋତା ଛିଡ଼ିଯିବା କାରଣରୁ ଅନ୍ୟ ଜଣଙ୍କ ଠାରୁ ମାଗି ଆଣିଥିବା ଜୋତାରେ ସେ ଖେଳିଥିଲେ। ପଶ୍ଚିମ ଜର୍ମାନୀ ବିପକ୍ଷ ତୃତୀୟ ସ୍ଥାନ ମ୍ୟାଚରେ ସେ ୪ ଗୋଲ ସ୍କୋର କରିଥିଲେ। ଫୁଟବଲ ବିଶ୍ୱକପ ଇତିହାସରେ ମିରୋସ୍ଲାଭ କ୍ଲୋଜେ ସର୍ବାଧିକ ୧୬ ଗୋଲ ସ୍କୋର କରିଥିବା ବେଳେ ଏଥିପାଇଁ ସେ ୪ଟି ସଂସ୍କରଣ ଖେଳିଛନ୍ତି। ଫୋଣ୍ଟାଇନ୍ ନିଜ କ୍ୟାରିୟରରେ ୨୧୩ ମ୍ୟାଚ୍ ଖେଳି ୨୦୦ ଗୋଲ ସ୍କୋର କରିଥିବା ବେଳେ ଫ୍ରାନ୍ସ ପାଇଁ ୨୧ ମ୍ୟାଚରୁ ୩୦ ଗୋଲ ସ୍କୋର କରିଛନ୍ତି। ମାର୍ଚ୍ଚ ୧୯୬୦ରେ ଗୋଡ ଭାଙ୍ଗିବା କାରଣରୁ ଫୋଣ୍ଟାଇନ୍ ମାତ୍ର ୨୮ ବର୍ଷ ବୟସରେ ଫୁଟବଲରୁ ଅବସର ଘୋଷଣା କରିଥିଲେ।



# ପ୍ରଥମ ଦିନିକିଆ ଜିତିଲା ଇଂଲଣ୍ଡ

**ଢାକା, ୧୩:** ଡାୱିଡ ମଲନଙ୍କ ଅପରାଜିତ ଶତକ ବଳରେ ପ୍ରଥମ ଦିନିକିଆରେ ବାଂଲାଦେଶକୁ ୩ ଉଇକେଟରେ ପରାସ୍ତ କରିଛି ଇଂଲଣ୍ଡ। ଶେରେ ବାଙ୍ଗଲା ଷ୍ଟାଡିୟମରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଦଳ ୪୭.୨ ଓଭରରେ ୨୦୯ ରନରେ ଅଲଆଉଟ ହୋଇଥିଲା। ଜବାବରେ ୪୮.୪ ଓଭରରେ ୭ ଉଇକେଟ ହରାଇ ଇଂଲଣ୍ଡ ମ୍ୟାଚ୍ ଜିତି ନେଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ବାଂଲାଦେଶ। ନଜମୋଲ ହୋସେନ୍ ଶନ୍ତୋ ସର୍ବାଧିକ ୫୮ ରନ୍ କରିଥିବା ବେଳେ ମହମ୍ମଦୁଲ୍ଲା ୩୧ ଓ ତାମିମ ଇକ୍‌ବାଲ ୨୩ ରନ୍ କରିଥିଲେ। ଜବାବରେ ଇଂଲଣ୍ଡ ମଧ୍ୟ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୬୫ ରନ୍‌ରେ ଦଳ ୪ ଉଇକେଟ ହରାଇଥିବା ବେଳେ ଡାୱିଡ ମଲନ ଧୈର୍ଯ୍ୟପୂର୍ଣ୍ଣ ଶତକ ହାସଲ କରିଥିଲେ। ୧୪୫ ବଲ ଖେଳି ୮ ଚୌକା ଓ ୪ ଛକା ମାରିବା ସହିତ ସେ ୧୧୪ ରନ୍ କରି ଅପରାଜିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱିଲ୍ ଜ୍ୟାକ୍ସ ୨୬ ଓ ଆଦିଲ ରସିଦ୍ ଅପରାଜିତ ୧୭ ରନ୍ କରିଥିଲେ। ବିଜୟ ପାଇଁ ୪୯ ରନ୍ ଆବଶ୍ୟକ ଥିବା ବେଳେ ସପ୍ତମ ଉଇକେଟର ପତନ ଘଟିଥିଲା। ତେବେ ରସିଦଙ୍କୁ ସାଥୀ କରି ଇଂଲଣ୍ଡକୁ ବିଜୟୀ କରିଥିଲେ ମଲନ୍। ବାଂଲାଦେଶ ପକ୍ଷରୁ ତାଇଜୁଲ ଇସଲାମ ସର୍ବାଧିକ ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୪୭.୨ ଓଭରରେ ୨୦୯/୧୦ (ନଜମୁଲ ହୋସେନ୍ ଶନ୍ତୋ-୫୮, ମହମ୍ମଦୁଲ୍ଲା-୩୧, ତାମିମ ଇକବାଲ-୨୩, ଜୋଫ୍ରା ଆର୍ଚର-୨/୩୭, ମାର୍କ ଉଡ୍-୨/୩୪, ମୋଇନ୍ ଅଲୀ-୨/୩୫)। ଇଂଲଣ୍ଡ ୪୮.୪ ଓଭରରେ ୨୧୨/୭ (ଡାୱିଡ୍ ମଲନ୍-୧୧୪*, ୱିଲ୍ ଜ୍ୟାକ୍ସ-୨୪, ଆଦିଲ ରଶିଦ୍-୧୭*, ତାଇଜୁଲ୍ ଇସଲାମ-୩/୫୪, ମେହିଦୀ ହସନ ମିରାଜ-୨/୩୫, ଟାସ୍କିନ୍ ଅହମଦ-୧/୨୬)।

ZILLA SWASTHYA SAMITI, DHENKANAL
DISTRICT PROGRAMME MANAGEMENT UNIT
NATIONAL HEALTH MISSION

Notice No. 742 Date: 28.02.2023

EXPRESSION OF INTEREST

No. E-942: Expression of Interest is invited from reputed institutions to impart training and to develop tool for identification of SAM & MAM. The detail EOI document is uploaded in the District website i.e. **www.dhenkanal.nic.in**. The last date of receipt of documents is **09.03.2023, 05.30 P.M.** The EOIs will be opened on **10.03.2023 at 11 A.M.** in the Office of the undersigned. The undersigned is not responsible for any kind of postal delay and reserves all right to cancel any or all the EOI at any stage of selection/ finalisation process without assigning any reason thereof. Any typographical error may be exempted.

**Sd./- CDM & PHO-cum-District Mission Director, Dhenkanal**
OIPR-10059/11/0022/2223

OFFICE OF THE NOTIFIED AREA COUNCIL, BALLIGUDA
TENDER CALL NOTICE

No. 264 Date: 24.02.2023

No. C-2554: Sealed tenders are invited from the Registered firms/ Entrepreneurs/Agency/Contractors/Private Companies in two bid systems towards supplying, installation and commissioning for **"SHIVA STATUE"** as per specification give in DTCN to the Office of the NAC, Balliguda, so as to reach before the undersigned by 4.00 P.M. on dated 09.03.2023 through Speed Post/Regd. Post/Courier/ By Hand, which will be opened at 11.00 A.M. on Dt.10.03.2023 in the Office of the NAC, Balliguda in the presence of available bidders or their authorized representative. Detailed Tender Call Notice is available at NAC Office from 11.00 A.M. of 28.02.2023 till 4.00 P.M. on Dated 09.03.2023 (Except Govt. Holiday).
The undersigned reserves the right to accept in full or reject any or all the quotation without assigning any reason thereof.

**Sd./- Executive Officer, N.A.C., Balliguda**
OIPR-13097/11/0022/2223

GOVERNMENT OF ODISHA No. B-1300
"e" - PROCUREMENT NOTICE
WORKS DEPARTMENT
E-mail: ceworldbankprojects@gmail.com
Bid Identification No. CE-W.B.P.(O) - 37/2022-23

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of Work : Road Work
3. No. of Work : 01 No.
4. Tender Cost : Rs.10,000.00 (Online)
5. Class of Contractor : Special/ Super Class Contractor
6. Available of Bid document in the Website : From 10.00 A.M. of 06.03.2023 to 5.00 P.M. of 28.03.2023
7. Pre-Bid Meeting : Dt.13.03.2023
8. Date of Opening of Bid : Dt.29.03.2023 at 11.30 A.M.
9. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any addendum/corrigendum/ cancellation of tender can also be seen in the said website.

**Sd./- Chief Engineer
World Bank Project, Odisha**
OIPR-34003/11/0076/2223

# ଇରାନୀ କପ୍‌ରେ ଜୟସ୍ୱାଲଙ୍କ ଦ୍ୱିଶତକ



ଦ୍ୱିଶତକ ହାସଲ ପରେ ଯଶସ୍ୱୀ ଜୟସ୍ୱାଲ



ଶତକ ହାସଲକାରୀ ଅଭିମନ୍ୟୁ ଈଶ୍ୱରନ୍

- ଅବଶିଷ୍ଟ ଭାରତ ୩୮୧/୩
- ଜୟସ୍ୱାଲ-ଈଶ୍ୱରନଙ୍କ ୩୭୧ ରନ୍ ଭାଗୀଦାରି

ଗ୍ୱାଲିୟର, ୧୩

ଗ୍ୱାଲିୟରର କ୍ୟାପଟେନ୍ ରୁପ୍ ସିଂ ଷ୍ଟାଡିୟମରେ ଖେଳା ଯାଇଥିବା ଇରାନୀ କପ୍ ମୁକାବିଲାରେ ଅବଶିଷ୍ଟ ଭାରତ ଏକ ବୃହତ ସ୍କୋର ଆଡକୁ ଅଗ୍ରସର ହେଉଛି। ୨୦୨୧-୨୨ ସିଜନର ରଣଜୀ ଟ୍ରଫି ଚାମ୍ପିୟନ ମଧ୍ୟପ୍ରଦେଶ ଓ ଅବଶିଷ୍ଟ ଭାରତ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଅବଶିଷ୍ଟ ଭାରତ ୩ ଉଇକେଟ ହରାଇ ୩୮୧ ରନ୍ ସଂଗ୍ରହ କରିଛି। ଯଶସ୍ୱୀ ଜୟସ୍ୱାଲ ୨୧୩ ଓ ଅଭିମନ୍ୟୁ ଈଶ୍ୱରନ୍ ୧୫୪ ରନ୍‌ର ଇନିଂସ ଖେଳିଥିଲେ। ଦ୍ୱିତୀୟ ଉଇକେଟରେ ଉଭୟ ଖେଳାଳି ୩୭୧ ରନ୍ ଯୋଡିଥିଲେ। ଟସ୍ ଜିତି ଅବଶିଷ୍ଟ ଭାରତ ଅଧିନାୟକ ମୟଙ୍କ ଅଗ୍ରୱାଲ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଭାରତୀୟ ଦଳକୁ ଡାକରା ସୁଯୋଗ ଅପେକ୍ଷାରେ ରହିଥିବା ମୟଙ୍କ ମାତ୍ର ୨ ରନ୍ କରି ଆଭେଶ ଖାନଙ୍କ ବଲରେ ଆଉଟ ହୋଇଥିଲେ। ତେବେ ଅଭିମନ୍ୟୁ ଈଶ୍ୱରନ ଓ ଯଶସ୍ୱୀ ଜୟସ୍ୱାଲ ଦ୍ୱିତୀୟ ଉଇକେଟରେ ୩୭୧ ରନ୍ ଯୋଡିଥିଲେ। ଦ୍ୱିଶତକୀୟ ଇନିଂସରେ ଜୟସ୍ୱାଲ ୨୫୯ ବଲ୍ ଖେଳି ୩୦ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଈଶ୍ୱରନ୍ ୨୪୦ ବଲ୍ ଖେଳି ୧୭ ଚୌକା ଓ ୨ ଛକା ମାରିଥିଲେ। ଉଭୟ ଖେଳାଳି ୪୯୧ ବଲର ସମ୍ମୁଖୀନ ହୋଇ ଏହି ଭାଗୀଦାରି କରିଥିଲେ। ମ୍ୟାଚ୍‌ର ୮୫ ତମ ଓଭରରେ ଲଗାତାର ବଲରେ ଉଭୟ ଖେଳାଳି ପ୍ୟାଭିଲିୟନ୍ ଫେରିଥିଲେ। ଓଭରର ଚତୁର୍ଥ ବଲରେ ଜୟସ୍ୱାଲ ବୋଲ୍ଡ ହୋଇଥିବା ବେଳେ ପରବର୍ତ୍ତୀ ବଲରେ ରନ୍‌ଆଉଟ ହୋଇ ପ୍ୟାଭିଲିୟନ୍ ଫେରିଥିଲେ ଈଶ୍ୱରନ୍। ଯଶସ୍ୱୀ ଜୟସ୍ୱାଲ ଅପେକ୍ଷାକୃତ ଆକ୍ରମଣାତ୍ମକ ଢଙ୍ଗରେ ବ୍ୟାଟିଂ କରିଥିବା ବେଳେ ଈଶ୍ୱରନ୍ ଆଙ୍କର ଭୂମିକା ନିଭାଇଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ସୌରଭ କୁମାର (୦) ଓ ବାବା ଇନ୍ଦ୍ରଜିତ୍(୩) କ୍ରିଜରେ ଉପସ୍ଥିତ ରହିଥିଲେ। ମଧ୍ୟପ୍ରଦେଶ ପକ୍ଷରୁ ସଫଳ ବୋଲର ଭାବେ ଆଭେଶ ଖାନ୍ ଦୁଇଟି ଉଇକେଟ ନେଇଥିଲେ। ଅଧିନାୟକ ହିମାଂଶୁ ମନ୍ତ୍ରୀ ୭ ଜଣ ବୋଲରଙ୍କୁ ନିୟୋଜିତ କରିଥିଲେ ମଧ୍ୟ ଏହାର ସୁଫଳ ମିଳିନଥିଲା।

**ସଂକ୍ଷିପ୍ତ ସ୍କୋର**

ଅବଶିଷ୍ଟ ଭାରତ- ୮୭ ଓଭରରେ ୩୮୧/୩ (ଯଶସ୍ୱୀ ଜୟସ୍ୱାଲ-୨୧୩, ଅଭିମନ୍ୟୁ ଈଶ୍ୱରନ୍-୧୫୪, ଆଭେଶ୍ ଖାନ୍-୨/୫୧)।)

ODISHA HYDRO POWER CORPORATION LTD.
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT, AT/PO:BARINIPUT, DIST-KORAPUT-764006
Phone:06854-242001, Fax:06854242038, Email:sgmel_ukhep@ohpcltd.com, CIN:U40101OR1995SGC003963

E-PROCUREMENT NOTICE NO.UKHEP/ET-10/2022-23, Dated 28.02.2023

**No.CAD-4979:** The Unit Head, Upper Kolab Hydro Electric Project, Bariniput, Koraput,Odisha invites percentage rate bid in single cover system in ONLINE MODE only from eligible contractors for the works as mentioned below.

| Sl. No. | Name of the Work | Approx. Estimated cost (in Rs.) | E.M.D. (in Rs) | Cost of bid document | Class of Contracrtor | Availability of Bids online for Bidders | Due date and time of Opening of Tender |
|---|---|---|---|---|---|---|---|
| 1 | Construction of RCC Retaining wall at Switchyard, UKHEP, Bariniput | 42,05,022/- | 42,050/- | 7080/- (Rs.6000+18% GST) | "A" & "B" Class | From 10.00 Hrs. of 09.03.2023 to 17.00 Hrs of 16.03.2023 | At 11.30 Hrs. of 17.03.2023 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in. by using their compatible Digital Signature Certificate (DSC). 2. Further details like tender specification (DTCN), BOQ and any addendum/corrigendum/cancellation of tender can be seen in the same website.
OIPR-04002/11/0090/2223
**Sd./- Unit Head, UKHEP, Bariniput**

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: କ୍ରମାଗତ ୮ ଦିନ ପରେ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଛି। ଫଳରେ ବୁଧବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୪୯(୪୪୮.୯୬) ପଏଣ୍ଟ ବୃଦ୍ଧି ଘଟି ୫୯,୪୧୧(୫୯,୪୧୧.୦୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ ୧୪୭ (୧୪୬.୯୫) ପଏଣ୍ଟ ବଢ଼ି ୧୭,୪୫୧ (୧୭,୪୫୦.୯୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଫେବୃୟାରୀରେ ୧.୪୯ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

■ଗତବର୍ଷ ଅପେକ୍ଷା ୧୨% ଅଧିକ ଟିକସ ଆଦାୟ
■କ୍ରମାଗତ ୧୨ ମାସ ଲାଗି ୧.୪ ଲକ୍ଷ କୋଟିର ଟିକସ ସଂଗ୍ରହ

ନୂଆଦିଲ୍ଲୀ,୧।୩



ଦେଶର ଅର୍ଥନୀତିକୁ ସଶକ୍ତ କରିବା ପାଇଁ ସରକାର ଟିକସ ଆଦାୟକୁ ଗୁରୁତ୍ୱ ଦେଉଛନ୍ତି, ଯାହାର ପ୍ରତିଫଳ ଦେଶର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟରେ ପ୍ରତିଫଳିତ ହେଉଛି। ଏପରିକି ୨୦୨୩ ଫେବୃୟାରୀର ଜିଏସ୍‌ଟି ସଂଗ୍ରହ ସମ୍ପର୍କରେ ବୁଧବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ବିଶେଷକରି ଚଳିତ ବର୍ଷ ଫେବୃୟାରୀରେ ଦେଶର ଜିଏସ୍‌ଟି ସଂଗ୍ରହ ୧.୪୯ (୧,୪୯,୫୭୭) ଲକ୍ଷ କୋଟି ଟଙ୍କାରୁ ଅଧିକ ଟିକସ ଆକାରରେ ସଂଗ୍ରହ କରାଯାଇଛି। ଅପରପକ୍ଷରେ ୨୦୨୨ ଫେବୃୟାରୀରେ ଦେଶର ଜିଏସ୍‌ଟି ସଂଗ୍ରହ ୧.୩୩ ଲକ୍ଷ କୋଟି ଟଙ୍କା ରହିଥିଲା। ଏପରିକି ଗତ ବର୍ଷ ଫେବୃୟାରୀରେ ସଂଗୃହୀତ ଜିଏସ୍‌ଟି ରାଜସ୍ୱ ଅପେକ୍ଷା ଚଳିତ ବର୍ଷ ଫେବୃୟାରୀର ଟିକସ ସଂଗ୍ରହ ପ୍ରାୟ ୧୨% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ,୨୦୨୩ ଫେବୃୟାରୀରେ ସଂଗୃହୀତ ମୋଟ ଜିଏସ୍‌ଟି ରାଜସ୍ୱ ୧,୪୯,୫୭୭ ଲକ୍ଷ କୋଟି ରହିଥିବା ବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ୨୭,୬୬୨ କୋଟି ଟଙ୍କା ଥିଲାବେଳେ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୩୪,୯୧୫ କୋଟି ଟଙ୍କା ରହିଛି। ସେହିଭଳି ଆଇଜିଏସ୍‌ଟି ବାବଦରେ ୭୫,୦୬୯ କୋଟି (ସାମଗ୍ରୀ ଆମଦାନୀରେ ୩୫,୬୮୯ କୋଟି ଟଙ୍କା ଅନ୍ତର୍ଭୁକ୍ତ ) ଏବଂ ସେସ୍ ବାବଦରେ ୧୧,୯୩୧ ଟଙ୍କା କୋଟି (ସାମଗ୍ରୀ ଆମଦାନୀ ଉପରେ ୭୯୨ କୋଟି ଟଙ୍କା ସାମିଲ)ର ଟିକସ ଆଦାୟ କରାଯାଇଛି। ସେହିପରି ସରକାର ସିଜିଏସ୍‌ଟିକୁ ୩୪,୭୭୦ କୋଟି ଟଙ୍କା ଏବଂ ନିୟମିତ ସମାଧାନ ଭାବେ ଆଇଜିଏସ୍‌ଟିରୁ ଏସ୍‌ଜିଏସ୍‌ଟିକୁ ୨୯,୦୫୪ କୋଟି ଟଙ୍କା ଦେବାକୁ ସ୍ଥିର କରିଛନ୍ତି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, କ୍ରମାଗତ ୧୨ ମାସ ଲାଗି ଜିଏସ୍‌ଟି ସଂଗ୍ରହ ୧.୪ ଲକ୍ଷ କୋଟି ରହିଥିବା ବେଳେ ଓଡ଼ିଶାରୁ ଚଳିତ ବର୍ଷ ଫେବୃୟାରୀରେ ୪୫୧୯ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଛି। ଗତ ବର୍ଷ ଏହି ସମୟରେ ଏହାର ପରିମାଣ ୪୧୦୧ ଥିଲା ଯାହା ଚଳିତ ବର୍ଷ ୧୦% ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ୩ୟ ଥର ପାଇଁ ଜିଏସ୍‌ଟି ସଂଗ୍ରହ ୧.୫ ଲକ୍ଷ କୋଟି ଟଙ୍କା ପାରକରିଥିବା ଜଣାପଡ଼ିଛି।

## ଏସ୍‌ବିଆଇ ପକ୍ଷରୁ ୧ବିଲିୟନ୍ ଋଣ ପ୍ରଦାନ

ନୂଆଦିଲ୍ଲୀ,୧।୩

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ନିକଟରେ ୧ବିଲିୟନ୍ ଡଲାରର ସିଣ୍ଡିକେଟ୍ ଋଣ ପ୍ରଦାନ କରାଯାଇଛି। ଏସ୍‌ବିଆଇ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କାରବାର ବୋଲି କୁହାଯାଉଛି। କାରଣ ଏହା ହେଉଛି ଏସୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ସର୍ବବୃହତ୍ ଇଏସ୍‌ଜି ଋଣ ହୋଇଥିବା ବେଳେ ବିଶ୍ୱସ୍ତରରେ ୨ୟ ସର୍ବବୃହତ୍ ସାମାଜିକ ଋଣ ପ୍ରଦାନ ଭାବେ ପରିଗଣିତ ହେଉଛି। ଏ ସମ୍ପର୍କରେ ଏସ୍‌ବିଆଇର ଅଧ୍ୟକ୍ଷ ଦୀନେଶ ଖାରା କହିଛନ୍ତି, ଏକ ଦାୟିତ୍ୱବାନ ଅର୍ଥନୈତିକ ସଂସ୍ଥା ଭାବେ ଆମେ ପରିବେଶ,ସାମାଜିକ ଓ ଗଭର୍ନାନ୍ସ (ଇଏସ୍‌ଜି) ପ୍ରଥାର ଉଚ୍ଚମାନକ ବ୍ୟବସାୟ ପରିଚାଳନା କରିବାକୁ ପ୍ରତିବଦ୍ଧ ରହିଛୁ। ଏପରିକି ଆମର ଦୀର୍ଘମିଆଦୀ ସଫଳତା କେବଳ ବ୍ୟାଙ୍କର ଆର୍ଥିକ ପ୍ରଦର୍ଶନ ଉପରେ ନୁହେଁ ବରଂ ପରିବେଶ, ସମାଜ ଏବଂ ଅଂଶୀଦାରଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇବା।

## ସିଆଇଆଇ ସହ ଜେଏସ୍‌ଏଲ୍‌ର ବୁଝାମଣାପତ୍ର ସ୍ୱାକ୍ଷର




ନୂଆଦିଲ୍ଲୀ,୧।୩

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ଏବଂ କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷର ହୋଇଯାଇଛି। ବିଶେଷକରି କ୍ରମକ୍ଷୟକୁ ଦୂରକରିବା ଏବଂ କ୍ଷୟକ୍ଷତିର ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଏମ୍‌ଓୟୁ ହୋଇଥିବା ଜଣାପଡିଛି। ଏପରିକି ନୀତି ଆୟୋଗ ଓ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର କୁଳପତି ଡ. ଭି.କେ.ସାରସ୍ୱତ,ଇସ୍ପାତ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରୁଚିକା ଗୋବିଲ, ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ ଏବଂ ସିଆଇଆଇ-କୋରୋସନ ମ୍ୟାନେଜମେଣ୍ଟ କମିଟିର ଅଧ୍ୟକ୍ଷ ଡ. କାମାଚି ମୁଦାଲିଙ୍କ ଉପସ୍ଥିତିରେ ଉକ୍ତ ଏମ୍‌ଓୟୁ ଜେଏସ୍‌ଏଲ୍‌ର ନିର୍ଦ୍ଦେଶକ ବିଜୟ ଶର୍ମା ଏବଂ ସିଆଇଆଇର ନିର୍ବାହୀ ନିର୍ଦ୍ଦେଶକ ଓ ହେଡ୍ ସିଆଇଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ ଫର୍ କମ୍ପିଟେଟିଭ୍‌ନେସ୍ ପିକେନ୍ଦର ପଲ୍ ସିଂହଙ୍କ ମଧ୍ୟରେ ଉକ୍ତ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଏହି ଏମ୍‌ଓୟୁ ପାଇଁ ଜିନ୍ଦଲ ଷ୍ଟେନ୍‌ଲେସ୍ ୨କୋଟିରୁ ଅଧିକ ପ୍ରାରମ୍ଭିକ କର୍ପସ ପାଣ୍ଠି ସ୍ଥିର କରାଯାଇଛି। ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, କ୍ରମକ୍ଷୟ ଆମ ଜୀବନର ସମସ୍ତ ବର୍ଗକୁ ପ୍ରଭାବିତ କରିଥାଏ। ଏପରିକି ଭିତ୍ତିଭୂମି ନିରାପତ୍ତା ଏବଂ ପୁଞ୍ଜି ବିନିଯୋଗର କ୍ଷତିଠାରୁ ଆରମ୍ଭକରି ଅପରିଷ୍କାର ଓ ପ୍ରଦୂଷଣ ପର୍ଯ୍ୟନ୍ତ। ବିଶେଷକରି ଆକଳନ ଅନୁଯାୟୀ ପ୍ରତିବର୍ଷ କ୍ରମକ୍ଷୟ ଭାରତର ଜିଡିପିର ପ୍ରାୟ ୪% ଖର୍ଚ୍ଚ କରିଥାଏ।

## ଏଚ୍‌ଡିଏଫ୍‌ସି ଲାଇଫ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୧।୩

HDFC Life
Sar utha ke jiyo!

ଦେଶର ପ୍ରମୁଖ ଜୀବନ ବୀମା କମ୍ପାନୀ ଏଚ୍‌ଡିଏଫ୍‌ସି ଲାଇଫ୍‌ର ନୂତନ ଉତ୍ପାଦ 'ଗ୍ୟାରେଣ୍ଟେଡ୍ ଇନ୍‌କମ୍ ବୀମା ଯୋଜନା'ର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ ଯୋଜନା ଗ୍ୟାରେଣ୍ଟି, ନିୟମିତ ଟିକସମୁକ୍ତ ସୁବିଧା ଏବଂ ସୁନିଶ୍ଚିତ ମୃତ୍ୟୁକାଳୀନ ସୁବିଧା ପ୍ରଦାନ କରୁଛି। ବିଶେଷକରି ଗ୍ରାହକଙ୍କୁ ଏଚ୍‌ଡିଏଫ୍‌ସି ଲାଇଫ ନିୟମିତ ଭାବେ ଏଭଳି ଉତ୍ପାଦ ପ୍ରଦାନ କରିବାକୁ ଉଦ୍ୟମ କରୁଛି, ଯାହା ବୀମାଧାରୀଙ୍କ ଜୀବନର ବିଭିନ୍ନ ସ୍ତରର ଆବଶ୍ୟକତା ପୂରଣ କରିବ। ଏପରିକି କମ୍ପାନୀ ଉକ୍ତ ବୀମା ଯୋଜନା ସହ ଗ୍ରାହକମାନଙ୍କୁ ଏକ ଆର୍ଥିକ ପାଣ୍ଠି ଗଠନ କରିବାର ସୁଯୋଗ ପ୍ରଦାନ କରୁଛି, ଯାହା ସେମାନଙ୍କ ପାଇଁ ନିୟମିତ ଓ ସୁନିଶ୍ଚିତ ଆୟ ଜରିଆରେ ସହାୟକ ହେବ।

ଏ ସମ୍ପର୍କରେ ଏଚ୍‌ଡିଏଫ୍‌ସି ଲାଇଫ୍‌ର ମୁଖ୍ୟ-ପ୍ରଡକ୍ଟସ୍ ଆଣ୍ଡ ସେଗ୍‌ମେଣ୍ଟସ ଅନୀଶ ଖାନ୍ନା କହିଛନ୍ତି, ଏଚ୍‌ଡିଏଫ୍‌ସି ଲାଇଫ୍‌ରେ ଆମେ ଆମ ପଲିସିଧାରକ ଓ ସେମାନଙ୍କ ପ୍ରିୟଜନଙ୍କ ଆର୍ଥିକ ସୁରକ୍ଷାକୁ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛୁ। ଜୀବନ ବୀମା ଏକ ଉତ୍ପାଦ ବର୍ଗ ଭାବେ ସୁରକ୍ଷା ଓ ଦୀର୍ଘସ୍ଥାୟୀ ସଞ୍ଚୟର ଦ୍ୱୈତ ସୁବିଧା ପ୍ରଦାନ କରୁଛି। ଏଚ୍‌ଡିଏଫ୍‌ସି ଲାଇଫ୍ ଗ୍ୟାରେଣ୍ଟେଡ୍ ଇନ୍‌କମ୍ ବୀମା ଯୋଜନା ରିଟର୍ନ ଓ ଅନିଶ୍ଚିତ ଭବିଷ୍ୟତ ସମୟରେ ପଲିସିଧାରକଙ୍କୁ ସୁରକ୍ଷା ପ୍ରଦାନ କରିବାର ଗ୍ୟାରେଣ୍ଟି ଦେଉଛି। ଇନ୍‌କମ୍ ପେଆଉଟ୍ ପର୍ଯ୍ୟାୟରେ ମଧ୍ୟ ଏହି ପ୍ଲାନ୍ ପ୍ରିମିୟମ୍ ପେମେଣ୍ଟ ଅବଧି ଓ ଜୀବନ ବୀମା ସୁରକ୍ଷା ପ୍ରଦାନ କରୁଛି।

## ଟାଟା ମୋଟର୍ସର ଆର୍‌ଭିଏସ୍‌ଏଫ୍ ଶୁଭାରମ୍ଭ

ନୂଆଦିଲ୍ଲୀ,୧।୩



ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସର ସ୍ୱତନ୍ତ୍ର ଅଭିଯାନ ରିସାଇକେଲ ୱିଥ୍ ରେସ୍ପେକ୍ଟ (ଆର୍‌ଇ.ଡବ୍ଲ୍ୟୁଆଇ.ଆର୍‌ଇ) ବା ସମ୍ମାନର ସହ ପୁନଃଚକ୍ରଣର ଶୁଭାରମ୍ଭ ହୋଇଯାଇଛି। ଏପରିକି ଟାଟା ମୋଟର୍ସର ସ୍ୱୀକୃତି ପ୍ରାପ୍ତ ଡିଲର ରାଜସ୍ଥାନର ଜୟପୁର ଗଙ୍ଗାନଗରର 'ବାହାନ ଉଦ୍ୟୋଗ ପ୍ରାଇଭେଟ ଲିମିଟେଡ୍' ଆନୁକୂଲ୍ୟରେ କମ୍ପାନୀର ପ୍ରଥମ ପଞ୍ଜୀକୃତ ଯାନ ରଦ୍ଦୀକରଣ ସୁବିଧା (ଆର୍‌ଭିଏସ୍‌ଏଫ୍) ର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବିଶେଷକରି ଏହି ଅତ୍ୟାଧୁନିକ ସୁବିଧା ବାର୍ଷିକ ୧୫,୦୦୦ ଯାନର କ୍ଷମତା ରଖିଛି। ଏପରିକି ସରକାରଙ୍କ ନୂଆ ନିୟମ ଅନୁଯାୟୀ କାର୍ଯ୍ୟକାଳ ଶେଷ ହୋଇଯାଇଥିବା ଯାନର ନିରାପଦ ତଥା ସ୍ଥାୟୀ ବିଖଣ୍ଡନ ପାଇଁ ବିଶ୍ୱସ୍ତରୀୟ ପରିବେଶ ଅନୁକୂଳ ପ୍ରକ୍ରିୟା ଅନୁସରଣ କରିଥାଏ। ସେହିଭଳି ଏଠାରେ ସବୁ ବ୍ରାଣ୍ଡର କାର୍ଯ୍ୟକାଳ ଶେଷ ହୋଇଯାଇଥିବା ଯାତ୍ରୀବାହୀ ଏବଂ ବାଣିଜ୍ୟିକ ଯାନର ରଦ୍ଦୀକରଣ କରିବାକୁ ଉଭୟ ସଂସ୍ଥା ଦ୍ୱାରା ଏହା ବିକଶିତ ଏବଂ ସଞ୍ଚାଳିତ ହୋଇଥାଏ।

ଏ ସମ୍ପର୍କରେ ଟାଟା ମୋଟର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗିରୀଶ ୱାଘ କହିଛନ୍ତି, ଟାଟା ମୋଟର୍ସରେ ଗତିଶୀଳତାକୁ ଅଧିକ ସବୁଜ ଏବଂ ସ୍ଥାୟୀ କରିବା ପାଇଁ ଏହାର ପ୍ରତ୍ୟେକ ବିଭବକୁ ପରୀକ୍ଷା କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ।

## ରାଜ୍ୟରେ ବ୍ୟବସାୟିକ ସମ୍ପ୍ରସାରଣ କରିବ ଶ୍ୟାମ ଷ୍ଟିଲ୍

ନୂଆଦିଲ୍ଲୀ,୧।୩

ଶ୍ୟାମ ଷ୍ଟିଲ୍ ଓଡ଼ିଶାରେ ଡିଲର ବିତରଣ ନେଟ୍‌ୱର୍କ ସମ୍ପ୍ରସାରଣ ସହ ବ୍ୟବସାୟିକ କାର୍ଯ୍ୟକଳାପରେ ଅଭିବୃଦ୍ଧି ଘଟାଇବାକୁ ଯୋଜନା କରିଥିବା ଜଣାପଡ଼ିଛି। ଏପରିକି କମ୍ପାନୀ ପାଇଁ ଓଡ଼ିଶା ଅନ୍ୟତମ ପ୍ରମୁଖ୍ୟ ବଜାର ହୋଇଥିବା ବେଳେ ଉକ୍ତ ବ୍ରାଣ୍ଡ ଓଡ଼ିଶା ବଜାରରେ ପ୍ରାଇମେରି ଟିଏମ୍‌ଟି ବାର୍ ଶ୍ରେଣୀର ଅଗ୍ରଣୀ ହେବାକୁ ଲକ୍ଷ୍ୟ ରଖିଛି। ବିଶେଷକରି ରାଜ୍ୟରେ କମ୍ପାନୀର ୮୫୦ ଡିଲର ବିତରଣ ନେଟ୍‌ୱର୍କ ରହିଛି ଏବଂ ଏହା ନୂତନ ଅଞ୍ଚଳରେ ନିଜର ଉପସ୍ଥିତି ବୃଦ୍ଧି କରିବାକୁ ସକ୍ରିୟ ପଦକ୍ଷେପ ଗ୍ରହଣ କରୁଛି। ସେହିଭଳି କମ୍ପାନୀ ଓଡ଼ିଶାର ଉତ୍ତର ଓ ପୂର୍ବଭାଗରେ ମଜଭୁତ ଉପସ୍ଥିତି ରଖିଥିବା ବେଳେ ପଶ୍ଚିମ ଓ ଦକ୍ଷିଣରେ ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା, ସୁବର୍ଣ୍ଣପୁର, ରାୟଗଡ଼ା, ଗଜପତି, କୋରାପୁଟ, ମାଲକାନଗିରି ଆଦି ଜିଲାରେ ନିଜର ବ୍ୟବସାୟିକ କାର୍ଯ୍ୟକଳାପ ସମ୍ପ୍ରସାରଣ କରିବା ଉପରେ ଦୃଷ୍ଟି ନିବଦ୍ଧ କରୁଛି।

ଏ ସମ୍ପର୍କରେ ଶ୍ୟାମ ଷ୍ଟିଲ୍‌ର ଡାଇରେକ୍ଟର ଲଳିତ ବେରିୱାଲା କହିଛନ୍ତି, ଓଡ଼ିଶା ବଜାରରୁ ଆମେ ବହୁତ ଭଲ ଗ୍ରହଣୀୟତା ପାଇଛୁ ଏବଂ ରାଜ୍ୟରେ ଆମର ଡିଲରଶିପ ନେଟ୍‌ୱର୍କ ଏବଂ ବ୍ୟବସାୟିକ କାର୍ଯ୍ୟକଳାପ ପୁନଃ ପରିବ୍ୟାପ୍ତ କରିବାରେ ମଧ ଲକ୍ଷ୍ୟ ରଖିଛୁ।

## ଫୁର୍‌ସତ୍

# ଗଞ୍ଜେଇ ସେବନ ହୃଦ୍‌ଘାତର କାରଣ ହୋଇପାରେ

**ନୂଆଦିଲ୍ଲୀ:** ବର୍ତ୍ତମାନ ସମୟରେ ଲୋକେ ଅଧିକ ହୃଦ୍‌ଘାତର ଶିକାର ହେଉଥିବା ଦେଖିବାକୁ ମିଳୁଛି। ତେବେ ନିୟମିତ ଗଞ୍ଜେଇ ସେବନ ଦ୍ୱାରା ବ୍ୟକ୍ତି ହୃଦ୍‌ଘାତର ଶିକାର ହୋଇପାରନ୍ତି ବୋଲି ଏକ ଅଧ୍ୟୟନରୁ ଜଣାପଡିଛି। ଯେଉଁମାନେ ସବୁବେଳେ ଗଞ୍ଜେଇ ସେବନ କରୁଛନ୍ତି, ସେମାନଙ୍କୁ କରୋନାରି ଧମନୀ ରୋଗ ହେବାର ଅଧିକ ସମ୍ଭାବନା ରହିଛି। କରୋନାରି ଧମନୀ ରୋଗ ହେଉଛି ହୃଦ୍‌ଘାତର ସାଧାରଣ ରୂପ। ଏହି ରୋଗ ହେଲେ ଧମନୀ ସଂକୀର୍ଣ୍ଣ ହେବାରୁ ଛାତିରେ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ଅନୁସନ୍ଧାନକାରୀ କହିଛନ୍ତି ଯେ, ଧୂମପାନ ବିପଦମୁକ୍ତ ନୁହେଁ। ଦି ଆମେରିକାନ କଲେଜ ଅଫ୍ କାର୍ଡିଓଲୋଜି କହିଛି, ଲୋକେ ତାଙ୍କ ଡାକ୍ତରଙ୍କୁ ଧୂମପାନ କରୁଥିବା ବିଷୟରେ ଜଣାଇବା ଉଚିତ, ତେବେ ବିଶେଷଜ୍ଞମାନେ ହୃଦଘାତ ଉପରେ ଠିକ୍ ଭାବେ ନଜର ରଖିପାରିବେ। ଆମେରିକାରେ ୧୭୫ ହଜାର ନିୟମିତ ଧୂମପାନ କରୁଥିବା ଲୋକଙ୍କୁ ନେଇ ଏକ ପରୀକ୍ଷା କରାଯାଇଥିଲା। ଯେଉଁମାନେ ସବୁଦିନ ଗଞ୍ଜେଇ ସେବନ କରୁଥିଲେ, ସେମାନଙ୍କ ମଧ୍ୟରୁ ୩୪ ପ୍ରତିଶତଙ୍କ ମଧ୍ୟରେ କରୋନାରି ଧମନୀ ରୋଗ ବିକାଶ ହେଉଥିବା ଦେଖିବାକୁ ମିଳିଥିଲା।



## ଦୀପିକାଙ୍କ ସହ ଏକାଠି ନଜର ଆସିବେ କ୍ୟାଟ୍ରିନା

**ମୁମ୍ବାଇ:** ବଲିଉଡ୍‌ର ୨ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ କ୍ୟାଟ୍ରିନା କୈଫ୍‌ଙ୍କ ପାଇଁ ଦର୍ଶକଙ୍କ ଅନେକ କ୍ରେଜ୍ ରହିଛି। ତେବେ ଏବେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳିବ। ରପୋର୍ଟ ଅନୁଯାୟୀ, ଯଶରାଜ୍ ଫିଲ୍ମ 'ସ୍ପାଏ ୟୁନିଭର୍ସ'ରେ ଦୁହେଁ ଏକାଠି ନଜର ଆସିବେ। ତେବେ ବର୍ତ୍ତମାନ ନିର୍ମାତା ଦୁଇ ଅଭିନେତ୍ରୀଙ୍କୁ ନେଇ କିଛି ବଡ଼ କରିବାକୁ ଯାଉଛନ୍ତି। ସ୍ପାଏ ୟୁନିଭର୍ସରେ ମହିଳା ଆଧାରିତ ମୁଭିର ଅଭାବ ରହିଛି। ଏହି ୨ ଅଭିନେତ୍ରୀଙ୍କୁ ନେଇ ଯଶରାଜ୍ ଫିଲ୍ମ ଏହି ଅଭାବକୁ ପୂରଣ କରିବାକୁ ଚେଷ୍ଟା ଚଳାଇଛି। ନିକଟରେ ଚଳଚ୍ଚିତ୍ର ଲେଖକ ଶ୍ରୀଧର ରାଘବନ୍ ଗଣମାଧ୍ୟମକୁ କହିଛନ୍ତି, ଦୀପିକା ଏବଂ କ୍ୟାଟ୍ରିନା ଫିଲ୍ମ ନିର୍ଦ୍ଦେଶକ ଆଦିତ୍ୟ ଚୋପ୍ରାଙ୍କ ସ୍ପାଏ ୟୁନିଭର୍ସ ଫିଲ୍ମରେ ଏକାଠି ଦେଖିବାକୁ ମିଳିବେ। ସେମାନେ ଏକ ମହିଳା ଭିତ୍ତିକ ସ୍ପାଏ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଯୋଜନା ରଖିଛନ୍ତି।



## ଭାରତୀୟ ବଧୂ ବେଶ ଧାରଣ କରି ପାକ୍ ଅଭିନେତ୍ରୀ ଟ୍ରୋଲ୍



ଇସ୍‌ଲାମାବାଦ

ନିକଟରେ ପାକିସ୍ତାନୀ ଅଭିନେତ୍ରୀ ଉସ୍‌ନା ଶାହାଙ୍କ ବିବାହ ହାମଜା ଆମିନଙ୍କ ସହ ହୋଇଯାଇଛି। ଦୁହିଁଙ୍କର ବିବାହ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ସେଥିରେ ଅଭିନେତ୍ରୀ ଉସ୍‌ନା ଏକ ସୁନ୍ଦର ଲାଲ ବ୍ରାଇଡାଲ୍ ଲେହେଙ୍ଗା ପିନ୍ଧିଥିବାବେଳେ ଆମିନ ଶେରୱାନି ପିନ୍ଧିଥିବା ନଜରକୁ ଆସିଛନ୍ତି। ଏଥିପାଇଁ ସୋସିଆଲ ମିଡିଆ ବ୍ୟବହାରକାରୀ ଉସ୍‌ନାଙ୍କୁ ଭାରତୀୟଙ୍କ ଭଳି ବଧୂ ବେଶ ଧାରଣ କରିଥିବାରୁ ଟ୍ରୋଲ୍ କରିଛନ୍ତି। ଅଭିନେତ୍ରୀଙ୍କ ଏକ ଡ୍ୟାନ୍ସ ଭିଡିଓରେ ଜଣେ ୟୁଜର ଲେଖିଛନ୍ତି, ପାକିସ୍ତାନୀଙ୍କ ନିଜସ୍ୱ ସଂସ୍କୃତି, ଧର୍ମ ରହିଛି। ତେବେ ପାକିସ୍ତାନୀ ହୋଇ ଭାରତୀୟ ସଂସ୍କୃତି ଅନୁସରଣ କରିବା ବନ୍ଦ କରନ୍ତୁ। ଅନ୍ୟ ଜଣେ ଲେଖିଛନ୍ତି, ମୁସଲମାନଙ୍କ ଧର୍ମରେ ଏପରି ପୋଷାକ ପିନ୍ଧିବାକୁ ଅନୁମତି ନାହିଁ। ଏପରି ଭାରତୀୟଙ୍କ ଭଳି ବଧୂ ବେଶ ଧାରଣ କରି ଭାରତୀୟ ସଂସ୍କୃତିକୁ ଅପମାନ କରନ୍ତୁ ନାହିଁ। ତେବେ ଏହାର ମନ୍ତବ୍ୟରେ ଉସ୍‌ନା ରବିବାର ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ପୋଷ୍ଟ କରି ଲେଖିଛନ୍ତି, 'ମୁଁ ପିନ୍ଧିଥିବା ବିବାହ ପୋଷାକ ମୋ ପସନ୍ଦର। ଏହା ମତେ ଭଲ ଲାଗୁଛି। ଅନ୍ୟମାନଙ୍କୁ କାହିଁକି ଏହା ଖରାପ ଲାଗୁଛି।' ସେ ଏଥିସହ ଲେଖିଛନ୍ତି, ବିନା ନିମନ୍ତ୍ରଣରେ ତାଙ୍କ ବିବାହ ଉତ୍ସବକୁ ଆସିଥିବା ଫଟୋଗ୍ରାଫରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଦାମୀ କାର୍‌ରେ ଆସି ଫୁଲଗଛ ଚୋରି

ଚଣ୍ଡିଗଡ଼

ହରିୟାଣାର ଏକ ଘଟଣା ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ କି ଜଣେ ବ୍ୟକ୍ତି ତାଙ୍କ ଦାମୀ କାର୍‌ରେ ଆସି ଫୁଲଗଛ ଚୋରି କରୁଥିବା ଦେଖିବାକୁ ମିଳିଛି। ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଚଳିତବର୍ଷ ହରିୟାଣାର ଗୁରୁଗ୍ରାମରେ ଜି-୨୦ ବୈଠକର ଆୟୋଜନ କରାଯାଉଛି। ସେଠାରେ ଅତିଥିଙ୍କୁ ସ୍ୱାଗତ କରିବାକୁ ଅନେକ ଫୁଲଗଛ ସଜା ଯାଇଛି। କିନ୍ତୁ କିଛି ଲୋକ ଏହି ଫୁଲଗଛକୁ ଚୋରି କରିନେଉଥିବା ଭିଡିଓ ସାମ୍ନାକୁ ଆସିଛି। ସେଥିରେ କିଛି ଲୋକ ଏକ ଦାମୀ କାର୍‌ରେ ଆସି ଫୁଲଗଛ ଚୋରି କରୁଥିବା ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓ ଭାଇରାଲ ପରେ ସେଠାକାର ପୋଲିସ ଥାନାରେ ସେନେଇ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।

## ଲଦାଖରେ ହିମାଳୟାନ୍ ବିରାଡ଼ି ଠାବ

ଲେହ



ଭାରତୀୟ ଫରେଷ୍ଟ ଅଫିସର ପରଭିନ୍ କଶୱାନ୍ ନିକଟରେ ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରିଛନ୍ତି। ସେଥିରେ ଏକ ବିଲୁପ୍ତପ୍ରାୟ ପ୍ରାଣୀ ଦେଖିବାକୁ ମିଳିଛି। ସେହି ଜୀବ ବିରାଡ଼ିଙ୍କ ପ୍ରଜାତିର ହୋଇଥିବା ଜଣାପଡୁଛି। ହେଲେ ତା'ର ମୁନିଆ କାନ ରହିଛି। ଶରୀରର ରଙ୍ଗ ଧୂସର ହୋଇଥିବାବେଳେ ଭିଡିଓଟି ଲଦାଖ ବୋଲି ଫରେଷ୍ଟ ଅଫିସର କହିଛନ୍ତି। ଏହି ଭିଡିଓକୁ ଲଦାଖର ବାଲ୍ଟି କମ୍ୟୁନିଟିର ପ୍ରଥମ ଗାୟିକା ସେରିନି ଫାତିମା ଶୁଟ୍ କରିଥିବା ଜଣାପଡ଼ିଛି। ତେବେ ସେହି ପ୍ରାଣୀର ନାମ ଜଣାପଡି ନ ଥିବାବେଳେ କେତେକେ ଏହାକୁ ହିମାଳୟାନ ବିରାଡ଼ି ପ୍ରଜାତିର ବନ୍ୟପ୍ରାଣୀ ବୋଲି କହିଛନ୍ତି। ସେହି ଅଞ୍ଚଳରେ ଏହି ପ୍ରାଣୀକୁ ନୂଆ ଭାବେ ଦେଖିବାକୁ ମିଳିଥିବା ଜଣାପଡିଛି। ଉକ୍ତ ଅଞ୍ଚଳରେ ଥିବା କୁକୁର ଉକ୍ତ ପ୍ରାଣୀକୁ ଦେଖି ଭୋକୁଥିବା ଭିଡିଓରେ ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ, ହିମାଳୟାନ ବିରାଡ଼ି ପ୍ରଜାତିର ବନ୍ୟପ୍ରାଣୀ ମଧ୍ୟମଧରଣର ଓ ସେମାନଙ୍କ ଲାଞ୍ଜ ଛୋଟ । ସେହିପରି ପ୍ରାଣୀ ଉତ୍ତର ଆମେରିକା, ଏସିଆ ଏବଂ ୟୁରୋପରେ ଦେଖିବାକୁ ମିଳିଥାନ୍ତି। ତେବେ ଏମାନେ ଭାରତରେ ଦେଖିବାକୁ ମିଳି ନ ଥାନ୍ତି।

# ଏବେ ବି ମନେପଡ଼େ ହାପି ନ୍ୟୁ ଇୟର

ହାପି ନ୍ୟୁ ଇୟରକୁ କେହି କ'ଣ କେବେ ଭୁଲିପାରେ ? କାରଣ ଏହି ଦିନକୁ ସମଗ୍ର ବିଶ୍ୱରେ ବେଶ୍ ଆନନ୍ଦ ଉତ୍ସାହର ସହ ସ୍ୱାଗତ କରାଯାଇଥାଏ । ହେଲେ ଏଠାରେ ଯେଉଁ ହାପି ନ୍ୟୁ ଇୟର କଥା କୁହାଯାଉଛି ତାହା ଅଲଗା । ଏହାର ସମ୍ପର୍କ ମନୋରଞ୍ଜନ ଜଗତ ସହ ରହିଛି । ହଁ, ଏହା ହେଉଛି ଏକ ହିନ୍ଦୀ ସିନେମାର ଟାଇଟଲ, ଯାହାର ମୁଖ୍ୟ ଭୂମିକାରେ ଶାହରୁଖ୍ ଖାଁ ଅଭିନୟ କରିଥିଲେ । ଏହାର କାଷ୍ଟିଂ ସମୟର ଘଟଣାକୁ ଭୁଲିପାରୁନାହାନ୍ତି ଅଙ୍କିତା ଲୋଖାଣ୍ଡେ । କଥା କ'ଣ କି, କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ଫରହା ଖାଁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ନାୟିକା ସାଜିବାକୁ ପ୍ରଥମେ ଅଙ୍କିତା ଲୋଖାଣ୍ଡେଙ୍କୁ ଅଫର ଦିଆଯାଇଥିଲା । କିନ୍ତୁ କିଛିଦିନ ପରେ ଚକ ଏମିତି ଓଲଟିଗଲା ଯେ ଦେଖିଲାବେଳକୁ ଅଙ୍କିତାଙ୍କୁ କାଷ୍ଟିଂରୁ ଆଉଟ୍ କରିଦିଆଯାଇଛି । ତାଙ୍କ ସ୍ଥାନରେ ଦୀପିକା ପାଦୁକୋନ୍‌ଙ୍କୁ ନିଆଯାଇଥିଲା । 'ଯେତେବେଳେ ମୋତେ ଏହି ଅଫରଟି ମିଳିଥିଲା ସେତେବେଳେ ମୁଁ ଏତେ ଖୁସି ହୋଇଯାଇଥିଲି ଯେ ତାହାକୁ ବର୍ଣ୍ଣନା କରିପାରିବି ନାହିଁ । ହେଲେ ପରେ ମୋତେ କାଷ୍ଟିଂରୁ କାହିଁକି ବାଦ୍ ଦିଆଗଲା ତାହା ମୁଁ ଏବେ ବି ଜାଣିପାରୁନି ।' ଅଙ୍କିତାଙ୍କ ଅଭିନୀତ ହିନ୍ଦୀ ସିନେମା 'ସ୍ୱତନ୍ତ୍ର ବୀର୍ ସବରକର' ଚଳିତବର୍ଷ ମେ' ୨୬ରେ ରିଲିଜ ହେବ । ଏଥିରେ ତାଙ୍କର ନାୟକ ସାଜିଛନ୍ତି ରଣଦୀପ ହୁଡା ।


ଅଙ୍କିତା

# ପ୍ରିୟଙ୍କାଙ୍କ ପାଇଁ...

କିଆରା ଆଡ୍‌ୱାନୀ ବଲିଉଡ୍‌ରେ ନିଜ ଆକ୍ଟିଂ କ୍ୟାରିୟରକୁ ଆଗେଇ ନେଉଛନ୍ତି । ପୁଣି ନିକଟରେ ଅଭିନେତା ସିଦ୍ଧାର୍ଥ ମାଲ୍‌ହୋତ୍ରାଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହୋଇସାରିଛି । ଅଭିନୟ ଦୁନିଆରେ ପାଦ ଥାପିବା ପଛରେ ଜଣଙ୍କର ଅବଦାନକୁ ସେ ଏବେ ବି ସ୍ମରଣ କରନ୍ତି । ଏ ନେଇ ସେ କାହାକୁ ଶ୍ରେୟ ଦିଅନ୍ତି ଜାଣନ୍ତି ? ପ୍ରିୟଙ୍କା ଚୋପ୍ରା । ଏ ବିଷୟରେ କିଆରା କହନ୍ତି, 'ଥରେ ମୁଁ ପ୍ରିୟଙ୍କା ଅଭିନୟ କରିଥିବା 'ଅଞ୍ଜାନା ଅଞ୍ଜାନୀ' ଶୁଟିଂ ସେଟ୍‌କୁ ଯାଇଥାଏ । ସେଠାରେ ତାଙ୍କର କେଇପଦ କଥା ମୋତେ ଅଭିନୟକୁ କ୍ୟାରିୟର କରିବାକୁ ବାଧ କରିଥିଲା । ଏ ନେଇ ତାଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ ।' କିଆରାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଫୁଗ୍‌ଲି' । ଫିଲ୍ମଟି ଅବଶ୍ୟ ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା । ହେଲେ ସେଥିରେ ଭାଙ୍ଗିପଡ଼ି ନ ଥିଲେ କିଆରା । ଏପର୍ଯ୍ୟନ୍ତ ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡ଼ିକ ହେଲା-'ଏମ୍.ଏସ୍. ଧୋନି-ଦ ଅନ୍‌ଟୋଲ୍ଡ ଷ୍ଟୋରି', 'କବୀର ସିଂ', 'ଗୁଡ୍‌ନ୍ୟୁଜ୍', 'ଇନ୍ଦୁ କି ଜୱାନୀ', 'ଭୁଲ୍ ଭୁଲେୟାଁ-୨' ଏବଂ 'ଗୋବିନ୍ଦା ନାମ ମେରା' । ଅନ୍ୟପକ୍ଷରେ କାର୍ତ୍ତିକ ଆର୍ଯ୍ୟନ ଏବଂ କିଆରା ଅଭିନୀତ 'ସତ୍ୟପ୍ରେମ କି କଥା' ଚଳିତବର୍ଷ ଜୁନ୍ ୨୯ରେ ରିଲିଜ୍ ହେବାର ଯୋଜନା ରହିଛି ।


କିଆରା

## ଅପେରା ହାଲ୍‌ଚାଲ୍

# ରାଜ୍ କରୁଛନ୍ତି ସୁବାସ

ଜଲିଉଡ୍‌ର ଅନ୍ୟତମ ଅଲ୍‌ରାଉଣ୍ଡର ସୁବାସ ବେହେରାଙ୍କୁ ନେଇ ଚର୍ଚ୍ଚା । ଚଳିତ ବର୍ଷ ସେ ଅଭିନୟ କରିଥିବା ନାଟକଗୁଡିକ ତାଙ୍କ କ୍ୟାରିୟରକୁ ବେଶ୍ ମାଇଲେଜ୍ ଦେଇଛି । ବିଶେଷ ଭାବରେ ଏଥର ଖଣ୍ଡଗିରି ମେଳାରେ ତାଙ୍କ ଅଭିନୀତ ତଥା ଅପେରା ସୂର୍ଯ୍ୟମନ୍ଦିରର 'ଗୁମୁରି ଗୁମୁରି କାହାଣୀ କାନ୍ଦେ' ଦର୍ଶକାଦୃତ ହୋଇଥିଲା । ଗଣେଶ ରାଉତଙ୍କ ରଚନା ଏବଂ ଗୁରୁ ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶନା ସହ ସୁବାସଙ୍କ ନିଖୁଣ ଅଭିନୟ ନାଟକଟିକୁ ସଫଳତାର ଶୀର୍ଷରେ ପହଞ୍ଚାଇବାରେ ସକ୍ଷମ ହୋଇଥିଲା । ଏ ନେଇ ସୁବାସ କୁହନ୍ତି, 'ଅପେରା ଜଗତରେ ଦେଖୁ ଦେଖୁ ୨୮ ବର୍ଷ ଅତିକ୍ରାନ୍ତ ହୋଇଗଲାଣି । ମଡର୍ନ ଅପେରାର ନାଟକ 'ବାହା ଦେବି ତୋତେ ରଜା ପୁଅକୁ' ପାଖରୁ ମୋର ଇନିଂସ୍ ଆରମ୍ଭ । ଯା ଭିତରେ ମୁଁ ଯେଉଁ ନାଟକଗୁଡିକରେ ଅଭିନୟ କରିଛି ଏବଂ ସଫଳତା ପାଇଛି ତାହା ସମ୍ଭବ ହୋଇଛି କେବଳ ଦର୍ଶକମାନଙ୍କ ପାଇଁ । ଆସନ୍ତାକାଲି(ମାର୍ଚ୍ଚ ୩)ଗୌରୀ ଗଣନାଟ୍ୟ ପରିବେଷିତ ଏବଂ ମୁଁ ଅଭିନୟ କରିଥିବା ସୁପରହିଟ୍ ନାଟକ 'ବାଜିବ ଲୋ ସାହାନାଇ' ଓଡ଼ିଆ ସିନେମା ଭାବେ ରିଲିଜ୍ ହେଉଛି-ଯାହା ଏକ ଖୁସିର ବିଷୟ ।' ଚଳିତ ବର୍ଷ ସୂର୍ଯ୍ୟମନ୍ଦିରର ପରିବେଷିତ 'ଭୁଲିଯା ଯାହା ଭୁଲ୍ ହୋଇଛି' ଏବଂ 'ଯମ ଯନ୍ତ୍ରଣା' ମଧ ସୁବାସଙ୍କ ଜଲିଉଡ୍ କ୍ୟାରିୟର ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଛି ।


ସୁବାସ

# ବଡ଼ ବ୍ରେକ୍‌କୁ ଅପେକ୍ଷା

ମଡେଲିଂ ଜଗତରେ ପାଦ ଦେବା ପରେ ଅଭିନୟ ପ୍ରତି ତାଙ୍କର ଆଗ୍ରହ ସୃଷ୍ଟି ହୋଇଥିଲା । ତା'ପରେ ସେ ସ୍ୱର୍ଗତ ଅଜିତ ଦାସଙ୍କ ନାଟ୍ୟାନୁଷ୍ଠାନ 'ଅଜିତ'ରେ ଆକ୍ଟିଂ ଶିକ୍ଷା କରିବା ସହିତ କେତେକ ଥିଏଟର ନାଟକ ଏବଂ ଚଳଚ୍ଚିତ୍ରରେ ଅଭିନୟ କରିସାରିଛନ୍ତି । ସେ ହେଲେ ବିଭାସ । ତାଙ୍କ ଅଭିନୀତ ସିନେମାଗୁଡିକ ହେଲା, 'ମନର ମାନସୀ' , 'ଏ ଦିଲ୍ ତତେ ଦେଲି', 'ଜଙ୍ଗଲରାଜ୍' ଏବଂ ରିଲିଜ ଅପେକ୍ଷାରେ ଥିବା 'ମିଶ୍ରି' । ନିଜ କ୍ୟାରିୟର ସମ୍ପର୍କରେ ବିଭାସ କୁହନ୍ତି, 'ଅଜିତ୍ ସାର୍‌ଙ୍କ ପ୍ରେରଣା ହିଁ ମୋତେ ଆଜି ଏପର୍ଯ୍ୟନ୍ତ ଆଣିବାରେ ସକ୍ଷମ ହୋଇଛି । ସେ ସିନା ଆମକୁ ଛାଡ଼ି ଚାଲିଯାଇଛନ୍ତି, ହେଲେ ସେ ସବୁବେଳେ ମୋ ପାଖରେ ଅଛନ୍ତି । ବର୍ତ୍ତମାନ ସୁଦ୍ଧା ମୁଁ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିସାରିଛି, ହେଲେ ବଡ଼ ପରଦାରେ ଏକ ବଡ଼ ତଥା ଦମ୍‌ଦାର ବ୍ରେକ୍ ଅପେକ୍ଷାରେ ଅଛି ।' ତେବେ ସିନେମାରେ ଆଗକୁ ବିଭାସ କି କମାଲ୍ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା ।


ବିଭାସ

# ବଓ୍ୱାଲ

କଥାରେ ଅଛି, ପୁରୁଷଙ୍କ ସଫଳତା ପଛରେ ନାରୀର ହାତ ଥାଏ । ଠିକ୍ ସେମିତି ଏକ ନିପଟ ମଫସଲରେ ରହୁଥିବା ଯୁବକର ଆଖିରେ ଆଖିଏ ସ୍ୱପ୍ନ । ସେ ନିଜ ଜୀବନରେ ସଫଳତା ହାସଲ କରିବାକୁ ଚାହୁଁଛି । ଗାଁରୁ ସହରକୁ ଯିବା ପରେ ସେଠାରେ ଜଣେ ସୁନ୍ଦରୀ ସଂସ୍ପର୍ଶରେ ଆସିଛି । ତା' ସହ ଭେଟ ହେବା ପରେ ଯୁବକ ମନରେ ଧାରଣା ଆସିଛି ଯେ, ଏହି ଯୁବତୀ ହିଁ ତାକୁ ହାତଧରି ସଫଳତାର ରାସ୍ତାରେ ନେଇଯାଇପାରିବ । ଆଉ ଏଭଳି ଏକ କାହାଣୀକୁ ନେଇ ନିର୍ମିତ ହୋଇଛି ହିନ୍ଦୀ ସିନେମା 'ବଓ୍ୱାଲ' । ନିତେଶ ତିଓ୍ୱାରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ବରୁଣ ଧାଓ୍ୱନଙ୍କ ଅପୋଜିଟ୍‌ରେ ଅଛନ୍ତି ଜାହ୍ନବୀ କପୁର । ଫିଲ୍ମଟି ଚଳିତ ବର୍ଷ ଏପ୍ରିଲ ୭ରେ ପରଦା ଉପରକୁ ଆସିବ ।


ଜାହ୍ନବୀ

## — ପରଦାରେ ଦ୍ୱିମୁଖୀ ଲଢ଼େଇ


'ବାପା ସୁପରମ୍ୟାନ୍' ଫିଲ୍ମର ଏକ ଦୃଶ୍ୟରେ ସୁପ୍ରିୟା-ସିଦ୍ଧାନ୍ତ-ଶୁଭମ

# ବାପା ସୁପରମ୍ୟାନ୍ ବନାମ ବାଜିବ ଲୋ ସାହାନାଇ

ଆସନ୍ତାକାଲି ଅର୍ଥାତ୍ ଚଳିତ ମାସ ୩ ତାରିଖରେ ଦୁଇଟି ଓଡ଼ିଆ ସିନେମା ପରଦା ଉପରକୁ ଆସୁଛି । ଏହି ଫିଲ୍ମଦ୍ୱୟର ଟାଇଟଲ ରହିଛି 'ବାଜିବ ଲୋ ସାହାନାଇ' ଏବଂ 'ବାପା ସୁପରମ୍ୟାନ୍' । ନବାଗତ ପ୍ରଯୋଜକ ଜନ୍ମେଜୟ ଡଗରାଙ୍କ ପ୍ରଯୋଜିତ ତଥା ଜଲିଉଡ୍‌ର ଆଗଧାଡ଼ିର ନାଟ୍ୟକାର ତଥା ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଛି 'ବାଜିବ ଲୋ ସାହାନାଇ' । ସମାନ ଟାଇଟଲବିଶିଷ୍ଟ ଏବଂ ସୁପରହିଟ୍ ଅପେରା ନାଟକକୁ ଚଳଚ୍ଚିତ୍ର ରୂପ ଦିଆଯାଇଛି । ଏହାର ନିର୍ଦ୍ଦେଶନା ଦେବା ସହ କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିଛନ୍ତି ନିଜେ ଆଶୁତୋଷ । ଆର୍‌ଜେଡି ଆର୍ଟସ ବ୍ୟାନରରେ ଏହି ଫିଲ୍ମରେ ସମ୍ବିତ୍, ଅମ୍ଲାନ କୁମାର, ଝିଲିକ୍, ରାଇମୋହନ, ଅଶ୍ରୁମୋଚନ ମହାନ୍ତି, ଆଶୁତୋଷ, ଭୂପତି ତ୍ରିପାଠୀ, ସୁମନ, ପ୍ରତିଭା ପଣ୍ଡା, ଜୟୀରାମ ସାମଲ ଏବଂ ଅପେରା ଅଭିନେତା ହୃଷୀକେଶ ମିଶ୍ର ଅଭିନୟ କରିଛନ୍ତି । ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମୃତାଂଶୁ-ତାପସ । ଅନ୍ୟପକ୍ଷରେ ଓମ୍‌କାର ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏବଂ ରଶ୍ମିପ୍ରଭା ପାଣିଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଛି 'ବାପା ସୁପରମ୍ୟାନ୍' । ଏହାର କାହାଣୀ, ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ଗୁରୁ ଶତପଥୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ସୌମିତ୍ରୀ ପଲାଇ । ଫିଲ୍ମଟିରେ ନିର୍ଦ୍ଦେଶନା ଦେଇଛନ୍ତି ଓଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ । ଏହି ଫିଲ୍ମର ଟାଇଟଲ ଭୂମିକାରେ ସିଦ୍ଧାନ୍ତ ମହାପାତ୍ରଙ୍କୁ ଦେଖିବାକୁ ମିଳିବ । ତାଙ୍କ ବ୍ୟତୀତ ସୋଫିଆ ଆଲାମ୍, ଶମ୍ଭୁ ହୋତା, ସୁପ୍ରିୟା, ପ୍ରକାଶ, ପ୍ରଜ୍ଞା, ଶୁଭ୍ରାଂଶୁ ଏବଂ ଶିଶୁ କଳାକାର ଶୁଭମ୍ ପଣ୍ଡା, ତ୍ରିଶା, ରିଷିକ ଏବଂ ତେଜ୍ ମଧ ଅଭିନୟ କରିଛନ୍ତି । ତେବେ ଗୋଟିଏ ତାରିଖରେ ପରଦା ଉପରକୁ ଆସୁଥିବା ଏହି ଫିଲ୍ମଦ୍ୱୟ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି, ତାହା ଦେଖିବାକୁ ବାକି ରହିଲା ।


'ବାଜିବ ଲୋ ସାହାନାଇ' ଫିଲ୍ମରେ ଅମ୍ଲାନ-ଝିଲିକ୍

## ଛୋଟ ପରଦା

# ସୁନା ଝିଅ

ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ-ସାର୍ଥକରେ ବର୍ତ୍ତମାନ ପ୍ରସାରିତ ହେଉଛି ମେଗା ଧାରାବାହିକ 'ସୁନା ଝିଅ' । ଏହାର ଦମ୍‌ଦାର କାହାଣୀ ଏବଂ ଗୌରୀଶଙ୍କର ଦାସଙ୍କ ବଳିଷ୍ଠ ନିର୍ଦ୍ଦେଶନା ଧାରବାହିକଟିକୁ ଦର୍ଶକାଦୃତ କରିବାରେ ସକ୍ଷମ ହୋଇଛି । ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢୁଥିବା ଏହି ଧାରାବାହିକର ୨୪୩ତମ ଏପିସୋଡ୍ ପ୍ରାସାରିତ ହୋଇସାରିଛି । ଏଭଳି ସଫଳତା ପରେ ଜୀ ସାର୍ଥକ ଚ୍ୟାନେଲର ମୁଖ୍ୟ ପ୍ରତୀକ ସିଲ୍ କହନ୍ତି, 'କଳାକାରଙ୍କ ଅଭିନୟ, ନିଖୁଣ ନିର୍ଦ୍ଦେଶନା ଏବଂ ଦର୍ଶକଙ୍କ ଭଲପାଇବା ଏହି ଧାରାବାହିକଟିକୁ 'ଓଡ଼ିଶାର ସୁନା ଝିଅ' ଭାବରେ ପରିଚିତ କରାଇପାରିଛି । ଓଡ଼ିଶାରେ ମନୋରଞ୍ଜନ କ୍ଷେତ୍ରରେ ଜୀ ସାର୍ଥକ ସବୁବେଳେ ନମ୍ବର ୱାନ୍ ରହିଆସିଛି ଏବଂ ଏହି ଧାରାକୁ ବଜାୟ ରଖିବାକୁ ଉଦ୍ୟମ ମଧ ଜାରି ରହିବ ।' 'ସୁନା ଝିଅ' ହେଉଛି ଆମ ଓଡ଼ିଆ ଘରର ଏକ ନିଛକ କାହାଣୀ । ମା'ର ସୁରକ୍ଷା ଓ ସମ୍ମାନ ପାଇଁ କିଭଳି ଝିଅ ନିଜକୁ ପ୍ରସ୍ତୁତ କରିଛି ତାହା ଏହି ମେଗା ଧାରାବାହିକରେ ଦେଖିବାକୁ ମିଳିଛି । ଉକ୍ତ ଧାରାବାହିକଟି ସୋମବାରରୁ ଶନିବାର ସନ୍ଧ୍ୟା ୭ଟା ୩୦ରେ ପ୍ରସାରିତ ହେଉଛି । ଗୌରୀଶଙ୍କର ଦାସ ଏବଂ ରୋହିତ ଗାନ୍ଧୀଙ୍କ ପ୍ରଯୋଜିତ ଏହି ଧାରାବାହିକର ପ୍ରମୁଖ ଭୂମିକାରେ ଅର୍ପିତା, ଏଲି, ଚନ୍ଦନ, ମାନସ, ଅଙ୍କିତା, ପ୍ରେମ, ଅମର, ଅନନ୍ଦିତା, ମାମାଲି ପ୍ରମୁଖ କଳାକାର ଅଭିନୟ କରିଛନ୍ତି ।


ଅଙ୍କିତା-ମାନସ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨/୨୦୨୩ Bhubaneswar, Thursday, March 2/ 2023

# ଭାରତର ବ୍ୟାଟିଂ ବିପର୍ଯ୍ୟୟ

**ତୃତୀୟ ଟେଷ୍ଟ**

- ଟିମ୍ ଇଣ୍ଡିଆ ପ୍ରଥମ ଇନିଂସ ୧୦୯ରେ ଶେଷ
- ଅଷ୍ଟ୍ରେଲିଆ: ୧୫୬/୪

ଇନ୍ଦୋର, ୧।୩

ହୋଲକାର କ୍ରିକେଟ ଷ୍ଟାଡିୟମରେ ବୁଧବାର ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଇନିଂସରେ ମାତ୍ର ୧୦୯ ରନରେ ଅଲ୍‌ଆଉଟ ହୋଇଛି। ଅଷ୍ଟ୍ରେଲିଆର ୩ ସ୍ପିନର ମାଥ୍ୟୁ କନେମନ, ନାଥାନ ଲିୟନ ଓ ଟଡ୍ ମର୍ଫି ଘରୋଇ ଦଳର ବିପର୍ଯ୍ୟୟ ଘଟାଇଛନ୍ତି। ଅନ୍ୟପକ୍ଷରେ ପ୍ରଥମ ଦିବସ ଖେଳ ଶେଷ ବେଳକୁ ଅଷ୍ଟ୍ରେଲିଆ ୪ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରିଛି। ଅର୍ଥାତ୍ ୬ ଉଇକେଟ ସୁରକ୍ଷିତ ଥାଇ ଅଷ୍ଟ୍ରେଲିଆ ୪୭ ରନରେ ଅଗ୍ରଣୀଲାଭ କରିଛି। ପୂର୍ବ ୨ଟି ଟେଷ୍ଟ ଅଢ଼େଇ ଦିନରେ ଶେଷ ହୋଇଥିବାବେଳେ ଏଥର ମଧ୍ୟ ତାହାର ପୁନରାବୃତ୍ତି ଘଟିବା ସମ୍ଭାବନା ଦେଖା ଦେଇଛି।

## କନେମନଙ୍କ ପ୍ରଥମ ୫ ଉଇକେଟ

ଟସ୍ ଜିତି ଭାରତ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ମାତ୍ର ପିଚ୍‌ରୁ ମିଳିଥିବା ଟର୍ନ ଓ ବାଉନ୍ସରୁ ଅଷ୍ଟ୍ରେଲିଆ ସ୍ପିନରମାନେ ଭରପୂର ଫାଇଦା ଉଠାଇବାରୁ ଭାରତ ଇନିଂସ ଭୁଶୁଡ଼ି ପଡ଼ିଥିଲା। ବିରାଟ କୋହଲି ସର୍ବାଧିକ ୫୨ ବଲ୍‌ର ସମ୍ମୁଖୀନ ହୋଇପାରିଥିଲେ ଏବଂ ୨୨ ରନ କରିଥିଲେ। ଲୋକେଶ ରାହୁଲଙ୍କ ସ୍ଥାନରେ ସାମିଲ ହୋଇଥିବା ଶୁବମନ ଗିଲ୍ ୨୧ ରନ କରିବାକୁ ସକ୍ଷମ ହୋଇଥିଲେ। ନିୟମିତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିବାରୁ ଭାରତ ଇନିଂସ ମାତ୍ର ୩୩.୨ ଓଭର ତିଷ୍ଠିଥିଲା। ରବୀନ୍ଦ୍ର ଜାଡେଜାଙ୍କୁ ବ୍ୟାଟିଂ କ୍ରମରେ ଉପରେ ପଠାଇବାର ନିଷ୍ପତ୍ତି ଫାଇଦା ଦେବା ବଦଳରେ କ୍ଷତି ପହଞ୍ଚାଇଥିଲା। ସେ ୫ ନମ୍ବରରେ କ୍ରିଜ୍‌କୁ ଆସିଥିଲେ ହେଁ ମାତ୍ର ୪ ରନ କରିବାକୁ ସକ୍ଷମ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ କ୍ୟାରିୟରର ଦ୍ୱିତୀୟ ଟେଷ୍ଟ ଖେଳୁଥିବା ମାଥ୍ୟୁ କନେମନ ପ୍ରଥମଥରପାଇଁ ୫ ଉଇକେଟ ସଫଳତା ପାଇଥିଲେ। ସେ ଅଧିନାୟକ ରୋହିତ ଶର୍ମା(୧୨)ଙ୍କ ସମେତ ଗିଲ୍, ଶ୍ରେୟସ ଆୟାର (୦), ରବିଚନ୍ଦ୍ରନ ଅଶ୍ୱିନ (୩) ଓ ଉମେଶ ଯାଦବ (୧୭)ଙ୍କ ଉଇକେଟ ନେଇ ନିଜ ସ୍ପେଲ୍‌କୁ ସ୍ମରଣୀୟ କରିଥିଲେ। ଅନ୍ୟତମ ସ୍ପିନର ନାଥାନ ଲିୟନ ୩ଟି ଓ ଟଡ୍ ମର୍ଫି ଗୋଟିଏ ଉଇକେଟ ନେଇଥିଲେ।



ଉଇକେଟ ନେବାପରେ ମାଥ୍ୟୁ କନେମନ(ବାମରୁ ଦ୍ୱିତୀୟ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ତୃତୀୟ ଦୃଷ୍ଟାନ୍ତ**

ଇନ୍ଦୋରର ହୋଲକାର ଷ୍ଟାଡିୟମ ପିଚ୍‌ରେ ଭାରତ ଦୁଇ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କ ମାଧ୍ୟମରେ ବୋଲିଂ ଓପନ କରିଥିଲା। ଭାରତୀୟ ଟେଷ୍ଟ ଇତିହାସରେ ତୃତୀୟ ଥରପାଇଁ ଏହା ଦେଖିବାକୁ ମିଳିଥିଲା।

**୧୯୬୩-୬୪:** ଏମ୍.ଏଲ୍. ଜୟସୀମା-ସଲିମ ଦୁରାନୀ ବନାମ ଇଂଲଣ୍ଡ, କାନପୁର।

**୨୦୧୨-୧୩:** ରବିଚନ୍ଦ୍ରନ ଅଶ୍ୱିନ- ପ୍ରଜ୍ଞାନ ଓଝା ବନାମ ଇଂଲଣ୍ଡ, ମୁମ୍ବାଇ।

**୨୦୨୨-୨୩:** ରବିଚନ୍ଦ୍ରନ ଅଶ୍ୱିନ- ରବୀନ୍ଦ୍ର ଜାଡେଜା ବନାମ ଅଷ୍ଟ୍ରେଲିଆ, ଇନ୍ଦୋର।

## ଖ୍ୱାଜାଙ୍କ ଅର୍ଦ୍ଧଶତକରେ ଅଷ୍ଟ୍ରେଲିଆ ଦୃଢ଼

ଭାରତ ଇନିଂସ ଶେଷ ହେବାପରେ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ ଯଦିଓ ୧୨ ରନରେ ଓପନର ଟ୍ରାଭିସ ହେଡ୍‌ଙ୍କ ଉଇକେଟ ହରାଇଥିଲା ତେବେ ଦ୍ୱିତୀୟ ଉଇକେଟରେ ଉସମାନ ଖ୍ୱାଜା ଓ ମାର୍ନସ ଲାବୁସେନଙ୍କ ୯୬ ରନର ଭାଗୀଦାରି ବଳରେ ଅଗ୍ରଣୀ ହାସଲ କରି ନେଇଥିଲା। ଲାବୁସେନ ୩୧ ରନକରି ଆଉଟ ହୋଇଥିବାବେଳେ ଖ୍ୱାଜା ଅର୍ଦ୍ଧଶତକ ହାସଲ କରି ଅଷ୍ଟ୍ରେଲିଆ ସ୍ଥିତିକୁ ମଜଭୁତ କରିଥିଲେ। ସେ ଦୃଢ଼ତାର ସହ ୧୪୭ଟି ବଲ୍ ଖେଳି ୪ ଚୌକା ସହାୟତାରେ ୬୦ ରନ ସ୍କୋର କରିଥିଲେ। ଏହି ଟେଷ୍ଟରେ ଅଧିନାୟକ ଦାୟିତ୍ୱ ତୁଲାଉଥିବା ଷ୍ଟିଭେନ ସ୍ମିଥ ୨୬ ରନ କରିଥିଲେ। ଭାରତ ପକ୍ଷରୁ ୪ଟି ଯାକ ଉଇକେଟ ରବୀନ୍ଦ୍ର ଜାଡେଜା ଅକ୍ତିଆର କରିଥିଲେ। ଚଳିତ ସିଜନରେ ଚମତ୍କାର ଫର୍ମରେ ଥିବା ଜାଡେଜା ବ୍ୟାଟିଂରେ ବିଫଳ ହୋଇଥିଲେ ହେଁ ବୋଲିଂରେ ଦକ୍ଷତା ଦେଖାଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୦୯/ଅଲ୍‌ଆଉଟ (ବିରାଟ କୋହଲି-୨୨, ଶୁବମନ ଗିଲ-୨୧, ମାଥ୍ୟୁ କନେମନ-୫/୧୬, ନାଥାନ ଲିୟନ-୩/୩୫, ଟଡ୍ ମର୍ଫି-୧/୨୩)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୫୬/୪ (ଉସମାନ ଖ୍ୱାଜା-୬୦, ମାର୍ନସ ଲାବୁସେନ-୩୧, ଷ୍ଟିଭେନ ସ୍ମିଥ-୨୬, ରବୀନ୍ଦ୍ର ଜାଡେଜା-୪/୬୩)।

## ଇନ୍ଦୋର ଟେଷ୍ଟ ପ୍ରଥମ ଦିବସର ମୁଖ୍ୟାଂଶ

- ରୋହିତ ଶର୍ମା ପ୍ରଥମ ଓଭରରେ ୨ ଥର ଆଉଟ ହେବା ସ୍ଥିତିରେ ଥିଲେ ମଧ୍ୟ ଅଷ୍ଟ୍ରେଲିଆ ରିଭ୍ୟୁ ନେଇ ନ ଥିଲା। ତଥାପି ରୋହିତ ବଡ଼ ସ୍କୋର କରିପାରି ନ ଥିଲେ।
- ରବୀନ୍ଦ୍ର ଜାଡେଜାଙ୍କୁ ବ୍ୟାଟିଂ କ୍ରମରେ ଉପରେ ପଠାଇବା ନିଷ୍ପତ୍ତି ବୁମେରାଂ ସାଜିଥିଲା।
- କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ଭାରତ ଇନିଂସ ୪୪/୪, ୮୮/୮ ଓ ୧୦୯ରେ ଶେଷ ହୋଇ ଯାଇଥିଲା।
- ମାଥ୍ୟୁ କନେମନ ପ୍ରଥମଥରପାଇଁ ୫ ଉଇକେଟ ସଫଳତା ପାଇଥିଲେ।
- ମାର୍ନସ ଲାବୁସେନ ଖାତା ଖୋଲିବା ପୂର୍ବରୁ ଜାଡେଜାଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ, ମାତ୍ର ଏହା ନୋ-ବଲ ଥିଲା।
- ଦ୍ୱିତୀୟ ଉଇକେଟରେ ଖ୍ୱାଜା ଓ ଲାବୁସେନଙ୍କ ଭାଗୀଦାରି ଚଳିତ ସିରିଜରେ ଅଷ୍ଟ୍ରେଲିଆ ପାଇଁ ସର୍ବାଧିକ ଥିଲା।
- ଷ୍ଟମ୍ପ ପ୍ରତ୍ୟାହୃତ ହେବାପାଇଁ ୬ ଓଭର ବାକିଥିବାବେଳେ ବିପଜ୍ଜନକ ଷ୍ଟିଭ୍ ସ୍ମିଥଙ୍କୁ ଆଉଟ କରି ଜାଡେଜା ଘରୋଇ ଦଳ ପାଇଁ ଆଶ୍ୱସ୍ତି ଆଣିଥିଲେ।
- ଭାରତ ଆବେଦନ କରିଥିବା ୩ଟି ଯାକ ରିଭ୍ୟୁ ହରାଇଥିଲା। ୩ଟି ଯାକ ରିଭ୍ୟୁ ଜାଡେଜାଙ୍କ ବୋଲିଂରେ ହିଁ ହୋଇଥିଲା।

# କଳିଙ୍ଗରେ ଫାୟାର ଆର୍ମ ଟ୍ରେନିଂ ପ୍ରୋଗ୍ରାମ



ଫାୟାର ଆର୍ମ ଟ୍ରେନିଂ ସାର୍ଟିଫିକେଟ ପ୍ରୋଗ୍ରାମରେ କୃତକାର୍ଯ୍ୟ ପ୍ରଶିକ୍ଷାର୍ଥୀମାନେ କର୍ମକର୍ତ୍ତାଙ୍କ ସହ।

ଭୁବନେଶ୍ୱର, ୧।୩
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମର ୫୦ ମିଟର ଫାୟାର ଆର୍ମ ଶୁଟିଂ ରେଞ୍ଜରେ ଫାୟାର ଆର୍ମ ଟ୍ରେନିଂ ସାର୍ଟିଫିକେଟ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ସପ୍ତମ ବ୍ୟାଚ୍‌ରେ ମୋଟ ୨୫ ପ୍ରଶିକ୍ଷାର୍ଥୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ପ୍ରମାଣପତ୍ର ହାସଲ କରିଛନ୍ତି। ଓଡ଼ିଶା ରାଇଫଲ ସଂଘର ଯୁଗ୍ମ ସମ୍ପାଦକ ତଥା ଆଇଏସ୍‌ଏସ୍‌ଏଫ୍ ଓ ଏନ୍‌ଆଇଏସ୍ କୋଚ୍ ଆଶିଷ ନାୟକ ପ୍ରଶିକ୍ଷଣ ଦେଇଥିଲେ। ୩ ଦିନିଆ ଶିବିରରେ ଶୁଟରମାନଙ୍କୁ ରାଇଫଲ, ପିସ୍ତଲ, ଶଟ୍‌ଗନ୍ ସମ୍ବନ୍ଧୀୟ ଜ୍ଞାନ, ବ୍ୟବହାର ବିଧି, ସୁରକ୍ଷା ନିୟମ, ବନ୍ଧୁକର ଯତ୍ନ ଏବଂ ଏହାର ଚାଳନା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କୃତକାର୍ଯ୍ୟ ପ୍ରଶିକ୍ଷାର୍ଥୀଙ୍କୁ ଓଡ଼ିଶା ରାଇଫଲ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସଫଳ ପ୍ରଶିକ୍ଷାର୍ଥୀମାନେ ହେଲେ ଆକାଶ ଦେମ୍ପେଲେ, ପରବେଜ ଅଲୀ ଖାଁ, ଆନନ୍ଦ ଅଗ୍ରୱାଲ, ପ୍ରଫୁଲ୍ଲ ପ୍ରଧାନ, ଜିଗର ନାୟକ, ସୁବାସ ଚନ୍ଦ୍ର ପଟେଲ, ରାଜେଶ ନାୟାର, ଦୀପକ ବେହେରା, ସୂର୍ଯ୍ୟ ପ୍ରକାଶ ଶର୍ମା, ଅରବିନ୍ଦ କୁମାର ମିଶ୍ର, ଶକ୍ତି ରଞ୍ଜନ ପାଣି, ଅଶୋକ ଶତପଥୀ, ଅବିନାଶ ଛାପୋଳିଆ, ସୌରାଂଶୁ ରାଉତ, ପ୍ରୀତି ରଞ୍ଜନ ଦାସ, ଦେବାଶିଷ ତ୍ରିପାଠୀ, ସୁଦାମ ଖୁଣ୍ଟିଆ, ରୁଦ୍ର ପ୍ରସାଦ ନନ୍ଦ, ନବ କିଶୋର ପୃଷ୍ଟି, ବିଭୁ ପ୍ରସାଦ ପତି, ପ୍ରଦୀପ ପରିଡ଼ା, ଭୀମସେନ ପୋଲାଇ, ଯଶଲୋକ ଭୁଟିଆ ରାଏ, ତ୍ରିଭୁବନ ବାଗ୍ ଓ ସାରଦା ପ୍ରସାଦ ପଟ୍ଟନାୟକ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ